


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-99 •SUNDAY •5 OCTOBER 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୯୯ •ରବିବାର •୫ ଅକ୍ଟୋବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦ (ସିନ୍ଦୂରା ସହ)


## ପୁଲିସ ଚାକିରି ବେପାର

## ୧୧୮ ଗିରଫ; ତେର ଖୋଜୁଛି କ୍ରାଇମ୍‌ବ୍ରାଞ୍ଚ

# ବଡ଼ବଡ଼ିଆଙ୍କୁ ହାତ ପାଉନି

- ଜେଲ ଡିଜି ଓ ପୂର୍ବ ଡ଼ିଆଇଜିଙ୍କ ଭୂମିକାକୁ ନେଇ ପ୍ରଶ୍ନ
- ସିଲିକନ୍ ଟେକ୍‌ଲାବ୍ ଓ ପଞ୍ଚସଫ୍ଟ ମଧ୍ୟରେ ତଦନ୍ତ ସୀମିତ
- ତଦନ୍ତ ପରିସରଭୁକ୍ତ ହୋଇନାହିଁ ମୂଳ ସଂସ୍ଥା ଆଇଟିଆଇ
- କଟକ ଜିଲ୍ଲାରୁ ସର୍ବାଧିକ ୩୩, ଗଞ୍ଜାମ ଜିଲ୍ଲାରୁ ୨୫ ପ୍ରାର୍ଥୀ
- ଢେଙ୍କାନାଳରୁ ୧୨, ଖୋର୍ଦ୍ଧାରୁ ୯, ବରଗଡ଼ରୁ ୭ ପ୍ରାର୍ଥୀ

■ **ଭୁବନେଶ୍ୱର, ୪।୧୦ (ସମିସ):** ଓଡ଼ିଶା ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣା ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ଘଟଣାରେ ୧୧୪ ଜଣ ପରୀକ୍ଷାର୍ଥୀ ଓ ୪ ଜଣ ଦଲାଲଙ୍କୁ ମିଶାଇ ମୋଟ ୧୧୮ ଜଣ ଗିରଫ ହୋଇଛନ୍ତି । ମାତ୍ର ଘଟଣାକୁ ୫ଦିନ ବିତିଥିଲେ ମଧ୍ୟ ପ୍ରକୃତ ମାଷ୍ଟରମାଇଣ୍ଡ ପାଖରେ ପୁଲିସ୍ ପହଞ୍ଚି ପାରିନାହିଁ। ପରୀକ୍ଷା ପରିଚାଳନା କରିବା ପାଇଁ ଟେଣ୍ଡର ପାଇଥିବା କେନ୍ଦ୍ରୀୟ ପିଏସ୍‌ୟୁ ଆଇଟିଆଇ ଲିମିଟେଡ୍‌ର କୌଣସି ଅଧିକାରୀଙ୍କୁ ଜେରା କରାଯାଇ ନାହିଁ। ସେହି କମ୍ପାନୀ ଠାରୁ ସବ୍ ଟେଣ୍ଡର ପାଇଥିବା ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ସିଲିକନ୍ ଠାରୁ ସବ୍ ଟେଣ୍ଡର ନେଇଥିବା ପଞ୍ଚସଫ୍ଟ ଟେକ୍ନୋଲୋଜି ମଧ୍ୟରେ ହିଁ ତଦନ୍ତ ସୀମିତ ରହିଛି ଅପରପକ୍ଷରେ ପୂର୍ବତନ ଜେଲ୍ ଡିଆଇଜି କୁଳମଣି ବେହେରାଙ୍କ ପୁଅ ମଧ୍ୟ ଏହି ମାମଲାରେ ଗିରଫ ହୋଇଛନ୍ତି। ଏସ୍‌ଆଇ ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି)ର ଅଧ୍ୟକ୍ଷ ଜେଲ୍ ବିଭାଗର ଡିଜି ଭାବେ କାର୍ଯ୍ୟ କରୁଥିବାରୁ ତାଙ୍କର ସମ୍ପୃକ୍ତି ମଧ୍ୟ ଅଭିଯୋଗ ହୋଇଛି।

ପରୀକ୍ଷା ପରିଚାଳନା ପାଇଁ ଆଇଟିଆଇ ଲିମିଟେଡ୍ ଟେଣ୍ଡର ପାଇଥିବାବେଳେ କେଉଁ ପରିସ୍ଥିତିରେ ▶ପୃଷ୍ଠା-୭

## ବାରଙ୍ଗରୁ ଆଉ ଜଣେ ଦଲାଲ ଗିରଫ



ବିଶ୍ୱରଞ୍ଜନ ବେହେରା

**ମୁନ୍ନା ମହାନ୍ତି, ଶଙ୍କର ପୃଷ୍ଟି ନିଖୋଜ**

■ **ଭୁବନେଶ୍ୱର, ୪।୧୦ (ସମିସ):** ପୁଲିସ ଏସ୍‌ଆଇ ଚାକିର ବିକ୍ରି ରାକେଟ୍‌ର ଦୁଇ ପ୍ରମୁଖ ଅଭିଯୁକ୍ତ ମୁନା ମହାନ୍ତି ଓ ଶଙ୍କର ପୃଷ୍ଟିଙ୍କ ପତ୍ତା ପାଉନାହିଁ ପୁଲିସ। ଦୁହିଁଙ୍କୁ ଧରିବାକୁ ପୁଲିସ ତନାଘନା ଚଳାଇଥିଲେ ବି ସେମାନେ ଫେରାର ଅଛନ୍ତି। ତେବେ କ୍ରାଇମବ୍ରାଞ୍ଚ ଟିମ୍ ଭୁବନେଶ୍ୱର ବାରଙ୍ଗ ଅଞ୍ଚଳରୁ ଅନ୍ୟ ଜଣେ ଦଲାଲକୁ ଗିରଫ କରିଛି। ଗିରଫ ଦଲାଲ ହେଲେ ବାରଙ୍ଗ ଥାନା ବିଦ୍ୟାଧରପୁର ଗ୍ରାମର ବିଶ୍ୱରଞ୍ଜନ ବେହେରା। ଅଭିଯୁକ୍ତ ବିଶ୍ୱରଞ୍ଜନ ଏହି ଘଟଣାରେ ଜଣେ ମଧ୍ୟସ୍ଥ ଭାବରେ କାର୍ଯ୍ୟ କରୁଥିଲେ। ଏହି ସିଣ୍ଡିକେଟର ମୁଖ୍ୟଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଶ୍ୱରଞ୍ଜନ ଆଶାୟୀ ପ୍ରାର୍ଥୀଙ୍କ ସହିତ ନିୟମିତ ଯୋଗାଯୋଗ କରୁଥିଲେ। ଆଶାୟୀ ପ୍ରାର୍ଥୀଙ୍କଠାରୁ ସେମାନଙ୍କ ଅରିଜିନାଲ ଶିକ୍ଷାଗତ ପ୍ରମାଣପତ୍ର ଏବଂ ବ୍ଲାଙ୍କ୍ ଚେକ୍ ସଂଗ୍ରହ କରିଥିଲେ। ପରବର୍ତ୍ତୀ ସମୟରେ ଏହି କାଗଜପତ୍ର ଗୁଡିକୁ ସିଣ୍ଡିକେଟ୍‌ର ଅନ୍ୟ ଜଣେ ସଦସ୍ୟଙ୍କୁ ସେ ହସ୍ତାନ୍ତର କରିଥିଲେ ।

## ଅଧିନାୟକ ପଦରୁ ବିଦାହେଲେ ରୋହିତ

# ଗିଲ୍‌ଙ୍କୁ ଦିନିକିଆ ନେତୃତ୍ୱ




■ **ମୁମ୍ବଇ, ୪।୧୦ (ଏଜେନ୍ସି):** ଭାରତୀୟ ଦିନିକିଆ ଦଳର ନେତୃତ୍ୱ ପରିବର୍ତ୍ତନ ହୋଇଛି। ଟେଷ୍ଟ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ରୋହିତ ଶର୍ମାଙ୍କ ସ୍ଥାନରେ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍ ଲାଗି ଦଳର ନେତୃତ୍ୱ ଦିଆଯାଇଛି। ଟେଷ୍ଟ କ୍ରିକେଟରୁ ଅବସର ନେବା ପରେ ରୋହିତଙ୍କ ସ୍ଥାନରେ ମଧ୍ୟ ଗିଲ୍‌ଙ୍କୁ ନେତୃତ୍ୱ ନେବା ଲାଗି ଚୟନ କରାଯାଇଥିଲା। ଅଷ୍ଟ୍ରେଲିଆରେ ଅକ୍ଟୋବର ୧୯, ୨୩ ଓ ୨୫ରେ ଖେଳାଯିବାକୁ ଥିବା ଦିନିକିଆ ସିରିଜ୍ ଲାଗି ଟେଷ୍ଟ ଓ ଟି-୨୦ କ୍ରିକେଟରୁ ଅବସର ନେଇଥିବା ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ସାମିଲ କରାଯାଇଛି। ଶ୍ରେୟସ ଆୟରଙ୍କୁ ଦଳର ଉପ-ଅଧିନାୟକ ମନୋନୀତ କରାଯାଇଥିଲାବେଳେ ଯଶପ୍ରୀତ୍ ବୁମ୍‌ରାଙ୍କୁ ଏହି ସିରିଜ୍ ଲାଗି ବିଶ୍ରାମ ଦିଆଯାଇଛି। **(ବିବରଣୀ: ଖେଳ ପୃଷ୍ଠାରେ...)**

## ■ ପଞ୍ଚସଫ୍ଟର ୩ଟି ଅଫିସ ସିଲ୍

ଚାକିରି ବେପାର ଘଟଣାର ତଦନ୍ତ କ୍ରାଇମ୍‌ବ୍ରାଞ୍ଚ ଚଳାଇଥିବାବେଳେ ଏସ୍‌ପି ଅନୀଲ ବେହୁରିଆ ଏହାର ତତ୍ତ୍ୱାବଧାନ କରୁଛନ୍ତି। ତେବେ ଏହାର ତଦନ୍ତ ଦାୟିତ୍ୱ ଡିଏସ୍‌ପି ରତ୍ନପ୍ରଭା ଶପତଥୀଙ୍କୁ ପ୍ରଦାନ କରାଯାଇଛି। ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଓପିଆରବିଠୁ କାମ ନେଇଥିବା ସଂସ୍ଥା ସିଲିକନ୍ ମାଲିକ ସମେତ ୫ଜଣକୁ ପଚରାଉଚରା କରିଛି ଆଜି କ୍ରାଇମ୍‌ବ୍ରାଞ୍ଚ ଜେରା କରିଛି। ଏହା ସହ ବ୍ରହ୍ମପୁର ଏବଂ ଭୁବନେଶ୍ୱରରେ ଥିବା ପଞ୍ଚସଫ୍ଟ ସହ ଅନ୍ୟ ୩ ଅଫିସ ସିଲ କରିଛି କ୍ରାଇମ୍‌ବ୍ରାଞ୍ଚ। ଫେରାର ଥିବା ଶଙ୍କର ପୃଷ୍ଟି ବ୍ରହ୍ମପୁରସ୍ଥିତ ପଞ୍ଚସଫ୍ଟ ସଂସ୍ଥାର ମୁଖ୍ୟ ବୋଲି କୁହାଯାଉଛି। ଶଙ୍କର ଘର ଗଞ୍ଜାମ ଶେରଗଡ଼ ଅଞ୍ଚଳରେ ବୋଲି ସୂଚନା ମିଳିଛି।

## ■ ଆଶାୟୀଙ୍କ ମଧ୍ୟରେ ଦମ୍ପତି, ପୁଲିସ ପୁଅ

ଗିରଫ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଜେଲ୍ ବିଭାଗର ଜଣେ ପୂର୍ବତନ ଡିଆଇଜିଙ୍କ ପୁଅ ଓ ଜଣେ ଅବସରପ୍ରାପ୍ତ ଏସ୍‌ପିଙ୍କ ପୁଅ ଥିବା ସୂଚନା ମିଳିଛି। ସେହିପରି ଗିରଫ ହୋଇଥିବା ୧୧୮ ଆଶାୟୀଙ୍କ ମଧ୍ୟରେ ବଲାଙ୍ଗୀର ମୁରିବାହାଲ ଥାନା ଅଞ୍ଚଳର ପ୍ରହଲ୍ଲାଦ ନାଗ ଓ ତାଙ୍କ ପତ୍ନୀ ମୁନକୀ ରାଜପାଲିଆ ରହିଥିବା ସୂଚନା ମିଳିଛି। ଚାକିରି ପାଇଁ ଉଭୟଙ୍କ ସହ ୩୦ ଲକ୍ଷ ଟଙ୍କା ଲେଖାଏଁ ଡ଼ିଲ୍ ହୋଇଥିବା ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି। ପ୍ରହଲ୍ଲାଦଙ୍କ ପତ୍ନୀ ମୁନକୀ ଗତ ପଞ୍ଚାୟତ ନିର୍ବାଚନରେ ପତ୍ରାପାଲି ପଞ୍ଚାୟତ ପାଇଁ ସମିତି ସଭ୍ୟ ଭାବେ ନିର୍ବାଚନ ମଧ୍ୟ ଲଢିଥିଲେ।

## ■ ବେପାର ପଛରେ ବଡ଼ବଡ଼ିଆ

ପରୀକ୍ଷା ପରିଚାଳନାରେ ବାରମ୍ବାର ପ୍ରଘଟ ଏବଂ ଦାୟିତ୍ୱହୀନତା ପଛରେ କିଛି ବଡ଼ ବଡ଼ିଆଙ୍କ ହାତ ଥିବା ପରୀକ୍ଷାର୍ଥୀ ଆଶଙ୍କା କରିଛନ୍ତି। ପୁଲିସ ଏସ୍‌ଆଇ ପରିଚାଳନା ଦାୟିତ୍ୱରେ ଥିଲା ଓଡ଼ିଶା ପୁଲିସ ରିକ୍ରୁ୍ୟଟ୍‌ମେଣ୍ଟ ବୋର୍ଡ ବା ଓପିଆରବି। ରାଷ୍ଟ୍ରାୟତ୍ତ ସଂସ୍ଥା ଆଇଟିଆଇ ଲିମିଟେଡକୁ ଟେଣ୍ଡର ଦେଇଥିଲା ଓପିଆରବି । ଆଇଟିଆଇ ଲିମିଟେଡ ହାଇଦ୍ରାବାଦର ସିଲିକନକୁ ଦାୟିତ୍ୱ ଦେଇଥିଲା ଓ ସିଲିକନ୍ ବ୍ରହ୍ମପୁରର ପଞ୍ଚସଫ୍ଟକୁ ପରିଚାଳନା ପାଇଁ ଦାୟିତ୍ୱ ପ୍ରଦାନ କରିଥିଲା। ମୁନା ଖଣ୍ଡଗିରିରେ ରହୁଥିବା ବେଳେ ସେ ଏକାଧିକ ପିଲାଙ୍କୁ ଯୋଗାଡ଼ କରି ସାର୍ଟିଫିକେଟ ଏବଂ ଟଙ୍କା ସଂଗ୍ରହ କରୁଥିଲା।

**ଦୁର୍ନୀତି ଗନ୍ଧ ବାରି ଇସ୍ତଫା ଦେଇଥିଲେ ପୂର୍ବତନ ଅଧ୍ୟକ୍ଷ**

## ଦାୟିତ୍ୱ ପାଇଥିଲା ସିଲିକନ୍ ଟେକ୍‌ଲାବ୍

■ **ଭୁବନେଶ୍ୱର, ୪।୧୦ (ସମିସ):** ଏସ୍‌ଆଇ ପରୀକ୍ଷା ନିଯୁକ୍ତିରେ ବ୍ୟାପକ ଦୁର୍ନୀତି ହେଉଥିବା ଗନ୍ଧ ବାରିଥିଲେ ପୂର୍ବତନ ଓପିଆରବି ଅଧ୍ୟକ୍ଷ ସନ୍ତୋଷ ଉପାଧ୍ୟାୟ। ୨୦୨୪ରେ ପୁଲିସ ଏସଆଇ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାରିବା ପରେ ପ୍ରକ୍ରିୟାର ଦାୟିତ୍ୱ ନେଇଥିଲା ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ ବା ଓପିଆରବି। ସେତେବେଳେ ଓପିଆରବିର ଅଧ୍ୟକ୍ଷ ଥିଲେ ଆଇପିଏସ୍ ସନ୍ତୋଷ ଉପାଧ୍ୟାୟ। ପରୀକ୍ଷା ପରିଚାଳନା ପାଇଁ ଓପିଆରବି ଦାୟିତ୍ୱ ଦେଇଥିଲା କେନ୍ଦ୍ର ସରକାରଙ୍କ ପିଏସୟୁ ଗୁଜୁରାଟର ଆଇଟିଆଇ ସଂସ୍ଥାକୁ। ଆଇଟିଆଇ ଗୁଜୁରାଟର ଆଉ ଏକ ସଂସ୍ଥା ରିଚ୍ ମାଇନସ ଡ଼ିଜିଟାଲକୁ ଏହି ଦାୟିତ୍ୱ ଦେଲା। ଏଥିରେ ଦୁର୍ନୀତି ଆଶଙ୍କାରେ ସେ ଯେଉଁଥିପାଇଁ ନିଜଆଡୁ ସେ ଗତ ଏପ୍ରିଲମାସରେ ଇସ୍ତଫା ଦେଇଥିଲେ। ଓପିଆରବି ଅଧ୍ୟକ୍ଷ ପଦରୁ ସନ୍ତୋଷ ଉପାଧ୍ୟାୟ ଇସ୍ତଫା ଦେବା ପରେ ସୁଶାନ୍ତ ନାଥ ଅଧ୍ୟକ୍ଷ ଦାୟିତ୍ୱ ସମ୍ଭାଳିଲେ। ଏହା ପରେ ବଦଳିଗଲା ଓପିଆରବି ଅଧିନରେ ପୁଲିସ ଏସ୍‌ଆଇ ପରୀକ୍ଷା ଦାୟିତ୍ୱରେ ଥିବା ସଂସ୍ଥା। ଆଇଟିଆଇ ରିଚ୍ ମାଇନସ ଡ଼ିଜିଟାଲ ବଦଳରେ ଭୁବନେଶ୍ୱରର ସିଲିକନ ଟେକ୍‌ଲାବକୁ ଦେଲା ପରୀକ୍ଷା ପରିଚାଳନା ଦାୟିତ୍ୱ। ସିଲିକନ ଟେକଲାବ ନିଜେ ଏହି ଦାୟିତ୍ୱ ନ ତୁଲାଇ ପରୀକ୍ଷା ପରିଚାଳନା ଦାୟିତ୍ୱ ବ୍ରହ୍ମପୁରର ପଞ୍ଚସଫ୍ଟ ସଂସ୍ଥାକୁ ଟେକି ଦେଇଥିଲା। ଯେଉଁ ସଂସ୍ଥାର ମାଲିକ ଥିଲେ ଶଙ୍କର ପୃଷ୍ଟି ।

## ମୁଖ୍ୟ ସଚିବଙ୍କ ଉଚ୍ଚସ୍ତରୀୟ ବୈଠକ

■ **ଭୁବନେଶ୍ୱର, ୪।୧୦ (ସମିସ):** ପୁଲିସ ସବଇନ୍ସପେକ୍ଟର ପରୀକ୍ଷା କେଳେଙ୍କାରୀକୁ ନେଇ ଶନିବାର ସନ୍ଧ୍ୟାରେ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୃହ ସଚିବ ସତ୍ୟବ୍ରତ ସାହୁଙ୍କ ସହ ଓପିଆରବି(ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ)ଅଧ୍ୟକ୍ଷ ସୁଶାନ୍ତ ନାଥ, ଓପିଆରବି ସଦସ୍ୟ ଆଇପିଏସ ଅବିନାଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ।ସୂଚନା ଅନୁଯାୟୀ ବୈଠକରେ ମୁଖ୍ୟ ସଚିବ ଏସଆଇ କେଳେଙ୍କାରୀ ସମ୍ପର୍କରେ ବିସ୍ତୃତ ତଥ୍ୟ ପଚାରି ବୁଝିଛନ୍ତି। ଏପରି ଦୁର୍ନୀତି କିପରି ହେଲା, ଦୁର୍ନୀତିର ମୂଳ ଖିଅ ଖୋଜିବା ପାଇଁ ତଦନ୍ତ କେତେବାଟ ଯାଇଛି, ପରୀକ୍ଷା ପରିଚାଳନାରେ ମୂଳ ତ୍ରୁଟି କେଉଁଠି ରହିବା ସେନେଇ ବୈଠକରେ ବ୍ୟାପକ ବିଚାର ବିମର୍ଶ କରାଯାଇଛି। ସେହିପରି ଏପର୍ଯ୍ୟନ୍ତ ହୋଇଥି ତଦନ୍ତ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିବା ନେଇ ମଧ୍ୟ ସୂଚନା ହସ୍ତଗତ ହୋଇଛି। ଏ ସମ୍ପର୍କରେ ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ ନାଥ କହିଛନ୍ତି, ଯାହା ଘଟଣା ଘଟିଛି କ୍ରାଇମ୍‌ବ୍ରାଞ୍ଚକୁ ଲିଖିତ ଭାବେ ଜଣାଇଛୁ। ତଦନ୍ତ ରିପୋର୍ଟକୁ ଅପେକ୍ଷା କରିଛୁ। ରିପୋର୍ଟ ଆସିବା ପରେ ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ନିଆଯିବ। ସଠିକ୍ ସମୟରେ ସ୍ୱଚ୍ଛ ଭାବେ ପରୀକ୍ଷା ହେବ ବୋଲି ଶ୍ରୀ ନାଥ କହିଛନ୍ତି।

## ଭାଇଚାରାର ସହରରେ ରକ୍ତର ଛିଟା

# ଭସାଣିରେ ଗୋଷ୍ଠୀ ସଂଘର୍ଷ: ୬ ଗୁରୁତର, ଆଇସିୟୁରେ ୨

■ **କଟକ, ୪।୧୦ (ସମିସ):** ଭାଇଚାରାରେ ରକ୍ତଛିଟା। ଐତିହାସିକ କଟକ ଦୁର୍ଗାପୂଜା ଭସାଣିରେ ଗତକାଲି ବିଳମ୍ବିତ ରାତିରେ କଟକ ଦରଘାବଜାର ଥାନା ଅଞ୍ଚଳରେ ରକ୍ତାକ୍ତ ଗୋଷ୍ଠୀ ସଂଘର୍ଷ ଘଟିଛି। ୨ ଗୋଷ୍ଠୀ ମଧ୍ୟରେ ଢେଲା ଓ କାଚ ବୋତଲ ମାଡ଼ ହୋଇଥିବା ବେଳେ ଏଥିରେ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ରହିଛି। ଦୁହିଁଙ୍କୁ ଚିକିତ୍ସା ନିମନ୍ତେ ଏସ୍‌ସିବି ଟ୍ରମା ଆଇସିୟୁରେ ଭର୍ତ୍ତି କରାଯାଇଛି। ଏହି ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ୬ ଆକ୍ରମଣକାରୀଙ୍କୁ ଦରଘାବଜାର ପୁଲିସ ଗିରଫ କରିଛି। ଅନ୍ୟପଟେ ସିସି କ୍ୟାମେରା, ନିୟୋଜିତ ଡ୍ରୋନ୍ ଫୁଟେଜ୍ ଏବଂ ପୁଲିସ ପକ୍ଷରୁ ସୁଟିଂ ହୋଇଥିବା ଭିଡିଓ ଫୁଟେଜ୍‌ରୁ ଆକ୍ରମଣକାରୀ ଚିହ୍ନଟ ପ୍ରକ୍ରିୟା ଚାଲିଛି। ସେହିପରି ସର୍ଚ୍ଚ ଅପରେସନ୍‌କୁ ପୁଲିସ ଜୋରଦାର୍ କରିଛି।

**ଡିସିପିଙ୍କ ସମେତ ୩ ପୁଲିସ କନେଷ୍ଟବଲ ଆହତ**

**ସୋମବାର ଭିଏଚ୍‌ପିର 'କଟକ ବନ୍ଦ' ଡାକରା**

ଗତକାଲି ବିଳମ୍ବିତ ରାତିରେ ଦରଘାବଜାର ଥାନା ଅଞ୍ଚଳରେ ଗଣ୍ଡଗୋଳ ପରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହା ପରେ ଉଭୟ ଗୋଷ୍ଠୀ ଢେଲା ଓ କାଚ ବୋତଲ ମାଡ଼ କରିଥିଲେ। ଏଥିରେ ଡିସିପି ଖିଲାରି ଋଷିକେଶ ଦ୍ୟାନଦେଓ ବି ଆହତ ହୋଇଛନ୍ତି। ପଥର ମାଡ଼ରେ ତାଙ୍କ ଆଖିପତା ଫାଟି ▶ପୃଷ୍ଠା-୭

## ନିନ୍ଦାକଲେ ନବୀନ



**ଶାନ୍ତିପ୍ରିୟ ଓଡ଼ିଶାରେ ଏ ଅଶାନ୍ତିର ବାତାବରଣ କଦାପି ଗ୍ରହଣୀୟ ନୁହେଁ**

**ଆଇନଶୃଙ୍ଖଳାକୁ ବିଗାଡ଼ିଦେଉଛି ପୁଲିସ ଉପରେ ଚାପ**

■ **ଭୁବନେଶ୍ୱର, ୪।୧୦ (ସମିସ):** ଦୁର୍ଗାପୂଜା ଭସାଣି ସମୟରେ କଟକ ଦରଘା ବଜାରରେ ଘଟିଥିବା ଗୋଷ୍ଠୀ ସଂଘର୍ଷକୁ ଦୃଢ଼ ନିନ୍ଦା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏ ସଂପର୍କରେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ଭାଇଚାରାର ସହର କଟକରେ ଏପରି ଅପ୍ରୀତିକର ସ୍ଥିତି ବେଶ୍ ଚିନ୍ତାଜନକ। ଭସାଣି ସମୟରେ ଢେଲା ପଥର, ବୋତଲ ମାଡ଼ ପରି ଘଟଣା ଏକ ବଡ଼ ସମ୍ବେଦନଶୀଳ ଦିଗକୁ ଇଙ୍ଗିତ କରୁଛି। ଶାନ୍ତିପ୍ରିୟ ଓଡ଼ିଶାରେ ଏ ଅଶାନ୍ତିର ବାତାବରଣ କଦାପି ଗ୍ରହଣୀୟ ନୁହେଁ। ଏପରି ସ୍ଥିତିକୁ ନିୟନ୍ତ୍ରଣ କରିବା ଆଗରେ ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ଅସହାୟ ମନେ ହେଉଛି। ବିଜେପି ସରକାରରେ ପୁଲିସ ଉପରେ ରହୁଥିବା ଚାପ ରାଜ୍ୟରେ ଆଇନଶୃଙ୍ଖଳାକୁ ବିଗାଡ଼ି ଦେଉଛି। ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟ ଓ ସଦ୍‌ଭାବନା ବଜାୟ ରଖିବା ଆମ ସମସ୍ତଙ୍କ ପ୍ରଥମ ଲକ୍ଷ୍ୟ ଏବଂ କର୍ତ୍ତବ୍ୟ ହେଉ। ସମାଜରେ ଶାନ୍ତି ଓ ମୈତ୍ରୀ ବଜାୟ ରହୁ ବୋଲି ନବୀନ ନିଜ ପୋଷ୍ଟରେ ଉଲ୍ଲେଖ କରି କହିଛନ୍ତି।

# ଇଏମ୍‌ଆଇ ନ ଦେଲେ ଚାଲିବନି ମୋବାଇଲ୍, ଟିଭି

■ **ମୁମ୍ବଇ, ୪।୧୦ (ଏଜେନ୍ସି):** ଇଏମ୍‌ଆଇରେ ଖିଲାପ କଲେ ବହୁମୂଲ୍ୟ ଦେବାକୁ ପଡ଼ିବ। ଏହା ନ ଭରିଲେ ଆଗକୁ ଆଉ ଟିଭି ଏବଂ ମୋବାଇଲ ବି ଦେଖିପାରିବେ ନାହିଁ। ଟଙ୍କା ପୈଠ ନ କଲେ କେବୁଲ ଟିଭି ଭଳି ଏହାର ସେବା ମଧ୍ୟ ଆପେଆପେ ବନ୍ଦ ହୋଇଯିବ। କେନ୍ଦ୍ରୀୟ ବ୍ୟାଙ୍କ ଆର୍‌ବିଆଇ ଏଭଳି ଏକ ନୂଆ ବ୍ୟବସ୍ଥା ଆଣିବା ପାଇଁ ପ୍ରସ୍ତୁତ କରୁଛି। ଇଏମ୍‌ଆଇ ପରିଶୋଧ ନ କଲେ ଏହା ମାଧ୍ୟମରେ ଆଣିଥିବା ଉତ୍ପାଦର ସେବାକୁ ଦୂରରୁ ବନ୍ଦ କରିହେବ। ମୋବାଇଲ, ଟିଭି ଭଳି ଉତ୍ପାଦର ଋଣ ଆଦାୟକୁ ସରଳ କରିବା ଏହାର ଉଦ୍ଦେଶ୍ୟ। ବ୍ୟାଙ୍କ ଏବଂ ଆର୍ଥିକ ସଂସ୍ଥାଗୁଡିକ ସହ ଏ ନେଇ ଆର୍‌ବିଆଇ ଆଲୋଚନା କରିଛି। ତେବେ ବିଶେଷଜ୍ଞଙ୍କ ଅନୁଯାୟୀ ଏହା କାର୍ଯ୍ୟକାରୀ କରିବା ପୂର୍ବରୁ ଆର୍‌ବିଆଇକୁ କିଛି ସ୍ୱତନ୍ତ୍ର ଦିଗ ପ୍ରତି ଦୃଷ୍ଟିଦେବାକୁ ହେବ। ଫୋନ୍, ଲ୍ୟାପଟପ୍ କିମ୍ବା ଏହି ଭଳି ଅନ୍ୟ ସାମଗ୍ରୀ କ୍ରୟରେ ଦିଆଯାଇଥିବା ଋଣ କୋଲ୍ୟାଟେରାଲ-ଫ୍ରି ହୋଇଥାଏ। ଅର୍ଥାତ୍ ଏଥିପାଇଁ କୌଣସି ସମ୍ପତ୍ତି ବନ୍ଧକ ରଖିବାକୁ ପଡ଼ି ନ ଥାଏ। ତେଣୁ ସୁଧ ହାର ଅଧିକ ତଥା ୧୪-୧୬ ପ୍ରତିଶତ ରହିଥାଏ। ଯଦି ନୂଆ ବ୍ୟବସ୍ଥା ଲାଗୁ କରାଯିବ ତେବେ ଏହା ସୁରକ୍ଷିତ ଋଣ (ଗୃହ, ଅଟୋ) ଆଦି ଶ୍ରେଣୀରେ ଆସିଯିବ। ଫଳରେ ବ୍ୟାଙ୍କର ଏହାକୁ ଅଧିକାର ଦେବା ପୂର୍ବରୁ ଶ୍ରେଣୀ ଏବଂ ସୁଧହାର ବଦଳାଇବାକୁ ପଡ଼ିବ।

ଆମେରିକା ସମେତ ଅନେକ ଦେଶରେ ଏଭଳି ବ୍ୟବସ୍ଥା ରହିଛି। ଇଏମଆଇ ନ ଦେଲେ କାର୍ ଷ୍ଟାର୍ଟ ହୋଇପାରେ ନାହିଁ। ଆର୍‌ବିଆଇ ଯେଉଁ ବ୍ୟବସ୍ଥା ଆଣିବାକୁ ବିଚାର କରୁଛି ତାହା କ୍ଷୁଦ୍ର ଉପଭୋକ୍ତା ଋଣ (ମୋବାଇଲ, ▶ପୃଷ୍ଠା-୭

## ଆମେରିକା 'ସଟ୍ ଡାଉନ୍'

# ଚାରି ଦିନ ହେଲା ସବୁ ଅଚଳ

### ନାସା ବି ବନ୍ଦ ■ ଛୁଟିରେ ଗଲେ ୭ ଲକ୍ଷ ୫୦ ହଜାର କର୍ମଚାରୀ

■ **ୱାସିଂଟନ, ୪।୧୦ (ଏଜେନ୍ସି):** ସିନେଟ୍‌ରେ ଅର୍ଥ ବିଲ୍ ଅନୁମୋଦନକୁ ନେଇ ଅଚଳାବସ୍ଥା ଲାଗି ରହିଥିବାରୁ ଗତ ୪ ଦିନ ଧରି ଆମେରିକା ଠପ୍ (ସଟ୍ ଡାଉନ୍) ହୋଇଯାଇଛି। କେବଳ କିଛି ଅତ୍ୟାବଶ୍ୟକ ସେବାକୁ ଛାଡ଼ିଦେଲେ ଅନ୍ୟ ସେବା ଗୁଡ଼ିକୁ ବନ୍ଦ କରି ଦିଆଯାଇଛି। ଏପରିକି ଆମେରିକାର ମହାକାଶ ସଂସ୍ଥା 'ନାସା' ମଧ୍ୟ ବନ୍ଦ ହୋଇଯାଇଛି। ଦେଶର ସାଢ଼େ ସାତ ଲକ୍ଷ କର୍ମଚାରୀଙ୍କ ଭବିଷ୍ୟତ ଏବେ ବିପଦ ମୁହଁକୁ ଠେଲି ହୋଇଯାଇଛି। ସାତ ଲକ୍ଷ କର୍ମଚାରୀଙ୍କୁ ଛୁଟିରେ ପଠାଇ ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଲକ୍ଷ କର୍ମଚାରୀ ଛଟେଇ ହେବାର ଆଶଙ୍କା ରହିଛି। ଏହାଛଡ଼ା ଅନେକ କର୍ମଚାରୀଙ୍କୁ ଏବେ ବିନା ବେତନରେ କାମ କରିବାକୁ ପଡ଼ିବ। ଗତ ୭ ବର୍ଷରେ ପ୍ରଥମ ଥର ଲାଗି ଆମେରିକାରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏଥିଲାଗି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଦାୟୀ କରାଯାଇଛି।

ନିୟମ ଅନୁଯାୟୀ ଆମେରିକାର ବିଭିନ୍ନ ବିଭାଗ ପାଇଁ ସଂସଦ ପ୍ରତିବର୍ଷ ଅକଟୋବର ପହିଲା ତାରିଖ ସୁଦ୍ଧା ଅର୍ଥ ମଞ୍ଜୁର କରିଥାଏ। ମଞ୍ଜୁରୀ ମିଳିବା ପେରେ ୧ ତାରିଖରୁ ବିଭାଗଗୁଡ଼ିକ ବଜେଟ ଖର୍ଚ୍ଚ ଆବଣ୍ଟନ କରାଯାଏ। କିନ୍ତୁ ଏଥର ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ଏବଂ ବିରୋଧୀ ଦଳ ଡେମୋକ୍ରାଟିକ ପାର୍ଟି ମଧ୍ୟରେ ମତଭେଦ ଯୋଗୁଁ ଏହା ସମ୍ଭବ ହୋଇପାରି ନାହିଁ। ସ୍ୱାସ୍ଥ୍ୟ ସେବାକୁ ମିଳୁଥିବା ସବସିଡିକୁ କାଟିବା ଲାଗି ଟ୍ରମ୍ପ ପ୍ରଶାସନ ଜିଦ୍ ଧରିଥିବା ବେଳେ ଡେମୋକ୍ରାଟିକ ପାର୍ଟି ଏହାର ବିରୋଧ କରୁଛି। ଯେଉଁ ପର୍ଯ୍ୟନ୍ତ ଏହି ସବସିଡି ବ୍ୟବସ୍ଥା ଅବ୍ୟାହତ ରଖାନଯାଇଛି, ସେପର୍ଯ୍ୟନ୍ତ ଡେମୋକ୍ରାଟ୍ ସାଂସଦ ଅର୍ଥ ବିଲକୁ ସମର୍ଥନ କରିବେ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି। ସୂଚନାଯୋଗ୍ୟ ଯେ ଆମେରିକା ସଂସଦ ବା କଂଗ୍ରେସର ନିମ୍ନ ସଦନ (ହାଉସ ଅଫ୍ ରିପ୍ରେଜେଣ୍ଟେଟିଭ୍) ରେ ଟ୍ରମ୍ପଙ୍କ ପାର୍ଟିର ସଂଖ୍ୟାଗରିଷ୍ଠତା ଥିବା ବେଳେ ଉଚ୍ଚ ସଦନ (ସିନେଟ)ରେ ବିରୋଧୀ ଡେମୋକ୍ରାଟିକ୍ ପାର୍ଟିର ଅଧିକ ସାଂସଦ ରହିଛନ୍ତି। ତେଣୁ ସିନେଟରେ ବିଲ୍ ପାସ୍ କରିବାକୁ ହେଲେ ଡେମୋକ୍ରାଟ୍ ପାର୍ଟିର ସମର୍ଥନ ଜରୁରୀ। ତେଣୁ ଏଭଳି ଅଚଳାବସ୍ଥା ସୃଷ୍ଟି ହୋଇଛି।

ଅର୍ଥ ମଞ୍ଜୁର ହୋଇନଥିବାରୁ ଜାତୀୟ ଅର୍ଥନୀତି ପୂରା ଠପ୍ ହୋଇଯିବାର ଆଶଙ୍କା ରହିଛି। ବିଭିନ୍ନ ଦେଶ ଉପରେ ଟ୍ରମ୍ପଙ୍କ ଅତ୍ୟଧିକ ଶୁଳ୍କ ନୀତି ଯୋଗୁଁ ଆମେରିକାର ଅର୍ଥନୀତି ସଙ୍କଟ ଦେଇ ଗତି କରୁଥିବା ବେଳେ 'ସଟ୍ ଡାଉନ୍' ପରିସ୍ଥିତିକୁ ଆହୁରି ବିଗାଳି ଦେବ। ତେବେ ବର୍ତ୍ତମାନ ଯେଉଁ ସଙ୍କଟ ସୃଷ୍ଟି ହୋଇଛି, ସେଥିରେ ବିଶେଷ କରି ଅଣ-ଅତ୍ୟାବଶ୍ୟକ ସେବା ବନ୍ଦ ହୋଇଯାଇଛି। ଯେଉଁ ସରକାରୀ କର୍ମଚାରୀଙ୍କ କାମ ଅତ୍ୟାବଶ୍ୟକ ସେବାରେ ଯାଉନି, ସେମାନଙ୍କୁ ଛୁଟିରେ ଯିବାକୁ କୁହାଯାଇଛି। ଦେଶରେ ସମସ୍ତ ପାର୍କ ଓ ମ୍ୟୁଜିୟମ ବନ୍ଦ ହୋଇଯାଇଛି। ଅନେକ ସରକାରୀ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନ ମଧ୍ୟ ବନ୍ଦ ▶ପୃଷ୍ଠା-୭

# ଆମେରିକାରେ ଭାରତୀୟ ଛାତ୍ରଙ୍କୁ ଗୁଳି କରି ହତ୍ୟା

ହାଇଦରାବାଦ,୪ ।୧୦(ଏଜେନ୍ସି): ଆମେରିକାର ଡଲାସ୍ ସହରରେ ଜଣେ ଭାରତୀୟ ଦନ୍ତ ଚିକିତ୍ସା ଛାତ୍ରଙ୍କୁ ଗୁଳି କରି ହତ୍ୟା କରାଯାଇଛି । ହାଇଦରାବାଦ୍‌ରୁ ୨୭ ବର୍ଷୀୟ ଚନ୍ଦ୍ରଶେଖର ପୋଲ୍ ଡଲାସର ଏକ ଗ୍ୟାସ ଷ୍ଟେସନରେ ପାର୍ଟ ଟାଇମ୍ ଚାକିରି କରୁଥିଲେ । ସେ ହାଇଦରାବାଦ୍‌ରେ ଡେଣ୍ଟାଲ ସର୍ଜରୀରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ୨୦୨୩ରେ ଉଚ୍ଚଶିକ୍ଷା ପାଇଁ ଆମେରିକା ଯାଇଥିଲେ । ତେବେ ଗତ ରାତିରେ କେତେଜଣ ଅଜଣା ବନ୍ଧୁକଧାରୀ ତାଙ୍କୁ ଗୁଳି କରି ହତ୍ୟା କରିଛନ୍ତି । ୬ ମାସ ତଳେ ସେ ଆମେରିକାରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ । ସେ ଫୁଲ୍ ଟାଇମ୍ ଚାକିରି ପାଇଁ ଚେଷ୍ଟା କରୁଥିଲେ । ଆମେରିକାରୁ ପୁଅର ମୃତଦେହ ଆଣିବାକୁ ଚନ୍ଦ୍ରଶେଖରଙ୍କ ପରିବାର ଭାରତ ସରକାରଙ୍କୁ ନିବେଦନ କରିଛନ୍ତି । ତେବେ କେଉଁ କାରଣରୁ ଚନ୍ଦ୍ରଶେଖରଙ୍କୁ ହତ୍ୟା କରାଯାଇଛି ସେ ନେଇ କିଛି ସ୍ପଷ୍ଟ କରାଯାଇନାହିଁ । ବିଆରଏସ୍ ବିଧାୟକ ଟି ହରିସ ରାଓ ମୃତଦେହ ଫେରାଇ ଆଣିବାକୁ ଆବଶ୍ୟକ ପଦକ୍ଷେପ ଯଥାଶୀଘ୍ର ଗ୍ରହଣ କରିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି ।

# ବେଲୁଚିସ୍ତାନରେ ବନ୍ଦର ନିର୍ମାଣ କରିବ ଆମେରିକା

ଇସ୍‌ଲାମାବାଦ୍,୪ ।୧୦(ଏଜେନ୍ସି): ପାକିସ୍ତାନର ବେଲୁଚିସ୍ତାନ ରାଜ୍ୟରେ ଏକ ବନ୍ଦର ନିର୍ମାଣ କରିବାକୁ ଆମେରିକାକୁ ପ୍ରସ୍ତାବ ଦିଆଯାଇଛି । ଏହି ପ୍ରସ୍ତାବ ଦେଇଛନ୍ତି ପାକିସ୍ତାନ ସେନା ମୁଖ୍ୟ ହାସିମ ମୁନୀରଙ୍କ ଉପଦେଷ୍ଟା । ଏ ନେଇ ପ୍ରମୁଖ ନ୍ୟୁଜ ଏଜେନ୍ସି ରଏଟର୍ସ । ବେଲୁଚିସ୍ତାନର ପସନୀ ସହରରେ ଆରବ ସାଗର ଉପକୂଳରେ ଏକ ନୂଆ ବନ୍ଦର ନିର୍ମାଣ କରିବା ସହ ଏହାକୁ ଚଳାଇବାକୁ ପାକିସ୍ତାନ ଆନୁଷ୍ଠାନିକ ଭାବେ ଆମେରିକାକୁ ପ୍ରସ୍ତାବ ଦେଇଛି । ତେବେ ଏହି ବନ୍ଦର କେବଳ ବ୍ୟବସାୟ ଓ ଖଣିଜ ସମ୍ପଦର ନେବା ଆଣିବା ପାଇଁ ନିର୍ମାଣ ହେବ ବୋଲି କୁହାଯାଇଛି । ଆମେରିକାକୁ ପ୍ରସ୍ତାବିତ ବନ୍ଦରରେ କୌଣସି ସୈନ୍ୟ ଠିକଣା ନିର୍ମାଣ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ପାକିସ୍ତାନ ତରଫରୁ ସ୍ପଷ୍ଟ କରାଯାଇଛି । ପସନୀ ଚୀନ ନିର୍ମିତ ବନ୍ଦର ଗ୍ୱାଦର ବନ୍ଦରଠାରୁ ମାତ୍ର ୧୧୨ କିମି ଦୂରରେ ଅବସ୍ଥିତ । ଏହି ବନ୍ଦର ମାଧ୍ୟମରେ ପାକିସ୍ତାନରୁ ତମ୍ବା ଓ ଆଣ୍ଟିମନୀ ଭଳି ଖଣିଜ ପଦାର୍ଥ ଆମେରିକାକୁ ସହଜରେ ପଠାଯାଇପାରିବ । ଏହି ବନ୍ଦରକୁ ଦେଶର ପଶ୍ଚିମାଞ୍ଚଳ ସହ ଯୋଗାଯୋଗ ପାଇଁ ୧୧ ହଜାର କୋଟି ଟଙ୍କା ବିନିମୟରେ ନୂଆ ରେଳ ଲାଇନ୍ ବିଛା ଯିବ । ମୁନୀର କିଛିଦିନ ତଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ରେଳ ଖଣିଜ ସମ୍ପଦର ବ୍ରିଫକେସ୍ ଦେଖାଇଥିଲେ ଓ ଏହାକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଥିଲା । ଭାରତର ଅପରେସନ ସିନ୍ଦୂର ପରେ ଆମେରିକା ଓ ପାକିସ୍ତାନ ନିକଟତର ହୋଇଛନ୍ତି ।

# ଡଲାର ମୁଦ୍ରାରେ ଟ୍ରମ୍ପଙ୍କ ଚିତ୍ର ଖୋଦିତ

ୱାଶିଂଟନ,୪ ।୧୦(ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚିତ୍ର ଖୋଦିତ ଏକ ଡଲାର ବିଶିଷ୍ଟ ମୁଦ୍ରା ବା କଏନ ଜାରି ହେବା ପାଇଁ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି । ଆମେରିକାର ଟ୍ରେଜେରୀ ବିଭାଗ ଶୁକ୍ରବାର ଏହି ମୁଦ୍ରାର ଡ୍ରାଫ୍ଟ ଡିଜାଇନ୍ ଜାରି କରିଛି । ଏହି ମୁଦ୍ରା ୨୦୨୬ରେ ଆମେରିକାର ୨୫୦ତମ ସ୍ୱାଧୀନତା ଦିବସ ଅବସରେ ଜାରି କରାଯିବ ବୋଲି ଟ୍ରେଜେରୀ ବିଭାଗ ତରଫରୁ କୁହାଯାଇଛି । ଏହି ମୁଦ୍ରାର ଗୋଟିଏ ପଟେ ଟ୍ରମ୍ପ ନିଜ ମୁଠା ଉଠାଇଥିବାର ଦେଖାଯାଇଛି ଓ ଏହି ପଟେ ଫାଇଟ୍, ଫାଇଟ୍, ଫାଇଟ୍ ବୋଲି ଲେଖାଯାଇଛି । ଏହି ଶବ୍ଦ ଟ୍ରମ୍ପ ଗତବର୍ଷ ଏକ ଆକ୍ରମଣରୁ ବର୍ତ୍ତିବା ପରେ କହିଥିଲେ । ସେହିପରି ମୁଦ୍ରାର ଅନ୍ୟପଟେ ଟ୍ରମ୍ପଙ୍କ ଚିତ୍ର, ଲିବର୍ଟି ଓ ତାରିଖ (୧୯୭୭-୨୦୨୬) ଲେଖା ଯାଇଛି । ମୁଦ୍ରାର ଏହି ଡିଜାଇନ୍ ଦେଶର ଦୃଢ଼ ମାନସିକତାକୁ ଦର୍ଶାଉଛି ବୋଲି ଟ୍ରେଜେରୀ ତରଫରୁ କୁହାଯାଇଛି । ମୁଦ୍ରାର ଅନ୍ତିମ ଡିଜାଇନ୍ ଏପର୍ଯ୍ୟନ୍ତ ଚୟନ ହୋଇନାହିଁ ବୋଲି କୁହାଯାଇଛି । ଉଲ୍ଲେଖଥାଉ କି, ୧୯୭୬ରେ ଆମେରିକାର ୨୦୦ତମ ସ୍ୱାଧୀନତା ଦିବସ ଅବସରରେ ଲିବର୍ଟି ବେଲ୍ ଓ ଚନ୍ଦ୍ରକୁ ନେଇ ମୁଦ୍ରା ପ୍ରସ୍ତୁତ କରାଯାଇଥିଲା । ଏଥିରେ ପୂର୍ବତନ ରାଷ୍ଟ୍ରପତି ଏଇସେନହାୱାରଙ୍କ ଚିତ୍ର ଥିଲା । ଟ୍ରମ୍ପଙ୍କୁ ଏହି ମୁଦ୍ରାର ଡିଜାଇନ ପସନ୍ଦ ଆସିବ ବୋଲି ହ୍ୱାଇଟ୍‌ହାଉସ୍ ମୁଖପାତ୍ର କାରାଲିନ ଲେବିଟ କହିଛନ୍ତି ।





# ତଳ କୋର୍ଟର ଦୁଇ ବିଚାରପତିଙ୍କୁ ହଟାଇଲେ ବମ୍ବେ ହାଇକୋର୍ଟ

ମୁମ୍ବାଇ,୪ ।୧୦(ଏଜେନ୍ସି): ବମ୍ବେ ହାଇକୋର୍ଟ ଶୁକ୍ରବାର ତଳ କୋର୍ଟର ଦୁଇଜଣ ବିଚାରପତିଙ୍କୁ ପଦରୁ ହଟାଇଛନ୍ତି ।



ଅନୁଚିତ ତଥା ଅଶୋଭନୀୟ ଅଚାରଣ ଓ ଦୁର୍ନୀତି ପାଇଁ ହାଇକୋର୍ଟ ଦୁଇ ବିଚାରପତି ସତାରାର ଅତିରିକ୍ତ ସେସନ ଜଜ୍ ଧନଞ୍ଜୟ ନିକମ ଓ ପାଲଘର ସିଭିଲ ଜଜ୍ (ସିନିଅର ଡିଭିଜନ) ଇର୍ଫାନ ଶେଖଙ୍କୁ ପଦରୁ ବହିଷ୍କାର କରିଛନ୍ତି । ଶୃଙ୍ଖଳାଗତ କମିଟିର ତଦନ୍ତ ପରେ ହାଇକୋର୍ଟ ଏହି ଦୃଷ୍ଟାନ୍ତମୂଳକ ନିଷ୍ପତ୍ତି ନେଇଛନ୍ତି । ଧନଞ୍ଜୟଙ୍କ ନାମରେ ଉତ୍କୋଚ ତଥା ଲାଞ୍ଚ ନେବାର ଅଭିଯୋଗ ଆସିଥିଲା । ସେହିପରି ଏକ ଶୁଣାଣି ଅବସରରେ ଇର୍ଫାନ ଦୁର୍ନୀତି କରିବାର ଅଭିଯୋଗ ହୋଇଥିଲା । ଇର୍ଫାନ ଜବତ ହୋଇଥିବା ନିଶାଦ୍ରବ ସେବନ କରିବାର ଅଭିଯୋଗ ହୋଇଥିଲା ଓ ଏ ନେଇ ବମ୍ବେ ହାଇକୋର୍ଟରେ ପିଟିସନ ଦାଖଲ କରାଯାଇଥିଲା । ତେବେ ଆମେ ନିର୍ଦ୍ଦୋଶ ବୋଲି ବହିଷ୍କୃତ ହୋଇଥିବା ଏହି ଦୁଇ ବିଚାରପତି କହିଛନ୍ତି । ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ପରେ ମୁମ୍ବାଇ ନ୍ୟାୟିକ ବ୍ୟବସ୍ଥାରେ ହଇଚଇ ସୃଷ୍ଟି ହୋଇଛି ।

# ଜୁବିନଙ୍କୁ ବିଷ ଦେଇଛନ୍ତି ମ୍ୟାନେଜର!



ନୂଆଦିଲ୍ଲୀ,୪ ।୧୦(ଏଜେନ୍ସି): ଜଣାଶୁଣା ବଲିଉଡ ଓ ଆସାମ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁକୁ ନେଇ ନୂଆ ନୂଆ କଥା ସାମନାକୁ ଆସିବାରେ ଲାଗିଛି । ଜୁବିନଙ୍କୁ ହତ୍ୟା କରିବା ଲାଗି ବଡ଼ ଧରଣର ଷଡ଼ଯନ୍ତ୍ର ହୋଇଥିଲା । ଏହାକୁ କାର୍ଯ୍ୟକାରୀ କରିବା ଲାଗି ସିଙ୍ଗାପୁରର ପାନ୍ ପେସିଫିକ୍ ହୋଟେଲକୁ ଚୟନ କରାଯାଇଥିଲା । କେବଳ ଏତିକି ନୁହେଁ, ତାଙ୍କୁ ପାଣିରେ ବୁଡ଼ାଇ ମାରିବା ଲାଗି ବିଷ ଦିଆଯାଇଥିଲା । ଏଭଳି ଷଡ଼ଯନ୍ତ୍ର କରି ଜୁବିନଙ୍କୁ ବିଷ ଦେଇଛନ୍ତି ତାଙ୍କର ମ୍ୟାନେଜର ସିଦ୍ଧାର୍ଥ ଶର୍ମା ଓ ଇଭେଣ୍ଟ ଆୟୋଜକ ଶ୍ୟାମକାନୁ ମହନ୍ତ । ଏଭଳି ଅଭିଯୋଗ ଆଣିଛନ୍ତି ଜୁବିନଙ୍କ ବ୍ୟାଣ୍ଡମେଟ୍ ତଥା ସାଥି ଗାୟକ ଶେଖର ଜ୍ୟୋତି ଗୋସ୍ୱାମୀ ।

ମାମଲାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଦଳ ବା ଏସ୍‌ଆଇଟି ଅଧିକାରୀଙ୍କ ସାମନାରେ ଶେଖର ଏହି ବୟାନ ଦେଇ କହିଛନ୍ତି ଯେ ଏହି ଦୁଇଜଣ ହତ୍ୟାକୁ ଦୁର୍ଘଟଣାର ରୂପ ଦେବାକୁ ଷଡ଼ଯନ୍ତ୍ର କରିଥିଲେ । ସିଙ୍ଗାପୁରର ପାନ୍ ପେସିଫିକ୍ ହୋଟେଲରେ ମ୍ୟାନେଜର

**ହତ୍ୟାକୁ ଦୁର୍ଘଟଣାର ରୂପ ଦେବାକୁ ହୋଇଛି ଷଡ଼ଯନ୍ତ୍ର**

ସିଦ୍ଧାର୍ଥ ସେମାନଙ୍କ ସହ ରହୁଥିଲେ । ଜୁବିନଙ୍କ ମୃତ୍ୟୁ ପୂର୍ବରୁ ତାଙ୍କ ଆଚରଣ ସନ୍ଦେହଜନକ ଥିଲା । ସିଦ୍ଧାର୍ଥ ସମୁଦ୍ର ମଝିରେ ବୋଟ୍‌ର ଚାଳକଙ୍କୁ ହଟାଇ ନୟନ୍ତ୍ରଣ ହାତକୁ ନେଇଥିଲେ । ଜୁବିନ ସମୁଦ୍ରକୁ ଭିତରକୁ ଯିବା ପରେ ଅଣନିଶ୍ୱାସୀ ହେବା ଭଳି ଲାଗୁଥିଲା । ଏହାସତ୍ତ୍ୱେ ସିଦ୍ଧାର୍ଥ ଜୁବିନଙ୍କୁ ଯିବାକୁ ଦିଅ, ଯିବାକୁ ଦିଅ ବୋଲି କହିଥିଲେ । ତେଣୁ ଏହା ଆଦୌ ଦୁର୍ଘଟଣା ନଥିଲା ବୋଲି ସେ କହିଛନ୍ତି ।

ଉଲ୍ଲେଖଥାଉ କି, ସିଙ୍ଗାପୁରରେ ସେପ୍ଟେମ୍ବର ୧୯ରେ ଜୁବିନ ସ୍କୁବା ଡାଇଭିଂ କରିବା ବେଳେ ମୃତ୍ୟୁବରଣ କରିଥିଲେ । ୨୦ ତାରିଖରେ ସିଙ୍ଗାପୁରରେ ହେବାକୁ ଥିବା ନର୍ଥ ଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲରେ ସଂଗୀତ ପରିବେଷଣ କରିଥାନ୍ତେ । କିନ୍ତୁ ଜୁବିନ ଇଭେଣ୍ଟ ପୂର୍ବରୁ ୱାଟର ଆଡଭାନଚର ଆକ୍ଟିଭିଟିରେ ଭାଗ ନେଇଥିଲେ । ଜୁବିନଙ୍କୁ ଭଲଭାବେ ପହଁରା ଜଣାଥିଲା । ତେଣୁ ସେ ପାଣିରେ ବୁଡ଼ି ମୃତ୍ୟୁବରଣ କରିନାହାନ୍ତି ବୋଲି ଶେଖର ଦାବି କରିଛନ୍ତି । ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ୪ ଜଣଙ୍କୁ ଗିରଫ କରି ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।

# ଗାଜାରେ ଶାନ୍ତି ପାଇଁ ବାଟ ଫିଟୁଛି

ୱାସିଂଟନ,୪ ।୧୦(ଏଜେନ୍ସି):

ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଧମକର ୬ ଘଣ୍ଟା ପରେ ହମାସ ଅସ୍ତ୍ରବିରତି ପାଇଁ ରାଜି ହୋଇଛି । ହମାସ ଶୁକ୍ରବାର ରାତିରେ ଏ ନେଇ ଘୋଷଣା କରିଛି । ଟ୍ରମ୍ପଙ୍କ ଦ୍ୱାରା ଦିଆଯାଇଥିବା ଯୋଜନା ଅନୁଯାୟୀ ବଞ୍ଚିଥିବା ଓ ମୃତ୍ୟୁବରଣ କରିଥିବା ସବୁ ପଣବନ୍ଦୀଙ୍କୁ ମୁକ୍ତ କରିବାକୁ ହମାସ ପ୍ରସ୍ତୁତ ଅଛି ବୋଲି କହିଛି । ଏଥିସହ ଗାଜା ଉପରୁ ନିୟନ୍ତ୍ରଣ ଛାଡ଼ିବାକୁ ହମାସ ମଧ୍ୟ ରାଜି ହୋଇଛି । ତେବେ ଟ୍ରମ୍ପ ଦେଇଥିବା ୨୦ ସୂତ୍ରୀ ଶାନ୍ତି ପ୍ରସ୍ତାବରେ କେତୋଟି ସ୍ଥାନରେ ଆଲୋଚନା କରିବାର ଆବଶ୍ୟକତା ଅଛି ବୋଲି ହମାସ କହିଛି । ହମାସ ଅସ୍ତ୍ର ଛାଡ଼ିବ କି ନାହିଁ ସେ ନେଇ କିଛି କୁହାଯାଇନାହିଁ । ହମାସର ଏହି ଘୋଷଣା ପରେ ଗାଜା ଉପରେ ଆକ୍ରମଣ ନ କରିବାକୁ ଟ୍ରମ୍ପ ଇସ୍ରାଏଲକୁ ନିର୍ଦ୍ଦେଶ ଦେଇଛନ୍ତି । ଇସ୍ରାଏଲ ମଧ୍ୟ ଟ୍ରମ୍ପଙ୍କ ଗାଜା ଯୋଜନା ଉପରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ ବୋଲି କହିଛି । ଟ୍ରମ୍ପଙ୍କ ଏହି ଯୋଜନାର ପ୍ରଥମ ପର୍ଯ୍ୟାୟ ଲାଗୁ କରିବାକୁ ପ୍ରସ୍ତୁତ ଅଛୁ ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ତରଫରୁ କୁହାଯାଇଛି ।

ଯୁଦ୍ଧ ଶେଷ କରିବା ପାଇଁ ଟ୍ରମ୍ପ ଓ ନେତାନ୍ୟାହୁଙ୍କ ଟିମ୍ ସାଥିହୋଇ କାର୍ଯ୍ୟ କରିବେ । ଗାଜାରେ ଆକ୍ରମଣ ରୋକିବାକୁ ଇସ୍ରାଏଲ ପ୍ରସ୍ତୁତ ବୋଲି କହିଛି । ତେବେ ଅତି ଆବଶ୍ୟକ ପଡିଲେ କାର୍ଯ୍ୟାନୁଷ୍ଠାନ କରିବାକୁ ଇସ୍ରାଏଲ କହିଛି ।



**ନିୟନ୍ତ୍ରଣ ଛାଡ଼ିବ ହମାସ**

**ମୁକ୍ତ ହେବେ ପଣବନ୍ଦୀ**

**ଇସ୍ରାଏଲର ପୁଣି ଆକ୍ରମଣ, ୬ ମୃତ**

ଉଲ୍ଲେଖଥାଉ କି, ହମାସ ପାଖରେ ୪୮ ଜଣ ଇସ୍ରାଏଲ ପଣବନ୍ଦୀ ରହିଛନ୍ତି । ଏମାନଙ୍କ ମଧ୍ୟରୁ ଏବେ ୨୦ ଜଣ ବଞ୍ଚିଛନ୍ତି । ଅସ୍ତ୍ରବିରତି ଘୋଷଣା ହେବାର ୭୨ ଘଣ୍ଟା ମଧ୍ୟରେ ଇସ୍ରାଏଲ ମଧ୍ୟ ୨,୦୦୦ରୁ ଅଧିକ ପାଲେଷ୍ଟାଇନ୍ ସୁରକ୍ଷାକର୍ମୀ ଓ ମୃତାହତ ହୋଇଥିବା ଗାଜା ବାସୀଙ୍କ ମୃତଦେହ ଫେରାଇବାକୁ କୁହାଯାଇଛି । ଇସ୍ରାଏଲ ଓ ହମାସର ଏଭଳି ଆଚରଣ ଗାଜାରେ ଶାନ୍ତି ପାଇଁ ବାଟ ଫିଟାଇଛଇ ବୋଲି କୁହାଯାଉଛି ।

ଶାନ୍ତି ତଥା ଅସ୍ତ୍ରବିରତି ପାଇଁ କ୍ଷେତ୍ର ପ୍ରସ୍ତୁତ ହେଉଥିବା ବେଳେ ଇସ୍ରାଏଲ ଗାଜା ଉପରେ ପୁଣି ଶନିବାର ଆକ୍ରମଣ କରିଛି । ଫଳରେ ସ୍ଥିତି ବିଗିଡ଼ିବାର ସମ୍ଭାବନା ସୃଷ୍ଟି ହୋଇଛି । ଏହି ଆକ୍ରମଣରେ ଗାଜା ଷ୍ଟ୍ରିପ୍‌ରେ ୬ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ଗୋଟିଏ ଆକ୍ରମଣରେ ଗାଜା ସିଟିର ଏକ ଘରେ ରହୁଥିବା ୪ ଜଣ ପ୍ରାଣ ହରାଇଥିଲେ । ସେହିପରି ଦକ୍ଷିଣ ଗାଜାର ଖାନ୍ ୟୁନିସ୍‌ରେ ଆଉ ଏକ ଆକ୍ରମଣରେ ଦୁଇଜଣ ମୃତ୍ୟୁବରଣ କରିଛନ୍ତି ବୋଲି ସ୍ୱାସ୍ଥ୍ୟକର୍ମୀ ଓ ସ୍ଥାନୀୟ କର୍ତ୍ତୃପକ୍ଷ କହିଛନ୍ତି । ପୂର୍ବରୁ ଗାଜା ଉପରେ ଆକ୍ରମଣକୁ ତରୁନ୍ତ ବନ୍ଦ କରିବାକୁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ନିର୍ଦ୍ଦେଶ ଦେଇଥିଲେ । ୨୦୨୩ ଅକ୍ଟୋବର ୭ ପରେ ହମାସର ଆତଙ୍କବାଦୀ ଆକ୍ରମଣ ପରେ ଇସ୍ରାଏଲ୍ ଗାଜାରେ ଆକ୍ରମଣ ଜାରି ରଖିଛି । ହମାସର ଏହି ଆକ୍ରମଣରେ ୧୨୦୦ ଲୋକ ମୃତ୍ୟୁବରଣ କରିଥିଲେ । ଏଥିସହ ହମାସ୍ ୨୫୧ଜଣଙ୍କୁ ପଣବନ୍ଦୀ ରଖିଥିଲା ଗାଜାରେ ଇସ୍ରାଏଲ ଏହି ସେନା ଅଭିଯାନରେ ଏପର୍ଯ୍ୟନ୍ତ ୬୬,୦୦୦ ଲୋକ ପ୍ରାଣ ହରାଇଲେଣି ।

# ଭାରତ ରୁଷଠାରୁ ଆହୁରି ଅଧିକ ଏସ୍-୪୦୦ କିଣିବ



ନୂଆଦିଲ୍ଲୀ,୪ ।୧୦(ଏଜେନ୍ସି): ଭାରତ ରୁଷିଆଠାରୁ ଆହୁରି ଅଧିକ ଏସ୍-୪୦୦ କ୍ରୟ କରିପାରେ । ପୂର୍ବରୁ ୫ଟି ଏସ୍-୪୦୦ କ୍ରୟ ନେଇ ଚୁକ୍ତି ହୋଇସାରିଛି । ଭାରତ ମଧ୍ୟ ୩ଟି ଏସ୍-୪୦୦ ପାଇ ସାରିଛି । ଏବେ ଆଉ କିଛି ସିଷ୍ଟମ ପାଇଁ ଚୁକ୍ତି ହେବ । ଆଗାମୀ ଡିସେମ୍ବରରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଭାରତ ଗସ୍ତରେ ଆସିବେ । ଏହି ଗସ୍ତ ଅବସରରେ ଚୁକ୍ତି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଅପରେସନ ସିନ୍ଦୂରରେ ଏସ୍-୪୦୦ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରି ପାକିସ୍ତାନକୁ ଚକ୍ମା ଦେବାରେ ସଫଳ ହୋଇଥିଲା । ପାକିସ୍ତାନ ତରଫରୁ ଆସିଥିବା ସବୁ ଡ୍ରୋନ୍ ଓ ମିସାଇଲକୁ ଏସ୍-୪୦୦ ନିଷ୍କ୍ରିୟ କରିଥିଲା । ଭାରତ ୨୦୧୮ ଅକ୍ଟୋବର ୫୦୦ କୋଟି ଡଲାର ବିନିମୟରେ ଏସ୍-୪୦୦ କ୍ରୟ କରିବାକୁ ଚୁକ୍ତି କରିଥିଲା । ସେତେବେଳେ ଆମେରିକା ଏ ନେଇ ଚେତାବନୀ ମଧ୍ୟ ଦେଇଥିଲା । ଏବେ ଭାରତ ଏସ୍-୫୦୦ ମିସାଇଲ ସିଷ୍ଟମ କ୍ରୟ କରିବା ନେଇ ବିଚାର କରୁଛି । ଏସ୍-୪୦୦ ଓ ଏସ୍- ୫୦୦ ଦୁଇଟି ଯାକ ଅତ୍ୟାଧୁନିକ ସିଷ୍ଟମ ଭାବେ ପରିଗଣିତ ହେଉଛି । ଆକାଶମାର୍ଗରୁ ଶତ୍ରୁର ଆକ୍ରମଣକୁ ପଣ୍ଡ କରିବା ପାଇଁ ଏହି ସିଷ୍ଟମର ବ୍ୟବହୃତ ହୋଇଥାଏ । ଆବଶ୍ୟକତା ଅନୁଯାୟୀ ଭାରତ ଏସ୍-୪୦୦ ଓ ଅନ୍ୟ ଡିଫେନ୍ସ ସିଷ୍ଟମ କ୍ରୟ କରିବ ବୋଲି ଏୟାର ଚିଫ୍ ମାର୍ଶାଲ ଏପି ସିଂ ପୂର୍ବରୁ କହି ସାରିଛନ୍ତି ।

**ଏସ୍-୫୦୦ କ୍ରୟ ନେଇ ବିଚାର କରାଯାଇ ପାରେ**

**ଡିସେମ୍ବରରେ ପୁଟିନଙ୍କ ଭାରତ ଗସ୍ତରେ ଚୁକ୍ତି ହୋଇପାରେ**

# ପିଲାଙ୍କ ପାଇଁ କାଳ କଫ୍ ସିରପ୍






ନୂଆଦିଲ୍ଲୀ,୪ ।୧୦(ଏଜେନ୍ସି): ତାମିଲନାଡୁ ପରେ ମଧ୍ୟପ୍ରଦେଶରେ କଫ୍ ସିରପକୁ ନିଷେଧ କରାଯାଇଛି । କଫ୍ ସିରପ ସେବନ କରି ଏପର୍ଯ୍ୟନ୍ତ ରାଜସ୍ଥାନରେ ୩ ଓ ମଧ୍ୟପ୍ରଦେଶରେ ୯ଜଣ ପିଲା ମୃତ୍ୟୁବରଣ କରିଛନ୍ତି । ଫଳରେ ଏହି ଦୁଇ ରାଜ୍ୟରେ କଫ୍ ସିରପକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇଛି । ମଧ୍ୟପ୍ରଦେଶରେ ଶନିବାରଠାରୁ କୋଲ୍ଡରିଫ୍ ସିରପ ଓ ନେକ୍ସଟ୍ରୋ-ଡିଏସ୍ ବିକ୍ରି କରିବାକୁ ନିଷେଧ କରାଯାଇଛି । ଏହି ଦୁଇ କଫ୍ ସିରପ ତାମିଲନାଡୁର କାଞ୍ଚିପୁରମ୍‌ରେ ତିଆରି କରାଯାଉଥିଲା । ପିଲାଙ୍କ ମୃତ୍ୟୁପରେ ତାମିଲନାଡୁ ସରକାର ଏହି ଔଷଧଗୁଡ଼ିକର ତିଆରି ଓ ବିକ୍ରି ଉପରେ ନିଷେଧାଦେଶ ଜାରି କରିଛନ୍ତି । ସେପଟେ ରାଜସ୍ଥାନରେ ଡେକ୍ସଟ୍ରୋମେଥେରୋଫାନ ହାଇଡ୍ରୋବ୍ରେମାଇଡ୍ କଫ୍ ସିରପ୍‌ର ଉତ୍ପାଦନକାରୀ କମ୍ପାନୀ କସନ ଫାର୍ମାକୁ ମଧ୍ୟ ବ୍ୟାନ କରାଯାଇଛି । ଏହି କମ୍ପାନୀର ପ୍ଲାଣ୍ଟ ରାଜସ୍ଥାନର ଜୟପୁରରେ ମଧ୍ୟ

- **୧୨ ପିଲାଙ୍କ ମୃତ୍ୟୁ ପରେ କାର୍ଯ୍ୟାନୁଷ୍ଠାନ**
- **ତାମିଲନାଡୁ ପରେ ମଧ୍ୟପ୍ରଦେଶରେ ନିଷିଦ୍ଧ**
- **ରାଜସ୍ଥାନରେ ଡ୍ରଗ୍ସ କଣ୍ଟ୍ରୋଲର ସସ୍‌ପେଣ୍ଡ**

ରହିଛି । ଏଥିପାଇଁ ରାଜସ୍ଥାନର ଜଣେ ଡ୍ରଗ୍ସ କଣ୍ଟ୍ରୋଲରଙ୍କୁ ସସ୍‌ପେଣ୍ଡ କରାଯାଇଛି ।

ଉଲ୍ଲେଖଥାଉ କି, କୋଲ୍ଡରିଫ୍ ଓ ନୋକ୍ସଟ୍ରୋ ଡିଏସ୍ ସେବନ କାରଣରୁ ମଧ୍ୟ ପ୍ରଦେଶରେ ଗତ ୨୬ ଦିନ ମଧ୍ୟରେ ୯ ଜଣ ପିଲା ମୃତ୍ୟୁବରଣ କରିଛନ୍ତି । ସେହିପରି ରାଜସ୍ଥାନର ଭରତପୁର ଓ ସିକାରରେ ମଧ୍ୟ ସମକାରଣ ଯୋଗୁ ତିନିଜଣ ପିଲା ମୃତ୍ୟୁବରଣ କରିଥିଲେ । ମଧ୍ୟପ୍ରଦେଶ ଏ ନେଇ ଚିଠି ଦେବା ପରେ ୪୮ ଘଣ୍ଟା ମଧ୍ୟରେ ତାମିଲନାଡୁରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ସେପଟେ ଦୁଇବର୍ଷରୁ କମ୍ ବୟସ୍କ ପିଲାଙ୍କୁ କଫ୍ ସିରପ ନ ଦେବାକୁ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ମହାରାଷ୍ଟ୍ରକୁ ବିପଦ 'ଶକ୍ତି'

ମୁମ୍ବାଇ,୪ ।୧୦(ଏଜେନ୍ସି):

ଗୁଜରାଟର କଚ୍ଛ ନିକଟରେ ଆରବ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଏବେ ବାତ୍ୟାର ରୂପ ନେଇଛି । ଶ୍ରୀଲଙ୍କା ଏହି ବାତ୍ୟାର ନାମ 'ଶକ୍ତି' ରଖିଛି । ମହାରାଷ୍ଟ୍ରରେ ୩ରୁ ୭ ଅକ୍ଟୋବର ମଧ୍ୟରେ ବାତ୍ୟା ଶକ୍ତିକୁ ନେଇ ସତର୍କତା ଜାରି କରାଯାଇଛି । ମୁମ୍ବାଇ, ଥାନେ, ପାଲଘର, ରାଇଗଡ଼, ରତ୍ନଗିରି ଓ ସିନ୍ଧୁଦୁର୍ଗ ଜିଲ୍ଲାରେ ଶକ୍ତିର ପ୍ରଭାବ ଦେଖିବାକୁ ମିଳିବ ଓ ୪୫ରୁ ୫୫ କିମି ବେଗରେ ପବନ ବହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି । ପବନର ବେଗ ୬୫ କିମିରେ ମଧ୍ୟ ପହଞ୍ଚିବ ବୋଲି ଆଶଙ୍କା କରାଯାଉଛି । ଅକ୍ଟୋବର ୫ରେ ମହାରାଷ୍ଟ୍ର ଉପକୂଳରେ ସମୁଦ୍ରରୁ ବଡ଼ ବଡ଼ ଜୁଆର ଆସିବ ବୋଲି ଅନୁମାନ କରାଯାଉଛି । ମୌସୁମୀର ଲେଉଟାଣି ପରେ ଶକ୍ତି ପ୍ରଥମ ବାତ୍ୟା ଭାବେ ଆରବ ସାଗରରେ ସୃଷ୍ଟି ହୋଇଛି । ଶକ୍ତି କିନ୍ତୁ ଭାରତରେ ଲ୍ୟାଣ୍ଡଫଲ କରିବ ନାହିଁ । ଅକ୍ଟୋବର ୭ ସୁଦ୍ଧା ସମୁଦ୍ରରୁ ବଡ଼ ବଡ଼ ଜୁଆର ଆସିବ, ଜୋରରେ ପବନ ବହିବା ସାଙ୍ଗକୁ ଗୁଜରାଟ ଓ ଉତ୍ତର ମହାରାଷ୍ଟ୍ରରେ ପ୍ରବଳ ବର୍ଷା ହେବ ବୋଲି ଆଶଙ୍କା କରାଯାଉଛି । ବଙ୍ଗୋପ ସାଗରରେ ଗଭୀର ଅବପାତ କାରଣରୁ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାର କୋତୋଟି ଜିଲ୍ଲାରେ ପ୍ରବଳ ବର୍ଷା ହୋଇଛି । ବର୍ଷା କାରଣରୁ ଆନ୍ଧ୍ରରେ ୪ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଓଡ଼ିଶାର ଗଜପତି ଜିଲ୍ଲାରେ ୨ ଜଣ ଲୋକ ପ୍ରାଣ ହରାଇଛନ୍ତି । ସମୁଦ୍ରରେ ଏବେ ୧୦୦ କିମିରୁ ଅଧିକ ବେଗରେ ପବନ ବହୁଛି । ଅକ୍ଟୋବର ୬ ବେଳକୁ ଶକ୍ତି ଦୁର୍ବଳ ହେବ । ସମୁଦ୍ର ଭିତରକୁ ନ ଯିବା ପାଇଁ ମାଛ ଧରାଳିଙ୍କୁ ସତର୍କ କରି ଦିଆଯାଇଛି । ମହାରାଷ୍ଟ୍ରର ବିଭିନ୍ନ ଜିଲ୍ଲାରେ ଧନଜୀବନ ହାନିକୁ ଦୃଷ୍ଟିରେ ରଖି ଅଧିକାରୀମାନଙ୍କୁ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ।



**୬୫ କିମି ବେଗରେ ପବନ ବହିବ**

# ସାର୍ କ୍ରିକ୍ ପାଇଁ ଭାରତ-ପାକିସ୍ତାନ ମୁହାଁମୁହିଁ

ନୂଆଦିଲ୍ଲୀ,୪ ।୧୦(ଏଜେନ୍ସି): ସାର କ୍ରିକ୍‌କୁ ନେଇ ପୁଣିଥରେ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହୋଇଛନ୍ତି । ଗୁଜରାଟର କଚ୍ଛ ଜିଲ୍ଲା ଓ ପାକିସ୍ତାନର ସିନ୍ଧ ରାଜ୍ୟର ସୀମାକୁ ଏକ ୯୬ କିମି ଦୀର୍ଘର ଜୁଆରିଆ ମୁହାଣ ନିର୍ଦ୍ଧାରିତ କରୁଛି । ଏହି ମୁହାଣ ସିଧା ଆରବ ସାଗରକୁ ସଂଯୋଗ କରୁଛି । ଜୁଆର ଓ ଭଟ୍ଟା ଅନୁସାରେ ଏହି ସାର କ୍ରିକ୍‌ର ଜଳ ପତନ ବୃଦ୍ଧି ଓ ହ୍ରାସ ହୋଇଥାଏ । ଦୁଇ ଦେଶ ଏହି ସାମୁଦ୍ରିକ ସୀମାକୁ ନେଇ ଭିନ୍ନ ଭିନ୍ନ ମତ ଓ ତର୍କ ଦେଇ ଆସୁଛନ୍ତି । ଏହି ଅଞ୍ଚଳ ଐତିହାସିକ, ଭୌଗଳିକ, ଆର୍ଥନୈତିକ, ପରିବେଷ ଦୃଷ୍ଟିକୋଣରୁ ଦୁଇ ଦେଶ ପାଇଁ ଗୁରୁତ୍ୱ ବହନ କରୁଛି । ଏହାକୁ ପୂର୍ବେ 'ବନ ଗଙ୍ଗା' କୁହାଯାଉଥିଲା । କିନ୍ତୁ ଇଂରେଜ ଶାସନ ବେଳେ ବ୍ରିଟିଶ ଅଧିକାରୀ ସାର କ୍ରିକ୍‌ଙ୍କ ଅନୁସାରେ ଏହାର ନୂଆ ନାମକରଣ ହୋଇଥିଲା । ଏବେ ଏହି ଅଞ୍ଚଳ ନେଇ ବିବାଦ ସୃଷ୍ଟି ହୋଇଛି । ଏହି ଅଞ୍ଚଳରେ ପାକିସ୍ତାନ ସେନା ତା'ର ଉପସ୍ଥିତି ଜାହିର କରୁଛି । ତେଣୁ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପାକିସ୍ତାନକୁ ଏଥିପାଇଁ କଡ଼ା ଚେତାବନୀ ଦେଇଛନ୍ତି । ଯଦି ଏହି ଅଞ୍ଚଳରେ ପାକିସ୍ତାନ କିଛି ଦୁଃସାହାସ କରେ ତେବେ ତା' କଡ଼ା ଜବାବ ଦିଆଯିବ ଓ ଇତିହାସ ସମେତ ଭୂଗୋଳ ମଧ୍ୟ ବଦଳାଇ ଦିଆଯିବ ବୋଲି ରାଜନାଥ ଚେତାବନୀ ଦେଇଛନ୍ତି । ଏହି ଅଞ୍ଚଳରେ ପାକିସ୍ତାନ ତା'ର ସୈନ୍ୟ ଭିତ୍ତିଭୂମି ନିର୍ମାଣ କରୁଥିବାର ଖବର ଆସିବା ପରେ ରାଜନାଥ ପାକିସ୍ତାନକୁ ଏହି ସତର୍କବାଣୀ ଶୁଣାଇଛନ୍ତି । ପୂର୍ବରୁ ଏହି ସୀମା ବିବାଦକୁ ସମାଧାନ କରିବାକୁ ଏକାଧିକବାର ପ୍ରୟାସ କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ଏହାର ସମାଧାନ ହୋଇନାହିଁ । କାରଣ ପାକିସ୍ତାନ ସମଗ୍ର ଅଞ୍ଚଳକୁ ନିଜର ବୋଲି ଦାବି କରୁଛି ।

# ଜାପାନରେ ପ୍ରଥମଥର ପାଇଁ ମହିଳା ହେବେ ପ୍ରଧାନମନ୍ତ୍ରୀ

ଟୋକିଓ,୪ ।୧୦(ଏଜେନ୍ସି): ପୂର୍ବ ଏସୀୟ ଦେଶ ଜାପାନରେ ପ୍ରଥମଥର ପାଇଁ ଜଣେ ମହିଳା ପ୍ରଧାନମନ୍ତ୍ରୀ ପଦରେ ଅଳଙ୍କୃତ ହେବେ । ସେ ହେଉଛନ୍ତି ୬୪ ବର୍ଷୀୟା କନଜରଭେଟିଭ୍ ରାଜନେତ୍ରୀ ସାନାଏ ତାକାଇଚି । ତାକାଇଚି ବ୍ରିଟେନ ପୂର୍ବତନ ପ୍ରଧାନମନ୍ତ୍ରୀ ମାର୍ଗାରେଟ ଥାଚରଙ୍କ ଜଣେ ପ୍ରଶଂସକ ଭାବେ ବେଶ୍ ଜଣାଶୁଣା । ଖୁବ୍‌ଶୀଘ୍ର ତାଙ୍କର ପ୍ରଧାନମନ୍ତ୍ରୀ ହେବାର ସ୍ୱପ୍ନ ପୂରଣ ହେବାକୁ ଯାଉଛି । ଜାପାନରେ ବହୁମତ ହାସଲ କରିଥିବା ପାର୍ଟିର ଅଧ୍ୟକ୍ଷ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବାର ପରମ୍ପରା ରହିଆସିଛି । ତେଣୁ ତାକାଇଚି ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି । ତାଙ୍କୁ ପୂର୍ବତନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କ ନିକଟତର ଓ ଚୀନ୍-ବରୋଧୀ ନେତା ବୋଲି ବିବେଚିନା କରାଯାଏ ।



ତାକାଚାଇ ଜାପାନରେ ପୁରୁଷ ରାଜା ଶାସନର ସମର୍ଥକ ଭାବେ ବେଶ୍ ଜଣାଶୁଣା । ଏଥିସହ ସେ ରାଣୀ ରାଷ୍ଟ୍ରମୁଖ୍ୟ ଭାବେ ଶାସନ ଭାର ସମ୍ଭାଳିବା ବିପକ୍ଷରେ ରହିଥାନ୍ତି । ତାକାଚାଇ ୨୦୦୪ରେ ସାଥି ସାଂସଦ ତାକୁ ୟାମାମେଟୋଙ୍କୁ ବିବାହ କରିଥିଲେ । ତେବେ ୨୦୧୭ ଜୁଲାଇରେ ରାଜନୈତିକ ମତଭେଦ କାରଣରୁ ଦୁହେଁ ଅଲଗା ହୋଇଥିଲେ । କିନ୍ତୁ ୨୦୨୧ରେ ଦୁହେଁ ପୁଣି ଏକାଠି ହୋଇଥିଲେ ଓ ପୁଣିଥରେ ବିବାହ କରିଥିଲେ ।


# ଚୌଦ୍ୱାର ଜେଲ୍‌ରୁ ୨ କୁଖ୍ୟାତ ବିହାରୀ କଏଦୀ ଚମ୍ପଟ

ଚୌଦ୍ୱାର, ୪।୧୦ (ସମିସ): ଚୌଦ୍ୱାର ସର୍କଲ ଜେଲ୍‌ରୁ ୨ କୁଖ୍ୟାତ ବିହାରୀ କଏଦୀ ଗୁରୁବାର ବିଳମ୍ବିତ ରାତିରେ ଫେରାର୍ ହୋଇଯିବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ରାଜ୍ୟର ସର୍ବବୃହତ୍ ଜେଲ ଭାବେ ପରିଗଣିତ ଏହି ଜେଲର କଡ଼ା ସୁରକ୍ଷା

- ■ ଜ୍ୱୁଏଲାରୀ ଦୋକାନରୁ ଲୁଟ୍ ଓ ୨ଜଣଙ୍କୁ ଗୁଳି କରି ହତ୍ୟା କରିଥିଲେ
- ■ ତଦନ୍ତ ଆରମ୍ଭ, ୨ ୱାର୍ଡର୍ ନିଲମ୍ବିତ
- ■ ସୂଚନାଦାତାଙ୍କୁ ୫୦ ହଜାର ପୁରସ୍କାର ଘୋଷଣା
- ■ ରଡ୍ କାଟିବାକୁ ଆରି ଆଣିଲେ କେଉଁଠୁ?

ବ୍ୟବସ୍ଥା ସତ୍ତ୍ୱେ ଏହାର ସୁଉଚ୍ଚ ପାଚେରୀ ଡେଇଁ ୨ଜଣ କଏଦୀ ଫେରାର୍ ହୋଇଯିବା ଘଟଣା ଜେଲ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ମିଳିଥିବା ସୂଚନା ଅନୁଯାୟୀ, ବିହାର ରାଜ୍ୟର ମୁଫସିଲ ଥାନା ଅଧୀନ ଲୋହିଆ ନଗରର ରାଜା ସାହାଣୀ ଓ ଗୌର ଥାନା ରାମପୁର ଗ୍ରାମର ମଧୁକାନ୍ତ କୁମାର ନାମକ ୨ଜଣ କଏଦୀ ଗତ ୮ ମାସ ହେବ ଚୌଦ୍ୱାର ଜେଲ୍‌ରେ ବିଚାରାଧୀନ କଏଦୀ ଭାବେ ଥିଲେ। ବହୁଚର୍ଚ୍ଚିତ ଯାଜପୁର ଜିଲ୍ଲା ପାଣିକୋଇଲି ଅଞ୍ଚଳର ପଣ୍ଡା ସୁନା ଅଳଙ୍କାର ଦୋକାନରୁ ଲୁଟ୍ ଓ ସର୍ବସାଧାରଣରେ ୨ ଜଣଙ୍କୁ ଗୁଳି କରି ହତ୍ୟା କରିବା ଭଳି ସଂଗିନ୍ ଅପରାଧରେ ସେମାନେ ସାମିଲ ଥିଲେ। ଅଧିକ ସୁରକ୍ଷା ଦୃଷ୍ଟିରୁ ୮ ମାସ ତଳେ ଦୁହିଁଙ୍କୁ ଯାଜପୁର ରଗଡ଼ି ଜେଲ୍‌ରୁ ଚୌଦ୍ୱାର ଜେଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଏଠାକୁ ଆସିବା ପରଠାରୁ ସେମାନେ ଜେଲ୍‌ରୁ ଫେରାର୍ ହେବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। କିଛି ମାସ ତଳେ ଏହି ୨ ଅପରାଧୀ ଫେରାର୍ ହେବା ପାଇଁ ଜେଲ ପରିସରରେ ସିନ୍ଧି କରିବା ପାଇଁ ଯୋଜନା କରୁଥିବା ବେଳେ ପୂର୍ବତନ ଅଧୀକ୍ଷକଙ୍କ ହାତରେ ଧରାପଡ଼ିଥିଲେ। କିନ୍ତୁ ଏହି ଗୋଟିଏ ବିଫଳତାରେ ସେମାନେ ଅଟକି ଯାଇନଥିଲେ। ଜେଲ୍ ଭିତରେ ସେମାନଙ୍କୁ

ଦିଆଯାଇଥିବା କମ୍ବଳ ଓ ପିନ୍ଧାବସ୍ତ୍ରକୁ କାଟି ସେଥିରୁ ଦଉଡ଼ି ତିଆରି କରିଥିଲେ। ଦଶହରା ରାତିରେ ଜେଲ୍ ଭିତରେ ସମସ୍ତେ ଭୋଜିଭାତରେ ମସଗୁଲ୍ ରହିଥିବା ବେଳେ ଏହାର ସୁଯୋଗ ନେଇ ଅପରାଧୀଦ୍ୱୟ ସେମାନେ ରହୁଥିବା ସେଲର ସ୍ପେଶାଲ ଗ୍ରିଲକୁ କାଟି ଦେଇଥିଲେ। ପୂର୍ବରୁ ତିଆରି କରିଥିବା ଦଉଡ଼ି ଓ ବାଉଁଶ ସାହାଯ୍ୟରେ ଜେଲର ସୁଉଚ୍ଚ ପାଚେରି ଡେଇଁ ସେମାନେ ଫେରାର୍ ହୋଇଯାଇଥିଲେ।

ଏହି ଘଟଣା ଜଣାପଡ଼ିବା ପରେ ତୁରନ୍ତ ୨ଜଣ ୱାର୍ଡରଙ୍କୁ ନିଲମ୍ବନ କରାଯାଇଛି। ଜେଲର ସିସିଟିଭିକୁ ଯାଞ୍ଚ କରାଯିବା ସହ କାର୍ଯ୍ୟରେ ଅବହେଳା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜେଲ ଡିଜି ସୁଶାନ୍ତ କୁମାର ନାଥ ପ୍ରକାଶ କରିଛନ୍ତି। ଏହାବ୍ୟତୀତ ଫେରାର୍ ଦୁଇ ଅପରାଧୀଙ୍କ ସମ୍ପର୍କରେ ସଠିକ ସୂଚନା ଦେବା ବ୍ୟକ୍ତିବିଶେଷଙ୍କୁ ୫୦ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି କମିସନରେଟ୍ ପୁଲିସ ତରଫରୁ ଘେଷଣା କରାଯାଇଛି। ଜେଲ ଭିତରେ ରଡ୍ କାଟିବା ପାଇଁ ସେମାନେ ଆରି ବା ଅସ୍ତ୍ର ପାଇଲେ କିପରି, ତାହା ଏବେ ବି ପ୍ରଶ୍ନବାଚୀ ହୋଇ ରହିଛି।

## ଅକ୍ଟୋବର ୯ ରୁ ବିଜେଡିର ଜନସମ୍ପର୍କ ଅଭିଯାନ

# ଗାନ୍ଧୀ ମୂର୍ତ୍ତି ତଳେ ସଂକଳ୍ପନେଲେ ନେତା, କର୍ମୀ

ଭୁବନେଶ୍ୱର, ୪।୧୦(ସମିସ): ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପବିତ୍ର ଜୟନ୍ତୀ ଅବସରରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗୁରବାର ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଜନସମ୍ପର୍କ ଅଭିଯାନ ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉତ୍ତର

- ■ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀରେ ଦଳ ଜଣାଇଲା ଶ୍ରଦ୍ଧାଞ୍ଜଳି
- ■ ନଭେମ୍ବର ୯ ପର୍ଯ୍ୟନ୍ତ ଚାଲିବ ପଦଯାତ୍ରା
- ■ ପୂର୍ବ ସରକାରଙ୍କ ସଫଳତା, ଏବେର ସରକାରଙ୍କ ବିଫଳତା ସମ୍ପର୍କରେ ସଚେତନ କରିବେ



ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜନତା ମଇଦାନ ଗାନ୍ଧୀ ପାର୍କରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଜିଲ୍ଲା ବିଜେଡି ସଭାପତି ଅଶୋକ ପଣ୍ଡାଙ୍କ ଆବାହକତ୍ୱରେ ଜନସମ୍ପର୍କ ଅଭିଯାନର ସଂକଳ୍ପ ନିଆଯାଇଛି। ଏହି ଅବସରରେ ଦଳର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର ଜନସମ୍ପର୍କ ଅଭିଯାନର ସଂକଳ୍ପ ପାଠ କରାଇଥିଲେ।

ମହାତ୍ମା ଗାନ୍ଧୀ ଅହିଂସାର ପ୍ରତୀକ। ସମ୍ବିଧାନର ମୁଖବନ୍ଧରେ ଅହିଂସା ଶବ୍ଦକୁ ସ୍ଥାନ ଦେବାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ସବୁବେଳେ ଦାବି କରି ଆସୁଛନ୍ତି। ଅହିଂସା ଶବ୍ଦକୁ ସମ୍ବିଧାନର ମୁଖବନ୍ଧରେ ସ୍ଥାନ ଦେବା ପାଇଁ ବିଜେଡି ସଂଗ୍ରାମ ଜାରି ରଖିବ ବୋଲି ସଂକଳ୍ପ ନିଆଯାଇଛି। ଆସନ୍ତା ୯ ତାରିଖ ଗୋପବନ୍ଧୁ ଜୟନ୍ତୀରୁ ଆରମ୍ଭ ହେବାକୁ ଥିବା ପଦଯାତ୍ରାରେ ଘରକୁ ଘର ବୁଲି ନବୀନ ପଟ୍ଟନାୟକ ସରକାରଙ୍କ ସଫଳତା ଓ ବର୍ତ୍ତମାନର ବିଜେପି ସରକାରଙ୍କ ବିଫଳତା ନେଇ ବିଜେଡି ସଚେତନତା ସୃଷ୍ଟି କରିବ। ଏହା ନଭେମ୍ବର ୯ ଯାଏଁ ମାସେ ବ୍ୟାପୀ ପ୍ରତି ୱାର୍ଡ, ବ୍ଲକ, ପଞ୍ଚାୟତ, ଜିଲ୍ଲା ପରିଷଦ, ପୌରାଞ୍ଚଳ ଓ ନିର୍ବାଚନମଣ୍ଡଳୀରେ ଅନୁଷ୍ଠିତ ହେବ। ବିଶେଷକରି ଏହି ପଦଯାତ୍ରା ସମୟରେ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ନିଆଯାଇଥିବା ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡ଼ିକର ଅବତାରଣା କରାଯିବା ସହ ବର୍ତ୍ତମାନର ସରକାର ଦେଇଥିବା ପ୍ରତିଶ୍ରୁତି ପାଳନରେ ବିଫଳତା, ମହିଳାମାନଙ୍କୁ ପ୍ରତାରଣା ଓ ନିର୍ଯାତନା, ଆଇନଶୃଙ୍ଖଳାର ଅଧୋଗତି, ପଞ୍ଚାୟତରେ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ବ୍ୟବସ୍ଥାକୁ ଧ୍ୱଂସ କରିବାକୁ ଅଭିସନ୍ଧି, ଚାଷୀମାନଙ୍କ ସମସ୍ୟା ପ୍ରତି ବିମୁଖତା, ଯୁବସମାଜ ଓ ଛାତ୍ରଛାତ୍ରୀଙ୍କ ସମସ୍ୟା, ଦରଦାମ ବୃଦ୍ଧି, ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁଙ୍କୁ ଉପେକ୍ଷା ଆଦି ବିଭିନ୍ନ ପ୍ରସଙ୍ଗ ସଂପର୍କରେ ଲୋକଙ୍କୁ ସଚେତନ କରାଯିବ ବୋଲି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

ଜନସମ୍ପର୍କ ଅଭିଯାନ ସଂକଳ୍ପ ଅବସରରେ ବିଜେଡିର ବରିଷ୍ଠ ନେତା ସଞ୍ଜୟ ଦାସ ବର୍ମା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଯୁବ ସଭାପତି ଚିନ୍ମୟ ସାହୁ, ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ, ସାଧାରଣ ସମ୍ପାଦକ ବିଜୟ ନାୟକ, ସୁମିତ୍ରା ଜେନା, ମିନତି ବେହେରା, ସ୍ଥାନୀୟ କର୍ପୋରେଟର୍ ଓ ଦଳର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

■ ପାରିବାରିକ କଳହର କରୁଣ ପରିଣତି

# ସ୍ତ୍ରୀକୁ ପିଟିପିଟି ହତ୍ୟା

ଔପଦା,୪।୧୦(ସମିସ): ପାରିବାରିକ କଳହର କରୁଣ ପରିଣତି। ନିଜ ପରିବାରଠାରୁ ବି ଅଧିକ ବିଶ୍ୱାସ କରି ଯେଉଁ ମଣିଷର ହାତ ଧରିଥିଲେ, ସେ ହିଁ ପିଟିପିଟି ଜୀବନ ନେଇଗଲା। ଏଭଳି ଏକ ଦୁଃଖଦ ତଥା ଲୋମହର୍ଷକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଔପଦା ଥାନା ତଳକିଆ ପଞ୍ଚାୟତ ପ୍ରତାପପୁର ଗାଁରେ। ସ୍ତ୍ରୀକୁ ପିଟିପିଟି ହତ୍ୟା କରିଛି ସ୍ୱାମୀ। ମୃତ ମହିଳାଜଣଙ୍କ ହେଲେ, ମୟୂରଭଞ୍ଜ ଜିଲ୍ଲା ବାରିପଦା ପୂର୍ଣ୍ଣଚନ୍ଦ୍ରପୁର ଗାଁର କୁନୁ ବାଗଙ୍କ କନ୍ୟା ବିଷମା ବାଗ (୨୫)। ଏହି ଘଟଣାରେ ପୁଲିସ ବିଷମାଙ୍କ ସ୍ୱାମୀ ନିଶାକର ମାଣ (୩୩) ଓରଫ ଜଗାକୁ ଗିରଫ କରିଛି।



୪ବର୍ଷ ତଳେ ନିଶାକରଙ୍କୁ ବିଷମା ପ୍ରେମବିବାହ କରିଥିଲେ। ସେମାନଙ୍କର ଅଢ଼େଇ ବର୍ଷର ଏକ କନ୍ୟା ସନ୍ତାନ ଅଛି। ଗତକାଲି ରୋଷେଇକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା। ବିଷମାକୁ ନିସ୍ତୁକ ମାଡ଼ ମାରିବା ସହ ଜଗା ତାଙ୍କୁ ତଳେ କଚାଡ଼ି ଦେଇଥିଲା। ତେବେ ସନ୍ଧ୍ୟାରେ ବିଷମାଙ୍କ ଅବସ୍ଥା ଗୁରୁତର ହେବାରୁ ଜଗା ସ୍କୁଟିରେ ତାଙ୍କୁ ଖଇରା ମେଡ଼ିକାଲକୁ ନେଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ଦେଖି ଡାକ୍ତର ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ନେବା ରାସ୍ତାରେ ବିଷମାର ମୃତ୍ୟୁ ହେବା ଜାଣି ଭୟରେ ଜଗା ନିଜ ଘର ପ୍ରତାପପୁରକୁ ଫେରାଇ ଆଣିଥିଲା। ଖବର ପାଇ ବିଷମାର ବପା କୁନୁ ବାଗ, ମା' ପାର୍ବତୀ ବାଗ ଓ ସମ୍ପର୍କୀୟ ମାନେ ଆଜି ଭୋର ଆସି ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ଜଗା ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ ତାକୁ କାବୁ କରିଥିଲା।

ପରେ ମାଜିଷ୍ଟ୍ରେଟ୍ ଭାବେ ଔପଦା ତହସିଲଦାର ପ୍ରଜ୍ଞା ପରାମିତା, ଜିଲ୍ଲା ସାଇଟିଫିକ ଅଧିକାରିଣୀ ସାଲୁ ଟୁଡୁ, ଔପଦା ଥାନାଧିକାରୀ ପ୍ରମୋଦ କୁମାର ଦାସ, ଏସ୍‌ଆଇ ସୁଶୀଲ କୁମାର ମହନ୍ତ, ଏଏସ୍‌ଆଇ ଶରତ କୁମାର ବେହେରା ସଦଳବଳେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ସୋର ମେଡ଼ିକାଲକୁ ପଠାଇଥିଲେ। ବିଷମାର ବାପାଙ୍କ ଅଭିଯୋଗ ଆଧାରରେ ପୁଲିସ ଜଗାକୁ କୋର୍ଟଚାଲାଣ କରିଛି। ଅଢ଼େଇବର୍ଷର ଶିଶୁକନ୍ୟାକୁ ମୃତ ବିଷମାର ବାପା, ମା'ଙ୍କ ଜିମା ଦିଆଯାଇଛି।

## ଆବାସ ଗୃହ ଅର୍ଥ ହେରଫେର୍

# ବିଜାତଳା ବ୍ଲକ୍‌ରେ ଭିଜିଲାନ୍ସର ତଦନ୍ତ

ବାରିପଦା, ୪।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକ୍‌ରେ ଗ୍ରାମୀଣ ଆବାସ ଗୃହ ନିର୍ମାଣ ଯୋଜନା ଅର୍ଥ ହେରଫେର୍ ଘଟଣାରେ ଭିଜିଲାନ୍ସ ତଦନ୍ତ ଆରମ୍ଭ କରିଛି। ଗୁରବାର ଓ ଶୁକ୍ରବାର ଭୁବନେଶ୍ୱରରୁ ଏକ ଭିଜିଲାନ୍ସ ଟିମ୍ ବ୍ଲକ୍‌ରେ ପହଞ୍ଚି ଛାନଭିନ୍ କରିବା ସହ ବିଡିଓ ବଂଶୀଧର ଖୋସଲା ଓ ଅନ୍ୟ ୨ ଅଧିକାରୀଙ୍କୁ ପଚରାଉଚରା କରିଛନ୍ତି। ଏଥିସହ ଆବଶ୍ୟକ ପ୍ରମାଣପତ୍ର ମଧ୍ୟ ସଂଗ୍ରହ କରିଛନ୍ତି। ଶନିବାର ତଦନ୍ତକାରୀ ଦଳ ବିଡିଓଙ୍କ ସହ ବାରିପଦାସ୍ଥିତ ଜିଲ୍ଲା ପରିଷଦ ଉନ୍ନୟନ କାର୍ଯ୍ୟାଳୟରେ ପହଞ୍ଚି ଗ୍ରାମୀଣ ଆବାସ ଗୃହ ଯୋଜନା ବିଭାଗରେ ଆବଶ୍ୟକ ତଥ୍ୟ ସଂଗ୍ରହ ସହ ସନ୍ଦେହଯୁକ୍ତ କାଗଜପତ୍ର ସାଙ୍ଗରେ ନେଇଛନ୍ତି।

ବିଜାତଳା ବ୍ଲକ୍‌ରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣରେ ଲକ୍ଷାଧିକ ଟଙ୍କା ହେରଫେର ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ବିଡିଓ ବଂଶୀଧର ଖୋସଲା ଏହି ଅନିୟମିତତା ପାଇଁ ତାଙ୍କ ନିଜ କର୍ମଚାରୀଙ୍କ ବିରୋଧରେ ଏତଲା ଦେଇଥିଲେ। ବରିଷ୍ଠ ଅଧିକାରୀଙ୍କୁ ନେଇ ଗଠିତ ଭିଜିଲାନ୍ସ ଦଳ ଅଭିଯୋଗର ସମ୍ପୂର୍ଣ୍ଣ ତଥ୍ୟ ଯାଞ୍ଚ କରିବା ପାଇଁ ବିଜାତଳା ବ୍ଲକରେ ପହଞ୍ଚିଥିଲେ। ଏହି ଦଳ ଆୱାସଫ୍ଟ ପୋର୍ଟାଲରେ ଡିଜିଟାଲ୍ କାରବାର ରେକର୍ଡଗୁଡ଼ିକୁ ବ୍ଲକ ପ୍ରଶାସନ ଦ୍ୱାରା ରଖାଯାଇଥିବା ଫାଇଲ୍ ଏବଂ ଡକ୍ୟୁମେଣ୍ଟ ଯାଞ୍ଚ କରିଥିଲେ। ଗ୍ରାମୀଣ ଗୃହ ନିର୍ମାଣ ପୋର୍ଟାଲର ଦେୟ ଅନୁମୋଦନ, ହିତାଧିକାରୀ ତାଲିକା ଏବଂ ଲଗ୍-ଇନ୍ ରେକର୍ଡ ଯାଞ୍ଚ କରିଥିଲେ। ଅଭିଯୁକ୍ତ ଅଧିକାରୀ, ବ୍ଲକ ପ୍ରକଳ୍ପ ସଂଯୋଜକ (ବିପିସି) କୃଷ୍ଣଗୋପାଳ ଦାସ ଏବଂ ବ୍ଲକ ପ୍ରକଳ୍ପ ସହାୟକ (ବିପିଏ) ମାନଗୋବିନ୍ଦ ନାୟକ ପ୍ରୋତ୍ସାହନ ପାଣ୍ଠିକୁ ଅଯୋଗ୍ୟ ହିତାଧିକାରୀଙ୍କ ନିକଟକୁ ପଠାଇବା ପାଇଁ ବ୍ଲକର ଲଗ୍-ଇନ୍ ପ୍ରମାଣପତ୍ରକୁ ବେଆଇନ ଭାବରେ ପ୍ରବେଶ କରିଥିବା ଅଭିଯୋଗ ହୋଇଥିଲା। ତେବେ ତଦନ୍ତରୁ ଜଣାପଡ଼ିଛି ଯେ ଯାଞ୍ଚ କରାଯାଇଥିବା ୧୩ଜଣ ହିତାଧିକାରୀଙ୍କ ମଧ୍ୟରୁ ୮ ଜଣ ପ୍ରୋତ୍ସାହନ ପାଇଁ ଅଯୋଗ୍ୟ ଥିଲେ। ଏହା ସତ୍ତ୍ୱେ ଅଭିଯୁକ୍ତମାନେ ୧୦ରୁ ୨୦ ହଜାର ଟଙ୍କା ଲେଖାଏଁ ସେମାନଙ୍କ ଆକାଉଣ୍ଟ ଜରିଆରେ ଟ୍ରାନ୍ସଫର କରିଥିବା ଅଭିଯୋଗ ହୋଇଛି। ସେମାନେ ସମ୍ପୂର୍ଣ୍ଣ ଟଙ୍କା ଟ୍ରେଲ୍ ଏବଂ ଓଟିପି ଆଧାରିତ ପେମେଣ୍ଟ ସିଷ୍ଟମକୁ ବାଇପାସ୍ କରିବା ପାଇଁ ବ୍ୟବହୃତ ପଦ୍ଧତିକୁ ଠାବ କରିଥିବା ସାଂଘାତିକ ତଥ୍ୟ ଜଣାପଡ଼ିଛି।

ବିଡିଓଙ୍କ ଅଭିଯୋଗ ଅନୁସାରେ, ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ପୂର୍ବରୁ ଭାରତୀୟ ଦଣ୍ଡ ସଂହିତାର ପ୍ରାସଙ୍ଗିକ ଧାରା ଅନୁଯାୟୀ ଅନଧିକୃତ ପ୍ରବେଶ, ଅପରାଧିକ ବିଶ୍ୱାସ ଭଙ୍ଗ, ଠକେଇ ଏବଂ ଜାଲିଆତି ପାଇଁ ଏକ ମାମଲା ପଞ୍ଜୀକୃତ କରିଥିଲା; ଯାହାକୁ ଆଧାର କରି ଏହି ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି। ଅପରପକ୍ଷରେ ମାସକ ତଳେ ସେହି ବ୍ଲକର ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ଭିଜିଲାନ୍ସ ଗିରଫ କରିଥିଲା। ଲୁହାସିଲା ପଞ୍ଚାୟତର ପୂର୍ବତନ ପିଇଓ ପୁଷ୍ପିତା ମହାକୁଡ଼ ରାଇରଙ୍ଗପୁର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ବେଳେ ଗିରଫ ହୋଇଥିଲେ। ବରିଷ୍ଠ ନାଗରିକଙ୍କୁ ସରକାରଙ୍କ ପକ୍ଷରୁ ପ୍ରଦାନ ହେଉଥିବା ୫ ଲକ୍ଷ ୬୮ ହଜାର ୯୫୦ଟଙ୍କା ଭତ୍ତା ଟଙ୍କା ଆତ୍ମସାତ କରିଥିବା ନେଇ ଜଣାପଡ଼ିଥିଲା। ପରେ ଭିଜିଲାନ୍ସ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।

# ବନ୍ଧୁକ ଦେଖାଇ ମହିଳାଙ୍କୁ ଅପହରଣ

ବାରିପଦା,୪।୧୦(ସମିସ): ଏକଘରୋଇଇଂରାଜୀମାଧ୍ୟମବିଦ୍ୟାଳୟର ଜଣେ ମହିଳା କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଅପହରଣ କରାଯାଇଥିବା ନେଇ ଭଞ୍ଜପୁର ଥାନାରେ ଅଭିଯୋଗ ହୋଇଛି। ଅପହରଣର ଶିକାର ମହିଳାଜଣଙ୍କ ହେଲେ, ରଘୁନାଥପୁର ଅଞ୍ଚଳର ସବିତା ପାତ୍ର। ସବିତା ସ୍କୁଲରୁ ଡ୍ୟୁଟି ସାରି ଅପରାହ୍ଣରେ ଘରକୁ ଫେରୁଥିଲେ। ଏହି ସମୟରେ ଲିଟୁ ନାମକ ଜଣେ ବ୍ୟକ୍ତି ତାଙ୍କୁ ଅଟକାଇଥିଲା। ସେ କିଛି ବୁଝିବା ପୂର୍ବରୁ ଲିଟୁ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଏକ ଅଟୋରେ ବସିବାକୁ ବାଧ କରିଥିଲା। ସବିତା ଅଟୋରେ ବସିବା ପରେ ସେ ତାଙ୍କ ଉକ୍ତ ଅଟୋରେ ଅପହରଣ କରିନେଇଥିଲା। ସହର ବାହାରକୁ ତାଙ୍କୁ ନେଇଆସିବା ପରେ ଅନ୍ୟ ସହଯୋଗୀଙ୍କ ସହ ମିଶି ତାଙ୍କୁ ଏକ

**ବାଦାମବାଡ଼ିରୁ ଉଦ୍ଧାର**

କାର୍‌ରେ ନେଇଯାଇଥିଲା। ସେମାନେ କାର୍ ଭିତରେ ମହିଳାଙ୍କୁ ଏକ ନିଶ୍ଚେତକ ଇଂଜେକସନ୍ ଦେଇ ଅଚେତ କରି କଟକ ବାଦାମବାଡ଼ି ଅଞ୍ଚଳର ଏକ ଘରେ ବନ୍ଦୀ କରି ରଖିଥିଲେ। ତେବେ ଚେତା ଫେରିବା ପରେ ସବିତା ଜୋରରେ ଚିତ୍କାର କରିବାରୁ ସ୍ଥାନୀୟ ଲୋକଙ୍କ ନଜରକୁ ଆସିଥିଲା। ଖବର ପାଇ ବାଦାମବାଡ଼ି ପୁଲିସ ତାଙ୍କୁ ଉଦ୍ଧାର କରିଥିଲା। ପରିବାରଲୋକ ତାଙ୍କୁ ବାରିପଦା ଆଣିବା ପରେ ସବିତା ଏନେଇ ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଅପହରଣ ଓ ଆର୍ମସ୍ ଆକ୍ଟରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଗାଧୋଇବା ବେଳେ ବୁଡ଼ିଗଲେ ଦୁଇ ଭାଇ

ରାଉରକେଲା, ୪।୧୦(ସମିସ): ସୁନ୍ଦରଗଡ଼ ହେମଗିରି ଥାନା ଝୁମ୍ପୁରୁଙ୍ଗା ଗାଁରେ ପୋଖରୀରେ ଗାଧୋଇବା ବେଳେ ଦୁଇଭାଇ ବୁଡ଼ି ପ୍ରାଣ ହରାଇଛନ୍ତି। ସେମାନେ ହେଲେ, ଗ୍ରାମର ଚିତ୍ତ ମାକର ଓ ଦେବାଶିଷ ମାକର। ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ପୁଲିସ ଦୁଇଭାଇଙ୍କ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ ଏହି ଅଘଟଣ ଘଟିଥିଲା। ଚିତ୍ତ ଓ ଦେବାଶିଷ ଘରଠୁ ଅନତି ଦୂରରେ ଥିବା ଗାଁ ପୋଖରୀକୁ ଗୋଧୋଇବାକୁ ଯାଇଥିଲେ। ଗୋଧୋଇବା ବେଳେ ଦେବାଶିଷ ବୁଡ଼ି ଯାଉଥିବା ଦେଖି ବଡ଼ ଭାଇ ଚିତ୍ତ ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। ହେଲେ ସେ ମଧ୍ୟ ବୁଡ଼ି ଯାଇଥିଲେ। ପରିବାରଲୋକେ ସେମାନଙ୍କୁ ଖୋଜାଖୋଜି କରି ନ ପାଇବାରୁ ପୁଲିସକୁ ଜଣାଇଥିଲେ। ହେମଗିରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମବାହିନୀ ସହାୟତାରେ ରାତି ପ୍ରାୟ ୧୦ଟାରେ ୨ ଭାଇଙ୍କ ମୃତଦେହ ଉଦ୍ଧାର କରିଥିଲା। ଏନେଇ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ମୃତଦେହ ବ୍ୟବଚ୍ଛେଦ କରାଇଛି।

# ୧୫ ମାସରେ ୧୫ ପରୀକ୍ଷା ମହାଦୁର୍ନୀତି: କଂଗ୍ରେସ

ଭୁବନେଶ୍ୱର,୪।୧୦(ସମିସ): ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷାରେ ଯେଉଁଭଳି ଦୁର୍ନୀତି ଓ ଅନିୟମିତତା ଦେଖା ଦେଇଛି, ତାହା ରାଜ୍ୟର ଯୁବଶକ୍ତିର ଆସ୍ଥାକୁ ଭଙ୍ଗି ଦେଇଛି। ବର୍ଷକୁ ବର୍ଷ ଧରି ପରିଶ୍ରମ କରୁଥିବା ଯୁବକମାନେ ଆଜି ହତାଶାରେ ଥିବାବେଳେ ଦୁର୍ନୀତିଖୋରମାନେ ଖୋଲା ଘୂରି ବୁଲୁଛନ୍ତି। ବିଜେପି ଅମଳରେ ଗତ ୧୫ ମାସରେ ୧୫ଟି ପରୀକ୍ଷା ଦୁର୍ନୀତି ହୋଇ ସାରିଲାଣି। ଏହା ଏକ ଅନ୍ତଃରାଜ୍ୟ ରାକେଟ୍ ହୋଇଥିବାରୁ ତଦନ୍ତ ଭାର ସିବିଆଇକୁ ଦିଆଯାଉ ବୋଲି ଦାବି କରିଛି କଂଗ୍ରେସ। ସେହିପରି ପରୀକ୍ଷାର୍ଥୀଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ପ୍ରଦାନ ସହ ମାସିକ ୨୦ ହଜାର ଭତ୍ତା ଦିଆଯାଉ ବୋଲି କଂଗ୍ରେସ ଦାବି କରିଛି।

କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳ ବରିଷ୍ଠ ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି ଯେ ଏହି ଦୁର୍ନୀତି ପଛରେ ୨୫ ଲକ୍ଷ ଟଙ୍କାର ଡିଲ ହୋଇଛି। ଖୋଦ୍ ପୁଲିସ ଏହା ସ୍ୱୀକାର କରିଛି। ଗରିବ ବାପା ମା ଓ ତାଙ୍କ ପିଲାର ଭବିଷ୍ୟତକୁ ଚାକିରି ଦଲାଲମାନେ ଅନ୍ଧକାର କରି ଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସେହିପରି ଅନ୍ୟତମବରିଷ୍ଠ ମୁଖପାତ୍ର ସୋନାଲି ସାହୁ କହିଛନ୍ତି ଯେ ଓଡ଼ିଶାର ଯୁବକ ମାନଙ୍କୁ ଦାଦନ ଖଟିବାକୁ ସରକାର ବାଧ କରୁଛନ୍ତି। ଗରିବ, ଶ୍ରମିକଙ୍କ ପିଲାଙ୍କୁ ଚାକିରି ଦେବା ନାଁରେ ସରକାର ହଜାର



ଅନ୍ତଃରାଜ୍ୟ ରାକେଟ୍‌ର ହେଉ ସିବିଆଇ ତଦନ୍ତ

ହଜାର କୋଟି ଟଙ୍କା ଲୁଟୁଛନ୍ତି। ରାଜ୍ୟରେ ୧୫ ମାସର ସରକାରରେ ୧୫ ଥର ପ୍ରଶ୍ନ ପତ୍ର ଲିକ୍ ହୋଇଛି। ସରକାରୀ ମେଧାବୀ ଗରିବ ଯୁବକଙ୍କଠାରୁ ପରୀକ୍ଷା ଫିସ ବାବଦ କୋଟି କୋଟି ଟଙ୍କା ଆତ୍ମସାତ୍ ହୋଇଛି। ସରକାରଙ୍କ ପକ୍ଷରୁ ଯଦିଓ ଚାକିରି ପିଛା ୨୫ ଲକ୍ଷ ଟଙ୍କାର ପିସି କାରବାର ହୋଇଥିବା କୁହାଯାଉଛି, ବାସ୍ତବିକ୍ ଏଥିରେ ପାଖାପାଖି ୫୦ ଲକ୍ଷ ଟଙ୍କା ଅର୍ଥାତ୍ ସିଧାସଳଖ ୩୦୦ କୋଟି ଟଙ୍କାର ଦୁର୍ନୀତି ହୋଇଛି। ରାଜ୍ୟରେ ଗରିବ ପିଲାଙ୍କୁ ଲୁଟିବା ପାଇଁ ଏକ ଦୁର୍ନୀତିର ଚକ୍ରବ୍ୟୂହ ରଚନା କରାଗଲା। ପଞ୍ଚସଫ୍ଟର ମୁଖ୍ୟ ଶଙ୍କର ପୃଷ୍ଟିଙ୍କ ସମ୍ପର୍କ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ରହିଛି, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏହି ବ୍ୟକ୍ତିଙ୍କୁ ଦଳରେ ବିଧିବଦ୍ଧ ଭାବରେ ସାମିଲ କରିଥିଲେ। ଗରିବ ପିଲାଙ୍କୁ ଲୁଟି ଶଙ୍କର ପୃଷ୍ଟି ଜରିଆରେ ବିଜେପି ନେତାଙ୍କୁ ମାଲାମାଲ କରିବାକୁ ସୁଚିନ୍ତିତ ଷଡ଼ଯନ୍ତ୍ର ରଚାଯାଇଥିଲା। ଏହି ସ୍କାମ୍ ପଛରେ ଥିବା ବିଜେପିର ବଡ଼ ବଡ଼ ନେତା, ମନ୍ତ୍ରୀ, ପୁଲିସ କମିଶନରଙ୍କୁ ଥରେ ହେଲେ ବି ପଚରା ଉଚରା କରାଗଲା ନାହିଁ। ସମଗ୍ର ଘଟଣାରେ ମୁଖ୍ୟମନ୍ତ୍ରୀ ନିରବ କାହିଁକି ବୋଲି ଶ୍ରୀମତି ସାହୁ ପ୍ରଶ୍ନ କରିଛନ୍ତି। ସେହିପରି ବର୍ତ୍ତମାନ ଶାସନ ଯେଉଁ ରାବଣ ହାତରେ ରହିଛି ସେଥିରେ ଓଡ଼ିଶାର ଯୁବପିଢ଼ିଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲିହୋଇ ଯାଇଛି ବୋଲି ଅନ୍ୟତମ ମୁଖପାତ୍ର ଡ଼ ମନିଷା ଦାସ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି । ଛାତ୍ର ନେତା ତଥା ଅନ୍ୟତମ ମୁଖପାତ୍ର ବିଭୂତି ଭୂଷଣ ମହାପାତ୍ର ରାଜ୍ୟରେ ନିଯୁକ୍ତି ଦୁର୍ନୀତି ଏକ ବ୍ୟବସାୟ ହେଇଯାଇଛି ଓ ଏହି ବ୍ୟବସାୟୀ ମାନଙ୍କୁ ସରକାର ପ୍ରୋତ୍ସାହନ ଦେଉଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଥିଲେ।

# ଅମରେନ୍ଦ୍ର ମାଧବ ଦାଶଙ୍କୁ 'ବସନ୍ତ ମୁଦୁଲି କବିତା ପୁରସ୍କାର'

ଭଦ୍ରକ, ୪।୧୦(ସମିସ): ଦିବଂଗତ କବି ବସନ୍ତ ମୁଦୁଲିଙ୍କ ସ୍ମୃତିରେ ଗଠିତ କବି ବସନ୍ତ ମୁଦୁଲି ସ୍ମୃତି ସଂସଦ ତରଫରୁ ପ୍ରଦତ୍ତ କବି ବସନ୍ତ ମୁଦୁଲି କବିତା ପୁରସ୍କାର-୨୦୨୫ ପାଇବା ପାଇଁ କବି ଅମରେନ୍ଦ୍ର ମାଧବ ଦାଶ ଯୋଗ୍ୟ ବିବେଚିତ ହୋଇଛନ୍ତି। ସଂସଦର ସଭାପତି ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ଚୟନ କମିଟି ବୈଠକରେ ପ୍ରାକ୍ତନ ସଭାପତି ରଜନୀକାନ୍ତ ମହାନ୍ତି, ଆବାହକ ଅରୁଣ ଖିଲାର, କାର୍ଯ୍ୟକାରୀ ସଭାପତି ନିରାକାର ଦାସ, ଉପସଭାପତି କିଶୋର ପାଣିଗ୍ରାହୀ, ଯୁଗ୍ମ ସଂପାଦକ ଅମିତାଭ ଖିଲାର, କବିପୁତ୍ର ପାର୍ଥସାରଥି ମୁଦୁଲିଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ



ଥିଲେ। ରାଜ୍ୟର ୪୩ଜଣ ବରିଷ୍ଠ କବିଙ୍କଠାରୁ ଆସିଥିବା ସୁପାରିସକ୍ରମେ କବି ଅମରେନ୍ଦ୍ର ମାଧବ ଦାଶଙ୍କ ନାମ ଚୂଡ଼ାନ୍ତ ହୋଇଥିଲା।

୧୯୭୮ ମସିହାରେ ଜନ୍ମିତ ଅମରେନ୍ଦ୍ର ୭ଟି କବିତା ପୁସ୍ତକର ସ୍ରଷ୍ଟା। ତନ୍ମଧ୍ୟରୁ ଢେର ରାତି ହେଲାଣି, କାନ୍ଦକାନ୍ଦ ମଣିଷ, ଚିତ୍ର ଆଙ୍କୁଥିବା ପୁଅ, ଶବ୍ଦ, ଅଯୋଧ୍ୟା, କବିତା ଧାଡ଼ି ବାହାରେ ପୁସ୍ତକ ମାଧ୍ୟମରେ ସେ ବିପୁଳ ପାଠକୀୟତା ଲାଭ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଶିକ୍ଷା ଲାଭ କରିଥିବା ଏହି କବି ନିଜ କବିତା ପାଇଁ ଯୁବକବି ସମ୍ମାନ ଲାଭ କରିବା ସହିତ ଗଙ୍ଗାଧର ରଥ ଫାଉଣ୍ଡେସନ୍ ତରଫରୁ ମଧ୍ୟ ସୁବ୍ରତ ରଥ ସମ୍ମାନ ପାଇଛନ୍ତି। ଚଳିତବର୍ଷ ଭୁବନେଶ୍ୱରରେ ଆସନ୍ତା ନଭେମ୍ବର ୨ ତାରିଖରେ ଅନୁଷ୍ଠିତ ହେବାକୁ ଥିବା କବିଙ୍କ ସ୍ମୃତି ସମାରୋହରେ ତାଙ୍କୁ ଏହି ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ କରାଯିବ ବୋଲି ସଂସଦର ସଂପାଦକ କୃଷ୍ଣକୁମାର ମହାନ୍ତି ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

## ପୁଲିସ ଏସ୍‌ଆଇ ନିଯୁକ୍ତିରେ କେଳେଙ୍କାରୀ

# ସିବିଆଇ ତଦନ୍ତ ଦାବିକଲା ବିଜେଡି

ଭୁବନେଶ୍ୱର,୪।୧୦(ସମିସ): ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ଘଟଣାରେ ରାଜ୍ୟ ସରକାରଙ୍କର ପ୍ରଚ୍ଛନ୍ନ ହାତ ରହିଛି। ପୁଲିସ ବିଭାଗରେ ଏହି ଦୁର୍ନୀତି ହୋଇଥିବା ବେଳେ ବିଭାଗର ଏକ ଅଂଶ ଭାବେ ରହିଥିବା କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ କରିବା ଗ୍ରହଣୀୟ ନୁହେଁ। ତେଣୁ ଏପରି ସ୍ପର୍ଶକାତର ଘଟଣାର ସିବିଆଇ ତଦନ୍ତ ଦାବିରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ। ଆସନ୍ତା ସୋମବାର ଦିନ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ରାଜଧାନୀ ଭୁବନେଶ୍ୱରରେ ଧାରଣା ଦିଆଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

ଶନିବାର ଶଙ୍ଖ ଭବନରେ ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ପ୍ରୀତିରଞ୍ଜନ ଘଡେଇ ଓ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷାରେ ହୋଇଥିବା କେଳେଙ୍କାରୀ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି କହିଛନ୍ତି। ଶ୍ରୀ ଘଡେଇ କହିଛନ୍ତି ଯେ ଏହି ନିଯୁକ୍ତି ପରୀକ୍ଷାକୁ କରିବା ପାଇଁ ପ୍ରାଥମିକ ଭାବେ ଆଇଟିଆଇ ସଂସ୍ଥାକୁ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ଏହା ଦୁଇ ଦୁଇଟି ସଂସ୍ଥାକୁ ଆଉଟସୋର୍ସିଂ କରାଯାଇଥିଲା । ରାଜ୍ୟ ସରକାରଙ୍କ ଆଉଟସୋର୍ସିଂ ନୀତି ସ୍ପଷ୍ଟ ହେବା ଦରକାର । କାହା ନିର୍ଦ୍ଦେଶରେ ଏପରି ଏକ ଅନଭିଜ୍ଞ କମ୍ପାନୀକୁ ଆଉଟସୋର୍ସିଂ କରାଯାଇଥିଲା। ଏହି ଆଉଟସୋର୍ସିଂ ମାଧ୍ୟମରେ ଦୁର୍ନୀତି କରିବା ପାଇଁ ରାଜ୍ୟ ସରକାର ବାଟ ତିଆରି କରିଥିଲେ। ଏହି ଘଟଣାରେ ଓପିଆରବିର ଅଧ୍ୟକ୍ଷ ଓ ରାଜ୍ୟ ସରକାରଙ୍କ



ସୋମବାର ପ୍ରତିବାଦ ଶୋଭାଯାତ୍ରା

ଗୃହ ବିଭାଗର ସଚିବ ତଦନ୍ତ ପରିସରଭୁକ୍ତ ହେବା ଦରକାର । ରାଜ୍ୟର ହଜାର ହଜାର ଚାକିରୀ ଆଶାୟୀ ଯୁବକ ଆଜି ଏହି ଘଟଣାରେ ହତାଶ ହୋଇଛନ୍ତି। ବିଶେଷକରି ଏହି କେଳେଙ୍କାରୀରେ ପୁଲିସ ଅଧିକାରୀ ଅଭିଯୁକ୍ତ ରହିଥିବା ବେଳେ କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତରେ ନ୍ୟାୟ ମିଳିବା ନେଇ ସନ୍ଦେହ ରହିଛି । ତେଣୁ ସିବିଆଇ ତଦନ୍ତ ଏକ ମାତ୍ର ବିକଳ୍ପ। ଯଦି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ଘଟଣାରେ ତାଙ୍କର ସ୍ୱଚ୍ଛତା ପ୍ରତିପାଦନ କରିବାକୁ ଚାହୁଁଛନ୍ତି, ତାହେଲେ ତୁରନ୍ତ ଏହି ଘଟଣାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରନ୍ତୁ ବୋଲି ଶ୍ରୀ ଘଡେଇ କହିଛନ୍ତି।

ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ କହିଛନ୍ତି ଯେ ଚାକିରୀ ବିକ୍ରି ଘଟଣା ହେଉଛି ରାଜ୍ୟ ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ। ଚଳିତ ବର୍ଷ ମାର୍ଚ୍ଚ ୭ ଓ ୮ ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରିଦିଆଯାଇଥିଲା । ଚାକିରୀ ବିକ୍ରି କରି ମୋଟା ଅଙ୍କର ଅର୍ଥ ଆଦାୟ କରିବା ଯୋଜନାର ମୂଳ ଉଦ୍ଦେଶ୍ୟ ଥିଲା। ନିଯୁକ୍ତି ପରୀକ୍ଷା ଆୟୋଜନ କରିବାରେ ତିଳେ ମାତ୍ର ଅଭିଜ୍ଞତା ନ ଥିବା ସଂସ୍ଥା ପଞ୍ଚସଫ୍ଟକୁ ଆଉଟସୋର୍ସିଂ କରାଯାଇଥିଲା। ଏହି କମ୍ପାନୀ ମାଧ୍ୟମରେ ଆଶାୟୀମାନଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରାଯାଇଥିଲା । ପ୍ରତି ଆଶାୟୀଙ୍କ ଠାରୁ ଦଶ ଲକ୍ଷଟଙ୍କା ଅଗ୍ରୀମ ଆକାରରେ ଆଦାୟ ହୋଇସାରିଥିଲା ଓ ସର୍ତ୍ତ ଅନୁସାରେ ଚାକିରୀ ପାଇବା ପରେ ଆଉ ପନ୍ଦର ଲକ୍ଷ ଦେବାକୁ ବାକି ରହିଥିଲା। କିନ୍ତୁ ବ୍ରହ୍ମପୁରରେ ସେମାନଙ୍କୁ ଏକତ୍ରିତ କରି ଶ୍ରୀକାକୁଲମ ନେବା ପୂର୍ବରୁ ଆଶାୟୀମାନଙ୍କୁ ସେମାନଙ୍କ ଅରିଜିନାଲ ସାର୍ଟିଫିକେଟ ସଂସ୍ଥା ପାଖରେ ବନ୍ଧକ ରଖିବାକୁ କୁହାଯାଇଥିଲା । କିଛି ଆଶାୟୀ ଏହି ସର୍ତ୍ତରେ ରାଜି ହୋଇ ନଥିବାରୁ ଘଟଣା ବିଷୟରେ ପୁଲିସକୁ ଖବର ଯାଇଥିଲା ଓ ଶ୍ରୀକାକୁଲମ ଠାରେ ପୁଲିସ ଗିରଫ କରିଥିଲା। ତେଣୁ ଏହି ଘଟଣାରେ ସିବିଆଇ ତଦନ୍ତ ହେବାର ସର୍ବାଧିକ ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

# ର ହେଲା କବ ।ସ୍ଥ୍ୟସ୍ଥଧ୍ୟୋକେ



ଦାନଗଦି,୪।୧୦(ସମିସ): ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍, ଲାଷ୍ଟ ମାଇଲ୍ କେୟାର ସହିତ ମିଳିତ ଭାବରେ ଆଜି ଏହାର ଯାଜପୁରସ୍ଥିତ ପ୍ଲାଣ୍ଟର ଗେଟ୍ ନମ୍ବର ୩ ନିକଟସ୍ଥ ଲଜିଷ୍ଟିକ୍ ପାର୍କରେ କବଚ୍ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା କେନ୍ଦ୍ର ଉଦ୍‌ଘାଟନ କରିଛି। ଏହି କାର୍ଯ୍ୟକ୍ରମ ପ୍ଲାଣ୍ଟ ସହିତ ଜଡ଼ିତ ଡ୍ରାଇଭର ଏବଂ ଅନ୍ୟାନ୍ୟ ପରିବହନ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହାକୁ ଉଦ୍‌ଘାଟନ କରିବା ଅବସରରେ ଜେଏସ୍ଏଲର ବରିଷ୍ଠ ଉପାଧ୍ୟକ୍ଷ ଅବନୀନ୍ଦ୍ର କୁମାର ସିଂ 'କବଚ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା କେନ୍ଦ୍ର ଲଜିଷ୍ଟିକ୍ସ ଇକୋସିଷ୍ଟମର ମେରୁଦଣ୍ଡ ଗଠନ କରୁଥିବା କର୍ମଚାରୀଙ୍କୁ ୨୪ ଘଣ୍ଟା ଚିକିତ୍ସା ସହାୟତା, ପ୍ରତିରୋଧକ ସ୍ୱାସ୍ଥ୍ୟ ସେବା ଏବଂ ସୁସ୍ଥତା ସୁବିଧା ଯୋଗାଇଦେବ ବୋଲି କହିଥିଲେ। ଏହି ଅବସରରେ ଏଲ୍ଏମ୍ସି ମୋବାଇଲ୍ ଆପ୍ଲିକେସନ୍‌ର ଓ ପାଇଲଟ୍ କେୟାର କିଟ୍ ପ୍ରଚଳନ ଆରମ୍ଭ କରାଯାଇଥିଲା। ଲାଷ୍ଟ ମାଇଲ୍ କେୟାର ଦ୍ୱାରା ପରିଚାଳିତ କବଚ କେନ୍ଦ୍ର ପରିବହନ ସମ୍ପ୍ରଦାୟ ପାଇଁ ବ୍ୟାପକ ପ୍ରତିରୋଧକ ଏବଂ ପ୍ରାଥମିକ ଯତ୍ନ ସେବା ପ୍ରଦାନ କରିବ। ଭବିଷ୍ୟତରେ ଏହି କାର୍ଯ୍ୟକ୍ରମର ସଫଳତାକୁ ଦୃଷ୍ଟିରେ ରଖି ଏହାକୁ ବ୍ୟାପ୍ତ କରିବାର ଯୋଜନା ରହିଛି ବୋଲି ଲଜିଷ୍ଟିକ ମୁଖ୍ୟ ରାଜ ଆଲୋକ କହିଛନ୍ତି। ଏହି ଉଦ୍‌ଘାଟନ ଅବସରରେ କମ୍ପାନୀର ନିର୍ଦ୍ଦେଶକ ଓ ସହ ସଂସ୍ଥାପକ ପୂଜା ଜୟସୱାଲ, ସଞ୍ଜୀବ ସିଂହ, ଅନୁ ସିଂହ, ଆଶିଷ ଶୁକ୍ଳା, ମନୋଜ କୁମାର ଏବଂ ମଧୁସ୍ମିତା ନନ୍ଦଙ୍କ ସମେତ ଲାଷ୍ଟ ମାଇଲ୍ କେୟାରର ପ୍ରତିନିଧିମାନେ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଖରୀରେ ବିଷ ପକାଇଦେଲେ ଦୁର୍ବୃତ୍ତ

ପାଣିକୋଇଲି,୪।୧୦(ସମିସ): ପାଣିକୋଇଲି ପଞ୍ଚାୟତ ୨ ନମ୍ବର ୱାର୍ଡରେ ଥିବା ବେନୁଆ ପୋଖରୀରେ କେହି ଦୁର୍ବୃତ୍ତ ବିଷ ପକାଇ ଦେବାରୁ ସମସ୍ତ ମାଛ ମରି ଯାଇଛନ୍ତି। ଏନେଇ ଗ୍ରାମବାସୀ ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଥାଉକି ପୂର୍ବରୁ ୨୦୧୭ ମସିହାରୁ ନିଲାମ ନେଇଥିବା ବ୍ୟକ୍ତିଙ୍କ ଦୌରାମ୍ୟରେ ଗ୍ରାମବାସୀ ବିଡିଓ ଓ ସରପଞ୍ଚଙ୍କ ନିକଟରେ ଅଭିଯୋଗ କରିଥିଲେ। ଫଳରେ ତାଙ୍କ ନିଲାମ ବାତିଲ କରାଯାଇ ଗ୍ରାମବାସୀଙ୍କୁ ନିଲାମ ଦିଆଯାଇଥିଲା। ଏନେଇ ଶତ୍ରୁତା ଲାଗିରହିଥିଲା। ମାତ୍ର କେହି ଦୁର୍ବୃତ୍ତ ବିଷ ପକାଇ ଦେବାରୁ ପୋଖରୀର ସମସ୍ତ ମାଛ ମରିଯାଇଛନ୍ତି। ଏନେଇ ଅଭିଯୋଗ ପରେ ପୁଲିସ ତଦନ୍ତ ଜାରି ରଖିଛି।

# ରଯ୍ୃ ଙେ ଲା ନିେଲେ ।

ଧର୍ମଶାଳା,୪।୧୦(ସମିସ)



ଧର୍ମଶାଳା ବ୍ଲକର ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ମା' ଦୁର୍ଗାଙ୍କ ଭସାଣି ଉତ୍ସବ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ମହୋତ୍ସବ ପୂଜା କମିଟି ଜାରକା ପକ୍ଷରୁ ମା' ଦୁର୍ଗାଙ୍କ ମେଢ଼କୁ ଏକ ସୁସଜ୍ଜିତ ଗାଡ଼ିରେ ରଖାଯାଇ ରୋଶଣିରେ ଜାରକା ବଜାର ପରିକ୍ରମା କରାଯାଇ ଧର୍ମଶାଳା ବଜାରକୁ ନିଆଯାଇଥିଲା। ସେଠାରେ ଧର୍ମଶାଳା ବଜାର ଦୁର୍ଗା ମେଢ଼ ଏହି ଭସାଣି ଉତ୍ସବରେ ସାମିଲ ହୋଇଥିଲେ। ସେଠାରୁ ମିଳିତ ଭାବେ ଉଭୟ ମେଢ଼କୁ ବ୍ରାହ୍ମଣୀ ନଦୀକୁ ନିଆଯାଇ ସେଠାରେ ବିସର୍ଜନ କରାଯାଇଥିଲା। ଏହି ଭସାଣୀ ଉତ୍ସବରେ ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପୂଜା କମିଟିର ସଭାପତି ରବିନ୍ଦ୍ର କୁମାର ସାହୁ, ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ଉପସଭାପତି ସର୍ବେଶ୍ୱର ବେହୁରା, ସହ ସମ୍ପାଦକ ଜିତେନ୍ଦ୍ର ରାଉତ, କୋଷାଧ୍ୟକ୍ଷ ଶରତ କୁମାର ଓଝା, ସଂଯୋଜକ ଦେବରାଜ ମିଶ୍ର, ରାଜେଶ ପାଳ, କାଶୀନାଥ ସାହୁ, ସବ୍ୟସାଚୀ ସୁନ୍ଦରରାୟ, ରାଜ କିଶୋର ଶତପଥୀ, ସୁଦାମ ବେହେରା, ସୁଧାଂଶୁ ଶେଖର ମହାନ୍ତି, କିଶୋର ନାୟକ, ଅର୍ଜୁନ ସାହୁ, ଅଜୟ କୁମାର ମହାପାତ୍ର ଏବଂ ଧର୍ମଶାଳା ବଜାର ପୂଜା କମିଟି ପକ୍ଷରୁ ବିବେକାନନ୍ଦ ନାୟକ, ଆକୁଳି ସ୍ୱାଇଁ,ରବିନ୍ଦ୍ର କୁମାର ମହାନ୍ତି, ବିଚିତ୍ର ସ୍ୱାଇଁଙ୍କ ମନୋଜ ରାଉଳ, ପ୍ରମୁଖ ସଦସ୍ୟମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

**ପାଣିକୋଇଲି** : ପାଣିକୋଇଲିରେ ମା' ଦୁର୍ଗାଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପୁଲିସ ମୁଖ୍ୟାଳୟ ପକ୍ଷରୁ ଭସାଣ ଉତ୍ସବ କରାଯାଇଥିବା ବେଳେ ଦୁର୍ଗା ମାର୍କେଟ ପକ୍ଷରୁ ମଧ୍ୟ ଭସାଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଏସ୍‌ପି ଯଶ ପ୍ରତାପ ଶ୍ରୀମଲ, ଅତିରିକ୍ତ ଏସ୍‌ପି ଶୀତକଣ୍ଠ କାନୁନଗୋ, ସଂଘ ସଭାପତି ଦିଲ୍ଲୀପ ଦାସ, କାହ୍ନୁ ଚରଣ ପରିଡା, ସୁଜିତ କର, ସତ୍ୟବ୍ରତ ସାହୁ, ଶତ୍ରୁଘ୍ନ ସ୍ୱାଇଁ, ଡିଡି ବେହେରା, ଆନନ୍ଦ ଲିମାଙ୍କ ସମେତ ଅଧିକାରୀ/ କର୍ମଚାରୀ ଯୋଗଦେଇଥିଲେ। ସେହିପରି ଦୁର୍ଗା ମାର୍କେଟ ପକ୍ଷରୁ ସଭାପତି ଅଜୟ ସାହୁ, ସମ୍ପାଦକ ପ୍ରଦୀପ ମାଝୀ, ଡା. ନିର୍ମଳ ରଥ, ଆଲୋକ ପରିଡା, ଅନିରୁଦ୍ଧ ସ୍ୱାଇଁ, ଜଳଧର ଓଝାଙ୍କ ସମେତ ସମସ୍ତ ସଦସ୍ୟ ଯୋଗଦେଇଥିଲେ।

# ସଚେତନତା ଅଭିଯାନ

ବଡ଼ଚଣା,୪।୧୦(ସମିସ): ବଡ଼ଚଣା ବ୍ଲକ୍ ବନ୍ତଳା ଗ୍ରାମପଞ୍ଚାୟତ ଅନ୍ତର୍ଗତ କପାଷ୍ଟିକିରୀ ଗ୍ରାମରେ ଆମ୍ବେଦକର ସେବା ସମିତି ମଞ୍ଚ ପକ୍ଷରୁ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ମଞ୍ଚ ସଭାପତି ତ୍ରିଲୋଚନ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବକ୍ତା ଭାବେ ଅଭିମନ୍ୟୁ ଜେନା, ପଞ୍ଚାନନ ମଲ୍ଲିକ, ବିଜୟ କୁମାର ମଲ୍ଲିକ, ଶତ୍ରୁଘ୍ନ ମଲ୍ଲିକ, ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଯୋଗଦେଇ ଲୋକମାନଙ୍କ ମଧ୍ୟରେ ନିଶା ନିବାରଣ, ଆର୍ଥିକ ସ୍ୱାବଲମ୍ବୀ ଓ ଆତ୍ମ ନିର୍ଭରଶୀଳ ଉପରେ ଆଲୋଚନା କରିଥିଲେ। ପରେ ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କଟିଥିଲା। ପରେ ଗ୍ରାମ ତାରିଣୀ ମନ୍ଦିର ପରିସରରେ ବୃକ୍ଷରୋପଣ କରାଯିବା ସହିତ ଗ୍ରାମର ଆସହାୟ ଗରିବ ମହିଳା ମାନଙ୍କୁ ଶାଢ଼ି ବଣ୍ଟନ କରାଯାଇଥିଲା।

# ୫ରେ ଚେସ୍ ସଂଘର ନିର୍ବାଚନ

ବଡଚଣା,୪।୧୦(ସମିସ): ଯାଜପୁର ଜିଲ୍ଲାର ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ ଯାଜପୁର ୟୁନାଇଟେଡ ଚେସ ଆସୋସିଏସନ୍‌ର ନିର୍ବାଚନ ଆଗାମୀ ଅକ୍ଟୋବର ୫ ତାରିଖରେ ଅନୁଷ୍ଠିତ ହେବ। ସଭାସତି, ଦୁଇଜଣ ଉପସଭାପତି ଜଣେ ସଂପାଦକ, ଦୁଇଜଣ ସହ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ସମେତ ୬ ଜଣ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ସଭ୍ୟଙ୍କୁ ନିର୍ବାଚିତ କରିବା ପାଇଁ ଏହି ନିର୍ବାଚନ ଅନୁଷ୍ଠିତ ହେବ। ଚଣ୍ଡିଖୋଲ ଗାନ୍ଧୀଛକସ୍ଥିତ କାଲାମ ଇନ୍‌ଷ୍ଟିଚୁସନ୍‌ଠାରେ ଏହି ନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିର୍ବାଚନ ଅଧିକାରୀ ଆଡଭୋକେଟ କୁମର ପ୍ରାସାଦ ବେହେରା ଜଣାଇଛନ୍ତି। ଆଜି ନାମାଙ୍କନ ପତ୍ର ପ୍ରତ୍ୟାହାର ଶେଷ ତାରିଖ ଥିବା ବେଳେ କେବଳ ସମ୍ପାଦକଙ୍କୁ ଛାଡ଼ି ଆଉ ସମସ୍ତ ପଦବୀ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ଘୋଷିତ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ଶ୍ରୀ ବେହେରାଙ୍କ ପ୍ରକାଶ କରିଛନ୍ତି।

# ଲେଖକ ସଂଘର ବାର୍ଷିକ ଉତ୍ସବ

ଧର୍ମଶାଳା,୪।୧୦(ସମିସ): ଧର୍ମଶାଳା ପ୍ରେସ୍ କ୍ଲବ ପରିସରରେ ଗ୍ରାମାଞ୍ଚଳ ଲେଖକ ସଂଘର ବାର୍ଷିକ ଉତ୍ସବ ଓ ମୁଖପତ୍ର 'ପଲ୍ଲୀବଧୂ'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳ ଲେଖକ ସଙ୍ଘର ସଭାପତି ବିବେକାନନ୍ଦ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବରେ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ଅବସରପ୍ରାପ୍ତ ପ୍ରଧାପକ ତଥା ସାହିତ୍ୟିକ ଗୌତମ ଜେନା, ମନୋରଞ୍ଜନ ବେହୁରା ପ୍ରମୁଖ ଯୋଗଦେଇ ପଲ୍ଲୀବଧୂ ପତ୍ରିକା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଗ୍ରାମାଞ୍ଚଳ ଲେଖକ ସଂଘ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସାହିତ୍ୟିକ ଯତିନ୍ଦ୍ର ରାଉତ, ଶିକ୍ଷାବିତ ଭିକାରୀ ସାମଲ, ଯୁବ ଉଦ୍ୟୋଗୀ ବ୍ରାହ୍ମାନନ୍ଦ ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ଆଦିତ୍ୟ ମାହୁନ୍ତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ ଗଣେଶ୍ୱର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଶୁତୋଷ ଦେବୀ ପ୍ରସାଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଗେଶ୍ୱର ସାମଲ, ଏକାଦଶୀ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଭିନ୍ନ ସ୍ଥାନରେ ଗାନ୍ଧୀ ଜୟନ୍ତୀ





ବଡ଼ଚଣା,୪।୧୦(ସମିସ)

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ବଡ଼ଚଣା ବିଜେଡି ପକ୍ଷରୁ ପାଳିତ ହୋଇ ଯାଇଛି। ଏଥିରେ କ୍ୟାପଟେନ ରାଜନାରାୟଣ ମହାପାତ୍ର, ବ୍ଲକ ସଭାପତି ତାପସ ଚନ୍ଦ୍ର ରାୟ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ପ୍ରହଲ୍ଲାଦ ନନ୍ଦ, ଧନେଶ୍ୱର ବେହେରା, ଜ୍ଞାନରଞ୍ଜନ ସାହୁ, ଧୁଲେସ୍ୱର ଦାସ, ମାଧବାନନ୍ଦ ମହାପାତ୍ର, କ୍ଷୀତିଶ ନାୟକ, ରାଜେଶ ନାୟକ, ବିଜୟ କୁମାର ସ୍ୱାଇଁ, ସଞ୍ଜୟ ବେହେରା, ରମାକାନ୍ତ ଖୁଣ୍ଟିଆ, ପ୍ରକାଶ କୁମାର ପ୍ରଧାନ, ବିନୟ ପୃଷ୍ଟି, ଆଶିଷ ରଞ୍ଜନ ଚୌଧୁରୀ, ଯଶୋଦିପ୍ତ ସାମଲ, ରାଜ କିଶୋର ସ୍ୱାଇଁ, ନରହରି ସ୍ୱାଇଁ, ତୁଷାର ରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ବୈରୀ ଷ୍ଟେସନରେ ଗାନ୍ଧିଜୀଙ୍କ ଉଦ୍ଦେଶ୍ୟରେ ରଘୁପତି ରାଘବ ପାଠ କରାଯାଇ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ସୋଲର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ, ଚମ୍ପାପୁର ଓ ବନ୍ଦାଳଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

**ଧର୍ମଶାଳା** : ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଅରଙ୍ଗାବାଦ ଗ୍ରାମଠାରେ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ଗାନ୍ଧି ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସଭାରେ ମୁଖ୍ୟଅତିଥି ଭାବେ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଶାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଅଭିମନ୍ୟୁ ଧଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପଣ୍ଡା ଯୋଗଦେଇଥିଲେ। ଏଥିରେ ଜଳଧର ମଳିକ, ବ୍ରଜମୋହନ ମହାନ୍ତି, ପ୍ରଶାନ୍ତ ଜେନା, ରବିନ୍ଦ୍ର ନାଏକ ପ୍ରମୁଖ ଯୋଗଦେଇ ଥିଲେ। ଗାନ୍ଧୀବାଦର ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବନ୍ଦେ ଉତ୍କଳ ଜନନୀର ପ୍ରତିଷ୍ଠାତା ରବି ଲାବଣ୍ୟଙ୍କର ଭୂମିକାକୁ ଅତିଥିମାନେ ମନେପକାଇଥିଲେ। ଅନୁଷ୍ଠାନର ସମ୍ପାଦକ ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

**ଯାଜପୁର** : କଂଗ୍ରେସ ପକ୍ଷରୁ ଜାତିର ଜନକ ମାହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଯାଜପୁର ବିଧାନସଭା ମଣ୍ଡଳୀର ନେତା ସୁଦିପ କୁମାର କରଙ୍କ ଆବାହକତ୍ୱରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କଂଗ୍ରେସ କାର୍ଯ୍ୟାଳୟରେ ପୂର୍ବତନ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ନେତା ନାରାୟଣ ଚନ୍ଦ୍ର ସାମନ୍ତ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ସନ୍ତୋଷ ନନ୍ଦ, ଦିଗମ୍ବର କର, ଦୁର୍ଯ୍ୟୋଧନ ବେହେରା, ପୂର୍ଣ୍ଣଚନ୍ଦ୍ର ଜେନା, ଗଦାଧର ଦାସ, ଆଲୋକ ବେହେରା, ଭାସ୍କର ମହାନ୍ତି, ଅବ୍ଦୁଲ ହୋସେନ୍ ଖାଁନ୍, ନିକୁଞ୍ଜ ସାମଲ, ନକୁଳଦେବ ସାହୁ, କୁର୍ସିଦ୍ ଖାଁନ୍ ପ୍ରମୁଖ ଯୋଗଦେଇଥିଲେ।

**ପ୍ରୀତିପୁର** : ବରୁଣେଶ୍ୱର ମହାବିଦ୍ୟାଳୟ ପରିସରରେ ଅଖିଳଚକ୍ର ଓ ଉଦୟଭାନୁ କ୍ଲବର ମିଳିତ ଉଦ୍ୟମରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ ସହିତ ସ୍ୱଚ୍ଛ ଭାରତ, ନିଶା ନିବାରଣ ଆଦି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ପ୍ରାଧ୍ୟାପକ ପ୍ରସନ୍ନ କୁମାର ରାଉତ ଏହାକୁ ଉଦଘାଟନ କରିଥିଲେ। ଏଥିରେ ସାଧାରଣ ସମ୍ପାଦକ ହରେକୃଷ୍ଣ ପଣ୍ଡା, ସହସମ୍ପାଦକ ରବୀନ୍ଦ୍ର କୁମାର ପରିଡା, ମୁଖ୍ୟବକ୍ତା ଭାବେ ଡ. ଶ୍ରୀହରି ଧଳ, ସହସମ୍ପାଦକ ଗୌରାଙ୍ଗ ସ୍ୱାଇଁ, ଶିକ୍ଷା ସଂଗଠକ ପୀତାମ୍ବର ସ୍ୱାଇଁ, ଅକ୍ଷୟ କୁମାର ସେଠୀ, ଶିକ୍ଷାବିତ ମନୋରଞ୍ଜନ ଧଳ, ଶାନ୍ତାକାର ବେହୁରିଆ, ପ୍ରଭାତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦିତ୍ୟ ସାହୁ, ଦୀପ୍ତିରଂଜନ ମହାନ୍ତି, ଜୀତେନ୍ଦ୍ର ପରିଡା, ପାର୍ଥସାରଥୀ ପରିଡା, ନିର୍ମାଲ୍ୟ ପରିଡା, ଅନଙ୍ଗ ରାୟ, ରୋହନ ସାମଲ, ବିଶ୍ୱଜିତ ପରିଡା ପ୍ରମୁଖ ଶୋଭାଯାତ୍ରରେ ସାମିଲ ହୋଇଥିଲେ।

# ହାବିଲଦାର ଓ କନଷ୍ଟେବଲ ସଂଘର ନୂତନ ଗୃହ ଶିଳାନ୍ୟାସ

ପାଣିକୋଇଲି,୪।୧୦(ସମିସ): ଜିଲ୍ଲା ପୁଲିସରେ କାର୍ଯ୍ୟରତ ହାବିଲଦାର ଓ କନଷ୍ଟେବଲ ସଂଘର କର୍ମଚାରୀମାନଙ୍କ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଏକ ନୂତନ ଚିତ୍ତବିନୋଦନ ୃହର ଶିଳାନ୍ୟାଶ ହୋଇଯାଇଛି। ଯାଜପୁର ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କୋରାଇ ବିଧାୟକ ଆକାଶ ଦାସନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସାଂସଦଙ୍କ କୋରାଇ ପ୍ରତିନିଧି ପ୍ରମୋଦ କୁମାର ସାହୁ, ମଣ୍ଡଳ ସଭାପତି ଭାସ୍କର ଚନ୍ଦ୍ର ସାହୁ, କୋରାଇ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପରିଚାଳକ ଶେଖ ଜହର ଅଲ୍ଲୀ, ଅଶୋକ ବାରିକ, ନାରୀ ନେତ୍ରୀ ଜୟନ୍ତୀ ସାହୁ, ଦିପ୍ତିମୟୀ କୁଅଁର, ସୂର୍ଯ୍ୟମଣି ପଣ୍ଡା,ଚିତ୍ତରଞ୍ଜନ ସାହୁ, ଯୁବ ନେତା ହରେକୃଷ୍ଣ ସାହୁ, ଅଶୋକ କୁମାର ଦାସ, ଗୋଳେଇପୁର ସରପଞ୍ଚ ସସ୍ମିତା ମାଝୀ, ହାବିଲଦାର ଓ କନଷ୍ଟେବଲ ମହାସଂଘର ସଭାପତି ଦିଲ୍ଲିପ କୁମାର ଦାସଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ।





















## ଗାଡ଼ି ସାଇଡ୍ ମାରିବାକୁ ନେଇ ଗଣ୍ଡଗୋଳ; ୪ ଗୁରୁତର

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଫାଣ୍ଡି ଘେରାଉ

ଦାନଗଦି,୪।୧୦(ସମିସ)

ଦାନଗଦିର ତ୍ରିଜଙ୍ଗା କଲୋନୀ ପ୍ରବେଶପଥ ନିକଟରେ ଏକ ବାଇକ୍ ଓ ଅନ୍ୟ ଏକ କାର୍ ମଧ୍ୟରେ ସାଇଡ୍ ମରାକୁ ନେଇ ଗଣ୍ଡଗୋଳ ଘଟିଛି। ଏଥିରେ ୩ ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ଘଟଣା ପରେ ଦାନଗଦି ଫାଣ୍ଡିରେ ଉଭୟ ପକ୍ଷ ଅଭିଯୋଗ କରିଛନ୍ତି। ଘଟଣାରେ ପୁଲିସ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ତ୍ରିଜଙ୍ଗା (ନିୟୁ ସିଆରିଆ) କଲୋନୀର ସେକ୍ ଗ୍ୟାଶୁଦ୍ଦିନଙ୍କ ପୁଅ ଅବୁ ଆକ୍ୟୁବ (୨୩)। ପୁଲିସ କେସ ନମ୍ବର ୫୮୨/୨୦୨୫ରେ ମାମଲା ରୁଜୁକରି ଦତନ୍ତ ଜାରିରଖିଛି। ସୂଚନା ମୁତାବକ ତ୍ରିଜଙ୍ଗା କଲୋନୀରେ ରହୁଥିବା ସେକ ଅବୁ ଆକ୍ୟୁବ ନିଜ ପରିବାରକୁ ନେଇ ଏକ କାର୍‌ରେ କଲୋନୀ ଆଡକୁ ଯାଉଥିଲେ। ଏହି ସମୟରେ ପଛପଟୁ ଦୁଇଜଣ ଯୁବକ ତ୍ରିଜଙ୍ଗା କଲୋନୀର ମାଣିକ ବାନରା ଓ ସୁନୀଲ ଜାମୁଦା ଏକ ବାଇକ୍‌ରେ କଲୋନୀ ଆଡକୁ ଯାଉଥିବା ବେଳେ ଉକ୍ତ କାର୍‌କୁ ସାଇଡ୍ ମାରି ଅଟକାଇଥିଲେ। କାହିଁକି ସାଇଡ୍ ମାରିଲୁ କହିଁ କାର ଚାଳକ ଅବୁ ଆକ୍ୟୁବକୁ ନିସ୍ତୁକ ମାଡ଼ ମାରି ମୁଣ୍ଡ ଫଟେଇ ଦେଇଥିଲେ। ଯାହାଫଳରେ ଅବୁ ଆକ୍ୟୁବ ଉପାୟ ନ ପାଇ ପାଖରେ ଥିବା ଏକ ଗଦି ଦୋକାନ ଭିତରକୁ ପଶିଯାଇ ଏକ କିଳା ଆଣି ଉଭୟଙ୍କୁ ମାଡ଼ ମାରିଥିଲା। ଫଳରେ ଉଭୟ ୩ ଜଣ ଆହତ ହୋଇଥିଲେ। ଖବର ପାଇ ପରିବାର ଲୋକେ ଅବୁ ଆକ୍ୟୁବକୁ ଦାନଗଦି ଓ ପରେ କଟକ ବଡମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ମାଣିକ ଏବଂ ସୁନୀଲ ଟାଟା ମେଡିକାରେ ଭର୍ତ୍ତି ହୋଇଥିଲେ। ଘଟଣା ପରେ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ଶତାଧିକ ଆଦିବାସୀ ଲୋକେ ଦାନଗଦି ଫାଣ୍ଡି ସମ୍ମୁଖରେ ପହଞ୍ଚି ଧାରଣା ଦେଇଥିଲେ। କିଛି ସମୟ ପରେ ଫାଣ୍ଡି ଅଧିକାରୀ ଅମୁଲ୍ୟ କୁମାର ମିଶ୍ର ପହଞ୍ଚି ପ୍ରତିଶୃତି ଦେବାପରେ ସେମାନେ ପ୍ରଶମିତ ହୋଇଥିଲେ। ଘଟଣା ପର ଠାରୁ ଅଭିଯୁକ୍ତ ଯୁବକ ଅବୁ ଆକ୍ୟୁବ ଫେରାର ହୋଇଥିଲା। କାଲି ରାତିରେ ସେ ଘରକୁ ଆସିଥିବାର ଖବର ପାଇ ପୁଲିସ ତ୍ରିଜଙ୍ଗା କଲୋନୀରେ ରହୁଥିବା ତା' ଘରୁ ତାକୁ ଗିରଫ କରିଥିଲା। ଆଜି ସମ୍ପୃକ୍ତ ଯୁବକକୁ କୋର୍ଟଚାଲାଣ କରାଯାଇଛି। ଘଟଣାକୁ ନେଇ ତ୍ରିଜଙ୍ଗା କଲୋନୀରେ ଚାପା ଉତ୍ତେଜନା ଦେଖାଦେଇଛି।



# ପୂର୍ବ ଶତ୍ରୁତାରୁ ଆକ୍ରମଣ; ନାବାଳକ ଗୁରୁତର



**କୁଆଖିଆ,୪।୧୦(ସମିସ):** କୁଆଖିଆ ଥାନା ଅନ୍ତର୍ଗତ ସିଂହାପୁର ଗ୍ରାମରେ ଜମିବାଡିକୁ କେନ୍ଦ୍ରକରି ରହିଆସୁଥିବା ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସଂପର୍କିୟ ମାମୁ ନିଶିକାନ୍ତ ପ୍ରଧାନଙ୍କ ଫାର୍ସା ଚୋଟରେ ନାବାଳକ ଭଜଣା ଓମ୍‌ପ୍ରକାଶ ମଲ୍ଲିକ(୧୪) ଗୁରୁତର ଆହତ ହୋଇ କଟକ ବଡ଼ ଡାକ୍ତରଖାନରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ଜଣାଯାଇଛି। ଏ ସଂପର୍କରେ ଶଶିକାନ୍ତ ପ୍ରଧାନ ଥାନାରେ ଅଭିଯୋଗ କରିବାରୁ ପୋଲିସ ପକ୍ଷରୁ ଥାନାରେ କେସ୍ ନମ୍ବର-୩୯୧/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଉକ୍ତ ଘଟଣାକୁ ନେଇ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଅଭିଯୁକ୍ତମାନେ ଘଟଣା ଘଟିବା ଦିନଠାରୁ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ପୋଲିସ ଭ୍ୟାନ ଗାଁରେ ପଇଁତରା ମାରୁଛି।

ଘଟଣାରୁ ପ୍ରକାଶ ଯେ ଅଭିଯୋଗକାରୀ ଦାଦାପୁଅ ଶଶିକାନ୍ତ ପ୍ରଧାନ ଓ ବଡ଼ବାପା ପୁଅ ନିଶିକାନ୍ତ ପ୍ରଧାନଙ୍କ ପରିବାର ମଧ୍ୟରେ ଜମିବାଡି ବିବାଦକୁ ନେଇ ଦୀର୍ଘଦିନ ହେଲା ଗଣ୍ଡଗୋଳ ଉପୁଜିଆସୁଥିଲା। ପୂର୍ବରୁ ଏ ନେଇ ଥାନାରେ ଏକାଧିକ ଥର ଅଭିଯୋଗ ହୋଇ ମାମଲାକୁ ଆପୋଷ ସାମଧାନ କରାଯାଉଥିଲା। ହେଲେ ଶୁକ୍ରବାର ରାତି ୧୦.୧୫ମିନିଟ୍ ସମୟରେ ଶଶିକାନ୍ତ ପ୍ରଧାନ ଭଣଜାକୁ ବାଇକ୍‌ରେ ବସାଇ ଘରକୁ ଫେରୁଥିଲେ। ଯୋଜନା ମୁତାବକ ନିଶିକାନ୍ତ ପ୍ରଧାନ, ବାପା ଭାସ୍କର ପ୍ରଧାନ, ଭାଇ ଶୁଭକାନ୍ତ ପ୍ରଧାନ ସଂଘବଦ୍ଧ ଭାବରେ ଗାଁ ମୁଣ୍ଡରେ ଥିବା ବାଉଁଶବାଡି ପାଖରେ ମାରଣାସ୍ତ୍ର ଧରି ଲୁଚି ରହିଥିଲେ। ଘଟଣା ସ୍ଥଳରେ ଆକ୍ରମଣକାରୀମାନେ ଶଶିକାନ୍ତଙ୍କ ମଟର ସାଇକଲ ସମ୍ମୁଖକୁ ଆସି ଅଟକାଇ ଥିଲେ। ସେ ସେଠାରୁ ଖସି ପଳାଇ ଆସିବାକୁ ଉଦ୍ୟମ କରିଥିଲେ। ନିଶିକାନ୍ତ ହାତରେ ଧରିଥିବା ଏକ ଫାର୍ସାରେ ତାଙ୍କ ମୁଣ୍ଡକୁ ପ୍ରହାର କରିବାକୁ ପ୍ରୟାସ କରିଥିଲେ। ଫାର୍ସାଚୋଟ ତାଙ୍କ ଦେହରେ ନବାଜି ପଛରେ ବସିଥିବା ଭଣଜା ଓମ୍‌ପ୍ରକାଶର ମୁଣ୍ଡରେ ବାଜି ଗଭୀର ଆଘାତ ଲାଗିଥିଲା। ଭଣଜା ଚେତାଶୂନ୍ୟ ହୋଇ ରାସ୍ତା ଉପରେ ପଡି ରହିଥିଲେ। ଶଶିକାନ୍ତ ଘଟଣା ସ୍ଥଳରୁ ଦୌଡି ପଳାଇ ଚିତ୍କାରକରି ଲୋକମାନଙ୍କୁ ଡାକିଥିଲେ। ଲୋକମାନେ ଘଟଣା ସ୍ଥଳରେ ପହଞ୍ଚି ଯିବାରୁ ଆକ୍ରମଣକାରୀମାନେ ସ୍ଥାନ ଛାଡ଼ି ପଳାଇ ଯାଇଥିଲେ। ଲୋକେ ଆହତ ଓମ୍ ପ୍ରକାଶକୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ୨ଦିନ ହେଲା ଚିକିତ୍ସା ଜାରି ରହିଛି। ସ୍ୱାସ୍ଥ୍ୟବସ୍ଥାରେ ବିଶେଷ ସୁଧାର ଆସିପାରି ନାହିଁ ବୋଲି ମାମୁଁ ଶଶିକାନ୍ତଙ୍କ ସୂତ୍ରରୁ ଜଣାଯାଇଛି।

# ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ଓ ଯାତ୍ରୀ ପ୍ରତୀକ୍ଷାଳୟ ଦାବି ତେଜିଲା



**ଧର୍ମଶାଳା,୪।୧୦(ସମିସ):** ଧର୍ମଶାଳା ବ୍ଲକ ଜାରକା ସନ୍ନିକଟ ବ୍ରାହ୍ମଣୀ ନଦୀ କୂଳରେ ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ନିର୍ମାଣ ଓ ଜାରକା ଫ୍ଲାଏଓଭର ବ୍ରିଜର ଉଭୟ ପାର୍ଶ୍ୱରେ ଦୁଇଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ପାଇଁ ଅର୍ଥମଞ୍ଜୁର ହୋଇଥିଲେ ମଧ୍ୟ ଏହାର ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଥିବାରୁ ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଦୁଇଗୋଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଜ୍ୟେଷ୍ଠପୁତ୍ର ପ୍ରାଧାପକ ବଳଭଦ୍ର ଦାଶ ଏବଂ କନିଷ୍ଠପୁତ୍ର ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ଭେଟି ଯଥାଶିଘ୍ର ଉକ୍ତ ଦୁଇଗୋଟି କାର୍ଯ୍ୟକୁ ଆରମ୍ଭ କରିବାକୁ ସ୍ୱର୍ଗତ ଲାବଣ୍ୟଙ୍କ ଦୁଇପୁତ୍ର ଶୁକ୍ରବାର ଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଅନୁରୋଧ କରିଥିବା ଜଣାପଡିଛି।

ସ୍ୱର୍ଗତ ଲାବଣ୍ୟ ୨୦୨୧ରେ ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ପାଇଁ ଯାଜପୁରର ତତ୍‌କାଳୀନ ଜିଲ୍ଲାପାଳ ଚକ୍ରବର୍ତୀ ସିଂ ରାଠୋରଙ୍କ ନିକଟରେ ଦାବି କରିଥିଲେ। ଧର୍ମଶାଳା ତହସିଲଦାର ଏଥିପାଇଁ ଅଢେଇ ଏକର ଜମି ଯୋଗାଇ ଦେଇଛନ୍ତି। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟପାଇଁ ଜିଲ୍ଲାପ୍ରଶାସନ ପକ୍ଷରୁ ୧୦ ଲକ୍ଷଟଙ୍କା ଓ ବ୍ଲକ ପ୍ରଶାସନ ପକ୍ଷରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ସେହିପରି ଜାରକା ବସ୍‌ଷ୍ଟପ ଠାରେ ପ୍ରତୀକ୍ଷାଳୟ ନଥିବାରୁ ଯାତ୍ରୀମାନେ ଖରା ବର୍ଷା ଶୀତ କାକରରେ ଠିଆହୋଇ ବସ୍‌କୁ ଅପେକ୍ଷା କରି ରହୁଥିବାରୁ ବସ୍‌ଯାତ୍ରୀମାନଙ୍କ ନିମନ୍ତେ ଦୁଇଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ସ୍ୱର୍ଗତ ଲାବଣ୍ୟ ୨୦୨୩ ରେ ଜିଲ୍ଲାପାଳଙ୍କ ନିକଟରେ ଦାବୀ କରିଥିଲେ। ତଦନୁଯାୟୀ ତତ୍‌କାଳୀନ ଜିଲ୍ଲାପାଳ ଦୁଇଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିଛନ୍ତି। ମାତ୍ର ଜମି ଅଧିଗ୍ରହଣ ହୋଇ ପାରିନଥିବାରୁ ଏହି ନିର୍ମାଣ କାର୍ଯ୍ୟ ହୋଇପାରିନାହିଁ। ତେବେ ତିରନ୍ତ ସ୍ୱର୍ଗଦ୍ୱାର ନିର୍ମାଣ କରିବା ସହିତ ଜାରକା ଛକରେ ଯାତ୍ରୀ ପ୍ରତିକ୍ଷାଳୟ ପାଇଁ ଜମି ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

## ସରପଞ୍ଚଙ୍କ ବିରୋଧରେ ଅନାସ୍ଥା | ସଭ୍ୟଙ୍କ ଦସ୍ତଖତ ଯାଞ୍ଚ ତାରିଖ ଘୁଞ୍ଚିଲା

**ଯାଜପୁର,୪।୧୦(ସମିସ):** ବିଞ୍ଝାରପୁର ବ୍ଲକ ରଣପୁର ପଞ୍ଚାୟତର ସରପଞ୍ଚ ବିରୋଧରେ ଅନାସ୍ଥା ଆଣିଥିବା ସଭ୍ୟଙ୍କ ଦସ୍ତଖତ ଯାଞ୍ଚ ପ୍ରକ୍ରିୟାର ତାରିଖ ଶନିବାର ଦିନ ଶୁଣାଣି ଥିବା ବେଳେ ଏହାକୁ ଅନ୍ୟ ଏକ ଦିନରେ ତାରିଖ ଘୋଷଣା କରାଯିବ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ରଣପୁର ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ଗତ ମାସେ ତଳେ ପଞ୍ଚାୟତର ୧୧ଜଣ ୱାଡର୍ ସଭ୍ୟ/ସଭ୍ୟା ଅନାସ୍ଥା ପ୍ରସ୍ତାବ ଆଣିବା ସହ ଉପଜିଲାପାଳଙ୍କ ନିକଟରେ ଏହି ୧୧ଜଣ ସଦସ୍ୟ ଦସ୍ତଖତ କରିଥିଲେ। ଏହି ୱାଡର୍ ସଭ୍ୟଙ୍କର କହିବାନୁଯାୟୀ ରଣପୁର ପଞ୍ଚାୟତର ସରପଞ୍ଚ ପ୍ରିୟଙ୍କା ଜେନା ଦୀର୍ଘ ତିନି ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ପଞ୍ଚାୟତରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରୁନାହାଁନ୍ତି କି କାହାରି କଥା ଶୁଣୁ ନାହାଁନ୍ତି। ଏପରିକି ପଞ୍ଚାୟତର ଏକ ଭଲ ରାସ୍ତା ମଧ୍ୟ ନିର୍ମାଣ କରୁନାହାଁନ୍ତି। କେବଳ ନିଜ ମନ ମୁତାବକ କାର୍ଯ୍ୟ କରୁଛନ୍ତି। ବେଳେ ବେଳେ ୱାଡର୍ ସଭ୍ୟଙ୍କ ଠାରୁ ସାଧା କାଗଜରେ ଦସ୍ତଖତ କରାଇ ନେଉଛନ୍ତି। ପଞ୍ଚାୟତର ଉନ୍ନତି କାମ ନାଁ ରେ ଅର୍ଥ ହଡ଼ପ କରି ନେଇଥିବା ରଣପୁର ପଞ୍ଚାୟତର ୱାଡର୍ ସଭ୍ୟ ସିଧାସଳଖ ଅଭିଯୋଗ କରିଥିଲେ। ଶନିବାର ଦିନ ଅନାସ୍ଥା ନିମନ୍ତେ ତାରିଖ ଘୋଷଣା ହେବାକୁ ଥିବା ବେଳେ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଅନ୍ୟ ଏକ ଦିନରେ ତାରିଖ ଶୁଣାଣି କରାଯିବ ବୋଲି ସୂଚନା ଦେଇଥିଲେ।

## ବରିଷ୍ଠ ନାଗରିକ ମଞ୍ଚ ଦିବସ

**ପାଣିକୋଇଲି,୪।୧୦(ସମିସ):** ପାଣିକୋଇଲିସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ କୋରାଇ ଉନ୍ନୟନ ପରିଷଦ ଓ ବରିଷ୍ଠ ନାଗରିକ ମଞ୍ଚର ଯୁଗ୍ମ ସହଭାଗିତାରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ ହୋଇଯାଇଛି। କାର୍ଯ୍ୟକମରେ ମୁଖ୍ୟ ଅତିଥି ଭାବେ କୋରାଇ ଉନ୍ନୟନ ପରିଷଦର ପ୍ରତିଷ୍ଠାତା ମନୋଜ ଜେନା ଯୋଗ ଦେଇଥିବା ବେଳେ ପରିଷଦର ସଭାପତି ଶ୍ରୀଧର ଦାସ, ସମ୍ପାଦକ ଆଲୋକ କୁମାର ଦାସ, ଉପଦେଷ୍ଟା ମଦନ ମୋହନ କର, ଡ. ଦୁଷ୍ମନ୍ତ ନାୟକ ଓ ବରିଷ୍ଠ ନାଗରିକ ମଞ୍ଚର ସଭାପତି ନୃସିଂହ ଚରଣ ଦଳାଇ, ସମ୍ପାଦକ ସୁରେନ୍ଦ୍ର କୁମାର ରାୟ, ଉପଦେଷ୍ଟା ଉମାକାନ୍ତ ଖଣ୍ଡାଇ ପ୍ରମୁଖ ମଞ୍ଚାସୀନ ଥିଲେ। ଇତ୍ୟବସରରେ ୮୦ ବର୍ଷରେ ପଦାର୍ପଣ କରିଥିବା ୫ ଜଣ ଅବସରପ୍ରାପ୍ତ ଶିକ୍ଷକ କରଦା ପଞ୍ଚାୟତର ଚିନ୍ତାମଣୀ ବେହେରା, ପଥରପଦା ପଞ୍ଚାୟତର ବୈଷ୍ଣବ ଚରଣ ସାହୁ, କୋରାବନ୍ଦୀ ଗ୍ରାମର ସୁନୀଲ କୁମାର ରାଉତ, ବଡ଼ବିରୁହାଁ ପଞ୍ଚାୟତର ପଞ୍ଚାନନ ପଣ୍ଡା, ରସୁଲପୁର ବ୍ଲକ ବରାଂଶ ଗ୍ରାମର ଧନେଶ୍ୱର ରଥଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ମଞ୍ଚର ଅଦୈତ୍ୟ ଚରଣ ଦାସ, ରାମଚନ୍ଦ୍ର ବେହେରା, ଗୋକୁଳାନନ୍ଦ ମହାରଣା ଓ ପରିଷଦର ଜୟନ୍ତୀ ଜେନା, ପ୍ରସନ୍ନ କୁମାର ସ୍ୱାଇଁଙ୍କ ସମେତ ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ପରିଚାନା କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ

ସୁକିନ୍ଦା,୪।୧୦(ସମିସ): ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଭୁବନ ରାସ୍ତାର ପୋବଳ ଛକ ନିକଟରେ ଏକ ଦୁର୍ଘଟଣାରେ ବୁଦ୍ଧୁରାମ ମୁଣ୍ଡା (୪୫)ଙ୍କର ମୃତ୍ୟୁ ଘଟିବା ପରେ ଉତ୍ତେଜିତ ଲୋକଙ୍କ ଦ୍ୱାରା ରାଜପଥ ଅବରୋଧ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ସୁକିନ୍ଦା ଥାନା ଅନ୍ତର୍ଗତ ପୋବଳ ଗ୍ରାମ ଗଙ୍ଗା ମୁଣ୍ଡାଙ୍କ ପୁଅ ବୁଦ୍ଧୁରାମ ଶୁକ୍ରବାର ସନ୍ଧ୍ୟାରେ ରାଜପଥ ଅତିକ୍ରମ କରି ଘରକୁ ଫେରୁଥିବା ସମୟରେ ଏକ ଦ୍ରୁତଗାମୀ ଗାଡ଼ି ପଛପଟୁ ଦୁର୍ଘଟଣା ଘଟାଇ ପାର ହୋଇଯାଇଥିଲା। ନିକଟରେ ଥିବା ସ୍ଥାନୀୟ ଲୋକେ ତୁରନ୍ତ ବୁଦ୍ଧୁକୁ ଉଦ୍ଧାର କରିଥିଲେ। ବୁଦ୍ଧୁର ମୃତ୍ୟୁ ଘଟିଥିବା ଜାଣିବା ପରେ ଉତ୍ୟକ୍ତ ଲୋକେ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅବାରୋଧ କାରୀଙ୍କ ସହ ଆଲୋଚନା ଜାରୀ ରଖିଛି। ମୃତକ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବା ସହ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ଉତ୍ୟକ୍ତ ଲୋକେ।

## ଖଣି ଅଞ୍ଚଳରେ ଦୁର୍ଘଟଣାରେ ଯୁବକ ମୃତ

**ସୁକିନ୍ଦା/କାଳିଆପାଣି,୪।୧୦(ସମିସ):** ମଙ୍ଗଳପୁର ଟମକା ରାସ୍ତାର ଭୀମଟାଙ୍ଗର ଛକ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ଦୁର୍ଘଟଣାରେ ଯୋଗେନ୍ଦ୍ର ମୁଣ୍ଡା (୨୭) ନାମକ ଯୁବକର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ମୁତାବକ କାଙ୍କଡ଼ପାଳ ପଞ୍ଚାୟତ ଅଧୀନସ୍ଥ ନୂଆ ପୁରୁଣାପାଣି ଗ୍ରାମ ଲିଙ୍ଗା ମୁଣ୍ଡାଙ୍କ ପୁଅ ଯୋଗେନ୍ଦ୍ର ଶୁକ୍ରବାର ବିଳମ୍ବିତ ରାତିରେ ଟାଟା ଟାଉନସିପ୍ ନିକଟରେ ହେଉଥିବା ଦଶହରା କାର୍ଯ୍ୟକ୍ରମ ଦେଖି ବାଇକ୍ ଯୋଗେ ଫେରିବା ସମୟରେ ଭୀମଟାଙ୍ଗର ଛକ ନିକଟରେ ଏକ ଦ୍ରୁତଗାମୀ ଟ୍ରକ ତାଙ୍କୁ ପଛପଟୁ ଧକ୍କା ଦେଇ ଘଟଣାସ୍ଥଳରୁ ଖସି ପଳାଇଥିଲା। ସୂଚନା ପାଇ ଯୋଗେନ୍ଦ୍ରଙ୍କ ପରିବାର ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଯୋଗେନ୍ଦ୍ରକୁ ଉଦ୍ଧାର କରି ଶୁକ୍ରବାର ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଯୋଗେନ୍ଦ୍ରକୁ ମୃତ ଘୋଷଣା କରିବା ସହ ସ୍ଥାନୀୟ ପୋଲିସକୁ ସୂଚନା ଦେଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ଯୁବକଙ୍କର ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ସାପ କାମୁଡ଼ାରେ ଜଣେ ଗୁରୁତର

**ସୁକିନ୍ଦା,୪।୧୦(ସମିସ):** ଶନିବାର ଖରଡ଼ି ଗ୍ରାମର ଯଦୁମଣି ସାହୁଙ୍କୁ ସାପ କାମୁଡ଼ି ଦେବାରୁ ତାଙ୍କର ମୃତ୍ୟୁ ହୋଇଯାଇଛି। ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୁକିନ୍ଦା ଥାନା ଅନ୍ତର୍ଗତ ଖରଡ଼ି ଛକରେ ଦୋକାନ କରିଥିବା ଯଦୁମଣି ସାହୁ ଶନିବାର ଅପରାହ୍ନରେ ଦୋକାନ ଖୋଲିବା ସମୟରେ ଏକ ସାପ ତାଙ୍କ ଗୋଡ଼କୁ କାମୁଡି ଦେଉଥିଲା। ତୁରନ୍ତ ସ୍ଥାନୀୟ ଲୋକେ ଯଦୁମଣିକୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ଚାଲିଥିଲା। ତାଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି।

## ବରିଷ୍ଠ ନାଗରିକ ଦିବସ

**ଯାଜପୁର,୪।୧୦(ସମିସ):** ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ରସୁଲପୁର ବ୍ଲକ୍ ଅନ୍ତର୍ଗତ ଛନ୍ଦଡିହ ଗ୍ରାପ ଜୟନ୍ତୀ ପାଠାଗାର ଦ୍ୱାରା ପରିଚାଳିତ ବରିଷ୍ଠ ନାଗରିକ ଗୃହ ପରିସରରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ କରାଯିବା ସହିତ ଏକ ଆଲୋଚନା ସଭା ପ୍ରାଧିକରଣ ସଚିବ ଲିପା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଆଲୋଚକ ଭାବେ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ପୃଷ୍ଟି, ରସୁଲପୁର ବ୍ଲକ୍ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଶାରଦା ପ୍ରସନ୍ନ ମହାନ୍ତି ଓ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ଅନ୍ୟତମ ଅଧିକାରୀ ଶୁଭାଶିଷ ମିଶ୍ର ଯୋଗଦେଇଥିଲେ। ଜୟନ୍ତୀ ପାଠାଗାର ଯୁଗ୍ମ ସମ୍ପାଦକ ଶରତ ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଭାପତି ସତ୍ୟସୁନ୍ଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନ ସମ୍ପାଦିକା ସରୋଜିନୀ ସାହୁ ଅନ୍ୟାନ୍ୟ ସହଯୋଗୀଙ୍କ ସମେତ ପ୍ରାଧିକରଣର କର୍ମଚାରୀମାନେ ସହଯୋଗ କରିଥିଲେ।

# ଜାରକା ଅଞ୍ଚଳରେ ସିରିଜ ଚୋରି; ପୁଲିସର ତଦନ୍ତ




**ଧର୍ମଶାଳା,୪।୧୦(ସମିସ):** ଧର୍ମଶାଳା ଥାନା ଜାରକା ନିକଟସ୍ଥ ଜାମୁବଣିଆ ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ କବାଟ ତାଲା ଓ ଝରକା ଗ୍ରୀଲ୍ କାଟି ସିରିଜ ଚୋରି କରିଛନ୍ତି। ସୂଚନା ମୁତାବକ ଜାମୁବଣିଆ ଗ୍ରାମରେ ଦୁଇମହାଲା କୋଠା ଘରେ ରହୁଥିବା ଭାନୁଦେବ ପତି ଦୁର୍ଗା ପୂଜା ପାଳନ ପାଇଁ ସପରିବାର ନିଜ ପୈତୃକ ଘର ରାମଚନ୍ଦ୍ରପୁର ଯାଇଥିବା ବେଳେ ତାଙ୍କ ତଳମାହାଲାରେ ଭଡ଼ା ସୂତ୍ରରେ ରହୁଥିବା ବାଙ୍କ ସାହି ଗ୍ରାମର ପ୍ରଦ୍ୟୁମ୍ନ ନାୟକ ଶ୍ରାଦ୍ଧ କାମରେ ସପରିବାର ଗାଁକୁ ଯାଇଥିଲେ। ଉଭୟ ତଳମହଲା ଓ ଉପରମହଲାରେ କେହି ନଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ଗେଟ୍ ତାଲା ଭାଙ୍ଗି ଘର ପରିସରକୁ ଯାଇ ଭାନୁ ଦେବଙ୍କ ଘରୁ ୧୩ ଭରି ସୁନା ଅଳଙ୍କାର ଓ ପ୍ରଦ୍ୟୁମ୍ନଙ୍କ ଘରୁ ୫ ଭରି ସୁନା ଅଳଙ୍କାର ସହ ୨୦ ହଜାର ଟଙ୍କା ଲୁଟି ନେଇଛନ୍ତି। ସେହିପରି ସେଠାରେ ଥିବା ଅବସରପ୍ରାପ୍ତ ପ୍ରଧାପକ ଚନ୍ଦ୍ରମଣି ନାୟକଙ୍କ ଘରେ ପଶି ୨୦ ଭରିରୁ ଉର୍ଦ୍ଧ୍ୱ ରୁପା ଅଳଙ୍କାର ଚୋରି କରିନେଇଛନ୍ତି। ପାଖ ପଡୋଶୀଙ୍କ ଠାରୁ ଘରର ତାଲା ଭାଙ୍ଗିଥିବା ଖବର ପାଇ ଘର ମାଲିକ ଭନୁଦେବ ପହଞ୍ଚି ଚୋରି ହୋଇଥିବା ଜାଣିବା ପରେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଚନ୍ଦ୍ରମଣି ନାୟକ ମଧ୍ୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ୬୨୧/୨୫ ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ନିକଟରେ ଲାଗିଥିବା ସିସିଟିଭି କ୍ୟାମେରାରେ ୪ଜଣ ଦୁର୍ବୃତ ଏହି ଲୁଟ ଘଟଣାରେ ସମ୍ପୃକ୍ତ ଥିବାର ଦୃଶ୍ୟ କଏଦ ହୋଇଛି।

## ଭାଗବତ କଥାମୃତ ଓ ବୋଇତବନ୍ଦାଣର ପ୍ରସ୍ତୁତି

**ଯାଜପୁର,୪।୧୦(ସମିସ):** ଗୀତାଜାରଣ ପରିଷଦ ଆନୁକୂଲ୍ୟରେ ବୋଇତ ବନ୍ଦାଣ ତଥା ଭାଗବତ କଥାମୃତର ପ୍ରାରମ୍ଭିକ ବୈଠକ ସଭାପତି ଆଇନଜୀବୀ ପ୍ରତିମା କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଚଳିତ ମାସ ୩୦ ତାରିଖ ଗୁରୁବାର ଅଁଳାନବମୀ ଠାରୁ କାର୍ତ୍ତିକ ପୂର୍ଣ୍ଣିମା ଅର୍ଥାତ୍ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି। ଉକ୍ତ ଦିନମାନଙ୍କରେ ଆକାଶଦ୍ୱୀପ ପ୍ରଜ୍ୱଳନ, ବୈତରଣୀ ବନ୍ଦାପନା ଏବଂ ୬ଷ୍ଠ ଦିନ ବ୍ୟାପୀ ଭାଗବତ କଥାମୃତ ବିଶିଷ୍ଟ ପ୍ରବଚକମାନଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ, ପ୍ରତ୍ୟେକ ଦିନ ଓଡ଼ିଶୀ ନୃତ୍ୟ, ଭଜନ କାର୍ଯ୍ୟକ୍ରମ, ପାଲା, ପୂର୍ଣ୍ଣମୀ ଦିନ ବୋଇତ ବନ୍ଦାଣ ଉପଲକ୍ଷେ ସାଧବ ପୁଅମାନଙ୍କର ବୋଇତଯାତ୍ରା ଆଦି କରାଯିବ। ଉକ୍ତ ବୈଠକରେ ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି, ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ, ବିଶିଷ୍ଟ ପଣ୍ଡିତ ବିନୋଦ ବିହାରୀ ନାୟକ, ଅବସରପ୍ରାପ୍ତ ପୁଲିସ୍ ପ୍ରଶାସକ ଗଦାଧର ରାଉତ, ସମାଜସେବୀ ଶାନ୍ତନୁ କୁମାର ଧଳ, ଡ. ହରିଶ୍ ପଣ୍ଡା, ପଣ୍ଡିତ କୃଷ୍ଣ ଚନ୍ଦ୍ର ମିଶ୍ର, ସମାଜସେବୀ ହରେକୃଷ୍ଣ ପରିଡ଼ା, ଅନୁସୟା ମିଶ୍ର, ଅର୍ଚ୍ଚନା ମିଶ୍ର, ଭାବଗ୍ରାହି ମିଶ୍ର, ଧନଞ୍ଜୟ ନାୟକ ନିଜର ବକ୍ତବ୍ୟ ରଖିବା ସହିତ ଉକ୍ତ ବୈଠକ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ଜିଲ୍ଲା ବିଜେଡିର ସୋସିଆଲ ମିଡିଆ ସଂଯୋଜକ ଘୋଷଣା



**ବଡ଼ଚଣା,୪।୧୦(ସମିସ):** ବଡ଼ଚଣା ନିର୍ବାଚନ ମଣ୍ଡଳୀର କୁନ୍ଦଳ ପଞ୍ଚାୟତର ସତ୍ୟବ୍ରତ ସାମଲଙ୍କୁ ଯାଜପୁର ଜିଲ୍ଲାର ବିଜେଡିର ସୋସିଆଲ୍ ମିଡିଆ ସଂଯୋଜକ ଭାବେ ନିଯୁକ୍ତି ମିଳିଛି। ଏହି ଘୋଷଣା ପରେ ବଡ଼ଚଣାର ସୋସିଆଲ ମିଡିଆର କର୍ମକର୍ତ୍ତାମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ସେ ଏହି ନିଯୁକ୍ତି ପାଇଁ ଜିଲ୍ଲାର ବରିଷ୍ଠ ନେତୃତ୍ୱ ଏବଂ ରାଜ୍ୟ ନେତୃତ୍ୱଙ୍କୁ କୃତଜ୍ଞତା ଜଣାଇଛନ୍ତି। ସତ୍ୟବ୍ରତଙ୍କ ନିଯୁକ୍ତି ପାଇଁ ବଡ଼ଚଣାର ବହୁ ବିଜେଡି ନେତା ଓ କର୍ମକର୍ତ୍ତା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶିବିର

**କୋରେଇ,୪।୧୦(ସମିସ):** କୋରେଇସ୍ଥିତ କାହ୍ନୁଚରଣ ଜୁନିଅର ମହାବିଦ୍ୟାଳୟ ସାତଦିନ ଧରି ଚାଲିଥିବା ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶିବିର ବୁଧବାର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସ୍ମୃତି ରଞ୍ଜନ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦଯାପନୀ ଶିବିରରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଧନେଶ୍ୱର ଗ୍ରାମପଞ୍ଚାୟତ ସରପଞ୍ଚ ଶ୍ୟାମ ସୁନ୍ଦର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ କୈଳାସ ଚନ୍ଦ୍ର ରାଉତ, ଅଜୟ କୁମାର ସାହୁ, ମାୟାଧର ଜେନା ଏବଂ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟପକ ସନ୍ୟାସୀ ପ୍ରସାଦ ବାରିକ ଯୋଗ ଦେଇଥିଲେ। ବ୍ୟକ୍ତିତ୍ୱର ବିକାଶ ସହ ସମାଜ ସେବାରେ ନିଜକୁ ନିୟୋଜିତ କରିଥିବା ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ମାନଙ୍କୁ ଅତିଥିମାନେ ଭୂୟସୀ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ପାଠ ପଢା ସହିତ ଜାରି ରହୁ ବୋଲି ପରାମର୍ଶ ଦେଇଥିଲେ। ସାତଦିନ ଧରି ଚାଲିଥିବା ଏହି ଶିବିରର ପ୍ଲାଷ୍ଟିକ ମୁକ୍ତ ପରିବେଶ, ସ୍ୱଚ୍ଛତା, ଜଙ୍ଗଲ ରକ୍ଷା, ଜୈବିକ ଖତ, ଜୈବିକ ଚାଷ ଇତ୍ୟାଦି ବିଷୟବସ୍ତୁ ଉପରେ କର୍ମଶାଳା କରାଯିବା ସହ ପରିବେଶର ସୁରକ୍ଷା ସମ୍ପର୍କିତ ଶିକ୍ଷା ପ୍ରଦାନ କରାଯାଇଥିଲା। ଶିବିରାର୍ଥୀ ମାନଙ୍କୁ ଅତିଥିମାନେ ପ୍ରମାଣପାତ୍ର ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ନିର୍ବାହୀ ଅଧିକାରିଣୀ ତଥା ଅଧ୍ୟାପିକା ଅନସୂୟା ପାତ୍ର ସ୍ୱେଚ୍ଛାସେବୀ ମାନଙ୍କୁ ଓ ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ବିବାହିତ ମହିଳାଙ୍କୁ ନିର୍ଯାତନା

# ସ୍ତ୍ରୀକୁ ବାପ ଘର ପାଖରେ ଛାଡ଼ି ସ୍ୱାମୀ ଚମ୍ପଟ

ଦଶରଥପୁର, ୪।୧୦(ସମିସ)

ଦଶରଥପୁର ବ୍ଲକ ଅନ୍ତର୍ଗତ କନିକାପଡା ପଞ୍ଚାୟତ ଦିହୁଡିସାହିରେ ମହିଳାଙ୍କୁ ଶାଶୂଘରେ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଗୁରୁତର ଆହତ ସ୍ତ୍ରୀକୁ ବାପ ଘର ନିକଟ ରାସ୍ତାରେ ଛାଡ଼ି ସ୍ୱାମୀ ଫେରାର ହେବା ଘଟଣାକୁ ନେଇ ହିଳାଙ୍କ ବାପ ଘର ପରିବାର ତରଫରୁ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ମଙ୍ଗଳପୁର ଥାନା ଅଧୀନ ଦିହୁଡ଼ିସାହିର ଅରୁଣ ଦାସଙ୍କ ଝିଅ ପ୍ରଣତି ଦାସ (୩୦) ୯ ବର୍ଷ ପୂର୍ବେ ଧାମନଗର ଥାନା କଲ୍ୟାଣୀ ଗ୍ରାମର ବ୍ରିଟିଶ ଦାସଙ୍କ ପୁଅ ଜଗନ୍ନାଥ ଦାସ (୩୫)ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର କିଛି ଦିନ ପର୍ଯ୍ୟନ୍ତ ପ୍ରଣତି ଓ ଜଗନ୍ନାଥଙ୍କ ମଧ୍ୟରେ ସବୁକିଛି ଠିକଠାକ ଥିଲାବେଳେ ଉଭୟଙ୍କର ୬ବର୍ଷର ଝିଅ ମଧ୍ୟ ରହିଛି। ତେବେ ବାପ ଘରୁ ଅଧିକ ଯୌତୁକ ଦାବି ରଖି ସ୍ତ୍ରୀ ପ୍ରଣତିଙ୍କୁ ସ୍ୱାମୀ ଜଗନ୍ନାଥ ଏବଂ ଶାଶୁ ଛବି ଦାସ କ୍ରମଶଃ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଝିଅ ପ୍ରଣତି ଠାରୁ ଦିନକୁ ଦିନ ନିର୍ଯାତନା ଅସହ୍ୟ ହେଉଥିବା ଖବର ଶୁଣି ବାପା ଅରୁଣ ଏକାଧିକ ଥର ପ୍ରଣତିଙ୍କ ଶାଶୁ ଘରେ ପହଞ୍ଚି ଶାଶୁ ଘର ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ନିର୍ଯ୍ୟାତନା ନଥମିବାରୁ ଗତ ୨ମାସ ତଳେ କଥା ଧାମନଗର ଥାନା ପର୍ଯ୍ୟନ୍ତ ଯାଇଥିଲା। ପୁଲିସ ଚାପରେ ସ୍ୱାମୀ ଜଗନ୍ନାଥ ଆଉ ସ୍ତ୍ରୀ ପ୍ରଣତିଙ୍କୁ ନିର୍ଯ୍ୟାତନା ଦେବେ ନାହିଁ ବୋଲି ପ୍ରତିଶୃତି ଦେଇ ପ୍ରଣତିଙ୍କୁ ଘରକୁ ନେଇଥିଲେ। ମାତ୍ର ଆଜି ପୂର୍ବାହ୍ନ ପ୍ରାୟ ୧୧ ଘଟିକାରେ ସ୍ୱାମୀ ଜଗନ୍ନାଥ ଏବଂ ଶାଶୂ ଛବି ଦାସ ପ୍ରଣତିଙ୍କୁ ପ୍ରବଳ ମାଡ଼ ମାରିବା ସହିତ ଏକ ଅଟୋରେ ତାଙ୍କ ଦିହୁଡିସାହି ସ୍ଥିତ ବାପ ଘର ନିକଟ ରାସ୍ତାରେ ଛାଡି ଚମ୍ପଟ ମାରିଥିଲେ। ରାସ୍ତାରେ ପ୍ରଣତି ଗୁରୁତର ଅବସ୍ଥାରେ କାନ୍ଦୁଥିବାର କିଛି ସ୍ଥାନୀୟ ଲୋକ ଦେଖିବା ପରେ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବାପା ଅରୁଣ ଏବଂ ମାଆ ଜୋସ୍ନାରାଣୀ ପ୍ରଣତିଙ୍କୁ ଉଦ୍ଧାର କରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ପ୍ରଣତିଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣାଯାଇଛି। ଘଟଣାକୁ ନେଇ ମାଆ ଜୋସ୍ନାରାଣୀ ମଙ୍ଗଳପୁର ଥାନାରେ ଜ୍ୱାଇଁ, ଶାଶୂଙ୍କ ସମେତ ପରିବାର ଲୋକଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଛନ୍ତି।

ସୃଜନିକା

ସକାଳ
THE SAKALA
www.sakalaepaper.com

# ସେଠି ଗୋଟେ କାନ୍ଥ ଅଛି



ସ୍ୱାଗତିକା ସ୍ୱାଇଁ

ନିସ୍ଫୁରତମ ମାସ ଆଶ୍ୱିନ । ଏମିତିରେ ତ କହିବାକୁ ଏହା ହସଖୁସିର ପାର୍ବଣ ସମୟ । ମାତ୍ର ଆଜିକାଲି ତାହା ଆସେ, ତା' ସାଙ୍ଗରେ ନେଇ ଆସେ ହୃଦୟହୀନ ଖରାତାପ । ଘୋର ଜଳାଞ୍ଜଳି ଏବଂ ନିଷ୍ଠୁର କାଳ ବୈଶାଖୀ । ଅକସ୍ମାତ୍ ଝଡ଼ ତୋଫାନ । ହାଣ୍ଡିଶାଳ ପିଣ୍ଡାତଳ ଲିପି ସାରିବା ପରେ କଷ୍ଟରେ ଅଣ୍ଟା ସଳଖ କରି ଛିଡ଼ା ହେଲା, ଜଗା ବୋଉ । କାଦୁଅ ହାତ ଆଙ୍ଗୁଳି କରି ଚାହିଁଲା ସକାଳର ସୂର୍ଯ୍ୟ ଆଡ଼କୁ । ମନକୁ ମନ କହିଲା, "ବେଳ କେତେ ହେବ ! ଆଶ୍ୱିନରେ କେଡ଼େ ହାଁ ଖରା !"

ଦିନଥିଲା, ସେ ଏକାଥରକେ ଚାରି ପାଞ୍ଚ ବଖରା ଘର ପିଣ୍ଡା ଲିପିଆଣୁଥିଲା । ଆଜିକାଲି କିନ୍ତୁ ଆଉ ପାରୁନାହିଁ । ଆଣ୍ଠୁଗଣ୍ଠି ବାତ ସାଙ୍ଗକୁ ସେଦିନ, ସେ ବୟସ ବି ଆଉ କୋଉଠି ଅଛି ।

: ଏଥର ପୂଜା ସିଜନ୍‌ଟା ଖାଲି ଯାଉ । ତତେ ଆଉ କଷ୍ଟ କରିବାକୁ ପଡ଼ିବନି । ମାଟି ଖଞ୍ଜା ପୂରା ଭାଙ୍ଗି ଦବା । ଦାଣ୍ଡ ପାଖକୁ ଲଗେଇ ଦି ବଖରା ପକ୍କା ଘର ତୋଳି ଦେବି, ରହିଥା । ତୋର ଯେତେ ଇଚ୍ଛା ସେତେ ପୁନେଇ, ସଂକ୍ରାନ୍ତି ଘର ଧୁଆଧୁଇ କରୁଥିବୁ ବସି ।

ପ୍ରତ୍ୟେକ ଥର ମାଆକୁ କଷ୍ଟ କରି ଘର ଲିପା ପୋଛା କରୁଥିବାର ଦେଖିଲେ ଏଇ କଥା କହେ,ଜଗା । ପୁଣି କହେ, "ରାଜଧାନୀରେ ମୋର ଆଉ କୋଉଁଥି ପାଇଁ ଏତେ ପରିଶ୍ରମ କହିଲୁ । ଯଦି ତୋ ପାଇଁ ଦୁଇ ବଖରା ପକ୍କା ଘର ତୋଳି ଦେଇ ନ ପାରିଲି, ତା'ହେଲେ ମୁଁ ତୋର କି ପୁଅ ତୁ ମୋର କି ବୋଉ !"

ପୁଅ କଥା ମନେପଡ଼ିଗଲା ତ ଜଗା ବୋଉ ଆଖିରୁ ଦି' ବୁନ୍ଦା ଲୁହ ଗଡ଼ି ପଡ଼ିଲା । ରକ୍ତକୁ ପାଣି କରି କି ଗଧ ଖଟଣି ନ ଖଟୁଚି ସିଏ ସେଠି । ଏଇ ପୁନେଇଁକୁ ତାକୁ ଛବିଶ ପୂରି ସତେଇଶି ଚାଲିବ । ଆଉ ଡେରି କରି ହେବନି । ଏଇ ବର୍ଷ ଯେମିତି ବି ହେଲେ ତାକୁ ହାତକୁ ଦି' ହାତ କରିବାକୁ ପଡ଼ିବ । ବୁଢ଼ା ବାପାଙ୍କର ଆଉ କେତେ ବା ଆୟୁଷ । ଯେ ହେଲେ ପିଲାଟା ବୁଝିଲେ ସିନା । ତା'ର ତ ସେଇ ଗୋଟାଏ ଜିଦି । ମାଟି ଖଞ୍ଜା ଭାଙ୍ଗି ପକ୍କା ଘର ଗଢ଼ିବ । ତାପରେ ଯାଇ ଯାହା ହବ ।

ମାଆ ବୋଲି ଯଦି କେବେ ସିଏ ତାକୁ ବାହାଘର କଥା ଥରକୁ ଦି' ଥର କୁହେ, ତାହେଲେ ଜଗା ବିରକ୍ତିଯାଏ । ବଡ଼ ପାଟି କରି କହେ, "ତୋର ତ ମୋ' ଉପରେ ବିଶ୍ୱାସ ନାହିଁ ଦେଖୁଚି । ଭାବୁଚୁ କି ମୁଁ ଘର ଦି ବଖରା ତୋଳିପାରିବିନି !" ତାପରେ ମାଆ ପାଖକୁ ଚାଲିଆସି କହେ, "ଜାଣିଚୁ ନା ବୋଉ! ପେଟ୍ରୋଲ ପମ୍ପ ପାଖକୁ ବେପାର ଉଠେଇ ଆସିଲା ଦିନଠୁ ଆଜିକାଲି ପଇସା ଯାହାକୁ ଯେତେ ତୁ ଜାଣିଚୁ, ଏଥୁଁ ଏଥୁଁ ଗାଡ଼ିବାଲାଏ ପଶା ତେଲ ପକେଇ ସାରିଲେ ମୋଠୁଁ ଠୋଲାଏଁ ମସଲା ମୁଢ଼ି କିଣିବେ ମାନେ କିଣିବେ । କହିବେ, କ'ଣ ଜଗାଭାଇ, ତମେ କ'ଣ ତମ ମୁଢ଼ିରେ ଅଫିମ ପକେଇଚ ନା କ'ଣ । ନ କିଣିଲେ ମନ ମାନୁନି କି ଗାଡ଼ି ଗଡୁନି ।

ପୁଅକୁ ମନେ ପକେଇ ଜଗା ବୋଉର ମନଟା ଏବେ ପୁଣି ଥରକ ପାଇଁ ସ୍ନେହ ସରାବୋର ହେଇ ଉଠିଲା । ସେ ସାମ୍ନାର ଅଗଣାକୁ ଚାହିଁଲା । ସେଠାକାର ଲିପାପୋଛା ପରିଷ୍କାର ମାଟି ଚଟାଣରେ ତାକୁ ପିଲାଟାର ହସକୁରା ମୁହଁଟିର ଛବି ଦେଖାଦେଇ ଗଲା । ସେ ଠାକୁରଙ୍କୁ ହାତ ଯୋଡ଼ିଲା । ମମତାର ଆବେଗ ଭରା ନିରବତା ଭିତରେ ତା'ର କୋଟି ଶୁଭ ମନାସିଲା ।

ଅଥଚ ଆକାଶର ଆଶ୍ୱିନର ସୂର୍ଯ୍ୟ କିନ୍ତୁ ମାଆ ମନର ସେଇ ନରମ ଆବେଗ ଭରା ଜାଗାଟି ଆଡ଼କୁ ଏତେ ଟିକେ ସଦୟ ଦୃଷ୍ଟିରେ ଆଦୌ ଚାହିଁ ନଥିଲା । ବରଂ ବନ୍ଧବାଡ଼ ନ ମାନି ତତଲା ନିଆଁ ଢାଳିବାରେ ଲାଗି ରହିଥିଲା ।

ଆଜିର ଦିନଟି ପରିବାର ପାଇଁ ସଙ୍କଟର ଦିନ ନେଇ ଆସିଛି । କାରଣ ଅଳ୍ପ ସମୟ ତଳେ ଜଗା ବାପା ପାଖକୁ ଅଜଣା ନମ୍ବରରୁ ଫୋନ୍‌ଟିଏ ଆସିଥିଲା ।

: କିଏ ଜଗନ୍ନାଥ ମଲ୍ଲିକ ବାପା କହୁଚ ।

: ହଁ କହୁଚି ।

: ତମ ପୁଅର ଗୋଟିଏ ଛୋଟ ଆକ୍ସିଡେଣ୍ଟ ହୋଇଯାଇଛି ।

: ହେଁ... କୋଉଠି କେତେବେଳେ? ପୁଅ ମୋର କୋଉଠି ଅଛି ?

: ବ୍ୟସ୍ତ ହୁଅନି । ସେଥିପାଇଁ ଖୋଦ୍ ସରକାରୀ ବ୍ୟବସ୍ଥା ହେଇଛି । ତମେ ଯେତେ ଶୀଘ୍ର ପାରୁଚ ସେତେ ଶୀଘ୍ର ଆସି ସଦର ହାସ୍‌ପାତାଲ୍‌ରେ ପହଞ୍ଚି ଯାଅ । ଚଞ୍ଚଳ ଆସିବ ।

ସେ ପାଖରୁ ଫୋନ୍ କଟିଗଲା ତ' ଏ ପାଖରେ ଜଗା ବାପା ମୁଣ୍ଡରେ ସତେକି ଘଡ଼ଘଡ଼ି ପଡ଼ିଗଲା । ସ୍ତ୍ରୀକୁ ଏକାଏକ୍ ଏଇ ଖବର ଜଣେଇଦବ କି ନାଇଁ ହଠାତ୍ ଠିକଣା କରି ହେଲା ନାହିଁ । ମନର ଭାବନା ମନରେ ଛପେଇ ରଖି ସେ ଏବେ ନିଭୃତ ସେଠି ଅଗଣା କୋଣ ନଳିଆ ପାଖରେ ହାତ ଧୋଉଥିବା ସ୍ତ୍ରୀ ଆଡ଼କୁ ଚାହିଁଲେ । କଥାଟାକୁ କ'ଣ କେମିତି ଖୋଲି କହିବେ ଦ୍ୱନ୍ଦ୍ୱରେ ପଡ଼ିଗଲେ ।

:କିଏ ଫୋନ୍ କରିଥିଲା?

ମାଟି କାଦୁଅ ହାତ ଧୋଇ ଦେଇ ଆସି ଜଗା ବୋଉ ନିଜ ଆଡୁ ପଚାରିଲା ।

: ନାଇଁ ଏଇ ଜଗାର କିଏ ସାଙ୍ଗ ଫୋନ୍ କରିଥିଲା ।

: ଜଗାର ସାଙ୍ଗ, ସିଏ କ'ଣ କହୁଥିଲା?

: କହୁଥିଲା ତମେ ଟିକିଏ ରାଜଧାନୀ ଆସ ।

: କାହିଁକି ?

: ଜଗାକୁ କ'ଣ ଟିକିଏ ବଡ଼ କରି ଜର ହେଇଯାଇଛି । ତୁ ଚଞ୍ଚଳ କାମ ସାରେ । ଆମେ ଦିହେଁ ଯାକ ଯିବା ।

ଅଗଣାର ଖରା ଏବେ ଆହୁରି ଅଧିକ ତେଜମୟ ଏବଂ ତତଲା ହେବାକୁ ଲାଗିଥିଲା । ଜଗା ବୋଉ ତା'ର କାନ୍ଦ କାନ୍ଦ ମୁହଁ ବୁଲେଇ ବିକଳରେ ସେ ଆଡ଼କୁ ଚାହିଁଲା । ଭାବୁଥିଲା, ଦେଖନା! କାଲି ସକାଳେ ଫୋନ୍ କରିଥିଲା । ବାପାର ଔଷଧପତ୍ର କଥା ବୁଝିଲା । ଗାଁ ବସ୍‌ରେ ଲେମ୍ବୁ, ଆଚାର ଡବାଟେ ପଠେଇବାକୁ କହିଲା । ଫେରନ୍ତା ଗାଡ଼ିରେ କଣ୍ଡକ୍ଟର ହାତରେ ପଇସା ପଠେଇବ ବୋଲି କହିଲା । ଆଉ ଦେଖିଲା ବେଳକୁ ଜରରେ ପଡ଼ିଗଲା ।

ଗାଧୋଇ ସାରି ଗଳବସ୍ତ୍ର ହୋଇ ଚଉରାରେ ପାଣି ଦେଲା ବେଳେ, କାମସାରି ଘରେ କୋଇପ ଦବା ବେଳେ ଏବଂ ବସ୍‌ରେ ବସି ଯିବା ସମୟ ଯାକ ଜଗା ବୋଉର ସେଇ ଗୋଟିଏ କଥା ବାରମ୍ବାର ମନେ ପଡ଼ି ଯାଉଥିଲା । ଅବଶ୍ୟ ବସ୍‌ରୁ ଠିକଣା ଜାଗାରେ ଓହ୍ଲେଇଲା ବେଳକୁ ତା' ମନ ଟିକିଏ ଅଲଗା ପ୍ରକାର ହେଇ ଯାଇଥିଲା ।

ସେ କେତେଥର ଭାବିଛି ଥରେ ଯାଇ ଦେଖନ୍ତା, ଖରାବର୍ଷାକୁ ଛାତିପାତି ଦେଇ ପୁଅ ତା'ର କୋଉଠି ବେପାର ପସରା ଖୋଲିଛି । କେମିତି ପିଆଜ, ଲଙ୍କା, ଆଚାର, ବାରମଜା, ସିଝାସୋଲା, ମିଶେଇ ମସଲା ମୁଢ଼ି ତିଆରି କରୁଛି । ଗରାଖଙ୍କ ମନ ଜିଣି ନଉଛି । ଆଜି ଏତେ ଦିନକେ ଆସିଚି ଯେତେବେଳେ ଥରେ ତା' ନିଶ୍ଚୟ ଦେଖିବି । ଛୁଆଟା ଭଲ ହେଇଯାଉ ଆଗ ।

ଦିନ ଦ୍ୱିପ୍ରହର ବେଳକୁ ସେମାନେ ଆସି ପହଞ୍ଚିଯାଇଥିଲେ । ସଦର ହାସ୍‌ପାତାଲ୍ ସାମ୍ନାରେ । ଶୁଖିଲା ମ୍ରିୟମାଣ ମୁହଁଟି ମାନ ଧରି ସେଠି ଆତଯାତ ହଉଥିବା ଲୋକଙ୍କର ଗହଳି ଭିତରେ ଜଣେ ହେଇ ଛିଡ଼ା ହେଇଥିଲେ । କେଜାଣି କେତେବେଳେ ଏ ଅବସ୍ଥାରେ ଛିଡ଼ା ହେବା ପରେ ସେଠି ସରକାରୀ ବାବୁ ଜଣେ ଆସି ତାଙ୍କ ସାମ୍ନାରେ ଛିଡ଼ା ହେଲେ । ସେ ତାଙ୍କ ବା ହାତରେ ପିନ୍ଧିଥିବା ହାତ ଘଣ୍ଟାଟିକୁ ଆର ହାତରେ ବାରମ୍ବାର ସଜାଡୁ ଥିଲେ । ସତେ ଯେମିତି ସେ ସମୟକୁ ସାମ୍ନା କରିବାର ସାହସ ଜୁଟାଉ ଥିଲେ । ବହୁ ସମୟ କାଟିବା ପରେ ସେ ହୁଏତ ନିଜକୁ ପ୍ରସ୍ତୁତ କଲେ । ଜଗା ବାପାଙ୍କର ଗୋଟିଏ ବାହୁକୁ ଜାବୁଡ଼ି ଧରି କହିଲେ, "ମଉସା ଧୈର୍ଯ୍ୟ ଧରିବ । ତମେ ବାପ । ମାଉସୀଙ୍କୁ ସମ୍ଭାଳିବ । ଛାତିକୁ ଭିଡ଼ି ଦିଅ । ଶୁଣ, ପୁଅ ତମର ଆଉ ନାହିଁ ।"

ଶବ୍ଦମାନେ ବିସ୍ଫୋରଣ କରନ୍ତି କି?? ବୋଧହୁଏ କରନ୍ତି । କାରଣ ଠିକ୍ ଏବେ କୁହାଯାଇଥିବା କେତୋଟି ଶବ୍ଦ ଯୋଡ଼ିଏ ନିରାଶ୍ରୟ ବାପାମାଆଙ୍କୁ ଗୁଣ୍ଡ ଗୁଣ୍ଡ କରି ଚୂନା କରିବା କେଇଟା କାପାସିଟର୍ ବେଶୀ ସମୟ ନେଇ ନଥିଲା । ସରକାରୀ ବାବୁଜଣଙ୍କ ଆଉରି କ'ଣ କ'ଣ କହୁଥିଲେ- "ସେଇଟା ଗୋଟାଏ ସାଢ଼େ ଚାରି ଟନ୍ କାପାସିଟର୍ ଅଣ୍ଡରଗ୍ରାଉଣ୍ଡ ଏଲ୍‌ପିଜି ଟ୍ୟାଙ୍କ । ସେଠି କ'ଣ ଛିଡ଼ା ହେଇ ବେପାର କରିବା କଥା । ଏ ଦୁର୍ଘଟଣାରେ ପରା କେତେ ବଡ଼ ବାବୁଙ୍କର କୋଠାବାଡ଼ିର ଗୁଡ଼ାଏ କ୍ଷତି ହୋଇଯାଇଛି ।"

ମାତ୍ର ସେସବୁ ଏଇ ଦୁଇ ସର୍ବହରାଙ୍କୁ ଆଦୌ ଶୁଭୁ ନ ଥିଲା । ସେମାନଙ୍କର ମନେ ହଉଥିଲା ସତେ ଯେମିତି ତାଙ୍କ ପାଦ ତଳେ ମାଟି ଧସି ହେଇଯାଉଛି ।

ଏବଂ ବିଧାତାର ଅଦୃଶ୍ୟ ହାତ ସେମାନେ ଦୁହିଁକୁ ଧରଣୀ ଗର୍ଭକୁ ଟାଣି ନଉଛି । ଏହା ସେମାନଙ୍କ ଶେଷଦିନ । ଏବଂ ସେଦିନ ଯେତେବେଳେ ଗଭୀର ରାତିର କାଳିମା ଚିରି ଗାଁ ମଶାଣିପଦାରେ ଲେଲିହାନ ଶିଖା ତେଜି ଜୁଇଟିଏ ଜଳିଥିଲା । ସେତେବେଳେ ଚାରିପାଖର ନିର୍ଜନତାକୁ ବିଦୀର୍ଣ୍ଣ କରି ଶୁଭିଥିଲା ନିଃସ୍ୱ ମାଆଟିର କରୁଣ ବିଳାପ – "କୁଆଡ଼େ ଗଲୁରେ ମୋ ନାରାୟଣ, ମୋ ଗଣ୍ଠିଧନ । ମତେ କାଙ୍ଗାଳୁଣୀ କରି କୁଆଡ଼େ ଚାଲିଗଲୁରେ ମୋ ଅନ୍ଧ ଲଉଡ଼ି !!"

ଯଦି ତମ ପାଖରେ ଏକାନ୍ତ ମନଟି ଥିବ, ତାହାଲେ ସେ ସ୍ୱର ଶୁଣି ତମେ ବି କହିବ ଅକିଞ୍ଚନ, ନିର୍ଦ୍ଧନଙ୍କ ପାଇଁ ସୁଖ ସ୍ୱପ୍ନ ପର୍ଯ୍ୟନ୍ତ ପହଞ୍ଚିଥିବାର ରାସ୍ତା ଏତେ ସହଜ ନୁହଁ । କାରଣ ତାଙ୍କ ପାଇଁ ସେ ରାସ୍ତାରେ ଗୋଟାଏ ବିରାଟ କାନ୍ଥ ଯୁଗ ଯୁଗ ଧରି ରହି ଆସିଛି, ଆଜି ବି ଅଛି । ■


ଜଗନ୍ନାଥ ସାହି, ଇନ୍ଦିରା ଗାନ୍ଧୀ ମହିଳା କଲେଜ ପାଖ
ଚାନ୍ଦିନୀ ଚୌକ, କଟକ-୨
ମୋ: ୯୪୩୭ ୬୦୪୨୮୦



## ପତ୍ରିକା ପରିଚୟ

### ପଞ୍ଚବଟୀ

**ସଂପାଦକ : ସୁଶାନ୍ତ କୁମାର ନାୟକ**



ପଞ୍ଚବଟୀ ନଗର, ୨ୟ ଲେନ୍
ରାୟଗଡ଼ା- ୭୬୫୦୦୧
ମୂଲ୍ୟ: ୩୦୦ ଟଙ୍କା

ବୃହତ୍ କଳେବର ନେଇ ସୁଶାନ୍ତ କୁମାର ନାୟକଙ୍କ ସଂପାଦନାରେ ପ୍ରକାଶ ପାଇଛି 'ଆମ ପଞ୍ଚବଟୀ'ର ଶାରଦୀୟ ବିଶେଷାଙ୍କ-୨୦୨୫ । ଓଡ଼ିଶାର ବହୁ ପ୍ରତିଷ୍ଠିତ କବି, କଥାକାର, ପ୍ରାବନ୍ଧିକ, ଗୀତିକବିଙ୍କ ସୃଜନ ସମ୍ଭାରରେ ସମୃଦ୍ଧ ହୋଇଛି 'ପଞ୍ଚବଟୀ'ର ଏହି ସଂଖ୍ୟାଟି । 'କାହାଣୀ' ବିଭାଗରେ ବିଭୂତି ପଟ୍ଟନାୟକ, ଗୌରହରି ଦାସ, ଜୟନ୍ତୀ ରଥ, କୃପାସାଗର ସାହୁ, ରବି ପଣ୍ଡା, ତରୁଣ କୁମାର ସାହୁ, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, କାଶୀନାଥ ନନ୍ଦୀ ପ୍ରମୁଖ କଥାକାରଙ୍କ ଗଳ୍ପରେ ସାମାଜିକ ବାସ୍ତବତା, ମାନବୀୟ ଭାବାବେଗ, ମଣିଷର ଦ୍ୱନ୍ଦ୍ୱ, ସଂଘର୍ଷ, ଜୀବନ ଯନ୍ତ୍ରଣାର କଥା ପ୍ରତିଫଳିତ ହୋଇଛି । ସେହିପରି କବିତା ବିଭାଗରେ ଫନୀ ମହାନ୍ତି, ବଂଶୀଧର ମହାନ୍ତି, ଅମରେଶ ପଟ୍ଟନାୟକ, ଭଗବାନ ଜୟସିଂହ, ଗାୟତ୍ରୀବାଳା ପଣ୍ଡା, ରକ୍ଷକ ନାୟକ, ପ୍ରୀତିଧାରା ସାମଲ ପ୍ରମୁଖଙ୍କ କବିତାରେ ମଣିଷ ମନର କଥା ଓ ବ୍ୟଥା ମାର୍ମିକ ଭାବେ ଚିତ୍ରିତ ହୋଇଛି । ପ୍ରବନ୍ଧ ବିଭାଗରେ ଡକ୍ଟର ସଂଘମିତ୍ରା ମିଶ୍ର, ଅଭୟ ଦ୍ୱିବେଦୀ, ଡକ୍ଟର ବିଜୟାନନ୍ଦ ସିଂହ, ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ ପ୍ରମୁଖଙ୍କ ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ଓ ତଥ୍ୟ ଭିତ୍ତିକ ହୋଇଛି । ସେହିପରି ସାକ୍ଷାତକାର, ସ୍ମୃତି ଅନୁଭୂତି, ଅନୁବାଦ ଗଳ୍ପ, ଫିଚର, ଗୀତି କବିତା ଆଦି ପ୍ରତିଟି ବିଭାଗ ମନଛୁଆଁ ହୋଇଛି । 'ପଞ୍ଚବଟୀ'ର ଶାରଦୀୟ ବିଶେଷାଙ୍କ ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

### ଶୋଭନା

**ସଂପାଦକ : ବିଧୁଭୂଷଣ ପଟ୍ଟନାୟକ**



କ୍ୱାର୍ଟର ନଂ: ୨ ଆର୍‌ଏଡ-୬୦,
ୟୁନିଟ୍- ୯
ଭୁବନେଶ୍ୱର-୨୨
ମୂଲ୍ୟ: ୧୫୦ ଟଙ୍କା

ମହିଳା ପତ୍ରିକାର ନବଦିଗନ୍ତ 'ଶୋଭନା' ଉତ୍ସବ ବିଶେଷ ପ୍ରକାଶ ପାଇଛି । ବିଧୁଭୂଷଣ ପଟ୍ଟନାୟକଙ୍କ ସଂପାଦନାରେ ପ୍ରକାଶିତ 'ଶୋଭନା'ର ଏହି ସଂଖ୍ୟାଟି ଓଡ଼ିଆ ସାହିତ୍ୟର ବହୁ ବରିଷ୍ଠ ଓ ଯୁବ କଥାକାରଙ୍କ ଗଳ୍ପରେ ପରିପୁଷ୍ଟ ହୋଇଛି । ବିଭୂତି ପଟ୍ଟନାୟକଙ୍କ 'ତମେ କେବେ ଆସିବ ନୟନା!', ତରୁଣକାନ୍ତି ମିଶ୍ରଙ୍କ 'ଆଗନ୍ତୁକ', ବନଜ ଦେବୀଙ୍କ 'ଫୁଲ ମନ ବୁଝେ', ଦାଶ ବେନହୁରଙ୍କ 'ବ୍ରହ୍ମରାକ୍ଷସ', ପରେଶ କୁମାର ପଟ୍ଟନାୟକଙ୍କ 'ସେମାନେ ହସୁଥିଲେ', ଶ୍ୟାମା ପ୍ରସାଦ ଚୌଧୁରୀଙ୍କ 'ପେଣ୍ଟିଂ', ସରୋଜିନୀ ସାହୁଙ୍କ 'କାଳପୁରୁଷ', କ୍ଷୀରୋଦ ଦାସଙ୍କ 'ମୋକ୍ଷ', ମଳୟ ମିଶ୍ରଙ୍କ 'ଧୂମକେତୁ', ସୁପ୍ରିୟା ପଣ୍ଡାଙ୍କ 'କ୍ରୁଶବିଦ୍ଧ ଅଠାବନ', ରବି ପଣ୍ଡାଙ୍କ 'ଭଗ୍ନାବଶେଷ', ରାଜ୍ୟବର୍ଦ୍ଧନ ଧଳ ମହାପାତ୍ରଙ୍କ 'ମନ ଦହନ', ଗିରୀଶ ସାହୁଙ୍କ 'କବିର ବ୍ୟଥା' ଗଳ୍ପଗୁଡ଼ିକରେ ସାଂପ୍ରତିକ ମଣିଷର ଜୀବନ ଯନ୍ତ୍ରଣା, ଭାବାବେଗ, ସଂଘାତ ଓ ସଂଘର୍ଷ, ଆଶା ଓ ଆକାଂକ୍ଷା ବଳିଷ୍ଠ ଭାବେ ଚିତ୍ରିତ ହୋଇଛି । କାହାଣୀ ମାଧ୍ୟମରେ ମଣିଷର ମନର ବେଦନାବୋଧକୁ କଥାକାରମାନେ ଅତି ସମ୍ବେଦନଶୀଳ ଭାବେ ପ୍ରକାଶ କରିଛନ୍ତି । ସେହିପରି ଯୁବ କଥା ପ୍ରଦୀପ ନାୟକ, ବିରଜା ରାଉତରାୟ, ଜାକିର ଖାନ୍, ଲିପ୍‌ସା ପଟେଲ, ଭାଗିରଥୀ ବେହେରା, ମାତୃଦତ୍ତ ମହାନ୍ତି, ସମରେନ୍ଦ୍ର ବଳିୟାରସିଂହ ପ୍ରମୁଖଙ୍କ ଗପଗୁଡ଼ିକ ମଧ୍ୟ ମନଛୁଆଁ ହୋଇଛି । 'ଶୋଭନା' ବିଶେଷ ଉତ୍ସବର କାହାଣୀଗୁଡ଼ିକ ପାଠକମାନଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

# ମୋ ମା'ର ଉପାସ



କେଦାର ମିଶ୍ର

ଆଠକାଳି ବାରମାସୀ ମୋ ମା'ର ଉପାସ ।

ଅସୁମାରି ତା'ର ଓଷାବ୍ରତ
କେବେ ଏକାଦଶୀ, କେବେ ସଂକ୍ରାନ୍ତି
କେବେ କେଉଁ ଈଶ୍ୱର ଜନ୍ମ ନେଇଥିଲେ କେଉଁଠି
ହଜାର ବର୍ଷ ପରେ ମୋ ମା'
ଈଶ୍ୱରଙ୍କର ଜନ୍ମଦିନ ପାଳୁଛି
ଭୋକ ଉପାସରେ ଏଇଠି ।

ଅନ୍ନରେ ନୁହେଁ ଅନାହାରରେ ଗଢ଼ା
ମୋ ମା'ର ପିଣ୍ଡ
ତା' ପେଟରେ ଭୋକ ବଦଳରେ ପୁଣ୍ୟ
ତା' ଆଖିରେ ଜଗତର
ସବୁ ସବୁ ମଙ୍ଗଳ ବିଧାନ ।

ବେଳେ ବେଳେ ମୋତେ ଲାଗେ
ମୁଁ ଇ ମୋ' ମା'ର ଅପରାଧୀ
ମୋ ଲାଗି ତା'ର କେତେ କେତେ
କାଷ୍ଠା ଓ ନିର୍ଜଳା ଉପବାସ
ମୋ'ଠୁ ବେଶି ଅପରାଧୀ ମୋର ବାପା

ଯିଏ ଚାଳିଶ ବର୍ଷ ତଳୁ ପାଉଁଶ ହୋଇଗଲେଣି ମଶାଣିରେ
ତଥାପି ସେ ମୋ ମା'ର ପେଟରେ ଭୋକ ହୋଇ ଜଳୁଥାନ୍ତି
ପ୍ରତି ମାସ ବିଧବା ଉପାସରେ, ଏକାଦଶୀରେ ।

ମୋତେ ଦେବୀ ଦେବତାମାନେ ଘଣ୍ଟ ଘୋଡ଼େଇ ରଖନ୍ତୁ ବୋଲି
ନିରବଚ୍ଛିନ୍ନ ତା'ର ଉପାସ ଓ ଉପାସନା
ମୁଁ କିନ୍ତୁ ସନ୍ଦେହ କରି ଆସିଛି
ସବୁ ଦେବତାମାନଙ୍କୁ
ମୁଁ ଚିରକାଳ ଈଶ୍ୱରଙ୍କ ବିପକ୍ଷରେ ଠିଆ ହୋଇଥିବା କବି
ମୋ ମା' କିନ୍ତୁ ଈଶ୍ୱରଙ୍କ ଆଗରେ
ମୋତେ ଜୀବନ ଦେଉଥିବା
ଉପାସୀ ଦେହର ଦେବୀ । ■

ବିନୋଦିନୀ ନିବାସ, ୨୬୫/୧୭୩୬ ଏ
ଶାସ୍ତ୍ରୀ ନଗର, ୟୁନିଟ -୪, ଭୁବନେଶ୍ୱର-୧



# ଘର



ସୂର୍ଯ୍ୟସ୍ନାତ ତ୍ରିପାଠୀ

"ଘରଟିଏ ଗଢିବାର ଅଛି..."

ଏଇ ଗୋଟିଏ ସ୍ୱପ୍ନକୁ
ମାଂସଳ କୁଜଟିଏ ଭଳି
ପିଠିରେ ବୋହି, ସମୟର
ତତଲା ବାଲିରେ ଚାଲି ଆସିଲିଣି
କାହିଁ କେତେ ବାଟ!

ଏବେ, ଉତ୍ତରାକାଶରେ ଚମକୁଛି
ଯେଉଁ ଧ୍ରୁବତରା, ବୋଉର ଆଖିଦାଢ଼ରେ
ସେ ଢଳ ଢଳ ମୋତିଟିଏ ମାତ୍ର...

(ମାତ୍ର? ହାୟ,
ଏ ବହପ ଜିଭର...)

ବୋଉ ହୁଏତ ଜାଣେ ନାହିଁ,
ତା' ଓଠର ଧାରେ ଓଦା ହସ ପାଇଁ
ଖରାଠୁ ଲୁଚେଇ ମୁଁ ସାଇତି ରଖିଛି
ସବୁତକ ଶୋଷ ମୋର

ସେ ଜାଣେ ନାହିଁ,
ତା' କୋଳରେ ଏ ସଂସାରର
ଶେଷ ମରୁଝର!

ଓ ମରୀଚିକା?
ମରୀଚିକା ତ ବାହାନା କେବଳ,
ମୃତ୍ୟୁମୁହାଣକୁ ଏ ଯାତ୍ରା ମୋର!

ସେଇଠି ସ୍ୱପ୍ନଭଙ୍ଗ,
ସେଇଠି ହ୍ରଦଟିଏ ବହଳ
ରକ୍ତର... ■

ସିଦ୍ଧେଶ୍ୱରପୁର, କଟକ

## ମୁଁ କାହିଁକି ଲେଖେ

# "ମୋର ପ୍ରିୟ ପୃଥିବୀର ଋଣ ଶୁଝିବାକୁ ଲେଖୁଛି"



ଚିରଶ୍ରୀ ଇନ୍ଦ୍ରସିଂ

ମୋର ପ୍ରତି ମୁହୂର୍ତ୍ତରେ ବଞ୍ଚି ରହିବା, ଚାରିପଟର ମଣିଷମାନଙ୍କୁ କୌତୂହଳର ସହ ଦେଖିବା କେବଳ ମଣିଷ ନୁହେଁ, ମାନବେତର ଜୀବ ଜଗତକୁ ବୁଝିବାକୁ ଆଗ୍ରହ ରଖିବା, କଳ୍ପନାର ଉଡ଼ାଣ ଲଗାଇ ଦେଖି ପାରୁ ନଥିବା ବିଶ୍ୱବ୍ରହ୍ମାଣ୍ଡ ସହିତ ଯୋଡ଼ି ହୋଇ ରହିବାକୁ ଇଚ୍ଛା କରିବା, ନିଜର ସତ୍ତା ଓ ଅନ୍ୟ ଅନେକଙ୍କର ସମ୍ଭାବନାର, ସମୃଦ୍ଧିର, ସୁଖର ବାଟ ଓଗାଳି ଠିଆ ହୋଇଥିବା ଅନ୍ୟାୟ, ଅନୀତି, ଅନ୍ଧବିଚାର ଓ ବିଶ୍ୱାସମାନଙ୍କୁ ପ୍ରଶ୍ନ କରିବା, ଭିତରର ନାନା ଭୀରୁତା, ଭୟ, କ୍ରୋଧ ଓ କାରୁଣ୍ୟ ସତ୍ତ୍ୱେ ଆପାତତଃ ସ୍ୱାଭାବିକ ଜୀବନ ଯାତ୍ରା ଜାରି ରଖିବାର ଅଭିନୟ କରିବା - ଏମିତି ନାନା କଥା ସହ ଛନ୍ଦାଛନ୍ଦି ହୋଇ ରହିଛି ମୋର ଲେଖାଲେଖିର ଗୁମର ।

ସମାଜ ଓ ସାମାଜିକ ଘଟଣା ସବୁକୁ ମୁଁ ଦେଖିଛି ଖୋଲା ଆଖିରେ । ଆପ୍ରାଣ ଚେଷ୍ଟା କରିଛି କ୍ଷମତା ଓ ଖ୍ୟାତିର ଖାତା ଖତିୟାନା ଭରି ରହିଥିବା ଖମାର ଘର ପାଖରେ ନିଉଛାଳି ହୋଇ ଠିଆ ନହେବା ପାଇଁ । ମୋ ଗାଁ, କୈଶୋରରେ ବାପାଙ୍କ ସହ ତାଙ୍କର ଚାକିରି ଜାଗାମାନଙ୍କରେ ପାଠ ପଢ଼ିଥିବା ବିଦ୍ୟାଳୟ ଓ ସରକାରୀ କ୍ୱାର୍ଟର୍ସ ସବୁର ପରିବେଶ, ମୋର ଚାକିରି ଜାଗା, ବିଭିନ୍ନ ଅବସରରେ ଭେଟିଥିବା କିଛି ଅସାଧାରଣ ଚରିତ୍ର, ମୋର ପରିଚିତ ଓ ପ୍ରିୟ ମଣିଷମାନେ, ମୋର ଜୀବନ ବଞ୍ଚିବାର ଅନୁଭୂତି ଓ ମୋର ସ୍ୱପ୍ନ ପ୍ରବଣତା- ଏସବୁ ମୋର ଲେଖାଲେଖିରେ ରହନ୍ତୁ ବୋଲି ମୁଁ ଇଚ୍ଛା କରିଛି । ରାତି ଅଧରେ, ସେତେବେଳେ ବିଜୁଳି ସଂଯୋଗ ହୋଇ ନଥିବା ମୋର ପଲ୍ଲୀ ଗାଁରେ,ଯେଉଁଠି ଥିଲା ଗଡ଼ଜାତି ମେଘ-ରାତିର ଅନ୍ଧାର ସେମିତି ସମୟରେ କେବେ କେବେ ମୋ ବୋଉ ଏକୁଟିଆ ମନକୁ ମନ ଗାଉଥିଲା 'ପ୍ରଣୟବଲ୍ଲରୀ', 'କୀଚକବଧ', 'ଚିଲିକା' ବା 'ଧୂପ'ର ପଦ ପରେ ପଦ । ସେଇ ଶିହରଣ ମିଶି ଯାଇଚି ମୋର ପ୍ରାଣ-ପବନରେ ଓ ମୁଁ ବି କବିତା ଗୁଣୁଗୁଣୁ ହୋଇଛି । ପଦ ଯୋଡ଼ିଛି, ସ୍ୱର ଖଞ୍ଜିଛି । ଲୋଡ଼ିଛି ବ୍ୟାକୁଳ ଭାବରେ, କବିତାରେ ରହୁ ବୋଲି ମୋର ଭଲ ପାଇବା, ମୋର ଭାବଅଭାବ, ମୋର ବିଦ୍ରୋହ ଓ ମୋର ବିଭୋରପଣର ବିନ୍ୟାସ ଓ ବିଳାସ ।

ବହୁତ ସାନ ବୟସରେ, ପଞ୍ଚମ ଷଷ୍ଠ ଶ୍ରେଣୀ ବେଳକୁ କବିତା ଲେଖିବା ଆରମ୍ଭ କରିଥିଲି । ଦୁଇ ତିନି ଧାଡ଼ି ଲେଖିସାରିଲା ବେଳକୁ ଅନାବନା କରି, ପାଦ ତଳେ ଫୁଟି ଯାଉଥିଲା ସତେ କି ଶହେ ଭାର ପଦ୍ମ । ଖୁସି, କେବଳ ଖୁସି । ସେ ଖୁସିର ତୁଳନା ନାହିଁ, ବିକଳ୍ପ ନାହିଁ । ଜାଣେ, ସେ ଖୁସି ଆଉ ଥରେ ଜୀବନକୁ ଫେରି ଆସିବାର ନାହିଁ । ସେଇ ଖୁସିକୁ କିନ୍ତୁ ମୁଁ ଏବେ ବି ଖୋଜେ, ଖୋଜୁଥାଏ ।

ଘରେ ବାପାବୋଉ ଅନେକ ପତ୍ରପତ୍ରିକା କିଣନ୍ତି । ଗାଁକୁ ଗଲେ ଛୁଟିରେ, ସନ୍ଧ୍ୟାରେ ପଢ଼ିବାକୁ ପଡ଼େ ଭାଗବତ । ଛପା ଅକ୍ଷରରେ ପୁରାଣ ହେଉ କି ପ୍ରେମକଥା, ମନରେ ଲୋଭ ଜଗାଏ । ମୋର ଗୀତ ବି ଛପା ହେଉ । ପଠେଇ ଦିଏ କେବେ କେବେ ଡାକରେ । କଟକ,ଭୁବନେଶ୍ୱର ଅନେକ ଦୂର । ଛପା ହେଲା କି ନାହିଁ ଜଣାପଡ଼େନି । ପୋଷ୍ଟକାର୍ଡରେ ଚିଠି ପହଞ୍ଚିଛି କେତେ ଥର ଭଲ ଲାଗିଲା ଗୀତ । କୋଉ ପତ୍ରିକା, କ'ଣ, କିଛି ଜଣାପଡ଼େ ନାହିଁ । ଦିନେ ଦେଇଗଲା ଡାକବାଲା - 'କୁନିକଥା' । ଭିତରେ ମୋର ଛପା ଅକ୍ଷରରେ ଲେଖା କବିତା - 'ଟିକି ଦିଅଁ ମୋର ଟିକି ଦିଅଁ' । ସେଦିନ ମୁଁ ଦ୍ୱିଜ ହେଲି, ଜନ୍ମ ନେଲି ଆଉ ଥରେ ।

ମୋ ବୋଉ ମୋର ଶବ୍ଦର ଠାକୁରାଣୀ । ଅତି ସାଧାରଣ ଘରକରଣା ଭିତରେ କେମିତି ଜଣେ ଶବ୍ଦ ଓ ସ୍ୱରର ବିଭବ ଓ ବିଚିତ୍ରତାକୁ ନିଜ ବ୍ୟକ୍ତିତ୍ୱରେ ଧାରଣ କରି ରାଜରାଣୀ ପରି ବଞ୍ଚେ, ବଞ୍ଚିପାରେ- ସେ ତା'ର ଉଜ୍ଜ୍ୱଳ ଉଦାହରଣ । ତା' ପରି ସହଜ ଖୁସି ଓ ସହଜ କଥା ନୁହେଁ ମୋ ପାଇଁ ଲେଖାଲେଖି । ମୋ କାମଟି ନିଜକୁ ଦର୍ପଣରେ ଦେଖିବାର ସହଜ ସ୍ମିତ ନୁହେଁ, ଏ କାମରେ ଅନ୍ୟର ମୁହଁ ପାଖରେ ବି କେବେକେବେ ମୁଁ ଥୋଇ ଦିଏ ଦର୍ପଣ, ଏ କାମରେ ଭଲ କଥାକୁ ଭୁଲ ବୁଝିବାର ଭୟ ଥାଏ, ଥାଏ ବି ଦର୍ପଣ ପଛପଟରୁ ପାରଦ ଖସି ଯାଇଥିବାର ବିକଳ ବିଡ଼ମ୍ବନା ।

ପେଟ ପୋଷିବା ପାଇଁ ମୁଁ ରାଜନୀତି ବିଜ୍ଞାନ ପ୍ରତିଦିନ ପଢ଼ାଏ । ରାଜନୀତି ବିଜ୍ଞାନ ଶାସ୍ତ୍ରଟିକୁ ଧର୍ମାଚାର ପରି ପ୍ରତିଦିନ ପଢ଼ିଛି ବୋଲି କହି ପାରିବି ନାହିଁ । କିନ୍ତୁ ଏଇ ସମାଜଶାସ୍ତ୍ର ସମାଜକୁ ବୁଝିବାରେ ମତେ ସାହାଯ୍ୟ କରିଛି । ମୋର ରହିବା ଜାଗା ସବୁ ଏମିତି ଯେ, ସେଠୁ ଗାଁ ବି ଦିଶେ, ସହର ବି ଦିଶେ । ଗାଁ ସବୁ ଦ୍ରୁତ ଗତିରେ ଧାଇଁ ଥାଆନ୍ତି ସହର ମୁହାଁ । ଆଧୁନିକ ଜୀବନର ବାସ୍ତବତା, ଦୁନିଆଁର ଦୂଷଣ, ସୌଜନ୍ୟ ଓ ସୀମାବଦ୍ଧତାର ସଚେତନତା, ଭଲପଣର ଅସହାୟତା ଇତ୍ୟାଦିକୁ ଦେଖୁଥାଏ ମୁଁ । ଯାହା ଭାବିଛି, ଯାହା କହିବାକୁ ଚାହିଁଛି, କିଛି ଦଶନ୍ଧି ତଳେ ସବୁ କଥା କହିପାରିନି, ତେବେ ନିଜର କୁଣ୍ଠା ସବୁକୁ ଅତିକ୍ରମ କରିବାକୁ ଚେଷ୍ଟା କରିଛି ଅକ୍ଲାନ୍ତ । ଅନ୍ୟ କାହର ଚଷମା ପିନ୍ଧି ଦେଖି ନାହିଁ ଘଟଣାମାନଙ୍କୁ କି ନିଜକୁ । ଯୋଉଠି ଯାହା ଯେମିତି ଲୋଡ଼ା ପଡ଼ିଛି, ସେଇଭଳି ଭାଷା, ଶୈଳୀ, ବର୍ଣ୍ଣନା ଓ ଶବ୍ଦ ଖୋଜି ଆଣିବାକୁ ଅଣ୍ଟା ଭିଡ଼ି ବାହାରି ପଡ଼ିଛି । କଞ୍ଚା, ନିରୁତା, ଆଟୋପହୀନ, ଆଡ଼ମ୍ବରହୀନ ଅଥଚ ଜୀବନର ପାଖାପାଖି ରଖିବାକୁ ଚାହିଁଛି ମୋର ଅନୁଭବ- ମୋର ପାଠକମାନଙ୍କ ପାଖରେ ।

ପୃଥିବୀ ବଦଳି ଚାଲିଛି । ରାଜନୀତିର ବାମ, ଡାହାଣ ଓ ମଧ୍ୟମ ପନ୍ଥାର ପାଗଳାମୀ, ମହାବାତ୍ୟା, ମହାମାରୀ, ତୃତୀୟ ଲିଙ୍ଗ ବିଚାର, ଜଗତୀକରଣ- କେତେ ବିରୋଧାଭାଷ, ବିକଳ୍ପ ଓ ବିଭିନ୍ନତା । ନିଜେ ନାରୀ ହୋଇଥିବାରୁ ଏସବୁ ଭିତରେ ନାରୀର କଥା, ସୀମାନ୍ତରିତ ମଣିଷମାନଙ୍କର କଥା ଆସିଛି ମୋ ଲେଖାଲେଖି ଭିତରକୁ । ଯଥାସମ୍ଭବ ଏଡ଼େଇ ଯାଇଛି ଉତ୍ତାପ ଓ ଉତ୍ତେଜନା ଭରା କେଉଁ ଗୋଠଛଡ଼ା କଥାକୁ ଗୁରୁତ୍ୱ ଦେବା ।

ନାନାଦି ଦୁଃଖରେ ଭରା ମଣିଷର ଜୀବନ । ଅଳ୍ପ ମଣିଷ ବହୁ ମଣିଷଙ୍କୁ ଦୁଃଖ ପାଇବାର କାରଣ ହୁଅନ୍ତି । ମଣିଷଙ୍କୁ ଭଲ ପାଇ ସାହିତ୍ୟ ଲେଖିବାକୁ ଗଲେ ସେଇ ଦୁଃଖର ତୋଡ଼ ବି ଛାତିରେ ବାଜେ । ଦୋଷୀ ଦୋଷୀ ଲାଗେ ବୁଝି ପାରିଲାରୁ ଯେ, ଦ୍ରୋହ ଓ ଦରଦକୁ ଧରି ରଖିବାକୁ ଅକୁଳାଣ ହେଉଛି ମୋର ସାମର୍ଥ୍ୟ!

ଜୀବନରେ ଓ ଜଗତରେ ଅନେକ କ୍ଷତ ଚିହ୍ନ ।

କ୍ଷତିରେ ଚାଲିଛି ସମୟ ।

ନିଜକୁ ଯଦି ପଚାରୁଛି ଯେ, କାହିଁକି ମୁଁ ଲେଖୁଛି (ଏ ପ୍ରଶ୍ନର ଉତ୍ତର ଦେବାକୁ ମୁଁ ଏଡ଼େଇ ଯାଇଛି ବହୁ ଥର । ଭୟ ଲାଗିଛି ଯେ, ନିଜ ବିଷୟରେ କହିବା ହେଇପାରେ ଅତିଶୟୋକ୍ତି, ହେଇ ବି ପାରେ କୁଣ୍ଠିତ ଅର୍ଦ୍ଧସତ୍ୟ) ମତେ ଲାଗୁଛି ଯେ ସମୟର ପଲାରେ କିଛି ଭଲ ଅନୁଭବ ରଖିଦେବା ପାଇଁ ମୁଁ ଲେଖୁଛି । କ୍ଷତମାନଙ୍କରେ ଛୁଆଁଇ ଦେବା ପାଇଁ ଭଲ ପାଇବାର ମଲମ ଓ ସାହାଯ୍ୟ କରିବାକୁ ମଣିଷକୁ ଓହ୍ଲେଇ ଦେବାକୁ ତା' ଆଖିରୁ ଅନ୍ଧାର, ଲେଖୁଛି ମୁଁ । ମୋର ପ୍ରିୟ ପୃଥିବୀର ଋଣ ଶୁଝିବାକୁ ଲେଖୁଛି ମୁଁ, ଲେଖୁଛି ନିଜେ ବଞ୍ଚି ରହିଛି ବୋଲି ବୁଝି ପାରିବା ପାଇଁ । ■

ଅଡ଼ଶପୁର, କଟକ
ପିନ୍:୭୫୪୦୧୧
ମୋ:୮୦୧୮୪୨୦୫୧୭

## ୧୦୮୫ଟି ଦୁର୍ଗାମେଢ଼କୁ ମିଳିବ ୭ କୋଟି ୧ ଲକ୍ଷ ୪୦ ହଜାର ଟଙ୍କାର ଅନୁଦାନ

ଭୁବନେଶ୍ୱର,୪।୧୦(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟର ୧୦୮୫ଟି ଦଶହରା ଦୁର୍ଗାମେଢ଼କୁ ୭କୋଟି ୧ଲକ୍ଷ ୪୦ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଦୁର୍ଗାମେଢ଼କୁ ୩ଗୋଟି ବର୍ଗରେ ବିଭକ୍ତ କରାଯାଇ ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ୨୧୫ ଐତିହ୍ୟ ସମ୍ପନ୍ନ ଦୁର୍ଗାମେଢ଼ ପାଇଁ ୨ କୋଟି ୧୭ ଲକ୍ଷ ୧୫ ହଜାର ଟଙ୍କା ପ୍ରଦାନ କରାଯିବ। ପ୍ରତ୍ୟେକ ଐତିହ୍ୟ ସମ୍ପନ୍ନ ମେଢ଼କୁ ୧ ଲକ୍ଷ ୧ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ସେହିପରି ୭୫ ବର୍ଷ ପୁରୁଣା ୧୯୭ଟି ମେଢ଼କୁ ୧ କୋଟି ୪୭ ଲକ୍ଷ ୭୫ ହଜାର ଟଙ୍କା ପ୍ରଦାନ କରାଯିବ। ଏହି ବର୍ଗରେ ପ୍ରତ୍ୟେକ ମେଢ଼କୁ ୭୫ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ଅନ୍ୟପକ୍ଷରେ ୫୦ ବର୍ଷ ପୁରୁଣା ୬୭୩ମେଢ଼କୁ ୩ କୋଟି ୩୬ ଲକ୍ଷ ୫୦ହଜାର ଟଙ୍କା ପ୍ରଦାନ କରାଯିବ। ଏହି ବର୍ଗର ପ୍ରତ୍ୟେକ ମେଢ଼କୁ ୫୦ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ରାଜ୍ୟର ସମୁଦାୟ ୧୦୮୫ ଦଶହରା ଦୁର୍ଗାମେଢ଼ଙ୍କୁ ୭କୋଟି ୧ଲକ୍ଷ ୪୦ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ ନିମନ୍ତେ ନିଷ୍ପତ୍ତି ନେଇ ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ମାନସିକ ଭିନ୍ନକ୍ଷମ ମହିଳାଙ୍କୁ ଟ୍ରକ୍ ଚାଳକର ଅପହରଣ

## ରାନ୍ଧିଆରୁ ପୀଡ଼ିତା ମହିଳା ଉଦ୍ଧାର

ଭଦ୍ରକ, ୪।୧୦ (ସମିସ): ବିଳମ୍ବିତ ରାତ୍ରିରେ ଭଦ୍ରକ ଚରମ୍ପାରୁ ଜଣେ ମାନସିକ ଭିନ୍ନକ୍ଷମ ମହିଳାଙ୍କୁ ଅପହରଣ କରିନେବା ଅଭିଯୋଗରେ ଭଦ୍ରକ ପୁଲିସ ଅଭିଯୁକ୍ତ ଟ୍ରକ୍ ଚାଳକ ଏମ୍. ଡି ସଦ୍ଦାମ ହୁସେନକୁ ଗିରଫ କରିଛି। ତା' ଘର ବିହାର ଅଞ୍ଚଳରେ। ଏହାସହ ପୁଲିସ୍ ଭଦ୍ରକ-ବନ୍ତ ରାସ୍ତା ରାନ୍ଧିଆ ଛକ ରାସ୍ତା କଡ଼ରୁ ପୀଡ଼ିତା ମହିଳାଙ୍କୁ ଉଦ୍ଧାର କରିଛି। ମାନସିକ ଭିନ୍ନକ୍ଷମ ମହିଳାଙ୍କୁ ସେ ଦୁଷ୍କର୍ମ କରିବା ପରେ ରାସ୍ତାକଡ଼ରେ ଫିଙ୍ଗି ଦେଇଥିବା ପୁଲିସ୍ ସନ୍ଦେହ କରୁଛି। ଉଭୟଙ୍କ ଡାକ୍ତରୀ ମାଇନା କରାଯିବା ପରେ ଏହା ସ୍ପଷ୍ଟ ହେବ। ଭଦ୍ରକ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ଗତ ୨ ତାରିଖ ରାତି ପ୍ରାୟ ୧୨ଟା ୫୦ରେ ବର୍ଷା ଦାଉରୁ ରକ୍ଷା ପାଇବାକୁ ରାସ୍ତାକଡ଼ରେ ଜଣେ ମାନସିକ ଭିନ୍ନକ୍ଷମ ମହିଳା ଏକୁଟିଆ ଛିଡ଼ା ହୋଇଥିଲେ। ଏହି



**ଝୁମ୍ପୁରାରୁ ଟ୍ରକ୍ ସହ ଅଭିଯୁକ୍ତ ଗିରଫ**

ସମୟରେ ଟ୍ରକ୍ ନେଇ ସେହି ବାଟ ଦେଇ ଯାଉଥିବା ସଦ୍ଦାମ ତାଙ୍କୁ ଟେକିନେଇ ଟ୍ରକ୍‌ରେ ଅପହରଣ କରିଥିଲା। ହେଲେ, ଏହାର ଦୃଶ୍ୟ ସ୍ଥାନୀୟ ଏକ ସିସିଟିଭିରେ କଏଦ୍ ହୋଇଯାଇଥିଲା। ସକାଳୁ ସୋସିଆଲ ମିଡିଆରେ ଏହି ଦୃଶ୍ୟ ଘୂରି ବୁଲିବା ପରେ ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଆରମ୍ଭ କରିଥିଲା। ଗତକାଲି ବିଳମ୍ବିତ ରାତ୍ରିରେ ଅଭିଯୁକ୍ତକୁ କେନ୍ଦୁଝର ଝୁମ୍ପୁରାରୁ ଗିରଫ କରିବାକୁ ସକ୍ଷମ ହୋଇଥିଲା। ପୁଲିସ ବ୍ୟବହୃତ ଟ୍ରକକୁ ଜବତ କରିବା ସହ ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି। ଅନ୍ୟପଟେ ମାନସିକ ଭିନ୍ନକ୍ଷମ ମହିଳାଜଣଙ୍କ ପଶ୍ଚିମବଙ୍ଗରେ ବୋଲି ଜଣାପଡ଼ିଛି। ସେ ଘଟଣାକୁ ନେଇ କୌଣସି ସ୍ପଷ୍ଟ କଥା କହୁ ନଥିଲେ ମଧ୍ୟ ତାଙ୍କ ସହ ଦୁଷ୍କର୍ମ ହୋଇଥିବା ସନ୍ଦେହ କରାଯାଇଛି। ସେହିଭଳି ପାରିପାର୍ଶ୍ୱିକ ସ୍ଥିତି ଓ ଡାକ୍ତରୀ ରିପୋର୍ଟ ଅନୁଯାୟୀ ପୁଲିସ ତଦନ୍ତ ଆରମ୍ଭ କରିଥିବା ଅତିରିକ୍ତ ଏସ୍‌ପି ଶ୍ରୀ ବେହେରା କହିଛନ୍ତି। ଏନେଇ ଟ୍ରକ୍ ମାଲିକ ଚିତ୍ତରଞ୍ଜନ ପ୍ରଧାନ କହିଛନ୍ତି, ଗତ ୩ମାସ ହେବ ଅଭିଯୁକ୍ତ ତାଙ୍କ ଟ୍ରକ୍ ଚଳାଉଥିଲା।

**■ ବିଜେଡି ଆଇଟି ଓ ସୋସିଆଲ ମିଡିଆ ସେଲ**

## ଅମରେଶ ପତ୍ରୀଙ୍କୁ ସହ ଆବାହକ ଦାୟିତ୍ୱ

ଭୁବନେଶ୍ୱର, ୪।୧୦(ସମିସ): ବିଜେଡି ଆଇଟି ଓ ସୋସିଆଲ ମିଡିଆ ସେଲ କମିଟିରେ ନୂଆ ନିଯୁକ୍ତ ପ୍ରଦାନ କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ନୂଆ ନିଯୁକ୍ତିକୁ ଅନୁମୋଦନ ଦେଇଛନ୍ତି। ଏନେଇ ବିଜେଡି ରାଜ୍ୟ କାର୍ଯ୍ୟାଳୟରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ(ଯୁବ ବ୍ୟାପାର) ଅମରେଶ ପତ୍ରୀଙ୍କୁ ଆଇଟି ଓ ସୋସିଆଲ ମିଡିଆ ସେଲର ସହ-ଆବାହକ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି କ୍ୟାମ୍ପେନ୍ ଟିମ୍ ସଂଯୋଜକ ଭାବେ ଜ୍ୟୋତିରଞ୍ଜନ ଜେନା, ରିସର୍ଚ୍ଚ ଟିମ୍ ସଂଯୋଜକ ଭାବେ ବିଶ୍ୱପ୍ରତାପ ସାହୁ, କଣ୍ଟେଣ୍ଟ ରାଇଟର୍ ସଂଯୋଜକ ଭାବେ କୃଷ୍ଣପ୍ରିୟା ମିଶ୍ର ଓ ଲଗ୍ନଜିତ୍ ମହାନ୍ତିଙ୍କୁ ନିଯୁକ୍ତି ମିଳିଛି। ରାଜ୍ୟସ୍ତରୀୟ ଏବଂ ତୃଣମୂଳସ୍ତରୀୟ ଇନଫ୍ଲୁଏନ୍ସର୍ ସଂଯୋଜକ ଭାବେ ରଶ୍ମିରଞ୍ଜନ ମହାନ୍ତି, ଉମେଶ ଜେନା କାର୍ଯ୍ୟ କରିବେ।

## ବିଜେଡି ଆଇଟି ସେଲର ଷ୍ଟିୟରିଂ ଓ କାର୍ଯ୍ୟାନ୍ୱୟନ କମିଟି ଗଠିତ

ଭୁବନେଶ୍ୱର, ୪।୧୦(ସମିସ): ବିଜେଡି ଆଇଟି ଓ ସୋସିଆଲ ମିଡିଆ ସେଲର ଷ୍ଟିୟରିଂ କମିଟି ଏବଂ କାର୍ଯ୍ୟାନ୍ୱୟନ କମିଟି ଗଠନ କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ନୂଆ ନିଯୁକ୍ତିକୁ ଅନୁମୋଦନ ଦେଇଛନ୍ତି। ଷ୍ଟିୟରିଂ କମିଟିରେ ମୋଟ ୧୩ଜଣ ନେତା ସ୍ଥାନ ପାଇଛନ୍ତି। ସେମାନେ ହେଲେ ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ପ୍ରତାପ ଜେନା, ସ୍ନେହାଙ୍ଗିନୀ ଛୁରିଆ, ସୁଲତା ଦେଓ, କଳିକେଶ ନାରାୟଣ ସିଂହଦେଓ, ମହେଶ ସାହୁ, ପ୍ରୀତିରଞ୍ଜନ ଘଡାଇ, ତୁଷାରକାନ୍ତି ବେହେରା, ପ୍ରଣବ କୁମାର ବଳବନ୍ତରାୟ, ବ୍ୟୋମକେଶ ରାୟ, ଦେବେଶ ଆଚାର୍ଯ୍ୟ ଓ ଭୃଗୁ ବକ୍ସିପାତ୍ର। ସେହିପରି କାର୍ଯ୍ୟାନ୍ୱୟନ କମିଟିରେ ୧୫ଜଣ ନେତାଙ୍କୁ ସ୍ଥାନ ମିଳିଛି। ସେମାନେ ହେଲେ, ସୁଲୋଚନା ଦାସ, ସୁନୀଲ କୁମାର ମହାନ୍ତି, ଶର୍ମିଷ୍ଠା ସେଠୀ, ଲେଖାଶ୍ରୀ ସାମନ୍ତସିଂହାର, ବର୍ଷା ସିଂ ବରିହା, ରୁଦ୍ରପ୍ରତାପ ମହାରଥୀ, ମନ୍ମଥ କୁମାର ରାଉତରାୟ, ଅବିନାଶ ସାମଲ, ବିଷ୍ଣୁବ୍ରତ ରାଉତରାୟ, ଡ. ଲେନିନ୍ ମହାନ୍ତି, ଚିନ୍ମୟାନନ୍ଦ ଶ୍ରୀରୂପ ଦେବ, ସୁଶ୍ରୀ ରଞ୍ଜିତା ସାହୁ, ଚିନ୍ମୟ କୁମାର ସାହୁ, ଇପ୍ସିତା ସାହୁ ଓ ସ୍ୱୟମପ୍ରକାଶ ମହାପାତ୍ର।

**■ ଆଦି କର୍ମଯୋଗୀ ଅଭିଯାନ**

## ଓଡ଼ିଶାରେ ୫,୫୦୦ରୁ ଅଧିକ ଗ୍ରାମ କାର୍ଯ୍ୟଯୋଜନା ଅନୁମୋଦିତ

ଭୁବନେଶ୍ୱର, ୪।୧୦ (ସମିସ): ଗାନ୍ଧୀ ଜୟନ୍ତୀର ଶୁଭ ଅବସରରେ ଓଡ଼ିଶାରେ ଆଦି କର୍ମଯୋଗୀ ଅଭିଯାନ ଅଧୀନରେ ବିଶେଷ ଗ୍ରାମସଭା ଆୟୋଜିତ ହୋଇଛି। ଏହି ଅଭିଯାନରେ ସମଗ୍ର ରାଜ୍ୟରେ ୫,୫୦୦ରୁ ଅଧିକ ଗ୍ରାମ କାର୍ଯ୍ୟ ଯୋଜନା ଅନୁମୋଦନ ପାଇଛି। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆଦି କର୍ମଯୋଗୀ ଅଭିଯାନ ଆରମ୍ଭ କରାଯାଇଥିବା ବେଳେ ଏହା ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନର ଏକ ଅଂଶ। ଓଡ଼ିଶାରେ ଏହି ଅଭିଯାନରେ ୨୨ଟି ଜିଲ୍ଲାର ୨୧୩ଟି ବ୍ଲକ୍‌ର ୭,୬୨୩ଟି ଗ୍ରାମ ସାମିଲ ହୋଇଛି। ଗ୍ରାମ କାର୍ଯ୍ୟ ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ୧ ଲକ୍ଷ ଆଦିସାଥୀ ଓ ୩୦,୦୦୦ ଆଦି ସହଯୋଗୀଙ୍କୁ ସଂଗଠିତ କରାଯାଇଛି। ସେଥିପାଇଁ ରାଜ୍ୟର ସମସ୍ତ ଜିଲ୍ଲାର ୫୦ରୁ ଅଧିକ ସିଭିଲ୍ ସୋସାଇଟି ଅର୍ଗାନାଇଜେସନ୍ (ଏନଜିଓ)ଙ୍କୁ ସହଭାଗୀ ଭାବେ ସାମିଲ କରାଯାଇଛି।

ଚିହ୍ନଟ କରାଯାଇଥିବା ସମସ୍ତ ଗ୍ରାମରେ ୭,୬୨୩ଟି ଆଦି ସେବା କେନ୍ଦ୍ର ସ୍ଥାପନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସେଥିମଧ୍ୟରୁ ୬,୨୫୫ଟି ଆଦି ସେବା କେନ୍ଦ୍ର ଅକ୍ଟୋବର ୨ ରେ ଉଦ୍‌ଘାଟିତ ହୋଇଛି। ଏହି କେନ୍ଦ୍ରଗୁଡ଼ିକ ସେବା ପ୍ରଦାନ ଏବଂ ସାମୁଦାୟିକ ସମ୍ପୃକ୍ତି ପାଇଁ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ପ୍ରତ୍ୟେକ ଗ୍ରାମରେ ସାମୁଦାୟିକ ପଦଯାତ୍ରା, ଗ୍ରୁପ୍ ଆଲୋଚନା, ସମ୍ବଳ ଏବଂ ଭିଜନ୍ ମ୍ୟାପିଂ ଭଳି ପଦକ୍ଷେପ ଗ୍ରହଣ କରି ଗ୍ରାମ କାର୍ଯ୍ୟ ଯୋଜନାଗୁଡ଼ିକ ପ୍ରସ୍ତୁତ କରାଯାଇଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ETCECONIIBBS2025040, ତା. 12.09.2025 ରିଖ ର

**ଶୁଦ୍ଧିପତ୍ର-1**

ଉପରେ ଉଲ୍ଲିଖିତ ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା ର ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟରେ ଆବଶ୍ୟକ ରୂପାନ୍ତରଣ କରାଯାଇଅଛି ।

| ପ୍ରକାଶିତ ଅନୁଯାୟୀ | ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ |
|---|---|
| 14.10.2025, 1200 ଘଟିକା | 24.10.2025, 1200 ଘଟିକା |

ଶୁଦ୍ଧିପତ୍ର ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି www.ireps.gov.in ଅବଲୋକନ କରନ୍ତୁ । ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-122/CI/25-26

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.MCS/Stores/E-Procure/ Tender Notice/Coupler/339, ତା.23.09.2025ରିଖ

ଟେଣ୍ଡର ସଂ.92255842, ସାମଗ୍ରୀଗୁଡ଼ିକର ବିବରଣୀ: RDSO ବିନିର୍ଦ୍ଦେଶ ସଂ RDSO/2011/CG-03 (ସଂଶୋଧନ-3) ଜାନୁଆରୀ, 2019 ଅନୁଯାୟୀ ଭାରତୀୟ ରେଳପଥର ବୋର୍ଡ଼ ଗେଜ୍ (BG) ପାସେଞ୍ଜର କୋଚ୍ ଗୁଡ଼ିକର ଫିଟମେଣ୍ଟ ନିମନ୍ତେ AAR H ହେଡ୍ ଏବଂ ବାଲାନ୍ସ ଡ୍ରାଫ୍ଟ ଗିଅର (Head and Balanced Draft Gear) ସହିତ ହାଇ ଟେନ୍ସାଇଲ ଟାଇଟ୍ ଲକ୍ ସେଣ୍ଟର ବଫର କପଲର (High Tensile Tight Lock Centre Buffer Coupler), ପରିମାଣ: 100 ଗୋଟି ।

ଆନୁମାନିକ ମୂଲ୍ୟ(ଟଙ୍କାରେ): 2,44,26,000/-, EMD (ଟଙ୍କାରେ): 4,88,520/- ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.22.10.2025ରିଖ 1500 ଘଟିକାରେ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ।

ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର

PR-653/Q/25-26

**ହଜିଛି**

ମୁଁ, ପୂଜା ଅଗ୍ରୱାଲ, ପିତା: ୰ ଅଶୋକ କୁମାର ଅଗ୍ରୱାଲ, ସା: ଗୋଶାଳା, ପୋ.: କଳାମାଟି, ଜିଲ୍ଲା: ସମ୍ବଲପୁର, ଓଡ଼ିଶା। ପୂଜା ଅଗ୍ରୱାଲ, ପବନ କୁମାର ଅଗ୍ରୱାଲ, ରଞ୍ଜୁ ଅଗ୍ରୱାଲ ନାମରେ ଥିବା ମୂଳ ବିକ୍ରୟ ଦଲିଲ୍ ନଂ.: ୨୦୬/୧୯୯୯, ତା୨୭.୦୧.୧୯୯୯ରିଖର ଜେରକ୍ସ କପି ଏବଂ ଲାମିନେସନ ନିମନ୍ତେ ମୁଁ ଯାଉଥିବା ସମୟରେ ସମ୍ବଲପୁରରୁ ଗୋଶାଳା ରୋଡ଼ ମଧ୍ୟରେ ତା ୦୨.୦୧.୨୦୨୫ରିଖ ଅପରାହ୍ନ ୪.୦୦ ଘଟିକାରୁ ୫.୦୦ ଘଟିକା ମଧ୍ୟରେ କେଉଁଠାରେ ହଜିଯାଇଛି। ଏହି ଦଲିଲ୍ କୌଣସି ବ୍ୟାଙ୍କ/ଆର୍ଥିକ ଅନୁଷ୍ଠାନରେ ବନ୍ଧକ ରଖାଯାଇନାହିଁ। ଏ ବାବଦରେ ସତ୍ୟ ପାଠ ମଧ୍ୟ ପ୍ରକାଶିତ ହୋଇଛି। ଗୃହ ଋଣ ନେବା ପାଇଁ ଏ ବାବଦରେ ବୁର୍ଲା ଥାନାରେ ଷ୍ଟେସନ ଡାଏରୀ ଦିଆଯାଇଛି। ଉପରୋକ୍ତ ବିବରଣୀ ସତ୍ୟ ଅଟେ। ଯଦି ମିଥ୍ୟା ପ୍ରମାଣିତ ହୁଏ ତେବେ ବ୍ୟାଙ୍କ ମୋ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

ଯୋଗାଯୋଗ :୭୪୭୦୪୩୩୨୧୩


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଡ଼ବଡ଼ିଆଙ୍କୁ ହାତ...

ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ସବ୍ କଣ୍ଟ୍ରାକ୍ଟ ଦେଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ସିଲିକନ୍ ଟେକ୍‌ଲାବ୍ କିପରି ପଞ୍ଚସଫ୍ଟକୁ ସବ୍ କଣ୍ଟ୍ରାକ୍ଟ ଦେଇଛି ତାହା ମଧ୍ୟ ସନ୍ଦେହ ଘେରରେ। ଏହି ସବ୍‌ଲେଟିଂ ଘଟଣା ସମ୍ପର୍କରେ ଓପିଆର୍‌ବିକୁ ସୂଚନା ମିଳିଥିଲା କି ନାହିଁ ଓ ଯଦି ମିଳିଥିଲା, ତେବେ ସରକାରଙ୍କ କେଉଁ ନିର୍ଦ୍ଦେଶ ବଳରେ ଓପିଆର୍‌ବି ଏହି ଅନୁମତି ଦେଇଥିଲା ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚାକିରି ବିକ୍ରି ଘଟଣାରେ ସିଲିକନ୍ ଓ ପଞ୍ଚସଫ୍ଟର ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଥିବା ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି। ମାତ୍ର ସିଲିକନ୍‌ର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ନାୟକ, ସଂଗ୍ରାମ କେଶରୀ ମହାନ୍ତି, ଶାଶ୍ୱତୀ ମିଶ୍ର, ଶ୍ରୀନିବାସଭେଙ୍କଟରମଣା ଇରାଙ୍କି ଓ ସମୀର କୁମାର ରଥ, ପଞ୍ଚସଫ୍ଟର ନିର୍ଦ୍ଦେଶକ ଥିବା ଶଙ୍କର ପୃଷ୍ଟି ଓ ଦିପ୍ତିମୟୀ ସାହୁଙ୍କ ବିରୋଧରେ କୌଣସି ପଦକ୍ଷେପ ନିଆ ଯାଇ ପାରିନାହିଁ। ଘଟଣାକୁ ୫ଦିନ ଅତିକ୍ରମ କରିଥିଲେ ମଧ୍ୟ ପୁଲିସ୍ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଇ ପାରିନି। ଚାକିରି ବିକ୍ରି ଘଟଣାରେ ବହୁ ବଡ଼ବଡ଼ିଆଙ୍କ ହାତ ଥିବାରୁ ତଦନ୍ତ ବାଟବଣା ହେଉଥିବା ଅଭିଯୋଗ ହୋଇଛି।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ୯୩୩ଟି ଏସ୍‌ଆଇ ପଦ ମଧ୍ୟରୁ ପ୍ରାୟ ୫୦୦ ପଦ ବିକ୍ରି କରିବା ପାଇଁ ଷଡ଼ଯନ୍ତ୍ର ହୋଇଥିଲା ଏବଂ ଏଥିପାଇଁ ସାରା ରାଜ୍ୟରେ ଚାକିରି ଦଲାଲମାନଙ୍କୁ ସକ୍ରିୟ କରାଯାଇଥିଲା। ଗଞ୍ଜାମଠାରୁ ଆରମ୍ଭ କରି ବାଲେଶ୍ୱର, ବଲାଙ୍ଗିର ଓ ମାଲକାନଗିରି ପର୍ଯ୍ୟନ୍ତ ଜାଲ ବିଛାଇ ପରୀକ୍ଷାର୍ଥୀ ଯୋଗାଡ଼ କରିଥିଲେ। ବୌଦ୍ଧ ଜିଲ୍ଲା ବୁଟୁପାଲିର ପ୍ରଭୁଦତ୍ତ ମହାରଣା ଓ ତାଙ୍କ ସାନ ଭାଇ ସମ୍ୟକ ମହାରଣା ଟଙ୍କା ଦେଇ ଚାକିରି କରିବାକୁ ଉଦ୍ୟମ କରିଥିବାବେଳେ ବଲାଙ୍ଗିର ଜିଲ୍ଲା ମୁରିବାହାର ଥାନା ପତ୍ରାପାଲିର ମୁନ୍‌କି ରାଜପଲିଆ ଓ ତାଙ୍କ ସ୍ୱାମୀ ପ୍ରହଲ୍ଲାଦ ନାଗ ମଧ୍ୟ ଧରା ପଡ଼ିଛନ୍ତି। ସେହିପରି ଏକାଧିକ ରାଜନୈତିକ ବ୍ୟକ୍ତି ମଧ୍ୟ ଚାକିରି କରିବା ପାଇଁ ଯାଉଥିବାବେଳେ ଧରାପଡ଼ିଛନ୍ତି। କଟକ ଜିଲ୍ଲାରୁ ସର୍ବାଧିକ ୩୩ଜଣ ଆଶାୟୀ ପ୍ରାର୍ଥୀ ଧରାପଡ଼ିଥିବାବେଳେ ଗଞ୍ଜାମରୁ ୨୫, ଢେଙ୍କାନାଳରୁ ୧୨, ଖୋର୍ଦ୍ଧାରୁ ୯, ବରଗଡ଼ରୁ ୭, ନୟାଗଡ଼ରୁ ୫, ପୁରୀରୁ ୪, ବୌଦ୍ଧ ଓ କେନ୍ଦ୍ରାପଡ଼ାରୁ ୩ ଲେଖାଏଁ ଏବଂ ସୋନପୁର, ଭଦ୍ରକ, ଯାଜପୁର, ବାଲେଶ୍ୱର, କଳାହାଣ୍ଡି ଓ ବଲାଙ୍ଗିରରୁ ୨ ଜଣ ଲେଖାଏଁ ଆଶାୟୀ ଧରା ପଡ଼ିଛନ୍ତି। ସେହିପରି ଅନୁଗୋଳ, କେନ୍ଦୁଝର, ରାୟଗଡ଼ା ଓ ନୂଆପଡ଼ାରୁ ଜଣେ ଲେଖାଏଁ ପ୍ରାର୍ଥୀ ବନ୍ଧା ହୋଇଛନ୍ତି।

### ଭସାଣିରେ ଗୋଷ୍ଠୀ...

ଯାଇଛି। ସେହିପରି ୩ କନେଷ୍ଟବଳଙ୍କ ମୁଣ୍ଡ ଫାଟିଥିବା ଜଣାପଡ଼ିଛି। ଘଟଣାସ୍ଥଳରେ କମିଶନର ଏସ୍. ଦେବଦତ୍ତ ସିଂ ଏବଂ ଅତିରିକ୍ତ କମିଶନର ନରସିଂହ ଭୋଳ ପହଞ୍ଚି ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଛନ୍ତି। ସେଠାରେ ୨କମ୍ପାନୀ ଫୋର୍ସ ମୁତୟନ କରାଯାଇଛି। ଅନ୍ୟପକ୍ଷରେ କଟକ ସହର ଏବଂ ପାର୍ବଣ ପରିଚାଳନାରେ ଅଭିଜ୍ଞତା ଥିବା ଦାୟିତ୍ୱସମ୍ପନ୍ନ ପୁଲିସ ଅଧିକାରୀଙ୍କୁ ଭସାଣି ଶୋଭାଯାତ୍ରାରେ ନିୟୋଜିତ କରା ନଯିବାରୁ ଏଭଳି ଭୟାନକ ଗଣ୍ଡଗୋଳ ଘଟିଥିବା କୁହାଯାଉଛି। ବିଶେଷକରି ପୁଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କ ତ୍ରୁଟିପୂର୍ଣ୍ଣ ଭସାଣି ପରିଚାଳନା ଗଣ୍ଡଗୋଳର ପ୍ରମୁଖ କାରଣ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପଟେ ସୋସିଆଲ୍ ମଡିଆରେ ଏହି ଗଣ୍ଡଗୋଳ ଘଟଣାକୁ ନେଇ ପରସ୍ପର ମଧ୍ୟରେ ଆକ୍ଷେପ ଓ ପ୍ରତିଆକ୍ଷେପ କରାଯାଉଥିବା ବେଳେ ପୁଲିସ ପାଇଁ ଏହା ଚିନ୍ତା ବଢ଼ାଇ ଦେଇଛି।

ପୁଲିସ ସୂଚନା ଅନୁସାରେ, ଗତକାଲି ରାତି ପ୍ରାୟ୨ଟାରେ ଝାଞ୍ଜିରମଙ୍ଗଳା ଭାଗବତ ପୂଜା କମିଟିର ପ୍ରତିମା ଶୋଭାଯାତ୍ରାରେ ବାହାରି ବିସର୍ଜନ ପାଇଁ ଦେବୀଗଡ଼ା ଅଭିମୁଖେ ଯାଉଥିଲା। ଶୋଭାଯାତ୍ରାରେ ବାଜୁଥିବା ନିର୍ଦ୍ଦିଷ୍ଟ ଗୀତକୁ ଦରଘାବଜାର ଅଞ୍ଚଳରେ ସ୍ଥାନୀୟ କିଛି ଲୋକ ବିରୋଧ କରିଥିଲେ। ଏହାପରେ ଦରଘାବଜାର ଜେଲ୍ ରୋଡ୍‌ର ଏକ ନିର୍ଦ୍ଦିଷ୍ଟ ଦିଗରୁ ହଠାତ୍ କାଚ ବୋତଲ ଓ ଢେଲା ପଥର ମାଡ଼ ହୋଇଥିଲା। ଶୋଭାଯାତ୍ରାକାରୀ ମଧ୍ୟ ଢେ଼ଲା ପଥର ମାଡ଼ କରିଥିଲେ। ଫଳରେ ଗୋଷ୍ଠୀ ସଂଘର୍ଷର ସୂତ୍ରପାତ ହୋଇ ଏହା ଭୟଙ୍କର ରୂପ ଧାରଣ କରିଥିଲା। ଘଟଣାସ୍ଥଳ ରଣକ୍ଷେତ୍ରରେ ପରିଣତ ହୋଇଥିଲା। ସେଠାରେ ଥିବା ଗାଡ଼ି ମୋଟର ଭାଙ୍ଗିରୁଜି ଯାଇଥିଲା। କିଛି ସମୟ ପରେ ପରିସ୍ଥିତି ଶାନ୍ତ ପଡ଼ିବା ପରେ ମଧ୍ୟ ଉତ୍ତେଜନା ଲାଗି ରହିଥିଲା। ରାଉସାପାଟଣା ମେଢ଼ ଆସିବା ବେଳେ ଦରଘାବଜାର ଅଞ୍ଚଳରେ ପୁଣି ଢେଲା ପଥର ମାଡ଼ ହୋଇଥିଲା। ପରିସ୍ଥିତି ଅଣାୟତ୍ତ ହୋଇପଡ଼ିବାରୁ ପୁଲିସ ଲାଠିଚାର୍ଜ କରିବାକୁ ବାଧ୍ୟ ହୋଇଥିଲା। ପୁଲିସର ମାଡ଼ରେ ଗଣ୍ଡଗୋଳକାରୀ ଛତ୍ରଭଙ୍ଗ ଦେଇଥିଲେ। ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ଛକାପଞ୍ଝା ଲାଗି ରହିଥିଲା। ପୁଲିସ ଭୟରେ ଉଭୟ ଗୋଷ୍ଠୀ ଗଣ୍ଡଗୋଳରୁ ନିବୃତ୍ତ ରହିଥିଲେ। ତଥାପି ଉତ୍ତେଜନା କମି ନଥିଲା। ଏହି ଗଣ୍ଡଗୋଳରେ ଊଣାଅଧିକେ ୩୦ରୁ ଅଧିକ ଶୋଭାଯାତ୍ରାକାରୀ ଓ ଜନସାଧାରଣ ଆହତ ହୋଇଥିବା ସୂଚନା ମିଳିଛି।

କଟକ ଇତିହାସରେ ଭସାଣି ଶୋଭାଯାତ୍ରାରେ ଏଭଳି ବଡ଼ଧରଣର ଭୟଙ୍କର ଗୋଷ୍ଠୀ ସଂଘର୍ଷ ଘଟିନଥିଲା। ଏହି ଗଣ୍ଡଗୋଳ ପ୍ରତିବାଦରେ ଶୋଭାଯାତ୍ରାରେ ଆସୁଥିବା ଲୋକ ରାସ୍ତା ଉପରେ ଧାରଣାରେ ବସିବା ସହ ଭସାଣ ଶୋଭାଯାତ୍ରା ବନ୍ଦ କରି ଦେଇଥିଲେ। ବିସର୍ଜନ ନ ହୋଇ ଅନେକ ମେଢ଼ ରାସ୍ତା ଉପରେ ଅଟକି ରହିଥିଲା। ଆଜି ପୁଲିସର ସ୍ୱତନ୍ତ୍ର ସୁରକ୍ଷାବଳୟ ମଧ୍ୟରେ ସମସ୍ତ ମେଢ଼କୁ ଦେବୀଗଡ଼ାରେ ବିସର୍ଜନ କରାଯାଇଛି। ସେହିପରି ନିମ ସାହିରେ ରାଉସପାଟଣା ଦୁର୍ଗା ମେଢ଼ ଅଟକି ରହିଥିଲା। ଗତ ରାତିରେ ଆକ୍ରମଣକୁ ନେଇ ଆଜି ଶତାଧିକ ପୂଜା କମିଟି ସଦସ୍ୟ ଧାରାଣାରେ ବସି ରହିଥିଲେ। ଆଜି ପୁଲିସ ବୁଝାସୁଝା କରିବା ପରେ ସେମାନେ ଧାରଣାରୁ ଉଠିଥିଲେ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ଏବଂ ଗଣ୍ଡଗୋଳକାରୀଙ୍କ ବିରୋଧର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସାଧାରଣରେ ଦାବି ହେଉଛି। ଅନ୍ୟପଟେ ଏଭଳି ନିନ୍ଦନୀୟ ଘଟଣାର ଦୃଢ଼ ନିନ୍ଦା କରି ଆସନ୍ତା ସୋମବାର କଟକ ବନ୍ଦ ଡାକରା ଦେଇଛି ବିଶ୍ୱ ହିନ୍ଦୁ ପରିଷଦ। ଗଣ୍ଡଗୋଳକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରିଷଦ ଦୃଢ଼ ଦାବି କରିଛି। ଏହି ବନ୍ଦକୁ ବିଜେପି ସମର୍ଥନ କରିଛି।

### ଇଏମ୍‌ଆଇ ନ ଦେଲେ...

ସ୍ମାର୍ଟ ଟିଭି, ୱାଶିଂ ମେସିନ, ଇଲେକ୍‌ଟ୍ରୋନିକ୍ସ) ଆଦି ଉପରେ ଲାଗୁ ହେବ। ଇଏମ୍‌ଆଇରେ କ୍ରୟ କରାଯାଇଥିବା ଉତ୍ପାଦରେ ପୂର୍ବରୁ ଆପ୍ କିମ୍ବା ସଫ୍ଟୱେର ଇନ୍‌ଷ୍ଟଲ କରିଦିଆଯିବ। ଗ୍ରାହକ ଋଣ ପରିଶୋଧ ନ କଲେ ଏହି ସଫ୍ଟୱେର ଉତ୍ପାଦକୁ ଲକ୍ କରିଦେବ। ତେବେ ଏହି ବ୍ୟବସ୍ଥାରେ ଗ୍ରାହକଙ୍କ ଗୋପନୀୟ ତଥ୍ୟ ପ୍ରଘଟ ନ ହେବା ପାଇଁ ବିଶେଷ ଦୃଷ୍ଟି ଦିଆଯିବ।

### ଚାରି ଦିନ ହେଲା...

ହୋଇଯିବ। ବିକାଶମୂଳକ କାମରେ ଲାଗିଥିବା ଠିକା ସଂସ୍ଥା ସେମାନଙ୍କର କାମ ବନ୍ଦ କରିଦେଇଛନ୍ତି। ପାସପୋର୍ଟ ଓ ଭିସାରେ ନିୟୋଜିତ ଅଧିକାଂଶ କର୍ମଚାରୀଙ୍କୁ ଛୁଟିରେ ଯିବାକୁ କୁହାଯାଇଥିବାରୁ ଏହି ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି। ପାସପୋର୍ଟ ଏବଂ ଭିସା ସେବା ଜାରି ରହିଥିଲେ ମଧ୍ୟ ଏହି ପ୍ରକ୍ରିୟା ବିଳମ୍ବିତ ହେଉଛି। ଏବେ ସମସ୍ତ ଗବେଷଣା ପ୍ରକଳ୍ପକୁ ମଧ୍ୟ ବନ୍ଦ କରି ଦିଆଯାଇଛି। କେବଳ ଏତିକି ନୁହେଁ, ଦେଶର ମହାକାଶ ଗବେଷଣା ସଂସ୍ଥା 'ନାସା'କୁ ମଧ୍ୟ ବର୍ତ୍ତମାନ ପାଇଁ ବନ୍ଦ କରିଦିଆଯାଇଛି। କେବଳ ଉପଗ୍ରହ ଓ ମହାକାଶରେ ଥିବା କେନ୍ଦ୍ରକୁ ଚାଲୁ ରଖିବା ପାଇଁ କ୍ରିଟିକାଲ୍ ଅପରେସନ୍ ଜାରି ରହିବ। ହସପିଟାଲ ଭଳି ଅନେକ ଅତ୍ୟାବଶ୍ୟକ ସେବା ଜାରି ରହିଥିଲେ ମଧ୍ୟ କର୍ମଚାରୀଙ୍କୁ ଏବେ ଦରମା ମିଳିବାର ସମ୍ଭାବନା କମ୍ ବୋଲି କୁହାଯାଉଛି।


**OFFICE OF THE NOTIFIED AREA COUNCIL, JUNAGARH**

email-nacjunagrh@g111ail.com

LETTER NO. 1644, DATE - 03.10.2025

**NOTICE INVITING TENDER FOR LEASE OF GYMNASIUM OF NAC JUNAGARH**

Details terms and Conditions are available at Office of the Notified area council Junagarh. www.junagarhnac.in or visit website - www.Kalahandi.odisha.gov.in

Sd/- Executive Officer
N.A.C., Junagarh

OIPR-13133/11/0021/2526 C-1204

**OFFICE OF THE PRINCIPAL**
**DADHIBAMAN HIGHER SECONDARY SCHOOL, TURUMUNGA,**
AT/PO-TURUMUNGA, DIST-KEONJHAR, PIN-758046
Ph: 06766-238025, 238035 e-mail: dadhibamantmg@gmail.com

Advt.No-03/25 Date-03.10.2025

**A Walk-in-interview for engagement of Guest Faculties**

A Walk-in-interview will be held for the post of Guest Faculties in subjects Physics, Mathematics and Botany on engagement basis. Candidates who have secured minimum 55% marks in PG for PGT must come with all original certificates (both original and Xerox) on **12.10.2025(Sunday) at 10.00 AM.**

**Contact No: - 9438162760, 6371399442**

Sd/- Principal

OFFICE OF THE DEPUTY DIRECTOR,
NANDANKANAN ZOOLOGICAL PARK
P.O-BARANG,DIST-KHURDA,PIN-754005
PHONE NO- 9437022023
Email: deputydirector.kanan@gmail.com
Web: www.nandankanan.org

NANDANKANAN
CONSERVE | EDUCATE INSPIRE

TENDER NOTICE

Notice No. 22 /NKZP/2025-26 Date: 03.10.2025

The Nandankanan Zoological Park Authority, Bhubaneswar invites Tender in sealed cover from reputed distributor/ stockists/ firms for the Supply of laboratory chemicals, glass and plastic wares for the financial year, 2025-26 use in Centre for Conservation Research and Training, Nandankanan Zoological Park (CCRT). The detailed terms and conditions alongwith tender documents shall be available at the website: www.nandankanan.org from **04.10.2025** onwards. The last date of submission of bid is 13.10.2025 at 05.00 PM and date of opening of Bid will be on 14.10.2025 at 11.30 AM.

Deputy Director
Nandankanan Zoological Park

OIPR-08070/11/0118/2526 MM-215

**AFFIDAVIT**

I, Dilip Kumar Sahu, S/o-Alia Sahoo, Resident of Upimara, PO: Tangi, PS: Tangi, Dist.: Khordha, Odisha PIN-752023 declared by this Affidavit No.: 1102/2025, Dated.: 03.10.2025. That now onwards I shall Be known as **DILLIP KUMAR SAHOO** for all future Purposes.

**AFFIDAVIT**

I Prashanna Kumar Barik, S/o.: Bisunu Barik, At-Kespania, PO.: Bhaliadihi, Ps- Sarankul, Dist.: Nayagarh, Pin-752092, Odisha. Declare by this Affidavit No-7515, Dated-04/10/2025 that now onwards I shall be known as **Prasanna Kumar Barik** for all future Purpose.

**Affidavit-cum-Undertaking**

I Dasharathi Sahoo, S/o- Sankar Sahoo, aged about 75 Years residing At/Po- Derang,Angul, Odisha, Pin-759117, I have purchased and lawful owner of Khata No - 746/50and sale deed has been lost during photocopy of the original. I had put FIR for lost my original property document. I undertake that if my original document received then I will submit the mutation ROR to ICICI Bank Ltd.

Dasharathi Sahoo

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

I, Chandrakanta Mohanty, S/o- Alekha Chandra Mohanty, Resident of Mahulaburi Sahi, Kandasar (Part), PO: Kandasar, PS: Nalco Angul, Dist.: Angul, Odisha, Pin-759145 declared by this Affidavit No.1103/2025 Dated.03.10.20205 hat now onwards I shall be known as **CHANDRA KANT MOHANTY** for all future Purposes.

**AFFIDAVIT**

I Rupasree Sahoo D/o Sanjukta Jena, Resident of At-Badagada Jena Sahi, PO- Badagada Brit, PS-Badagada, Bhubaneswar, Dist- Khorda, Odisha, declare by this affidavit No.44611 dtd 23.09.2025 that now onwards I shall be known as **RUPASREE JENA** for all future purposes.

**AFFIDAVIT**

I, Sanu Khatun, D/o Sk Usman, Resident of Village-Panisanda, PO-Sukhasandapatna, PS-Bhograi, Dist-Balasore, Odisha-756036, declare by this affidavit No.2966 dtd 04.10.2025 that now onwards I shall be known as **SANU BIBI** for all future purposes.

**AFFIDAVIT**

By virtue of an affidavit sworn before Notary Public, Sinapali on date 11/10/2025, I Hemanta Harijan have changed my Surname from Harijan to Harpal. Henceforth I shall be known as **Hemanta Harpal** for all purposes.

**AFFIDAVIT**

I, Ghanshyam Patra, S/o- Debendra Patra, resident of At/Po-Jangalpadu, Paralakhemundi, Dist-Gajapati, PIN- 761210, Odisha declared by this affidavit No. 799, dtd-30/09/2025 that now onwards I shall be known as **GHANASHYAM PATRA** for all future purposes.

**VEHICLE FOR SALE**

EICHER PRO 2059, Model - 2022, Registration No-OD-02-CB-0749, in as is where is condition, Contact: M/S Sundaram Finance Limited, BHUBANESWAR BRANCH Ph:0674-2544772 within 7 days

**AFFIDAVIT**

By Virtue of an affidavit before Executive Magistrate, Angul, **I, Prangyashree Pradhan,** D/o.: Prakash Pradhan, Permanent & Current Address At: Rajanipal, PO.: Kukudang, P.S.: Sadar, Dist: Angul (Odisha), PIN-759123 have changed my name from Pragyan Parimita Pradhan to **Prangyashree Pradhan.** Henceforth I shall be known as **Prangyashree Pradhan** for all purposes.

**AFFIDAVIT**

I Suchismita Deo, W/o-Pramod Kumar Deo, At-Bhansar, Po-Kadamchhanda, Ps-Tirtol, Dist- Jagatsinghpur, Pin-754135, Odisha. Declare by this Affidavit No-7517, Dated- 04/10/2025 that now onwards I shall be known as **SUCHISMITA JENA** for all future Purpose.

**AFFIDAVIT**

By virtue of an Affidavit before Notary Public, Malkangiri, I, **Burunda Darli**, aged about 43 years, W/o.: Laba Darli resident of Village: Godiput, PO.: Biralaxmanpur, P.S./Dist.: Malkangiri, Odisha, declare by this Affidavit No.: 1641/2025, Dated: 25.09.2025 that I have changed my & my husband name from Burunda Barali, W/o.: Lab Barali to **Burunda Darli**, **W/o.: Laba Darli**. Henceforth I shall be known as **Burunda Darli**, **W/o.: Laba Darli** for all future purposes.

**AFFIDAVIT**

By virtue of an Affidavit sworn before the Executive Magistrate, Bhadrak, affidavit no. 16AA139458, dated-3/10/25.I Ajay Kumar Siyal, F/o-Rajalaxmi Siyal of At/Po-Kushaleswar, Dist-Keonjhar, Odisha do hereby declare that I have add the surname to my daughter's name as Rajalaxmi Siyal. Henceforth, my daughter shall be known as **RAJALAXMI SIYAL** for all purposes.

SD/- AJAY KUMAR SIYAL

**AFFIDAVIT**

By virtue of an affidavit sworn before Notary Public, Sinapali on date 11/10/2025, I Bidyadhar Harijan have changed my Surname from Harijan to Bidyadhar Nial. Henceforth I shall be known as **Bidyadhar Nial** for all purposes.

**AFFIDAVIT**

By virtue of an affidavit sworn before Notary, Cuttack, Dtd 22.08.2025 I, Bishnu Ganju, resident of At/PO- Aulajodi, P.S.-Bahalda, Mayurbhanj, Odisha (presently residing at At-Naranpur, G.P.-Belagachia, P.S.-Barang, Cuttack, Odisha), have changed my name from Bishnu Ganju to Bishnu Mohanta. Henceforth, I shall be known as **Bishnu Mohanta** for all purposes.

Sd/- Bishnu Mohanta

**AFFIDAVIT**

I, Ashok Rath, S/o-Late Saroj Chandra Rath, resident of Plot No- 1364, Daya Bhawan, Shastry nagar, Bhubaneswar, Dist- Khordha, Odisha, PIN- 751001 declare by this affidavit Sl No. 1996, dtd- 03/10/2025 that now onwards I shall be known as **ASHOK KUMAR RATH** for all future purposes.

**AFFIDAVIT**

I, Suprava Patra, W/o-Debendra Patra, resident of At/Po-Jangalpadu, Paralakhemundi, Dist-Gajapati, PIN- 761210, Odisha declared by this affidavit No. 800, dtd-30/09/2025 that now onwards I shall be known as **SUPRABHA PATRA** for all future purposes.

# ରେବ ନଦୀରେ ମା' ଦୁର୍ଗାଙ୍କ ବିସର୍ଜନ ସମ୍ପନ୍ନ



**ବାରିକପୁର, ୪।୧୦(ସମିସ):** ୫ଦିନ ଧରା ପୃଷ୍ଠରେ ଖେଳାଲିଳା କରି ବାହୁଡ଼ି ଯାଇଛନ୍ତି ଜଗତଜନନୀ ମା' ଦୁର୍ଗା। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ପୂଜା ମଣ୍ଡପ ଗୁଡିକରେ ଷଷ୍ଠୀ ବେଲ୍ଲବରଣୀଠାରୁ ଆରମ୍ଭ ହୋଇଥିବା ମା'ଙ୍କ ପୂଜା ଉତ୍ସବ ଦଶହରା ଉଦଯାପିତ ହୋଇଯାଇଛି। ପୂଜା କମିଟି ପକ୍ଷରୁ ବୈଦିକ ରୀତିନୀତି ଅନୁଯାୟୀ ସପ୍ତମୀ, ଅଷ୍ଟମୀ ଓ ନବମୀ ପୂଜା ଆୟୋଜନ ହୋଇଥିଲା। ମା'ଙ୍କୁ ଦଶହରା ମଣ୍ଡା ଅର୍ପଣ ପରେ ବିଭିନ୍ନ ପୁଷ୍କରିଣୀ ଓ ନଦୀରେ ମୃଣ୍ମୟୀ ମୂର୍ତ୍ତିକୁ ବିସର୍ଜନ ଦିଆଯାଇଛି। ବ୍ଲକର ରେ୍ବ ନଦୀ କୂଳେ କୂଳେ ଥିବା ବିଭିନ୍ନ କମିଟି ପକ୍ଷରୁ ବେଶ ଧୁମଧାମରେ ପୂଜା ଅନୁଷ୍ଠିତ ହୋଇଥିଲା। ବିଶେଷ କରି ନିର୍ଗୁଣ୍ଡି ସ୍ଥିତ ପ୍ରସିଦ୍ଧ ବଡଦାଣ୍ଡ ପୂଜା କମିଟି, କୁଣ୍ଡସାହି, ନାଗପାଳ, ହାଟସାହି କମିଟି ଦ୍ୱାରା ସିଂହବାହିନୀଙ୍କ ପୂଜା ଉଦ୍ଦୀପନାର ସହ ଶେଷ ହୋଇଛି। ସେହିଭଳି ନଗୁଆଁ, ପାଟୁଳି, ମଞ୍ଜୁରୀରୋଡ଼, ଧୂଳିଗଡ଼ିଆ, ସରସଦା, ବିମ୍ବଳବର ଓ ଭଣ୍ଡାରିପୋଖରୀ ବଜାରଠାରେ ମଧ୍ୟ ଦୁର୍ଗାଙ୍କ ପୂଜା ଉତ୍ସବ ସମ୍ପନ୍ନ ହୋଇଛି।

# ସାର୍ବଜନୀନ ବୈଷ୍ଣବୀ ବନଦୁର୍ଗା ପୂଜା ଓ ଭସାଣ ସମ୍ପନ୍ନ



**ଭଦ୍ରକ, ୪।୧୦(ସମିସ):** ଭଦ୍ରକ ସହର ମଠସାହି ରାଜଘାଟଠାରେ ସାର୍ବଜନୀନ ମା' ବୈଷ୍ଣବୀ ବନଦୁର୍ଗା ପୂଜା ଉତ୍ସବ ୬ ଦିନ ଧରି ମହାସମାରୋହରେ ପାଳିତ ହୋଇଯାଇଛି। ଦୀର୍ଘ ୨୫ ବର୍ଷ ଧରି ପୂଜା କମିଟି ପକ୍ଷରୁ ପାଳିତ ହୋଇ ଆସୁଥିବା ବେଳେ ଜିଲ୍ଲା ପ୍ରଶାସନ ପୁଲିସ ପକ୍ଷରୁ ଏଠାରେ ସହଯୋଗ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଦେବୀ ବୈଷ୍ଣବୀ ବନଦୁର୍ଗା ପୂଜା ଷଷ୍ଠୀଠାରୁ ନୀତିକାନ୍ତି ସହ ପୂଜା ଅନୁଷ୍ଠିତ ହେବା ସହିତ ପ୍ରଥମ ଦିବସରେ ବେଲ ବରଣ ହୋଇ କଳସ ସ୍ଥାପନ, ହୋମ, ଚଣ୍ଡିପାଠ, ମା'ଙ୍କ ଜଣାଣ, ଆଳତୀ, ଭୋଗ ନୈବେଦ୍ୟ, ପୂର୍ଣ୍ଣାହୁତି, ବନ୍ଦାପନା ହୋଇଥିଲା। ମୁଖ୍ୟ ପୂଜକ ପଣ୍ଡିତ ପ୍ରଭାତ ତ୍ରିପାଠୀ, ପଣ୍ଡିତ ମଦନ ମୋହନ ଆଚାର୍ଯ୍ୟ, ପଣ୍ଡିତ ମଟୁ ମହାପାତ୍ର ପୂଜାପାଠ କରିଥିଲେ। ପୂଜା କମିଟିର ସଭାପତି ସାମ୍ବାଦିକ ଅଶୋକ ନାୟକ, ଉପସଭାପତି ଅଶେଷ ନାୟକ, ସମ୍ପାଦକ ଉମାକାନ୍ତ ଅରଖ, କର୍ତ୍ତା ଅନ୍ନପୂର୍ଣ୍ଣା ଦେବୀ, ଆଲୋକ ବେହେରା, ଦୁର୍ଯ୍ୟୋଧନ ପତି, ସନ୍ଦିପ୍ ଦାସ, ବିଶ୍ୱଜିତ ନାୟକ, ଗୀତାରାଣୀ ଦାସ, ତୃପ୍ତିରେଖା ସାହା ପ୍ରମୁଖଙ୍କ ସମେତ ଗ୍ରାମବାସୀବୃନ୍ଦ ସହଯୋଗ କରିଥିଲେ। ପୂଜା ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ପୌର ଉପାଧ୍ୟକ୍ଷା ଅଞ୍ଜୁବାଳା ଜେନା, କାଉନସିଲର ଆଶିଷ ଅମିତାଭ ମହାପାତ୍ର, ପୂର୍ବତନ କାଉନସିଲର ପ୍ରବୀର ଜେନା, ଘାଉଲି ଜେନାଙ୍କ ସମେତ ଗ୍ରାମବାସୀ, ଜନସାଧାରଣ, ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିଥିଲେ। ଏଥିରେ ଶ୍ରଦ୍ଧାଳୁ ମହିଳାମାନେ ସିନ୍ଦୂର ମା'ଙ୍କୁ ଲାଗି କରିବା ସହିତ ନିଜେ ନିଜେ ମଧ୍ୟ ପିନ୍ଧି ମା'ଙ୍କ ଆଶିଷ କାମନା କରିଥିଲେ। ପରେ ଏହି ଭସାଣ ଯାତ୍ରା ମଠସାହି ରାଜଘାଟ ଛକରୁ ବାହାରି ନଗର ପରିକ୍ରମା କରି ସାଳନ୍ଦୀ ନଦୀ ରାଜଘାଟଠାରେ ବିସର୍ଜନ ହୋଇଥିଲା।

# ବିଧାୟକଙ୍କ ପୂଜା ମଣ୍ଡପ ପରିଦର୍ଶନ



**ବାରିକପୁର, ୪।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ପୂଜା ମଣ୍ଡପକୁ ବିଧାୟକ ସଞ୍ଜୀବ ମଲ୍ଲିକ ପରିଦର୍ଶନ କରିଥିଲେ। ବ୍ଲକର ନିର୍ଗୁଣ୍ଡିଠାରେ ୫ଟି ମଣ୍ଡପ ଠାରେ ଆୟୋଜନ ହୋଇଥିବା ପୂଜା ଉତ୍ସବରେ ବିଧାୟକ ଯୋଗଦେଇ ସିଂହବାହିନୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହାଛଡା ଉତ୍ସବ ଆୟୋଜନ ସମ୍ପର୍କରେ ପୂଜା କମିଟି ସହିତ ଆଲୋଚନା କରିଥିଲେ। ସେହିଭଳି ବିମ୍ବଳବର, ମଞ୍ଜୁରୀରୋଡ଼, ଭଣ୍ଡାରିପୋଖରୀ ବଜାର, ସରସଦା ଠାରେ ଆୟୋଜନ ହୋଇଥିବା ମାଙ୍କ ପୂଜାରେ ବିଧାୟକ ଯୋଗ ଦେଇଥିଲେ। ବିଧାୟକଙ୍କ ସହିତ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଉତ୍କଳ କେଶରୀ ମହାନ୍ତି, ଯୁବନେତା ଦିପ୍ତୀସୂର୍ଯ୍ୟ ବିଶ୍ୱାଳ, ଅବିନାଶ ରାଉତ, ସରପଞ୍ଚ ସତ୍ୟବ୍ରତ ପାଲ, ରମେଶ ଜେନା, ପୂର୍ଣ୍ଣଚନ୍ଦ୍ର ମାଝୀ, ରାଜେନ୍ଦ୍ର ଖଣ୍ଡାଇ, ଜୟନ୍ତ ସାହୁ, ନାଗେଶ୍ୱର ବେହେରା, ମନୋରଞ୍ଜନ ସାହୁ, ସୁରେନ୍ଦ୍ର ପାଲ, ସତ୍ୟାନନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମା'ଙ୍କୁ ଦର୍ଶନ କଲେ ମନ୍ତ୍ରୀ, ପୂର୍ବତନ ସାଂସଦ ଓ ବିଧାୟକ



**ଧାମନଗର, ୪।୧୦(ସମିସ):** ଧାମନଗର ବ୍ଲକ ଓ ଏନ୍ଏସି ଅଞ୍ଚଳ ତଥା ବିଭିନ୍ନ ପଞ୍ଚାୟତ, ସାହିବସ୍ତିରେ ସାର୍ବଜନୀନ ଦୁର୍ଗା ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ରାଜନୈତିକ ଦଳର ନେତା ବିଭିନ୍ନ ପୂଜା ମଣ୍ଡପ ବୁଲି ମା' ଦୁର୍ଗାଙ୍କୁ ଦର୍ଶନ ସହ ଆଶୀର୍ବାଦ ଲାଭକରି ସମସ୍ତଙ୍କ ପାଇଁ ମଙ୍ଗଳ କାମନା କରିଛନ୍ତି। ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ପ୍ରାକ୍ତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ସମାଜସେବୀ ଡାକ୍ତର ସଞ୍ଜୟ ଦାସ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ସାଂସଦଙ୍କ ବ୍ଲକ ଓ ନଗର ପ୍ରତିନିଧି, ମନୋରଞ୍ଜନ ମଲ୍ଲିକ, ସରୋଜ ମହାପାତ୍ର, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ନଗର ସଭାପତି ବିଜୟକେତନ ସାହୁ, ସମିତି ସଭ୍ୟ ସୁଦୀପ୍ତ ଖଟୁଆଙ୍କ ସମେତ ବହୁ ଦଳୀୟ କର୍ମୀ ମା' ଦୁର୍ଗାଙ୍କୁ ଦର୍ଶନ କରିଥିଲେ। ସେହିପରି ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବେହେରା, ନଗର ସଭାପତି ମାଳସ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ହୃଦାନନ୍ଦ ସେଠୀ, ସଞ୍ଜୟ କୁମାର ମିଶ୍ର, ମାନସ ରଞ୍ଜନ ସାହୁ ପ୍ରମୁଖ ବିଭିନ୍ନ ପୂଜା ମଣ୍ଡପ ବୁଲି ଦୁର୍ଗତି ନାସିନୀ 'ମା'ଦୁର୍ଗାଙ୍କୁ ଦର୍ଶନ କରି କୃପା ଲାଭ କରିଥିଲେ।

# ପୂର୍ବତନ ରାଜସ୍ୱ ନିରୀକ୍ଷକଙ୍କ ଶ୍ରାଦ୍ଧୋତ୍ସବ



**ଭଦ୍ରକ, ୪।୧୦(ସମିସ):** ପୂର୍ବତନ ଦିବଂଗତ ରାଜସ୍ୱ ନିରୀକ୍ଷକ ଶ୍ରୀନିବାସ ଜେନାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅକ୍ଟୋବର ୧ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଡ.ଶଶଧର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶ୍ରାଦ୍ଧ ସଭାରେ ପ୍ରଫେସର ଡ ବଳରାମ ମିଶ୍ର ମଞ୍ଚ ସଞ୍ଚାଳନ କରିଥିଲେ। ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଓ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ସ୍ୱର୍ଗତ ଶ୍ରୀନିବାସ ଜେନାଙ୍କ ବ୍ୟକ୍ତିଗତ ଜୀବନ ଓ ବୃତ୍ତିଗତ ଜୀବନ ସମ୍ପର୍କରେ ଅତିଥିମାନେ କହିଥିଲେ ଯେ, ସରକାରୀ ଚାକିରିରେ ସାଧୁତା ସଚୋଟତା ଓ କର୍ତ୍ତବ୍ୟନିଷ୍ଠାର ଘୋର ଅଭାବ ପରିଲକ୍ଷିତ ହେଉଥିବା ବେଳେ ଶ୍ରୀନିବାସ ଜେନା ଏ କ୍ଷେତ୍ରରେ ଥିଲେ ଏକ ବିରଳ ପ୍ରତିଭା। ଦୁର୍ନୀତି, ଅସାଧୁତା ଓ କର୍ତବ୍ୟରେ ଅବହେଳା ତାଙ୍କୁ ସ୍ପର୍ଶ କରିପାରିନଥିଲା। ଜିଲ୍ଲାପାଳ ଓ ଜିଲ୍ଲାର ସମସ୍ତ ପଦସ୍ଥ ଅଧିକାରୀଙ୍କର ସେ ପ୍ରଶଂସାର ପାତ୍ର ହୋଇଥିଲେ। ତାଙ୍କୁ ରାଜସ୍ୱରବି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସ୍ମୃତିସଂସଦ ଆନୁକୂଲ୍ୟରେ 'ସ୍ମୃତିରେ ଶ୍ରୀନିବାସ' ନାମକ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଜିଲ୍ଲାପାଳଙ୍କ ପୂର୍ବତନ ବ୍ୟକ୍ତିଗତ ସହାୟକ ପ୍ରଦୀପ୍ତ କୁମାର ବାଘ ଓ ରାଜସ୍ୱ ପରିଦର୍ଶକ ଜ୍ୟୋତିରଞ୍ଜନ ପଣ୍ଡାଙ୍କୁ ମାନପତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ରାଜସ୍ୱ ବିଭାଗର ସହକର୍ମୀ ଅବସରପ୍ରାପ୍ତ ରାଜସ୍ୱ ପରିଦର୍ଶକ ବାବାଜୀ ଚରଣ ନାୟକ, ଭାଗୀରଥୀ ଦାସ, ଶିବ ଚରଣ ଖାମୁରାଇ, କଳ୍ପତରୁ ଦାସ, ରାମ ନାରାୟଣ ପାଣିଗ୍ରାହୀ, ବୀର ନାରାୟଣ ଦାସ ଓ ତାଙ୍କ ଗମୁ ଗ୍ରାମର ପିଲାବେଳର ବନ୍ଧୁ ମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

# ତହସିଲରୁ ମିଳୁନି ପ୍ରମାଣପତ୍ର; ଆବେଦନକାରୀ ହନ୍ତସନ୍ତ

**ବାରିକପୁର, ୪।୧୦(ସମିସ):** ଏବେ ଲୋକଙ୍କ ସରକାର ବୋଲି ସବୁଆଡେ ପ୍ରଚାର ହେଉଥିବା ବେଳେ ପ୍ରକୃତ ପକ୍ଷେ ଜନସାଧାରଣ ମାନେ ସାମାନ୍ୟ ସ୍ୱୋରୁ ବଞ୍ଚିତ ହେଉଥିବା ଜଣାପଡ଼ିଛି। ଯାହାର ନିଛକ ଉଦାହରଣ ଭଣ୍ଡାରିପୋଖରୀ ତହସିଲ କାର୍ଯ୍ୟାଳୟ। ସୂଚନା ମୁତାବକ ଜନସାଧାରଣ ମାନେ ଘରେ ବସି ଅନଲାଇନ ମାଧ୍ୟମରେ ସମସ୍ତ ରାଜସ୍ୱ ସେବା ପାଇପାରିବେ ବୋଲି ସରକାର ଘୋଷଣା କରିଛନ୍ତି। ବିଶେଷ କରି ଜନସେବା କେନ୍ଦ୍ର ଓ ନିଜସ୍ୱ ଆଇଡିରୁ ଯେଉଁମାନେ ବାସସ୍ଥଳୀ, ଆୟ ଓ ଜାତିଗତ ପ୍ରମାଣପତ୍ର ପାଇଁ ଆବେଦନ କରିବେ ସେମାନଙ୍କୁ ହାତ ପାହାନ୍ତରେ ସେବା ଯୋଗାଇ ଦିଆଯିବ। ସର୍ବାଧିକ ୧୫ଦିନ ମଧ୍ୟରେ ପ୍ରମାଣପତ୍ର ଯୋଗାଇ ଦିଆଯିବ ବୋଲି ସରକାରୀ ନିୟମ ରହିଥିଲେ ସୁଦ୍ଧା ତାହାର ବ୍ୟତିକ୍ରମ ତହସିଲ କାର୍ଯ୍ୟାଳୟ ଠାରେ ଦେଖିବାକୁ ମିଳିଛି। ତହସିଲଦାର ଓ ଅନ୍ୟାନ୍ୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଶହ ଶହ ଆବେଦନ କାରି ଠିକ ସମୟରେ ପ୍ରମାଣପତ୍ର ପାଉନାହାନ୍ତି। ଏପରିକି ଆବେଦନକୁ ୧୫ଦିନ ବିତିଯାଇଥିଲେ ସୁଦ୍ଧା ଅନଲାଇନରେ ଏହାକୁ ତହସିଲଦାର କିମ୍ବା ଅତିରିକ୍ତ ତହସିଲଦାର ଅନୁମୋଦନ କରୁନାହାନ୍ତି। ତେଣୁ ଠିକ ସମୟରେ ପ୍ରମାଣପତ୍ର ନ ପାଇ ଲୋକେ ହନ୍ତସନ୍ତ ହେଉଛନ୍ତି। ବିଶେଷ କରି ସ୍କୁଲ, କଲେଜ ଓ ନିଯୁକ୍ତି କ୍ଷେତ୍ର ପାଇଁ ଯେଉଁ ଯୁବକ ଯୁବତୀ ମାନେ ପ୍ରମାଣପତ୍ର ସକାଶେ ଆବେଦନ କରୁଛନ୍ତି ସେମାନେ ଏହି ଗୁରୁତ୍ୱପୂର୍ଣ୍ଣ ସେବାରୁ ବଞ୍ଚିତ ହେଉଛନ୍ତି। ଠିକ ସମୟରେ ପ୍ରମାଣପତ୍ର ନମିଳିବାରୁ ଲୋକେ ବିଭିନ୍ନ କ୍ଷେତ୍ରରେ ନିରାଶ ହେଉଛନ୍ତି। ଏପଟେ ଦିନେ ଦୁଇଦିନ ମଧ୍ୟରେ ମଧ୍ୟ କିଛି ଅନଲାଇନ ଆବେଦନକୁ ଅନୁମୋଦନ ମିଳୁଥିବା ଜଣାପଡ଼ିଛି। ତେଣୁ ତହସିଲ କାର୍ଯ୍ୟାଳୟର ସ୍ୱଚ୍ଛତାକୁ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାରଙ୍କ ଅନଲାଇନ ସେବା ଏବେ ଧୂଆଁବାଣ ସଦୃଶ ହୋଇଥିବାବେଳେ ଏହା କେବଳ ପ୍ରଚାର ପ୍ରସାରରେ ସୀମିତ ରହୁଥିବା ମତ ପ୍ରକାଶ ପାଇଛି। ଏନେଇ ବିଭାଗୀୟ ଅଧିକାରୀଙ୍କ ମତ ମିଳିପାରିନାହିଁ।

# ମହାତ୍ମା ଗାନ୍ଧୀ ବିଚାର ମଞ୍ଚ ପକ୍ଷରୁ ଜୟନ୍ତୀ ପାଳିତ




**ଭଦ୍ରକ, ୪।୧୦(ସମିସ):** ମହାମାନବ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲାବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ମହାତ୍ମା ଗାନ୍ଧୀ ବିଚାରମଞ୍ଚ ତରଫରୁ ପାଳିତ ହୋଇଯାଇଛି। ପୂର୍ବାହ୍ନ ସାଢେ ୮ଟାରେ ଗାନ୍ଧୀ ପଡ଼ିଆସ୍ଥ ଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଶହୀଦ ସ୍ମୃତି ଭବନରେ ଗାନ୍ଧୀ ବିଚାର ମଞ୍ଚର ସଭାପତି ଶିକ୍ଷାବିତ୍ ଶାନ୍ତନୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ସ୍ମୃତି ସମାରୋହ ପାଳିତ ହୋଇଥିଲା। ସଂଗଠନ ସମ୍ପାଦକ ବାବୁଲାଲ ଦାସ ମଞ୍ଚ ଆମନ୍ତ୍ରଣ କରିଥିଲେ। ଗାନ୍ଧି ବାଳାଶ୍ରମର ଅନ୍ତେବାସୀମାନେ ଗାନ୍ଧିଭଜନ କରିବେଷଣ କରିଥିଲେ। ମୁଖ୍ୟ ଅତିଥିଭାବେ ପ୍ରଫେସର ଡଃ ନିରଞ୍ଜନ ବାରିକ୍ ଓ ମୁଖ୍ୟବକ୍ତା ଭାବେ ଡ. ବିଶ୍ୱରଞ୍ଜନ ଦାସ ଯୋଗ ଦେଇଥିଲେ। ଏହି ଅବସରରେ ବିଷ୍ଣୁ ସେଠୀ ସ୍ମୃତି ସମ୍ମାନ ପ୍ରାଧ୍ୟାପିକା ଝରଣା ପଟ୍ଟନାୟକଙ୍କୁ ଓ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଆଦର୍ଶ ଅଧ୍ୟକ୍ଷ ଡଃ ପ୍ରସନ୍ନ କୁମାର ବିଶ୍ୱାଳ ସ୍ମୃତି ସମ୍ମାନ ବିଶିଷ୍ଟ ଗାଳ୍ପିକ ଓ ଶିକ୍ଷାବିତ ପ୍ରଫେସର ଶୈଳେନ୍ଦ୍ର କୁମାର ମହାପାତ୍ର ଓ ଅଧ୍ୟାତ୍ମିକ କବିୟତ୍ରୀ କନକଲତା ରାଉତଙ୍କୁ ପ୍ରଦାନ କରାଯାଇଥିଲା। ଡଃ ଭାଗବତ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ଓ ଡା ଅନିଲ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସୁଧାକର ରାଉତ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ତପସ୍ୱିନୀ ଦାସ, ମୁକ୍ତିକାନ୍ତ ମହାପାତ୍ର ଓ ଭାସ୍କର ଚନ୍ଦ୍ର ନାୟକ ସମ୍ବର୍ଦ୍ଧନା ପତ୍ର ପାଠ କରିଥିଲେ। ଭଦ୍ରକ ପୌରପାଳିକାର ସଫେଇ କର୍ମଚାରୀ ବିକାଶ ଘଡ଼େଇ ଓ ତୁଳସୀ ଦେଇଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଦିତ୍ୟ ନାୟକ, ଉର୍ମିଳା ପାଣିଗ୍ରାହୀ, ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁ, ହରମୋହନ କୁଅଁର, ବୈଲୋଚନ ବେହୁରିଆ, ବିଚିତ୍ର ମହାନ୍ତି, ଡ଼. ଉତ୍ପଳା ନାୟକ, ପରମାନନ୍ଦ ସାହୁ, ଗୌରାଙ୍ଗ ବାରିକ, ରତିକାନ୍ତ ମହାନ୍ତି, ବିବେକ ମୁଖାର୍ଜୀ, ବସୁମିତ୍ରା ସାହୁ, ଶଶିକାନ୍ତ ପାଢ଼ୀ, ପ୍ରତାପ ଦଳେଇ, ଇନ୍ଦ୍ରମଣି ପଣ୍ଡା, ନିରୋଜ ରଥ, ଅଶୋକ ଦାସ, ଡଃ ରାଧାରାଣୀ ମହାପାତ୍ର, ପ୍ରଭାତ ନଳିନୀ ମହାପାତ୍ର, ରବିନାରାୟଣ ଦାସ, ପଦ୍ମନ କୁମାର ରାୟ, କୈଳାସ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ପଦ୍ମନାଭ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ମଦ ଜବତ; ଜଣେ ଗିରଫ

**ବାରିକପୁର, ୪।୧୦(ସମିସ):** ଗାନ୍ଧୀ ଜୟନ୍ତୀ ଦିନ ସରକାରୀ ମଦ ଦୋକାନ ବନ୍ଦ ରହିଥିଲେ ସୁଦ୍ଧା ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ଚୋରା ମଦ ବିକ୍ରି ହୋଇଛି। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ ସୁଦ୍ଧା କେବଳ ଛତାବର ଟୋଲ ଗେଟ ନିକଟରୁ ବେଆଇନ ମଦ ଜବତ କରିବାରେ ସଫଳ ହୋଇଛି। ପୁଲିସ ଚଢ଼ଉ ବେଳେ ଏକ କେବିନରୁ ପ୍ରାୟ ୨୦ଲିଟର ଦେଶୀ ଓ ବିଦେଶୀ ମଦ ଜବତ ହୋଇଥିବା ସୂଚନା ମିଳିଛି। ମଦ ବିକ୍ରି ଅଭିଯୋଗରେ ଡାହାଲା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରିଛି ପୁଲିସ।

# ୩ ବାଲି ବୋଝେଇ ହାଇୱା ଜବତ



**ବାରିକପୁର, ୪।୧୦(ସମିସ):** ଭଣ୍ଡାରିପୋଖରୀ ଥାନା ପକ୍ଷରୁ ତିନିଗୋଟି ବାଲି ବୋଝେଇ ଟ୍ରକ ଜବତ ହୋଇଛି। ଗାଡି ଗୁଡିକ ଯାଜପୁର ଓ ପାଣିକୋଇଲି ପଟୁ ବାଲି ବୋଝେଇ କରି ଆସୁଥିବା ବେଳେ ପୁଲିସ ସେଗୁଡିକୁ ଜବତ କରିଛି। ଏନେଇ ଏକ ମାମଲା ମଧ୍ୟ ରୁଜୁ ହୋଇଛି। ଏଠାରେ ସୂଚିତ କିଛିଦିନ ହେବ ବାଲି ସୈରାତ ନିଲାମ ପ୍ରକ୍ରିୟା ବନ୍ଦ ରହିଥିବା ବେଳେ ଅନେକ ସମୟରେ ବେଆଇନ ବାଲି ଚାଲାଣ ହେଉଥିବା ଲକ୍ଷ୍ୟ କରାଯାଇଛି। ଜିଲ୍ଲା ଖଣି ବିଭାଗ ଓ ତହସିଲ ବିଭାଗ ବେଆଇନ ଚାଲାଣକୁ ରୋକିବାରେ ବିଫଳ ହୋଇଛି। କେବଳ ଥାନା ପକ୍ଷରୁ କେତେବେଳେ କେମିତି ବେଆଇନ ଚାଲାଣ ଉପରେ ଚଢ଼ଉ ହେଉଛି।

# ପଞ୍ଚାୟତ ସପୋର୍ଟ ଷ୍ଟାଫ୍ଙ୍କ ଆନ୍ଦୋଳନ ଜାରି



**ବାରିକପୁର, ୪।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟ କରୁଥିବା ଏମବିକେ, ସିଆରପି ଓ ବ୍ୟାଙ୍କ ମିତ୍ରମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ନିୟମିତ ଦରମା ଦାବିରେ ଶହ ଶହ ମହିଳା କର୍ମଚାରୀ ଛୁଟି ପୂର୍ବରୁ ବ୍ଲକ ପରିସରରେ ୫ଦିନ ଧରି ଧାରଣା ଦେଇଥିଲେ। ସରକାର କିମ୍ବା ପ୍ରଶାସନ ମହିଳାଙ୍କ ଦାବି ପୂରଣ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ଶେଷରେ ସେମାନେ ପୂର୍ବ ଭଳି କୌଣସି ସରକାରୀ କାର୍ଯ୍ୟ କରିବେ ନାହିଁ ବୋଲି ଶୁକ୍ରବାର ବ୍ଲକ ପ୍ରଶାସନକୁ ଜଣାଇଛନ୍ତି। କର୍ମଚାରୀ ସଂଘ ସଭାନେତ୍ରୀ ମନ୍ଦାକିନୀ ସାମଲ ଓ ସମ୍ପାଦିକା ମମତା ସାମଲଙ୍କ ନେତୃତ୍ୱରେ ପ୍ରତିମା କୁଅଁର, ରିତାଞ୍ଜଳି ପୁହାଣ, ଶୁଭଲକ୍ଷ୍ମୀ ଭାରତୀ, ଅନିମା ମଲ୍ଲିକ, ତିଲୋତମା ମିଶ୍ର, ସ୍ୱର୍ଣ୍ଣଲତା ସାହୁ ପ୍ରମୁଖ କର୍ମଚାରୀ ବିଡ଼ିଓ ଦେବଦତ ଦାସ ଓ ମିଶନ ଶକ୍ତି ଅଧିକାରୀ ଶ୍ରୀକାନ୍ତ ଜେନାଙ୍କୁ ସାକ୍ଷାତ କରିଥିଲେ। ନିୟମିତ ଦରମା ନ ମିଳିଲେ କୌଣସି ସରକାରୀ କାର୍ଯ୍ୟ କରିବେ ନାହିଁ ବୋଲି ଅଧିକାରୀଙ୍କୁ ଜଣାଇଥିଲେ। ଏନେଇ କର୍ମଚାରୀ ସଂଘ ପକ୍ଷରୁ ଏକ ସ୍ମାରକପାତ୍ର ମଧ୍ୟ ପ୍ରଦାନ କରାଯାଇଥିଲା।

# ସିମିଳିଆ-ମାଳିପଦୀ ରାସ୍ତା ନିର୍ମାଣ ଦାବି



**ବାରିକପୁର, ୪।୧୦ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ରଣଜିତ୍ ପଞ୍ଚାୟତ ଅନ୍ତର୍ଗତ ସିମିଳିଆ ମାଳିପଦୀ କେନାଲ ଉପରେ ନିର୍ମିତ ଗ୍ରାମ୍ୟ ଉନ୍ନୟନ ରାସ୍ତାର ନବ ନିର୍ମାଣ ପାଇଁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି। ସୂଚନା ମୁତାବକ ମଞ୍ଜୁରୀ ବଜାର ଶେଷ ଭାଗରେ ଥିବା ପୂର୍ତ୍ତ ରାସ୍ତାଠାରୁ ସିମିଳିଆ ମାଳୀପଦୀ ଦେଇ ନପଙ୍ଗ ଓ ମାଳଦା ଅଞ୍ଚଳକୁ ସଂଯୋଗ କରୁଥିବା ରାସ୍ତା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ସିମିଳିଆ ମାଇନର କେନାଲ ବନ୍ଧ ଉପରେ କିଛି ବର୍ଷ ପୂର୍ବରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପିଚୁ ରାସ୍ତା ନିର୍ମାଣ କରିଥିଲା। ରାସ୍ତା ନିର୍ମାଣର କିଛି ମାସ ପରେ ଏହା ଧିରେ ଧିରେ ଦୁର୍ବଳ ହୋଇଥିଲା। ରାସ୍ତାରୁ କ୍ରମଶଃ ପିଚ ଉଠି ଡଷ୍ଟ ମେଟାଲ ମଧ୍ୟ ଉଠିଯାଇଛି। ଏପରିକି ରାସ୍ତାରେ ଗର୍ତ୍ତ ମଧ୍ୟ ସୃଷ୍ଟି ହୋଇଥିଲା। ବିଶେଷ କରି ମାଳୀପଦୀ ଛକ ଠାରୁ ମଞ୍ଜୁରୀ ଯାଏଁ ରାସ୍ତା ଏବେ ଅତ୍ୟନ୍ତ ଶୋଚନୀୟ ହୋଇଛି। ଫଳରେ ସିମିଳିଆ, ମାଳୀପଦୀ, ଜୋରାଗଡ଼ିଆ ପ୍ରମୁଖ ଗ୍ରାମର ଲୋକେ ହନ୍ତସନ୍ତ ହେଉଛନ୍ତି। ବିଭାଗ ଏବେ କେବଳ ଜଣେ ଠିକାଦାରଙ୍କୁ ଲଗାଇ ସିମିଳିଆ ତାରିଣୀ ମନ୍ଦିର ନିକଟରେ କିଛି ଡଷ୍ଟ ପକାଇଥିଲେ ମଧ୍ୟ ବାକି ଅଂଶରେ ଗମନାଗମନ ପାଇଁ ପଥଚାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ରାସ୍ତାକୁ ତୁରନ୍ତ ମରାମତି କରିବାକୁ ଦାବି ହେଉଛି।

# ଗାନ୍ଧୀ ଜୟନ୍ତୀରେ ଜିଲ୍ଲା କଂଗ୍ରେସର ପଦଯାତ୍ରା ଓ ଆଲୋଚନାଚକ୍ର


**ଭଦ୍ରକ, ୪।୧୦(ସମିସ)**




ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଗାନ୍ଧୀ ପଥେ ଓଡ଼ିଶା ପଦଯାତ୍ରା, ନିରବ ପ୍ରାର୍ଥନା ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କମିଟିର ପୂର୍ବତନ କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତିଙ୍କ ନେତୃତ୍ୱରେ ଜିଲ୍ଲା ସଭାପତି ନଳିନୀ କାନ୍ତ ମହାନ୍ତି, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ଶୁଭେନ୍ଦୁ ରାୟ ମହାପାତ୍ର, ପିସିସି ଅନୁସୂଚିତ ଜାତି ବିଭାଗର ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଟାଉନ ସଭାପତି ଅବଦୁଲ ମୋକିତ ଖାଁ, ବରିଷ୍ଠ ନେତା ପୀତବାସ ଧଳ, କାଉନସିଲର ସାହିଲ କାଦ୍ରି, ଅନୁସୂଚିତ ଜାତି ବିଭାଗର ରାଜ୍ୟ ସାଧାରଣ ସମ୍ପାଦକ ହରିହର ମଣ୍ଡଳ, ରାଜ୍ୟ ସମ୍ପାଦକ ଶଶିକାନ୍ତ ଜେନା, ରଞ୍ଜନ ଜେନା, ଅନୁସୂଚିତ ଜାତି ବିଭାଗର ଜିଲ୍ଲା ସଭାପତି ବିଦ୍ୟାଧର ଜେନା, କାଉନସିଲର ପ୍ରତିନିଧି ଏନାମୁଲହକ, ଯୁବନେତା ପ୍ରକାଶ ଜ୍ୟୋତି ମହାକୁଡ଼, ଯୁବନେତା ଇଲିଆସ ଖାଁ, ଦେବବ୍ରତ ମହାନ୍ତି, ଯୁବନେତା ବଳରାମ ରାଉତଙ୍କ ସମେତ ୫ଶହରୁ ଉର୍ଦ୍ଧ୍ୱ କର୍ମୀ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ଅତିଥି ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ମାଲ୍ୟାର୍ପଣ କରିଥିଲେ। ପରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ପ୍ରାକ୍ତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତିଙ୍କ ସଭାପତିତ୍ୱରେ 'ଗାନ୍ଧୀ ପଥେ ଓଡ଼ିଶା ପଦଯାତ୍ରା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶ୍ରୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀ ଏବଂ ସ୍ୱର୍ଗତ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଜିଲ୍ଲା ସଭାପତି ତାଙ୍କ ବକ୍ତବ୍ୟରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତ୍ୟାଗ, ସଂଗ୍ରାମ, ବଳିଦାନ ସମ୍ପର୍କରେ ବର୍ଣ୍ଣନା କରିବା ସହ ଗାନ୍ଧୀଙ୍କ ଅହିଂସା ପଥ କୁ ଅନୁସରଣ କରିବା ପାଇଁ ଉଦବୋଧନ ଦେଇଥିଲେ। ମୁଖ୍ୟବକ୍ତା ଡ. ଅମୂଲ୍ୟ କୁମାର ନାୟକ ବକ୍ତବ୍ୟରେ ଭାରତ ବର୍ଷରୁ ଇଂରେଜଙ୍କୁ ହଟାଇବା ମହାତ୍ମା ଗାନ୍ଧୀ ଯେଉଁ ସଂଘର୍ଷ, ସଂଗ୍ରାମ ଏବଂ ଅହିଂସା ପଥ ଆପଣାଇଥିଲେ ତାହା ଅତୁଳନୀୟ ବୋଲି କହିଥିଲେ। ମହାତ୍ମା ଗାନ୍ଧୀଙ୍କ ଅହିଂସା ନୀତି ଆଜି ସମଗ୍ର ବିଶ୍ୱରେ ତାଙ୍କୁ ଜଣେ ମହାମାନବ ଭାବେ ପରିଚିତ କରିଛି ବୋଲି ମୁଖ୍ୟ ଅତିଥି ଡ଼. ନାୟକ ବକ୍ତବ୍ୟ ଦେଇଥିଲେ। ନୂତନ ଜିଲ୍ଲା ସଭାପତି ଶ୍ରୀ ମହାନ୍ତିଙ୍କୁ ବିଭିନ୍ନ ବ୍ଲକରୁ ଆସିଥିବା ଦଳୀୟ କର୍ମୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ଧରାରୁ ମେଲାଣି ନେଲେ ମା'

ଭଦ୍ରକ/ଅସୁରାଳି, ୪।୧୦ (ସମିସ): ଗାନ୍ଧିପଡ଼ିଆ ଦୁର୍ଗା ପୂଜା କମିଟି ବଡ ଶ୍ରଦ୍ଧାରେ ମା'ଙ୍କୁ ଦଶହରା ସନ୍ଧ୍ୟାରେ ବିଦାୟ ଦେଇଛି। ଏକ ଭାବପୂର୍ଣ୍ଣ ସାନ୍ଧ୍ୟ ବିଦାୟ ଉତ୍ସବରେ ଦୁର୍ଗାଲୟର ମଞ୍ଚରେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। କମିଟିର ବରିଷ୍ଠ ସଦସ୍ୟ ରାଜକିଶୋର ସାହୁ, ପ୍ରଧାନ ସାହୁ ଓ ଗୋପୀନାଥ ସାହୁଙ୍କୁ ସେମାନଙ୍କ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ସଂପାଦକୀୟ ବିବରଣୀ ପଠାପରେ ମୁଖ୍ୟ ଅତିଥି ଗାନ୍ଧିପଡ଼ିଆ ସହ ତାଙ୍କର ଆଦ୍ୟ ଯୌବନ ସ୍ମୃତି ବାଖାଣିଥିଲେ। ମା'ଙ୍କ ସ୍ଥାନରେ ଉପସ୍ଥିତ ରହି ନିଜକୁ ସୌଭାଗ୍ୟ ଶାଳୀ ମନେକରୁଛନ୍ତି ବୋଲି ଉଲ୍ଲେଖ କରିଥିଲେ। ମଞ୍ଚ ପରିଚାଳନା ସାହିତ୍ୟିକ ଗୌତମ ମହାରଣା କରିଥିବା ସମୟରେ ସଭାପତି ସୋମାଭ ଦେ, ସମ୍ପାଦକ ସଞ୍ଜୟ ସ୍ୱାଇଁ, ଉପଦେଷ୍ଟା ଜଡି ନାୟକ ମଞ୍ଚ ଗାରିମା ବୃଦ୍ଧି କରିଥିଲେ। ଏହି ଅବସରରେ ସମ୍ପାଦକ କମିଟିର ସମସ୍ତ ବୃନ୍ଦସମ୍ପାମାନଙ୍କୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନିର୍ଦ୍ଦେଶକ ଘୋଷ, ଦିବ୍ୟଜ୍ୟୋତି ସାହୁ, ସୁଜିତ୍ ସାହୁ, ବିକାଶ ସାହୁ, ଦୁର୍ଗା ଶଙ୍କର ବିଶ୍ୱାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା। ସେହିପରି ଅସୁରାଳି କଲ୍ୟାଣୀ ନଗରୀ ସାର୍ବଜନୀନ ଦୁର୍ଗା ପୂଜା ଶାନ୍ତିଶୃଙ୍ଖଳାରେ ଶେଷ ହୋଇଯାଇଛି। କଙ୍କାଳ ପାରମ୍ପରିକ ରୀତିନୀତି ଅନୁସାରେ ମା' ଦୁର୍ଗାଙ୍କୁ ମଣ୍ଡପରେ ଭକ୍ତିଭାବରେ ପୂଜା କରାଯାଇଥିଲା। ବିଶାଳ ଶୋଭାଯାତ୍ରା ମାଧ୍ୟମରେ ମୂର୍ତ୍ତିକୁ ନିଆଯାଇ ନିକଟସ୍ଥ ରେବ ନଦୀରେ ବିସର୍ଜନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ପ୍ରାୟ ୪୦ରୁ ଅଧିକ ଭକ୍ତ ମା'ଙ୍କ ମୂର୍ତ୍ତିକୁ କାନ୍ଧରେ ନେଇ ନଦୀ ପର୍ଯ୍ୟନ୍ତ ଯାତ୍ରା କରିଥିଲେ। ସେହିପରି ଗୋବିନ୍ଦପୁରର ନୀଳସରସ୍ୱତୀ, ଖପରପଦା, ଲୁଣିଆ, ଲେଞ୍ଜରା, ଫତେପୁର, ଅସୁରାଳୀ ଆଇଟିଆଇ, ଗଣ୍ଡାମାଳ, କାଶୀନପୁର, ରହିପୁର ଆଦି ଅଂଚଳରେ ମଧ୍ୟ ମା'ଙ୍କ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳା ଓ ଉତ୍ସବ ମନୋଭାବରେ ଶେଷ ହୋଇଛି।



# ବର୍ଷା ପାଣିରେ ଉବୁଟୁବୁ ୫ନମ୍ବର ୱାର୍ଡ

ଭଦ୍ରକ,୪।୧୦(ସମିସ): ଲଘୁଚାପଜନିତ ବର୍ଷାରେ ଉବୁଟୁବୁ ଭଦ୍ରକ ଜିଲ୍ଲା, ଚାନ୍ଦବାଲି ଏନ୍ଏସିର ୫ ନମ୍ବର ୱାର୍ଡ। ନନ୍ଦସାହ ୱାର୍ଡ ବାସିନ୍ଦା। ବର୍ଷା ଜଳ ନିଷ୍କାସନ ହୋଇ ନ ପାରିବାରୁ ୭ ଟି ପରିବାର ପଦାକୁ ବାହାରି ପାରୁ ନାହାନ୍ତି ଫଳରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏହି ପରିବାର ଗୁଡ଼ିକ। ପ୍ରତିଦିନ ପାଣିରେ ଯାତାୟାତ କରିବା ଫଳରେ ଝାଡ଼ା ବାନ୍ତି ଆଦି ରୋଗରେ ଆକ୍ରାନ୍ତ ହେଉଛନ୍ତି ଲୋକେ। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏନ୍ଏସି ଅଫିସରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି ୱାର୍ଡ ବାସୀ। ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନର ଆବଶ୍ୟକତା ଥିବା ବେଳେ ଏ ଦିଗରେ କେହି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ କରିଛନ୍ତି ଲୋକେ। ଉକ୍ତ ସମସ୍ୟାର ସ୍ଥାୟି ସମାଧାନ କରିବାକୁ ଦାବି କରିଛନ୍ତି ୱାର୍ଡବାସୀ-ପାର୍ବତୀ ନାୟକ, ଶାନ୍ତିଲତା ନାୟକ ଓ ମଣିଚରଣ ସାହୁ।



# ମଦ୍ୟପ ବିଜେପି କର୍ମୀଙ୍କ ଆକ୍ରୋଶର ଶିକାର ହେଲେ ଚାନ୍ଦବାଲି ବିଧାୟକ

ଭଦ୍ରକ,୪।୧୦(ସମିସ): ଦିନକୁ ଦିନ ଅଶାନ୍ତ ହେଉଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅଞ୍ଚଳ। ବିଜେପି କର୍ମୀଙ୍କ ଗୁଣ୍ଡାଗିରିରେ ଅତ୍ୟବ୍ୟସ୍ତ ସାଧାରଣ ଜନତାଙ୍କ ଠାରୁ ଲୋକପ୍ରତିନିଧି। ଚାନ୍ଦବାଲି ବ୍ଲକର ଖେରଙ୍ଗ ଦୁର୍ଗା କମିଟି ପକ୍ଷରୁ ପୂଜା ମଣ୍ଡପ ବୁଲିଯିବା ପାଇଁ ସ୍ଥାନୀୟ ବିଧାୟକଙ୍କୁ ନିମନ୍ତ୍ରଣ କରାଯାଇଥିଲା। କମିଟିର ନିମନ୍ତ୍ରଣ ରକ୍ଷା କରି ବିଜେଡି ବିଧାୟକ ଡ. ବ୍ୟୋମକେଶ ରାୟ ପୂଜା ମଣ୍ଡପରେ ପହଞ୍ଚିଥିଲେ। ମାତ୍ର ସେଠାରେ ପୂର୍ବ ପ୍ରସ୍ତୁତ ଅନୁଯାୟୀ ୫/୭ ଜଣ ମଦ୍ୟପ ବିଜେପି କର୍ମୀ ବିଧାୟକଙ୍କୁ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଫଳରେ ସେଠାରେ ଉପସ୍ଥିତ ଥିବା ବିଜେପି ଓ ବିଜେଡି କର୍ମୀଙ୍କ ମଧ୍ୟରେ କିଛି ସମୟ ପାଇଁ ଧସ୍ତାଧସ୍ତି ହୋଇ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା। ଚାନ୍ଦବାଲି ବିଧାୟକ ନିଜର ମାନବିକତା ଦେଖାଇ ତାଙ୍କ ସହିତ ଥିବା ୨୦୦ରୁ ଊର୍ଦ୍ଧ୍ୱ କର୍ମୀଙ୍କୁ ଶାନ୍ତଭାବରେ ନିବୃତ୍ତି ରହିବାକୁ ପରାମର୍ଶ ଦେଇଥିଲେ। ତା' ସହିତ ସେଠାରେ ଥିବା ନିଜର ସମସ୍ତ କର୍ମୀଙ୍କୁ ସାଥିରେ ନେଇ ଫେରିଥିଲେ। ପୂର୍ବରୁ ସେଠାରେ ମୁତୟନ ଥିବା ପୋଲିସ କନେଷ୍ଟବଲ ଏହାକୁ ରୋକି ପାରି ନ ଥିଲେ। ଖବର ପାଇ ଚାନ୍ଦବାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଖେରଙ୍ଗ ପଂଚାୟତର ଜଣେ ପୂର୍ବତନ ବିଜେଡ଼ି କର୍ମୀ, ଯିଏକି ବିଜେଡିର ସରପଞ୍ଚ ଟିକେଟ ଆଶାୟୀ ଥିଲେ। ସେ ବିଜେଡିରୁ ଟିକେଟ ନ ପାଇବା ପରେ ବିଜେପିରେ ଯୋଗ ଦେଇଥିଲେ। ବିଜେପି ସରକାର ଆସିବା ପରେ ସେ ପ୍ରତିଶୋଧ ପରାୟଣ ହୋଇ କିଛି ମଦ୍ୟପ ଲୋକଙ୍କୁ ହାତବାରିଷୀ କରି ଖେରଙ୍ଗ ପଞ୍ଚାୟତରେ ଅରାଜକତା ସୃଷ୍ଟି କରୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ସରପଞ୍ଚ ଜିତେନ୍ଦ୍ର ବିଶ୍ୱାଳ ଅଭିଯୋଗ କରିଛନ୍ତି।

# ପୀରବାବା ହୋଜୁର ମୁଜାହିଦ-ଇ-ମିଲ୍ଲତଙ୍କ ବାର୍ଷିକ ଉତ୍ସବ

ଭଦ୍ରକ,୪।୧୦(ସମିସ): ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଧାମନଗରର ପୀରବାବା ହୋଜୁର ମୁଜାହିଦ-ଇ-ମିଲ୍ଲତଙ୍କ ୪୬ତମ ବାର୍ଷିକ ଉତ୍ସବ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସଦ୍ଭାବନା ସଭାଗୃହରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ ଏସ୍ପି ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ମୁଖ୍ୟ ଚିକିତ୍ସାଧିକାରୀ ଡ. ସୁଧାରଞ୍ଜନ ନାୟକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ, ଡେପୁଟି କଲେକ୍ଟର (ବିଚାର) କାର୍ତ୍ତିକ ନାଥ ମଣ୍ଡଳ ଉପସ୍ଥିତ ଥିଲେ। କମିଟିର ସଭାପତି ସେମାନଙ୍କର କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନା ଓ ଉକ୍ତ ଉତ୍ସବରେ ଦେଶର କୋଣ ଅନୁକୋଣରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଏକତ୍ରିତ ହେବେ ବୋଲି ପ୍ରକାଶ କରିଥିଲେ। ସେମାନଙ୍କ ପରମ୍ପରିକ ବ୍ୟବସ୍ଥା ସହିତ ଉରଶର ସୁବନ୍ଦୋବସ୍ତ କରାଯାଇଛି ବୋଲି ପ୍ରକାଶ କରିଥିଲେ। ସମସ୍ତେ ଉତ୍ସବକୁ ଶାନ୍ତି ଶୃଙ୍ଖଳା ସହିତ ପାଳନ କରିବାକୁ ଆବଶ୍ୟକୀୟ ରାସ୍ତାର ମରାମତି, ଆଲୋକୀକରଣ, ନାଳ ନର୍ଦ୍ଦମାର ସଫେଇ, ପର୍ଯ୍ୟାପ୍ତ ସୁରକ୍ଷା କର୍ମୀ ନିୟୋଜନ, ନିଶାଖୋରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ, ଟ୍ରାଫିକର ସୁବନ୍ଦୋବସ୍ତ, କରିବା ପାଇଁ ଅନୁରୋଧ କରିଥିଲେ। ଆୟୋଜକମାନେ ଖାନକା ପରିସରର ପ୍ରବେଶ ଓ ପ୍ରସ୍ଥାନ ଫାଟକରେ ଅଗ୍ନି ନିର୍ବାପକ ଯନ୍ତ୍ର ସ୍ଥାପନ କରିବେ। ବିଦ୍ୟୁତ ବିଭାଗ ୨୮ ଓ ୨୯ ତାରିଖରେ ବିଦ୍ୟୁତ ସେବା ଅବ୍ୟାହତ ରଖିବାକୁ ସୁନିଶ୍ଚିତ କରିବେ। ଅବକାରୀ ବିଭାଗ ବେଆଇନ ମାଦକ ଦ୍ରବ୍ୟ ବିକ୍ରୟ ଉପରେ ନିୟମିତ ଯାଞ୍ଚ କରିବାକୁ, ମଦ୍ୟପାନ କରି ଗାଡି ଚଲାଉଥିବା ବ୍ୟକ୍ତିଙ୍କୁ ଦଣ୍ଡିତ କରିବାକୁ ଆରକ୍ଷୀ ଅଧିକ୍ଷକ, ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବରିଷ୍ଠ ନାଗରିକ ଦିବସ

ଭଦ୍ରକ,୪।୧୦(ସମିସ): ଆନ୍ତର୍ଜାତୀୟ ବୟସ୍କ ଦିବସ (ବରିଷ୍ଠ ନାଗରିକ ଦିବସ) ଚରମ୍ପା ସ୍ଥିତ ରମାସେବା ସଦନ ଠାରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ବୟସ୍କ ବ୍ୟକ୍ତିଙ୍କ ସମସ୍ୟାପ୍ରତି ସମାଜକୁ ସଚେତନ କରିବା ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଅସହାୟ ବୟସ୍କ ବ୍ୟକ୍ତିଙ୍କ ପ୍ରତି ସହାୟତାର ହାତ ବଢ଼ାଇବା ପାଇଁ ଆଜିର ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ପୂଣ୍ୟଶ୍ଳୋକ ରଥ ପରି.ଳନା କରିଥିଲେ। ସହକାରୀ ପ୍ରତିପକ୍ଷ ଓକିଲ ତାପସ କୁମାର ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଦର୍ଶନ ରାଉଳ ଭଦ୍ରକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉପସ୍ଥିତ ଥିବା ବୟସ୍କ ଲୋକମାନଙ୍କ ସମସ୍ୟା ବୁଝିଥିଲେ ଏବଂ ସେମାନଙ୍କୁ ସୁସ୍ଥ ଜୀବନ ଯାପନ ତଥା ନିରୋଗ ରହିବାକୁ ପ୍ରତିଦିନ ଛୋଟ ପ୍ରୟାସଟିଏ ଯଥା ଯୋଗ ଅଭ୍ୟାସ କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା।

# ଯୁବମଞ୍ଚ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

ଭଦ୍ରକ,୪।୧୦(ସମିସ):ଅଗ୍ରଣୀ ସାମାଜିକ ସଂଗଠନ ତିହିଡ଼ି ଯୁବମଞ୍ଚ ପକ୍ଷରୁ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଦୋଲସାହିସ୍ଥିତ ଯୋଗୀଋଷି ଲଛମନ ଦାସ ଶିଶୁ ଆଶ୍ରମରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସଂଗଠନର ସଭାପତି କୈଳାସ ବେହେରାଙ୍କ ସଞ୍ଚାଳନରେ ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ପତ୍ରକାର ରାମନାରାୟଣ ନାୟକ, ସଂଗଠନର ସମ୍ପାଦକ ତଥା ଯୁବକବି ନିରଞ୍ଜନ ବାରିକ, ସଂଯୋଜକ ତଥା ଆଇନଜୀବୀ ନୀଳମାଧବ ସେନାପତି, ଆଶ୍ରମ ପରିଚାଳକ ଜ୍ୟୋତି ରଞ୍ଜନ ପତି ଏବଂ ଚକ୍ରଧର ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ସଦସ୍ୟ ସୁବ୍ରତ ମିଶ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବର ଏକ ମୁଖ୍ୟ ଆକର୍ଷଣ ଥିଲା ଗାନ୍ଧୀଜୀଙ୍କ ଫଟୋଚିତ୍ର ଅଙ୍କନ ପ୍ରତିଯୋଗିତା। ଏହି ପ୍ରତିଯୋଗିତାରେ ଋତୁରାଜ ପତି, ରାଜ ମୁଣ୍ଡା, ଗଣେଶ ଟୁଡୁ ଏବଂ ସୋନୁ ମୁଣ୍ଡା ଉଲ୍ଲେଖନୀୟ କୃତିତ୍ୱ ହାସଲ କରି ପୁରସ୍କୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ତିହିଡ଼ି ଯୁବମଞ୍ଚ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଆଦର୍ଶକୁ ନୂତନ ପିଢ଼ି ମଧ୍ୟରେ ପ୍ରଚାର କରିବା ସହିତ ସାମାଜିକ ସଚେତନତା ଓ ସୃଜନଶୀଳତାକୁ ପ୍ରୋତ୍ସାହିତ କରିଥିଲା।

**୩ ମାସ ତଳେ ବିବାହିତା ବୋହୂ ମୃତ**

# ପରିବାର ଲୋକ ଆଣିଲେ ହତ୍ୟା ଅଭିଯୋଗ

ବାସୁଦେବପୁର,୪।୧୦(ସମିସ):ବାସୁଦେବପୁର ବ୍ଲକର ଲୁଙ୍ଗା ପଞ୍ଚାୟତର ୩ ମାସ ତଳେ ବିବାହ କରିଥିବା ନବ ବୋହୂ ରଣି ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ସଂଜ୍ଞାହୀନ ଅବସ୍ଥାରେ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାର ଭର୍ତ୍ତି କରିଥିଲେ। ଡାକ୍ତର ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ଝିଅକୁ ହତ୍ୟାକରି ଟାଙ୍ଗି ଦେଇଥିବାର ଅଭିଯୋଗ କରିଛନ୍ତି ମୃତ ଝିଅର ବାପା ଓ ମାଆ। ଚରମ୍ପା ଅଞ୍ଚର ଦାମୋଦର ଦାସଙ୍କ ଝିଅ ତୁଳସୀ ଦାସ (୨୧) ବାସୁଦେବପୁର ବ୍ଲକର ଲୁଙ୍ଗା ଗ୍ରାମର ମୁକ୍ତିକାନ୍ତ ନାୟକଙ୍କ ପୁଅ ରାଜେଶ ନାୟକଙ୍କୁ ୩ ମାସ ତଳେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ କିଛି ଦିନ ପରେ ପତି ଓ ପତ୍ନୀଙ୍କ ମଧ୍ୟରେ ମନାନ୍ତର ସୃଷ୍ଟି ହୋଇଥିଲା। ଉଭୟ ପରିବାର ବସି ଆପୋଷ ସମାଧାନ କରିଥିଲେ। ମଝିରେ ତୁଳସୀ ଶଶୁର ଘରର କାହାକୁ କିଛି ନକହି ଘରୁ ପଳାଇ ଯାଇଥିଲେ। ଉଭୟ ପରିବାରଙ୍କ ସହମତିରେ ତୁଳସୀ ଶଶୁର ଘରକୁ ଫେରିଥିଲା। ଆଜି ପତି ଓ ପତ୍ନୀଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସଂଜ୍ଞାହୀନ ଅବସ୍ଥାରେ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାର ଭର୍ତିର୍ କରିଥିଲେ। ଡାକ୍ତର ପରୀକ୍ଷା କରି ମୃତ ଘୋଷଣ କରିଥିଲେ। ଝିଅକୁ ହତ୍ୟାକରି ଟାଙ୍ଗି ଦେଇଥିବାର ଅଭିଯୋଗ କରିଛନ୍ତି ମୃତ ଝିଅର ବାପା ଓ ମାଆ।

# ଶିକ୍ଷାବିତ ରମେଶ ଦୀକ୍ଷିତଙ୍କ ପରଲୋକ



ଭଦ୍ରକ,୪।୧୦(ସମିସ):ଭଦ୍ରକ ବ୍ଲକ ଅନ୍ତର୍ଗତ ରାଣୀତାଲ ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଦୀକ୍ଷିତ(୯୫)ବର୍ଷ ବୟସରେ ଗତକାଲି ପରଲୋକ ହୋଇଯାଇଛି। ସୂଚନା ଅନୁସାରେ ଶ୍ରୀ ଦୀକ୍ଷିତ ପ୍ରଥମେ ଘଟେଂଶ୍ୱରର ଅପର୍ତି ଚରଣ ହାଇସ୍କୁଲ ପରେ ଭଣ୍ଡାରୀପୋଖରୀ ବାଳିକା ବିଦ୍ୟାଳୟ ଓ ଶେଷରେ ୧୯ ୭୨ ମସିହାରେ ରାଣୀତାଲ ହାଇସ୍କୁଲରେ ନିଜର ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ପରେ ପ୍ରଧାନଶିକ୍ଷକ ହୋଇ ୧୯ ୯ ୭ମସିହାରେ ଅବସର ଗ୍ରହଣ କରିଥିଲେ। ଜଣେ ସ୍ନେହୀ, ଛାତ୍ରବାତ୍ସଲ ଶିକ୍ଷକ ଭାବେ ପରିଚିତ ଶ୍ରୀ ଦୀକ୍ଷିତଙ୍କର ଗତକାଲି ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଥିଲା। ପରିବାର ଲୋକ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ କରିଥିଲେ। ତାଙ୍କ ମୃତ୍ୟୁ ଖବର ରାଣୀତାଲ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ସମାଜସେବୀ ଭାଗିରଥି ନାୟକ, ସାମ୍ବାଦିକ ନଗେନ୍ଦ୍ର ପାଣି, ଅଞ୍ଜନ ଲେଙ୍କା, ସମାଜସେବୀ, କବି ସାଧୁଚରଣ ମହାପାତ୍ର, ମହେଶ୍ୱର ମହାପାତ୍ର ଶ୍ରୀ ଦୀକ୍ଷିତଙ୍କ ମୃତ୍ୟୁ ରାଣୀତାଲ ଅଞ୍ଚଳ ପାଇଁ ଅପୂରଣୀୟ କ୍ଷତି ବୋଲି ପ୍ରକାଶ କରିଛନ୍ତି।

# ପ୍ରାକ୍ତନ ବିଧାୟକଙ୍କ ବ୍ୟାନର ଚିରାକୁ ନେଇ ଏତଲା

ଭଦ୍ରକ,୪।୧୦(ସମିସ):ପୂର୍ବତନ ବିଧାୟକଙ୍କ ବ୍ୟାନର ଚିରାକୁ ନେଇ ଥାନାରେ ଦ୍ୱାରସ୍ତ ହେଲେ ତିହିଡି ବ୍ଲକ ବିଜେଡି। ସୂଚନାଯୋଗ୍ୟ, ପବିତ୍ର ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ବାସୁଦେବପୁର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ସାଧାରଣ ଲୋକଙ୍କୁ ଶୁଭେଚ୍ଛା ବାର୍ତ୍ତା ସମ୍ବଳିତ ବ୍ୟାନର ଲଗାଯାଇଥିଲା। ଏଥିରେ ଅସହିଷ୍ଣୁ ହୋଇ ଶାସକ ଦଳ ସମର୍ଥକମାନେ ବିଳମ୍ବିତ ରାତିରେ ଦୁଇ ଦୁଇ ଥର ଲଗାଯାଇଥିବା ବ୍ୟାନରକୁ ଚିରି ବାହାର କରିଥିଲେ। ଆଜି ତିହିଡି ବିଜୁଜନତା ଦଳ ସଭାପତି ସୁରେନ୍ଦ୍ର ନାୟକଙ୍କ ନେତୃତ୍ୱ ତିହିଡି ପୋଲିସ ପାଖରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ହୀନ ତଥା ଶସ୍ତା ରାଜନୀତିରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ଙ୍କୁ ଧରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛ।

# ସମାଜସେବୀ ପ୍ରେମାନନ୍ଦ ଦାସଙ୍କ ସ୍ମୃତିସଭା

ଭଦ୍ରକ,୪।୧୦(ସମିସ): ଛେନାପଦି ସ୍ଥିତ ବିଷ୍ଣୁପ୍ରିୟା ବାଳାଶ୍ରମର ସମ୍ପାଦକ ସମାଜେସବୀ ପ୍ରେମାନନ୍ଦ ଦାସଙ୍କ ଏକାଦଶାହ ଦିବସରେ କୁଆଁସ ସ୍ଥିତ ବାସଭବନରେ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ବାଳାଶ୍ରମର ସମ୍ପାଦକ ତଥା କନିଷ୍ଠ ଭ୍ରାତା ଅଶୋକ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ତ୍ୟାଗଭୂମିର ସଭାପତି ଅଜୟ ନାୟକ, ସମାଜେସବୀ ଏସଏମ୍ ଫାରୁକ, ଲଲାଟେନ୍ଦୁ ମହାନ୍ତି, ଗାନ୍ଧୀ ବିଚାର ମଞ୍ଚ ସମ୍ପାଦକ ସୁଧାକର ରାଉତ, ନରହରି ମହାନ୍ତି, ବିଷ୍ଣୁପ୍ରିୟା ବାଳାଶ୍ରମ ପରିଚାଳନା କମିଟି ବରିଷ୍ଠ ସଦସ୍ୟ ସୁରେନ୍ଦ୍ର ପରିଡ଼ା, ନିଶିକାନ୍ତ ନାୟକ, ଅବସରପ୍ରାପ୍ତ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ବାସୁଦେବ ଦାସ, ପୁରୁବାଇ କନ୍ୟାଶ୍ରମର ସମ୍ପାଦିକା ସୁମତି ମହାନ୍ତି, ଜିଲ୍ଲା ସର୍ବୋଦୟ ମଣ୍ଡଳ ସଭାପତି ଅମର କୁମାର ପାଣିଗ୍ରାହୀ, ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ ଅକ୍ଷୟ କୁମାର ଦାସ, ଫାଗୁରାମ ହାଁସଦା, ପ୍ରାଧ୍ୟାପିକା ଝରଣା ପଟ୍ଟନାୟକ, ଡ. ମନୀନ୍ଦ୍ର ମହାନ୍ତି, ରାଧାରାଣୀ ମହାପାତ୍ର, ଗଦାଧର ବଳ, ଜ୍ୟୋତିପ୍ରକାଶ ମହାନ୍ତି, କମଳାକାନ୍ତ ସ୍ୱାଇଁ, ମୁସ୍ତାକ ଗହ୍ୱର, ଅବଦୁଲ ଦୟାନ୍, ହରିପ୍ରସାଦ ନନ୍ଦୀ, ରୂପକ ବିହାରୀ ରାୟ, କାଦମ୍ବିନୀ ମହାନ୍ତି, ବିଜୟ କୁମାର ମହାନ୍ତି, ଦିଲ୍ଲୀପ କୁମାର ମହାନ୍ତି, ହୃଷିକେଶ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ପୂର୍ବତନ ସରପଞ୍ଚଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ଅସୁରାଳି,୪।୧୦(ସମିସ): ଖପରପଦା ପଞ୍ଚାୟତ ପୂର୍ବତନ ସରପଞ୍ଚ ସ୍ୱର୍ଗତ ଜୟଦେବ ସାହୁଙ୍କ ପ୍ରତିମୂର୍ତି ଅନାବରଣ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ଯୋଗଦେଇଥିଲେ। ଶ୍ରୀ ଦାସ ଖପରପଦା ଗ୍ରାମର ବିଭିନ୍ନ ଦୁର୍ଗା ପୂଜା ମଣ୍ଡପ ବୁଲି ଦର୍ଶନ କରି ଆଶୀର୍ବାଦ କାମନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ ଓ ଶାରଦା ପ୍ରସନ୍ନ ସାହୁ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ବିଜେଡିନେତା ଡାକ୍ତର ସଞ୍ଜୟ ଦାସ, ଧାମନଗର ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ସମିତିସଭ୍ୟ ଭାରତ ବିଜୟ ଦଲେଇ, ସନ୍ଦୀପ ସ୍ୱାଇଁ, ସରପଞ୍ଚ ଅନୁସୂୟା ସାହୁ, ବ୍ଲକ୍ ସଭାପତି ପ୍ରତାପ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଧାମରା ପୋର୍ଟରେ ନବରାତ୍ର

ଭଦ୍ରକ,୪।୧୦(ସମିସ): ପ୍ରଥମ ଥର ପାଇଁ ଧାମରା ପୋର୍ଟର ଟାଉନସିପ୍ରେ ନବରାତ୍ର ଓ ଦଶହରା ପାଳିତ ହୋଇଛି। ମହାଳୟା ଠାରୁ ଆରମ୍ଭ ହୋଇ ନବଦିନ ବ୍ୟାପି ମା' ଦୁର୍ଗାଙ୍କ ନବରାତ୍ର ଉତ୍ସବରେ କର୍ମଚାରୀ, ଟାଉନସିପ୍ ବାସିନ୍ଦା, ସରକାରୀ ଅଧିକାରୀ ଏବଂ ପୋର୍ଟ ପରିଦର୍ଶକମାନେ ଏକତ୍ରିତ ହୋଇଥିଲେ। ପ୍ରଥମଥର ପାଇଁ ଧାମରା ପୋର୍ଟରେ ଦେବୀ ଦୁର୍ଗାଙ୍କ ପୂଜା ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଦେଖିବାକୁ ମିଳିଥିଲା ଉତ୍ସାହ ଓ ଉଦ୍ଦୀପନା। ପୋର୍ଟର ସମସ୍ତ ବର୍ଗ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା, ଯାହା ଧାମରା ପୋର୍ଟ ସହିତ ଜଡ଼ିତ ଲୋକଙ୍କ ମଧ୍ୟରେ ସମାନ ସାଂସ୍କୃତିକ ମୂଲ୍ୟବୋଧ ଏବଂ ଏକତାକୁ ପ୍ରତିଫଳିତ କରୁଥିଲା। ନବଦିନାତ୍ମକ ଉତ୍ସବ ପୋର୍ଟ ଟାଉନ୍ସିପ୍ରେ ଏକ ସକାରାତ୍ମକ ଏବଂ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା।

# 'ଦିଅନ୍ତୁ ନଥିଲେ ନିଅନ୍ତୁ' କାର୍ଯ୍ୟକ୍ରମ

ଭଦ୍ରକ,୪।୧୦(ସମିସ): ଆଜି ଭଦ୍ରକ ବ୍ଲକ ରାନ୍ଦିଆ ଡଗମୁଣ୍ଡ ଓ ନାଙ୍ଗୁଡି ଆଦିବାସୀ ବସ୍ତି ଠାରେ ସାମାଜିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ସେଠାରେ ରହୁଥିବା ଅସହାୟ ଗରିବ ଲୋକ ମାନଙ୍କୁ ବସ୍ତ୍ର, ବିସ୍କୁଟିଟ, ଡେଟେଲ ହେଣ୍ଡ ୱାସ୍ ବଟଂନ ଅଭିଯାନ କରାଯାଛି। ଏହି କାର୍ଯ୍ୟକ୍ରମରେ ନବଜୀବନ ଫାଉଣ୍ଡେସନ ଓଡ଼ିଶା ଶାଖା ମୁଖ୍ୟ ମାନସ ରଞ୍ଜନ ସାହୁ ଓ ସଂଗଠନ ସଭାପତି ମିଥୁନ ଜେନାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇ ଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷକ ଚିତ୍ରଭାନୁ ଦାସ, ସମାଜସେବୀ ମାନସୀ ନାୟକ, ଦୀପ୍ତିରଞ୍ଜନ ବିଶ୍ୱାଳ, ବିଜୟ ସାହୁ, ସଂଗଠନ ସମ୍ପାଦିକା ମଧୁସ୍ମିତା ପଲାଇ, ସତ୍ୟ ଦାସ, ଜ୍ୟୋତିମୟ ଜେନା, ରଶ୍ମିତା ଜେନା, ତନ୍ମୟ ବିଶ୍ୱାଳ, ସୁଭାସ୍ମିତ ପଲାଇ ପ୍ରମୁଖ ଉପସ୍ଥିତ ରହି ଏହି ସାମାଜିକ କାର୍ଯ୍ୟକ୍ରମ କରିବା ସହ ସଚେତନ ମଧ କରିଥିଲେ। ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ଥିଲେ ସମ୍ପାଦିକା ମଧୁସ୍ମିତା ପଲା।

# ପୂଜା ମଣ୍ଡପ ବୁଲିଲେ ବିଧାୟକ

ବନ୍ତ/ଆଗରପଡ଼ା,୪/୧୦(ସମିସ):ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଓଡଙ୍ଗ ପଞ୍ଚାୟତ ପାରବନ୍ଧ ଦୁର୍ଗା ମଣ୍ଡପ ପରିଦର୍ଶନ କରି ମା'ଙ୍କର ଆଶୀର୍ବାଦ ଭିକ୍ଷା କରିବା ସହିତ ରାବଣ ପୋଡି ଦେଖିଲେ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ବିଧାୟକ ସଞ୍ଜୀବ ମଲ୍ଲିକ। ଦଶହରା ଅବସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚିନ୍ମୟ କୁମର ଦାସ,ରବିନ୍ଦ୍ର ଜେନା,ସଂଜୟ ତ୍ରିପାଠୀ,ପ୍ରକାଶ ଜେନା,ଲକ୍ଷ୍ମୀଧର ଜେନା,ରୁଗୁଣା ପଡିଆରୀ,ପ୍ରଦୀପ ବେହେରା,ସଂଜୟ ପାଳ,ରବିନ୍ଦ୍ର ବେହେରା,ସରୋଜ ବାରିକ,ବାବୁ ରାଉତ,ବାସୁଆ ଜେନାଙ୍କ ସମେତ ବରିଷ୍ଠ ଓ ଯୁବ ନେତୃ ବୃନ୍ଦ ଉପସ୍ଥିତ ରହି ଜଗତଜନନୀ ମା' ଦୁର୍ଗାଙ୍କ ମଣ୍ଡପ ନିକଟରେ ଅନୁଷ୍ଠିତ ରାବଣ ପୋଡିକୁ ଉପଭୋଗ କରିଥିଲେ। ସେହିପରି ଆଗରପଡ଼ାସ୍ଥିତ ବଙ୍ଗାଳିସାହୀ, ପୁରୁଷୋତ୍ତମ,ଚକ୍ରାପାଢ଼ୀ, ଆଦି ସ୍ଥାନରେ ଥିବା ପୂଜା ମଣ୍ଡପ ବିଧାୟକ ବୁଲିଥିଲେ। ବ୍ଲକ ଅଧ୍ୟକ୍ଷ ମନୋରଂଜନ ଘଡ଼େଇ, ବିଜେଡି ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ପ୍ରଶାନ୍ତ ଦାଶ, ସତ୍ୟ ସାଧନ ବେଜ, ପୁରୁଷୋତ୍ତମ ସରପଞ୍ଚ ପ୍ରକାଶ ବିଶ୍ୱାଳ, ମହାନ୍ତିପଡ଼ା ସମିତିସଭ୍ୟ ନିର୍ମଳ ନାୟକ, ଚାରିଗାଁ ପ୍ରାକ୍ତନ ସରପଞ୍ଚ ବନମାଳୀ ବେହେରା, ବସନ୍ତ ପତି, ଦୀପକ ମହାନ୍ତି, ପପୁ ନାୟକ, ଧରଣୀଧର ପୃଷ୍ଟି, ପ୍ରହ୍ଲାଦ ରାଉତ, ହରିହର ପାଣିଗ୍ରାହୀ, ସଂଜୟନାଥ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ତ କଲେଜରେ ଏନ୍ଏସ୍ଏସ୍ ସ୍ୱତନ୍ତ୍ର ଶିବିର

ବନ୍ତ/ଆଗରପଡ଼ା,୪।୧୦(ସମିସ): ବନ୍ତ ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥାର ଏକ ସ୍ୱତନ୍ତ୍ର ଶିବିର ପୂଜା ଅବକାଶରେ ଦୀର୍ଘ ୭ଦିନ ଧରି ବନ୍ତ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ କଲେଜ ଅଧ୍ୟକ୍ଷା ମନୋରମା ମିଶ୍ର ଉଦ୍ଘାଟନ କରିଥିବା ବେଳେ କଲେଜର ବରିଷ୍ଠ ଅଧ୍ୟାପକ ରଘୁନାଥ ପୃଷ୍ଟି, ରତିକାନ୍ତ ଜେନା, ପ୍ରଧାନ ଆଚାର୍ଯ୍ୟ ଦାମୋଦର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଉଦ୍ଯାପନୀ ଉତ୍ସବରେ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. ଶୁଭେନ୍ଦ୍ର କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱେଚ୍ଛାସେବୀଙ୍କ ସହ ସେବାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟର ମୁଖ୍ୟ ବକ୍ତା ଭାବେ ରତିକାନ୍ତ ଜେନା, ସମ୍ମାନିତ ଅତିଥି ଭାବେ କୀର୍ତ୍ତନ ବିହାରୀ ନାୟକ, ଆଚାର୍ଯ୍ୟ ଅନନ୍ତ ପଲେଇ ଯୋଗ ଦେଇ ସ୍ୱେଚ୍ଛାସେବୀଙ୍କୁ ଉଦ୍ବୋଧନ ଦେଇଥିଲେ। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ ଓ ଧନ୍ୟବାଦ ଅର୍ପଣ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ରାଜେଶ ବିଶ୍ୱାଳ ଦେଇଥିଲେ। ପରିଶେଷରେ ସ୍ୱେଚ୍ଛାସେବୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରମାଣ ପତ୍ର ବଣ୍ଟନ କରାଯାଇ ଥିଲା।

# ପଞ୍ଚାୟତ ସମିତି କାର୍ଯ୍ୟାଳୟ ଗୃହ ଶିଳାନ୍ୟାସ

ତିହିଡ଼ି,୪।୧୦(ସମିସ): ତିହିଡ଼ି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ନୂତନ କାର୍ଯ୍ୟାଳୟ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ସାଂସଦ ଅଭିମନ୍ୟୁ ସେଠୀ, ବାସୁଦେବପୁର ବିଧାୟକ ଅଶୋକ ଦାସ, ଜିଲ୍ଲାପାଳ ଦିଲୀପ ରାଉତରାଏ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଏହି ଅବସରରେ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ, ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ କାର୍ଡ ବଣ୍ଟନ ସହିତ ମଧୁବାବୁ ପେନସନ ଯୋଜନାରେ କାର୍ଡ ବଣ୍ଟନ କରାଯାଇଥିଲା।

# ଏନ୍ଏସ୍ଏସ୍ ସ୍ୱତନ୍ତ୍ର ଶିବିର ଉଦ୍ଯାପିତ




ଦୋବଲ,୪।୧୦(ସମିସ): ଏନ୍ଏସ୍ଏସ୍ ବ୍ୟୁରୋ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଧାମନଗର ମହାବିଦ୍ୟାଳୟର +୩ କୋ-ୟୁନିଟର ଜାତୀୟ ସେବା ଯୋଜନା ଦ୍ୱାରା ଆୟୋଜିତ ସାତଦିନିଆ ଦୁର୍ଗାପୂଜା ସ୍ୱତନ୍ତ୍ର ସେବା ଶିବିର ଉଦଯାପିତ ହୋଇଯାଇଛି। ଉଦଯାପନ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ବେଜ ସଭାପତିତ୍ୱ କରିବା ସହ ଛାତ୍ର ଜୀବନରେ ପାଠ ପଢା ସହିତ ସେବା ମଣିଷକୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଏ ବୋଲି ଉଦାହରଣ ମାଧ୍ୟମରେ ବୁଝାଇଥିଲେ। ଏନଏସଏସ ଜିଲ୍ଲା ପ୍ରୋଗ୍ରାମ ଅଫିସର, ଅଧ୍ୟାପକ କମଳାକାନ୍ତ ଓଝା ମୁଖ୍ୟ ଅତିଥି ଭାବେ ଯୋଗ ଦାନ କରି ସ୍ୱଚ୍ଛାସେବୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିବା ସହିତ ଏନଏସଏସର ସୃଷ୍ଟି, ଲକ୍ଷ୍ୟ ଓ ଉପକାରିତା ବିଷୟରେ ଆଲୋକ ପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ନନ୍ଦିପୁର ଗ୍ରାମର ପ୍ରାକ୍ତନ ଅବସର ପ୍ରାପ୍ତ ଶିକ୍ଷକ ପ୍ରିୟରଞ୍ଜନ ସାମଲ, ମହାବିଦ୍ୟାଳୟର ଅବସର ପ୍ରାପ୍ତ କର୍ମଚାରୀ ରାମଚନ୍ଦ୍ର ବେହେରା, ୱାର୍ଡ ମେମ୍ବର ବାସନ୍ତୀ ବେହେରା, ଆଶାକର୍ମୀ ପ୍ରତିଭା ସାହୁ ଆଦି ଉପସ୍ଥିତ ରହି ସେବାର ମହତ୍ୱ ବିଷୟରେ ଆଲୋଚନା କରିଥିଲେ। ପ୍ରୋଗ୍ରାମ ଅଫିସର ଡ. ମନୋଜ କୁମାର କର ସାତ ଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମ ବିଷୟରେ ବିବରଣୀ ରଖିଥିଲେ। ଅଧ୍ୟାପିକା ଗୀତାଞ୍ଜଳି ଦେବତା ସ୍ୱେଚ୍ଛାସେବୀ ମାନଙ୍କର ସେବାମନୋବୃତ୍ତି ଓ କର୍ତବ୍ୟନିଷ୍ଠା ବିଷୟରେ ଆଲୋଚନା କରିଥିଲେ। ଏହି ଶିବିରରେ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ,ଆଇନଜୀବୀ, ଫାର୍ମାସିଷ୍ଟ, ଯୋଗ ଗୁରୁ,ଅଗ୍ନି ନିର୍ବାପକ ଶିକ୍ଷା, ପ୍ରଜାପିତା ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଭାଇ ଭଉଣୀମାନେ ବିଭିନ୍ନ କ୍ଷେତ୍ରରେ ଶିକ୍ଷା ଦେବା ସହ, ବୃକ୍ଷ ରୋପଣ, ଗ୍ରାମରେ ସାକ୍ଷରତା ପଦଯାତ୍ରା,ଦୁର୍ଗାପୂଜା ମଣ୍ଡପ ଓ ଗ୍ରାମ୍ୟ ଶୈବ ପୀଠରେ ସ୍ୱଚ୍ଛତା, ଛତୁଚାଷ ପଦ୍ଧତି ଜ୍ଞାନ କୌଶଳ ଆଦି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

## ୯ ରୁ ଜନସମ୍ପର୍କ ପଦଯାତ୍ରା; ବିଜେଡିର ପ୍ରସ୍ତୁତି ବୈଠକ

# ଲୋକଙ୍କୁ ଜଣାଇବେ ବିଜେପି ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତି

ବାରିପଦା, ୪।୧୦(ସମିସ): ବିଜେଡି ସୁପ୍ରିମୋ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଅକ୍ଟୋବର ୯ ତାରିଖରୁ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଶୁଭାରମ୍ଭ ହେବ। ଜନ ସମ୍ପର୍କ ପଦଯାତ୍ରା ଜରିଆରେ



### ପ୍ରତି ଘରେ ପହଞ୍ଚିବେ କର୍ମୀ

ବିଜେପି ମିଥ୍ୟା ପ୍ରତିଶ୍ରୁତି ବାବଦରେ ଜନସାଧାରଣଙ୍କୁ ଅବଗତ କରିବା ସହ ସଭ୍ୟ ସଂଗ୍ରହ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଗାନ୍ଧୀ ପାର୍କ ଠାରେ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ପ୍ରଥମେ ମହାତ୍ମା ଗାନ୍ଧୀ, କସ୍ତୁରବା ଗାନ୍ଧୀ ଓ ଲାଲ ବାହାଦୂର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଜିଲ୍ଲାବ୍ୟାପି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନେତୃମଣ୍ଡଳୀ ଓ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଅଭିଯାନ ନେଇ ଆଲୋଚନା କରାଯାଇଥିଲା। ଅକ୍ଟୋବର ୯ ତାରିଖରୁ ପଦଯାତ୍ରା ଶୁଭାରମ୍ଭ ହେବା ସହ ପ୍ରତି ଗାଁ, ପ୍ରତି ଘରେ ବିଜେଡି କର୍ମୀ ପହଞ୍ଚିବେ। ରାଜ୍ୟରେ ବିଜେପିର ଏକଛତ୍ରବାଦ ଶାସନ ବିରୋଧରେ ଜନସାଧାରଣଙ୍କୁ ଅବଗତ କରାଇବେ। ଏବେ ବି ବିଜୁ ଜନତା ଦଳ ରାଜ୍ୟର ଏକ ନମ୍ବର ଦଳ ହୋଇ ରହିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବେବି ଓଡିଶାବାସୀଙ୍କ ସବୁ ଠାରୁ ଅଧିକ ପସନ୍ଦ ନେତାର ମାନ୍ୟତା ବଜାୟ ରଖିଛନ୍ତି। ଅପାରଗ ବିଜେପି ସରକାର ନିର୍ବାଚନ ପୂର୍ବରୁ ଲୋକଙ୍କୁ ଦେଇଥିବା ମିଥ୍ୟା ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଛି। ବିଜେପି ସରକାରଙ୍କ ବିଭିନ୍ନ କାର୍ଯ୍ୟରେ ବିଫଳତା ଜନ ସାଧାରଣ ଜାଣି ସାରିଲେଣି। ବିଜେପିର ମିଛ ପ୍ରତିଶ୍ରୁତି ବାବଦରେ ଲୋକଙ୍କୁ ସଚେତନ କରିବା ସଙ୍ଗେ ସଙ୍ଗେ ନବୀନଙ୍କ ଲୋକପ୍ରିୟତାକୁ ପାଥେୟ କରି ବିଜେଡ଼ି ସଭ୍ୟ ସଂଗ୍ରହ ଓ ଜନ ସମ୍ପର୍କ ପଦଯାତ୍ରାକୁ କିଭଳି ସୁଚାରୁ ରୂପେ ହେବ ସେ ବିଷୟରେ ଆଲୋଚନା ହୋଇଛି। ବୈଠକରେ ମୟୂରଭଞ୍ଜ-୧ ଜିଲ୍ଲା ସଭାପତି ସୁଦାମ ମାର୍ଣ୍ଡି, ମୟୁରଭଞ୍ଜ-୨ ଜିଲ୍ଲା ସଭାପତି ଡା ଦେବାଶିଷ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ସମାଜସେବୀ ଅମର ସେଠୀ, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ଲଲାଟେନ୍ଦୁ ବେହେରା, ଉପ ନଗରପାଳ ସୀମା ଦାସ, ଜିଲ୍ଲା ମହିଳା ସଭାପତି ଦୀପ୍ତିଲତା ମିଶ୍ର, ଜିଲ୍ଲା ଛାତ୍ର ସଭାପତି ସୁନିଲ କୁମାର ନାୟକ, ଆଶୀର୍ବାଦ ଦାସ, ସମସ୍ତ ୱାର୍ଡ କାଉନସିଲର ଏବଂ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମେଲାଣି ନେଲେ ମା’



ବହଳଦା, ୪।୧୦ (ସମିସ): ବହଳଦାର ଅଧିଷ୍ଠାତ୍ରୀ ଦେବୀ ମା’ କୀଚକେଶ୍ୱରୀଙ୍କ ପୀଠ ସହିତ ଝରାଡିହି ଉପର ବଜାର ଓ ତଳ ମାର୍କେଟ ତଥା ଗମ୍ଭାରିଆରେ ମା’ଙ୍କ ଶାରଦୀୟ ଦୁର୍ଗା ପୂଜା ଏବଂ ରାବଣ ପୋଡି ଉତ୍ସବ ଓ ଭସାଣୀ ଯାତ୍ରା ସମ୍ପନ୍ନ ହୋଇଛି। ବାମନଘାଟୀ ଉପଜିଲ୍ଲାପାଳ ତଥା ମନ୍ଦିର ମୁଖ୍ୟ ପ୍ରଶାସକ ସୌମ୍ୟରଞ୍ଜନ ବେହେରାଙ୍କ ଅଧକ୍ଷତାରେ ନବରାତ୍ରୀ ଓ ବିଜୟାଦଶମୀ ଉତ୍ସବ ପାଳିତ ହୋଇଛି। ବିଜୟା ଦଶମୀରେ ବିବାହିତ ମହିଳାଙ୍କ ସିନ୍ଦୂର ଖେଳ ଧୁମଧାମର ସହ ପାଳନ କରାଯାଇଛି। ସେହିପରି ଅନ୍ୟ ସ୍ଥାନରେ ରାବଣ ପୋଡି ଉତ୍ସବ ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରାଯାଇ ନଥିବାରୁ ଗମ୍ଭାରିଆରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ଶୁକ୍ରବାର ମା’ ଦୁର୍ଗାଙ୍କ ମେଢ ବିସର୍ଜନ କରାଯାଇଥିଲା।

## ହାତୀପଲ ଉତ୍ପାତରେ ଅଞ୍ଚଳବାସୀ ଅତିଷ୍ଠ

ମୋରଡ଼ା,୪।୧୦(ସମିସ): ରାସଗୋବିନ୍ଦପୁର ରେଞ୍ଜ ଅଧିନ ଉଦୁଆଶୋଳ ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ଅଙ୍ଗନବାଡି କେନ୍ଦ୍ରରେ ଶୁକ୍ରବାର ବିଳମ୍ବିତ ରାତିରେ ହାତୀପଲ ପଶି ବ୍ୟାପକ କ୍ଷତି କରିବା ସହିତ ଜିନିଷ ଭାଙ୍ଗି ନଷ୍ଟ କରିଦେଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ୨୦ଟିକିଆ ଶିମିଳିପାଳ ହାତୀପଲ ଅଙ୍ଗନବାଡିର ଗ୍ରିଲ ଭାଙ୍ଗି ଭିତରକୁ ପ୍ରବେଶ କରି କବାଟ ଓ ଝରକା ଭାଙ୍ଗି ଭିତରକୁ ପଶି ଚାଉଳ ଖାଇବା ସହ ସମସ୍ତ ଜିନିଷ ପତ୍ର ସବୁ ନଷ୍ଟ କରିଦେଇଛି। ବାରମ୍ବାର ଉକ୍ତ ଅଙ୍ଗନୱାଡିକୁ ଭାଙ୍ଗିବା ଫଳରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ର ପାଖରେ ହାତୀର ଗତିବିଧି ଉପରେ ନଜର ରଖିବା ପାଇଁ ଏକ ୱାଚଟାୱାର ଥାଇ ମଧ୍ୟ ସେଠାରେ କେହି ବନରକ୍ଷୀ ରହୁ ନ ଥିବାରୁ ଲୋକଙ୍କୁ ପୂର୍ବ ସୂଚନା ମିଳିପାରୁନାହିଁ। ଫଳରେ ବାରମ୍ବାର ଏହିପରି ଘଟଣା ଘଟୁଛି ବୋଲି ସରପଞ୍ଚ ସେବତୀ ମୁର୍ମୁ କହିଛନ୍ତି।

## ବ୍ରାଉନ ସୁଗର ଜବତ; ଯୁବକ ଗିରଫ

ରାମଚନ୍ଦ୍ରପୁର,୪।୧୦(ସମିସ): ରାମଚନ୍ଦ୍ରପୁର ଥାନା ହସନପୁର ଟୋଲ ଗେଟ୍ ନିକଟରୁ ଜଣେ ବ୍ରାଉନ ସୁଗର ବେପାରୀଙ୍କୁ ଉଠାଇ ନେଇ ତା’ନିକଟରୁ ୭ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିଛି ରାମଚନ୍ଦ୍ରପୁର ପୁଲିସ। ଗିରଫ ଯୁବକ ଜଣକ ସ୍ଥାନୀୟ ବେଲବାହାଳୀ ଗ୍ରାମର ରବୀନ୍ଦ୍ର ଜେନାଙ୍କ ପୁଅ ସଞ୍ଜୟ ଜେନା ବୋଲି ଜଣାପଡ଼ିଛି। ଯୁବକ ବାଇକ୍ ଯୋଗେ ଯାଜପୁର ଆଡକୁ ଆସୁଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ରାମଚନ୍ଦ୍ରପୂର ପୁଲିସ ହସନପୁର ଟୋଲ ଗେଟ ନିକଟରେ ଅଚାନକ ଚଢ଼ଉ କରି ଉକ୍ତ ଯୁବକକୁ ତଲାସି କରିଥିଲେ, ତଲାସି ସମୟରେ ଯୁବକଙ୍କ ନିକଟରୁ ୭ ଗ୍ରାମ ବ୍ରାଉନ ସୁଗାର ଜବତ ହେବା ପରେ ବାଇକ ସହ ଯୁବକକୁ ଥାନାରେ ଅଟକ ରଖି ଅଧିକ ପଚାରା ଉଚାରା କରିବା ପରେ ୩୦୦/୨୫ରେ ଏକ ମାମଲା ରୁଜୁ କରି ଆନନ୍ଦପୁର ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

## ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ

ମୋରଡା,୪।୧୦(ସମିସ): ମୋରଡା ବ୍ଲକ ଅଧୀନ ଚିତ୍ରଡା ପଞ୍ଚାୟତ କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ସରପଞ୍ଚ ବାଳକ ମାର୍ଣ୍ଡିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର ମହାନ୍ତ, ଜାନକୀ ମହାନ୍ତ, ରାଧାନାଥ ମହାନ୍ତଙ୍କୁ ଫୁଲତୋଡ଼ା, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ନାଗରିକଙ୍କ ପକ୍ଷରୁ ଏକ ରାଲି ବାହାରିଥିଲା। ବିଷ୍ଣୁପ୍ରିୟା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରାଇରଙ୍ଗପୁରରେ ଖୋଲିବ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର

ବାରିପଦା/ରାଇରଙ୍ଗପୁର, ୪।୧୦(ସମିସ): ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ଆଞ୍ଚଳିକ କେନ୍ଦ୍ର ମୟୂରଭଞ୍ଜ ଜିଲ୍ଲାରେ ଖୋଲିବାକୁ ଯାଉଛି। ଏ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳାଧିପତି ଆନନ୍ଦ କୁମାର ସୋନି ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ପୂର୍ବରୁ ଭୁବନେଶ୍ୱରଠାରେ ଆଞ୍ଚଳିକ କେନ୍ଦ୍ର ଥିବା ବେଳେ ବାରିପଦା ସ୍ଥିତ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହେଉଥିଲା। କିନ୍ତୁ ତାହାକୁ ଅଧିକ ପରିବ୍ୟାପ୍ତ କରିବା ପାଇଁ ଇଗ୍ନୋ ପକ୍ଷରୁ ଓଡିଶାର ୪ଟି ଜୋନରେ ଆଞ୍ଚଳିକ କେନ୍ଦ୍ର କରିବା ନେଇ ସ୍ଥିରୀକୃତ ହୋଇଛି। ଯେଉଁଥିରେ କି ଉତ୍ତର ଓଡ଼ିଶା ନିମନ୍ତେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ କେନ୍ଦ୍ର ସ୍ଥାପନ କରାଯିବ। ଉକ୍ତ ଆଞ୍ଚଳିକ କେନ୍ଦ୍ର ଅଧୀନରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲ୍ଲା ରହିବ। ଉକ୍ତ ଜିଲ୍ଲାର ସମସ୍ତ ଇଗ୍ନୋ ପରୀକ୍ଷା କେନ୍ଦ୍ର ମୟୂରଭଞ୍ଜ ଜିଲ୍ଲାର ଆଞ୍ଚଳିକ କେନ୍ଦ୍ର ଅଧୀନରେ ରହିବ ବୋଲି ସୂଚନା ମିଳିଛି।

■ ବାସିଙ୍ଗି ଦୁର୍ଘଟଣା ନେଲା ନୂଆମୋଡ

## ହତ୍ୟା ଅଭିଯୋଗ ଆଣିଲେ ମୃତକଙ୍କ ଭାଇ

ରାଇରଙ୍ଗପୁର,୪।୧୦(ସମିସ): ରାଇରଙ୍ଗପୁର ଟେକ୍ନୋୱାର୍ଲ୍ଡ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ନାମରେ ସାଂଘାତିକ ଅଭିଯୋଗ ଆସିଛି। ଦୁର୍ଘଟଣା ଘଟାଇ ଅଂଶୀଦାର ଥିବା ଗୌତମଙ୍କୁ ହତ୍ୟା କରିଥିବା ଅଭିଯୋଗ ଆଣିଲେ ମୃତକଙ୍କ କାକା ପୁଅ ଭାଇ। ଗତକାଲି ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ଅନ୍ତର୍ଗତ ବାସିଙ୍ଗୀ ସ୍କୁଲ ସମ୍ମୁଖରେ ଘଟିଥିବା ଦୁର୍ଘଟଣାର ନେଲା ନୂଆ ମୋଡ। ଟେକ୍ନୋୱାର୍ଲ୍ଡ ଉଚ୍ଚମାଧ୍ୟମିକ ବିଦ୍ୟାଳୟର କାର ଦୁର୍ଘଟଣାରେ ଅନୁଷ୍ଠାନର ଗୌତମ ମହାନ୍ତଙ୍କ ମୃତ୍ୟୁକୁ ନେଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ବହଳଦା ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ସୂଚନା ଅନୁସାରେ ଦୀର୍ଘ ଦିନ ପୂର୍ବରୁ ରାଇରଙ୍ଗପୁର ଠାରେ ଟେକ୍ନୋୱାର୍ଲ୍ଡ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଗଢି ଉଠିଥିବା ବେଳେ ଆରମ୍ଭ ସମୟରେ ଉକ୍ତ ଅନୁଷ୍ଠାନରେ ମୃତକ ଗୌତମ ମଧ୍ୟ କିଛି ଟଙ୍କା ବିନିଯୋଗ କରିଥିଲେ। ସେ ନିଜେ ଉକ୍ତ ଅନୁଷ୍ଠାନରେ କିରାଣୀ ଭାବରେ କାର୍ଯ୍ୟରତ ଥିଲେ। କିନ୍ତୁ ଗତକାଲି ଉକ୍ତ ଅନୁଷ୍ଠାନର କାର ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିବା ନେଇ ପରିବାର ଲୋକେ ଏହା ଏକ ସୁକଳ୍ପିତ ହତ୍ୟା ବୋଲି ବହଳଦା ଥାନାରେ ଅଭିଯୋଗ କରିଛନ୍ତ ମୃତକଙ୍କ କାକା ପୁଅ ଭାଇ ଅଶୋକ ମହାନ୍ତ। ତେବେ ଉକ୍ତ ଘଟଣାକୁ ନେଇ ବହଳଦା ପୁଲିସ ତଦନ୍ତ କରୁଥିବା ବେଳେ ଏହା ଦୁର୍ଘଟଣା କି ସୁକଳ୍ପିତ ହତ୍ୟା ତାହା ତଦନ୍ତ ପରେ ଜଣାପଡିବ। ପୁଲିସ କାର୍ ଚାଳକ ଗଣେଶ ପାତ୍ରକୁ ଅଟକ ରଖି ତଦନ୍ତ ଚଳାଇଛି।

## ଜିଲ୍ଲା ବିଭାଜନକୁ ବରିଷ୍ଠ ନାଗରିକ ମଞ୍ଚର ବିରୋଧ



ବାରିପଦା, ୪।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବିଭାଜନକୁ ବରିଷ୍ଠ ନାଗରିକ ମଞ୍ଚ ବିରୋଧ କରିଛି। ମଞ୍ଚର ସଭାପତି ପ୍ରଦୀପ୍ତ କିଶୋର ପଣ୍ଡାଙ୍କ ସଭାପତିତ୍ୱରେ କଲ୍ୟାଣୀ ମହିଳା ସମିତି ସଭା ଗୃହରେ ଆନ୍ତର୍ଜାତିକ ବରିଷ୍ଠ ଦିବସ ପାଳିତ ହୋଇ ‘ବିକଶିତ ମୟୁରଭଞ୍ଜ ୨୦୩୬’ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସମାଜସେବୀ ବର୍ଷିଆନ ନନ୍ଦକିଶୋର ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ବରିଷ୍ଠ ସମାଜର ସମସ୍ତ ବର୍ଗ ଓ ବୟସର ଭାବ ଓ ଅଭାବରେ ଛିଡା ହୋଇ ପୂଜ୍ୟ ହେବାକୁ ଦିଗଦର୍ଶନ ଦେଇଥିଲେ। ସାଧାରଣ ସମ୍ପାଦକ ଡ଼ ଶ୍ୟାମସୁନ୍ଦର ଦାସଙ୍କ ସଂଯୋଜନାରେ ଉଦଳା ବରିଷ୍ଠ ନାଗରିକ ସଙ୍ଘର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ବଡ଼ସାହି ବରିଷ୍ଠ ନାଗରିକର ସଙ୍ଘର ସଭାପତି ସୁନୀଲ କୁମାର ଦାଶ, ବେତନଟୀ ସମ୍ପାଦକ ଜୟନ୍ତ କୁମାର ପଟନାୟକ ରାଇରଙ୍ଗପୁର ସମ୍ପାଦକ ନିରୋଜ କୁମାର ପଣ୍ଡା, ଶୁକ୍ଳିର ପ୍ରସନ୍ନ କୁମାର ପଣ୍ଡା, ବାଙ୍ଗିରିପୋଷି ସଭାପତି ମନୋରଞ୍ଜନ ବେହେରା, ବୈଶିଙ୍ଗା ସମ୍ପାଦକ ଅଶ୍ୱନୀ ମହାରଣା, ମୟୁରଭଞ୍ଜ ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା, ବାଙ୍ଗିରିପୋଷି ମହାବିଦ୍ୟାଳୟର ପ୍ରତିଷ୍ଠାତା ଲକ୍ଷ୍ମୀଧର ଦାସ, ବେତନଟୀ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଶ୍ରୀନିବାସ ଭଞ୍ଜ, ଝାରପୋଖରିଆର ସଭାପତି ଘାସିରାମ ମହାନ୍ତ, ପ୍ରମୁଖ ବିକଶିତ ମୟୂରଭଞ୍ଜ ଉପରେ ମତାମତ ରଖି ଜିଲ୍ଲା ବିଭାଜନରେ ଶିମିଳିପାଳ ସହିତ ୧୫୦୦ବର୍ଷର ଉତ୍ତୁଙ୍ଗ ସଂସ୍କୃତିକୁ ବିଭାଜନ କରିବା ଅସମ୍ଭବ ମତାମତ ସହିତ ଅସ୍ମିତା ମୟୂରଭଞ୍ଜକୁ ବଳି ନ ଦେବାକୁ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଏହାବ୍ୟତୀତ ଜିଲ୍ଲାର ସମସ୍ତ ୪ଟି ଉପଖଣ୍ଡରେ ଶିଳ୍ପ ଓ କୃଷି ବିକାଶ, ରେଳ ବିକାଶ, ଟୁରିଜିମ ବିକାଶ, କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ୪ଟି କେନ୍ଦ୍ରୀୟ ବିଦ୍ୟାଳୟ ନିଶାନିବାରଣ, ଉଦଳା ମ୍ୟୁନିସିପାଲିଟି ଘୋଷଣା, ବଡ଼ସାହି ଏନଏସସି ଘୋଷଣା, ବେତନଟୀ ଉପଖଣ୍ଡ ଘୋଷଣା, ଅସହାୟ ବୃଦ୍ଧଙ୍କ ପାଇଁ ପ୍ରତ୍ୟେକ ବ୍ଲକରେ ପିତୃମାତୃ ଗୃହ ନିର୍ମାଣ ନିମିତ୍ତ ପରାମର୍ଶ ଦିଆଯାଇଥିଲା। ଆସନ୍ତା ବାର୍ଷିକ ସମାରୋହରେ ‘ଭଞ୍ଜ ବରିଷ୍ଠ’ ନାମିତ ମୁଖପତ୍ର ପ୍ରକାଶିତ ହେବାର ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ଦେବାଶିଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବିପଦପୂର୍ଣ୍ଣ ବାଇକ ଷ୍ଟଣ୍ଟ ଭିଡିଓ ଭାଇରାଲ; ଯୁବକଙ୍କୁ ୧୨ ହଜାର ଜରିମାନା



ବାରିପଦା/ରାଇରଙ୍ଗପୁର, ୪।୧୦ (ସମିସ): ରାସ୍ତାରେ ବିପଦପୂର୍ଣ୍ଣଭାବେ ବାଇକରେ ଷ୍ଟଣ୍ଟ କରିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଷ୍ଟଣ୍ଡ କରୁଥିବା ଜଣେ ଯୁବକଙ୍କୁ ଆଞ୍ଚଳିକ ପରିବହନ ବିଭାଗ ଧରି ୧୨ ହଜାର ଟଙ୍କା ଜରିମାନା କରିଛି। ଯୁବକ ଜଣକ ହେଲେ ଶୁଳିଆପଦା ଥାନା ଅନ୍ତର୍ଗତ କେଉଟଣମାରି ଗ୍ରାମର ବିଶ୍ୱଜିତ ମହାନ୍ତ(୨୪)। ଗତ ୨୪ ତାରିଖରେ ରାଇରଙ୍ଗପୁର ସହରରେ ଅତି ବିପଦପୂର୍ଣ୍ଣ ଭାବେ ଦୁଇଟି ବାଇକରେ ରେସିଂ କରି ଷଣ୍ଟ କରୁଥିଲେ। ଯାହାକୁ ସ୍ଥାନୀୟ ଲୋକେ ଭିଡିଓ କରି ଏକ୍ସ ଯୋଗେ ପରିବହନ ବିଭାଗକୁ ଜଣାଇଥିଲେ। ପରେ ରାଇରଙ୍ଗପୁର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗୋଟିଏ ବାଇକକୁ ଧରି ଫାଇନ କରାଯାଇଛି। ଅନ୍ୟ ବାଇକଟି ଫେରାର ହୋଇଯାଇଛି। ଯୁବକ ଜଣକ ଗତ ଅଗଷ୍ଟ ମାସରେ ଜାତୀୟ ରାଜପଥର ଫ୍ଲାଇ ଓଭର ଉପରେ ରେସିଂ କରି ଚକ ଟେକି ଗାଡି ଚଳାଇ ଷ୍ଟଣ୍ଟ କରୁଥିଲେ। ପରେ ସେ ୟୁଟ୍ୟୁବ ସୋସିଆଲ ମିଡିଆ ଆଇଡିରେ ଛାଡିଥିଲେ। ସର୍ବସାଧାରଣ ସ୍ଥାନରେ ବିପଦପୂର୍ଣ୍ଣ ଭାବେ ଗାଡି ଚାଳନା କରି ଜନସାଧାରଣ ସମେତ ନିଜ ଜୀବନକୁ ବିପଦରେ ପକାଉଛନ୍ତି। ପୁଲିସ ପକ୍ଷରୁ ଭାଇରାଲ ଭିଡ଼ିଓକୁ ନେଇ ଯାଞ୍ଚ କରାଯାଇ ୨୫ ହଜାର ଫାଇନ କରାଯାଇଥିଲା। ବେତନଟୀ ଥାନା ଅନ୍ତର୍ଗତ ରାଗଧା ବସଷ୍ଟପ ନିକଟରେ ଷ୍ଟଣ୍ଟ କରି ବାରିପଦା ସହରକୁ ଆସିଥିଲା। ଏହାକୁ ନେଇ ବେତନଟୀ ଥାନାରେ ଏକ ମାମଲା ରୁଜୁ କରି ଯୁବକକୁ ଗିରଫ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ତେବେ ସେ କାର୍ଯ୍ୟରୁ ନିବୃତ୍ତ ନ ରହି ପୁଣିସର୍ବସାଧାରଣ ସ୍ଥାନରେ ଏପରି ଷଣ୍ଟ କରିଛନ୍ତି।

## ଧୀର ବଶାଙ୍କୁ ‘ଲାଇଫ ଟାଇମ ଆଚିଭମେଣ୍ଟ’ ସମ୍ମାନ

ବାରିପଦା, ୪।୯ (ସମିସ): ଅମ୍ବିକା ସାହି ସ୍ଥିତ ହର ପାର୍ବତୀ ପୂଜା କମିଟିର ୩୦ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଖ୍ୟାତ ନିର୍ଦ୍ଦେଶକ, ଅଭିନେତା ଧୀର ବଶାଙ୍କୁ କଳା କ୍ଷେତ୍ରରେ ଜୀବନ ବ୍ୟାପୀ ସାଧନା ପାଇଁ ‘ଲାଇଫ ଟାଇମ ଆଚିଭମେଣ୍ଟ ଆୱାର୍ଡ’ରେ ସମ୍ମାନିତ କରାଯାଇଛି। ଶ୍ରୀ ବଶା ୨୦୧୫ ମସିହାରେ ଓଡିଶା ସଂଗୀତ ନାଟକ ଏକାଡେମୀ ଆୱାର୍ଡ ପାଇବା ସହ ୨୦୧୮ ରେ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ଦ୍ୱାରା ଭୂମିପୁତ ସମ୍ମାନରେ ସମ୍ମାନିତ ହୋଇଥିଲେ। ସେ ଓଡିଶାର ସରକାରୀ ଓ ବେସରକାରୀ ଅନୁଷ୍ଠାନ ଦ୍ୱାରା ବହୁବାର ବିଭିନ୍ନ ସମ୍ମାନରେ ସମ୍ମାନିତ ହୋଇ ସାରିଛନ୍ତି। ସେ ମୟୂରଭଞ୍ଜର ସରସକଣା ବ୍ଲକର ଏକ ମଫସଲ ଗାଁ ବଡ ଛାଟରାରେ ଜନ୍ମ ଗ୍ରହଣ କରିଥିଲେ। ପିଲାଟି ଦିନରୁ ନାଟକ ପ୍ରତି ତାଙ୍କର ନିଷ୍ଠାକୁ ଆଜି ପର୍ଯ୍ୟନ୍ତ ବଜାୟ ରଖିଛନ୍ତି। ସେ ଦୂରଦର୍ଶନ ଓ ଆକାଶବାଣୀ କଟକର ଜଣେ ସ୍ୱୀକୃତିପ୍ରାପ୍ତ କଳାକାର। ସେ ୨ଶହରୁ ଉର୍ଦ୍ଧ୍ୱ ନାଟକରେ ଅଭିନୟ କରିବା ସହ ୧୦୦ରୁ ଉର୍ଦ୍ଧ୍ୱ ନିର୍ଦ୍ଦେଶନା ଦେଇସାରିଛନ୍ତି। ଦିଲ୍ଲୀ ଦୂରଦର୍ଶନ ପାଇଁ ଏକ ଟେଲି ଫିଲ୍ମ ‘ରିସ୍ତା’ ପ୍ରସ୍ତୁତ କରି ବହୁ ପ୍ରଶଂସା ସାଉଁଟିଥିଲେ। ଓଡ଼ିଆ ଚଳଚିତ୍ର ଅଭିମାନ, ଗୋପରେ ବଢୁଛି କଳା କହ୍ନେଇ, ମାଗୁଣିର ଶଗଡ଼, ହିରୋ ନମ୍ବର ୱାନରେ ଅଭିନୟ କରି ଦର୍ଶକଙ୍କ ଦ୍ୱାରା ବେଶ ଆଦୃତ ହୋଇପାରିଛନ୍ତି।



## ଜଳାଶୟରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ବୈଶିଙ୍ଗା,୪।୧୦(ସମିସ): ବୈଶିଙ୍ଗା ଥାନା ଅଧୀନ ଗଡ଼ଗଡ଼ିଆ ଗ୍ରାମର ଡମାନ ମାଝୀ ଏକ ପାଣି ଫ୍ୟାକ୍ଟ୍ରିକୁ କାମ କରିବାକୁ ଯାଉଥିବାବେଳେ ରାସ୍ତାପାଶ୍ୱର୍ରେ ଥିବା ଏକ ଜଳାଶୟରେ ଜଣେ ବୃଦ୍ଧାଙ୍କ ମୃତଦେହ ଭାସୁଥିବାର ଦେଖିଥିଲେ। ପରେ ସ୍ଥାନୀୟ ଲୋକେ ପହଞ୍ଚିଥିଲେ ମଧ୍ୟ ଚିହ୍ନିପାରି ନ ଥିଲେ। ପରେ ଅଗ୍ନିଶମ ବିଭାଗର କର୍ମଚାରୀ ଓ ବୈଶିଙ୍ଗା ପୁଲିସ ପହଞ୍ଚି ଜଳାଶୟରୁ ଶବକୁ ଉଦ୍ଧାର କରିଥିଲେ। ସେ ଡମାନର ବୁଢୀମାଆ ବୋଲି ଜଣାପଡିଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ନାଟକ ‘ନିସ୍ତବ୍ଧ ସାହାନାଇ’ର ଶୁଭ ମହୁରତ



ବାରିପଦା, ୪।୧୦(ସମିସ): ବିଜୟା ଦଶମୀ ଏବଂ ଗାନ୍ଧୀ ଜୟନ୍ତୀର ଶୁଭ ଅବସରରେ ବାରିପଦାର ସୁନାମଧନ୍ୟ ନାଟ୍ୟାନୁଷ୍ଠାନ ‘ରୂପାନ୍ତର’ର ପରବର୍ତ୍ତୀ ନାଟକ ‘ନିସ୍ତବ୍ଧ ସାହାନାଇ’ର ଶୁଭ ମହୁରତ ସ୍ଥାନୀୟ ହରିହର କଳା ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଅଭିଜ୍ଞ ଅଭିନେତା, ଅଭିନେତ୍ରୀ ଅଭିନୟ କରିବେ। ନାଟକଟିକୁ ରଚନା କରିଛନ୍ତି ଓଡ଼ିଶାର ପ୍ରତିଷ୍ଠିତ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ର ଓ ନିର୍ଦ୍ଦେଶନା ଦାୟିତ୍ୱରେ ରହିଛନ୍ତି ପରେଶ ଚନ୍ଦ୍ର ସାହୁ। ଆସନ୍ତା ନଭେମ୍ବର ୨୨ରୁ ୨୭ ତାରିଖ ପର୍ଯ୍ୟନ୍ତ ସହିଦ ଭବନରେ ଅନୁଷ୍ଠିତ ହେବ ବୋଲି ରୂପାନ୍ତରର ଅଧ୍ୟକ୍ଷ ବୀରେନ୍ଦ୍ରନାଥ ସାହୁ ତଥା ଉପାଧ୍ୟକ୍ଷା ଡକ୍ଟର ଦମୟନ୍ତୀ ବେଶ୍ରା କହିଛନ୍ତି।

## କାର-ବାଇକ୍ ଧକ୍କା; ଜଣେ ମୃତ

ରାଇରଙ୍ଗପୁର/ବହଳଦା,୪।୧୦(ସମିସ): ବହଳଦା ଥାନା ଅନ୍ତର୍ଗତ ବାସିଙ୍ଗି ନିକଟ ଜାତୀୟ ରାଜପଥରେ କାର୍-ବାଇକ୍ ଧକ୍କାରେ ଜଣକର ମୃତ୍ୟୁ ଘଟିଛି। ରାଇରଙ୍ଗପୁର ସ୍ଥିତ ଟେକ୍ନୋୱାର୍ଲ୍ଡ ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟର ପରିଚାଳନା ଦାୟିତ୍ୱରେ ଥିବା ଗୌତମ ମହାନ୍ତ (୪୩) ବହଳଦା ସ୍ଥିତ ନିଜ ବାସଗୃହକୁ ବାଇକରେ ଫେରୁଥିଲେ। ହେଲେ ବାସିଙ୍ଗି ନିକଟରେ ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ କାର ଚାଳକ କୃଷ୍ଣ ପାତ୍ର ନିଶାଶକ୍ତ ଅବସ୍ଥାରେ ଗାଡି ଚଳାଉଥିଲେ ବୋଲି ଜଣାପଡିଛି। ପରେ ପୁଲିସ ପହଞ୍ଚି ଦୁଇଟିଯାକ ଗାଡିକୁ ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।

## ଗମ୍ଭାରିଆର ଦୁଇଟି ଦୋକାନରୁ ଚୋରି

ବହଳଦା, ୪।୧୦ (ସମିସ): ବହଳଦା ଥାନା ଅନ୍ତର୍ଗତ ଗମ୍ଭାରିଆରେ ଶୁକ୍ରବାର ବିଳମ୍ବିତ ରାତିରେ ଦୁଇଟି ଦୋକାନରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଗମ୍ଭାରିଆର ସୁବ୍ରତ କୁମାର ମହାନ୍ତଙ୍କ ତେଜରାତି ଏବଂ ମାନସ ରଞ୍ଜନ ମହାନ୍ତଙ୍କ ହାର୍ଡୱେୟାର ଦୋକାନରୁ ଚୋରି ହୋଇଛି। ତେଜରାତି ଦୋକାନରୁ ୩ ହଜାର ଟଙ୍କା ସହ ହଜାରେ ଟଙ୍କାର ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବାବେଳେ ହାର୍ଡୱେୟାର ଦୋକାନରୁ ଅଢେଇ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ।

## ଟାଟାପାୱାର ପକ୍ଷରୁ ମା’ପାଇଁ ଗଛଟିଏ କାର୍ଯ୍ୟକ୍ରମ

ରାମଚନ୍ଦ୍ରପୁର,୪।୧୦(ସମିସ): ଘଷିପୁରା ବ୍ଲକ୍ ମଦନପୁର ପଞ୍ଚାୟତ ଗୋଡ଼ିସାହିସ୍ଥିତ ଓଁକାର ସେବାଶ୍ରମ ପରିସରରେ ଟାଟା ପାୱାର ନର୍ଦନ ଓଡ଼ିଶା ପକ୍ଷରୁ ମା’ପାଇଁ ଗଛଟିଏ କାର୍ଯ୍ୟକ୍ରମ ସହ ପିଲାମାନେ କିପରି ପାଠ ପଢିବା ସହିତ ପରିବେଶ ସୁରକ୍ଷାରେ ବ୍ରତି ହେବେ ସେଥିନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଏବଂ ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ଉପଖଣ୍ଡ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା, ଅଶ୍ୱନି କୁମାର ମହାନ୍ତ, ଶଶିକାନ୍ତ ସାହୁ, ଶଶିକାନ୍ତ ମହାନ୍ତି , ଏସଡ଼ିଓ ଆନନ୍ଦପୁର ମାନସ କୁମାର ମହାନ୍ତି, ଆନନ୍ଦପୁର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ସେଠୀ, ରାମଚନ୍ଦ୍ରପୁର ରାଜେଶ କୁମାର ପଇ, ଦୀପକ କୁମାର ବାରିକ, ସୁରକ୍ଷା ଅଧିକାରୀ ସୌମ୍ୟରଞ୍ଜନ ସାହୁ, ଆଡିମିନ୍ ସୁମନ ସ୍ୱାଗତିକା ଦାସ, ସିଓଏସ୍ ଅମିତ କୁମାର ଖୁଣ୍ଟିଆ , ଧୀରନ୍ଦ୍ର କୁମାର ଜେନାଙ୍କ ସମେତ ଅନେକ କର୍ମଚାରୀ ଯୋଗଦେଇ ଥିଲେ। ସେବାଶ୍ରମ ପରିସରରେ ୫୦ରୁ ଉର୍ଦ୍ଧ୍ୱ ଔଷଧିୟ ଚାରାରୋପଣ କରାଯାଇ ଏହାର ଯତ୍ନ ନେବାପାଇଁ ଓଁକାର ସେବଶ୍ରମର ଟ୍ରଷ୍ଟି ଗୋବର୍ଦ୍ଧନ ବେହେରାଙ୍କୁ ଟାଟା ପାୱାର ପକ୍ଷରୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା ପରେ ଛାତ୍ରଛାତ୍ରୀମାନଙ୍କୁ ଟାଟା ପାୱାର ପକ୍ଷରୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ସରୋଜ କୁମାର ଜେନା ଏବଂ ଆଇଟିଆଇ ଅଧକ୍ଷ ପ୍ରମୋଦ କୁମାର ସାହୁ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଟାଟା ପାୱାର ପକ୍ଷରୁ ସମସ୍ତ ଅନ୍ତେବାସୀଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିଲା।




## ୮ ଫୁଟ ଲମ୍ବର ଅଜଗର ଉଦ୍ଧାର

ରାମଚନ୍ଦ୍ରପୁର,୪।୧୦(ସମିସ): ରାମଚନ୍ଦ୍ରପୁର ଥାନା ଗଡ଼ବାନ୍ଧଗୋଡ଼ା ଦୁଆରସାହୀ ଶିବମନ୍ଦିର ଡ୍ରେନ୍‌ରୁ ଏକ ଆଠ ଫୁଟିଆ ଅଜଗର ଉଦ୍ଧାର କରାଯାଇଛି। ମନ୍ଦିରରେ ସନ୍ଧ୍ୟା ଆଳତି ଚାଲିଥିବା ସମୟରେ ସାହିର କିଛି ଯୁବକ ହଠାତ ସାପଟିକୁ ଦେଖି ଭୟଭିତ ହୋଇଯାଇଥିଲେ। ଘଟଣା ସମ୍ପର୍କରେ ଖବର ମିଳିବା ପରେ ଆନନ୍ଦପୁର ଡିଏଫଓ ପ୍ରଶାନ୍ତକୁମାର ପଣ୍ଡାଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ବନ କର୍ମଚାରୀ ପହଞ୍ଚି ସ୍ଥାନୀୟ ଯୁବକଙ୍କ ସହଯୋଗରେ ସାପଟିକୁ ଡ୍ରେନ ଭିତରୁ ସୁରକ୍ଷିତ ଭାବେ ଉଦ୍ଧାର କରି ଆଣି ବରାଙ୍ଗ ସରକ୍ଷିତ ଜଙ୍ଗଲର କୋର ଏରିଆ ମଧ୍ୟରେ ଛାଡ଼ି ଦେଇଥିବା ଜଣାପଡ଼ିଛି। ଗତ କିଛି ବର୍ଷ ହେଲ। ବରାଙ୍ଗ ଏବଂ ସ୍ଥାନୀୟ ପଟିଲୋ ସଂରକ୍ଷିତ ଜଙ୍ଗଲ ଅଞ୍ଚଳର ବିଭିନ୍ନ ଗାଁରୁ ଅଜଗର ସାପ ଉଦ୍ଧାର ହେବା ଘଟଣା ପରିବେଶବିତ ତଥା ପ୍ରକୃତି ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଭରି ଦେଇଛି।



ରିଆଲିଟି ଶୋ'ରୁ ଓଲିଉଡ୍‌କୁ ଯାତ୍ରା। ହୃଦୟସ୍ପର୍ଶୀ ଓ ଉଚ୍ଚକୋଟୀର ତାଙ୍କ ଅଭିନୟ। ରୋମାଣ୍ଟିକ୍ ସିନ୍ ହେଉ କି ଇମୋସନାଲ ଅବା ଥ୍ରିଲର, ସବୁଠି ସେ ନିଜ ପ୍ରତିଭାର ଚମତ୍କାରିତା ପ୍ରଦର୍ଶନ କରିଛନ୍ତି। ଏମିତି ଜଣେ ଅଭିନେତ୍ରୀ ହେଉଛନ୍ତି ଓଲିଉଡର ଚୁଲ୍‌ବୁଲି ନାୟିକା ଏଲିନା ସାମନ୍ତରାୟ। ସେ ଜଣେ ପ୍ରକୃତି ପ୍ରେମୀ ମଧ୍ୟ। 'ଇସ୍କ ତୁ ହି ତୁ' ଥିଲା ତାଙ୍କର ଡେବ୍ୟୁ ଫିଲ୍ମ। 'କେହି ନୁହଁ କାହାର', 'ମୁଁ ଖାଣ୍ଟି ଓଡ଼ିଆ ଝିଅ', 'ଲଭ୍ ଷ୍ଟେସନ୍', 'ଅଭୟ', 'ପାପ', 'ପ୍ରତିଶୋଧ', 'ପାବାର' ଆଦି ଅନେକ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣି ପାରିଛନ୍ତି। ଏବେ ଦଶହରାରେ ରିଲିଜ୍ ହୋଇଛି ତାଙ୍କ ଅଭିନୀତ 'ଚ୍ୟାଲେଞ୍ଜ'। ଏଥିରେ ସେ 'ସ୍ନେହା' ଚରିତ୍ରରେ ନଜର ଆସିଛନ୍ତି। 'ଚ୍ୟାଲେଞ୍ଜ'କୁ ନେଇ ଏଲିନାଙ୍କ ଅନୁଭୂତି, ତାଙ୍କର ଆଗାମୀ ପ୍ରୋଜେକ୍ଟ ବିଷୟରେ ଜାଣିବା ତାଙ୍କ ମୁହଁରୁ...।

# "ସିନେମାରେ ବଜେଟ୍ ନୁହେଁ, କାହାଣୀକୁ ଗୁରୁତ୍ୱ ଦିଏ"

**ଏଲିନା ସାମନ୍ତରାୟ, ଅଭିନେତ୍ରୀ**

**ଏଲିନାଙ୍କ ଆଗାମୀ ଯୋଜନା ?**

● ଖୁବ୍ ଶୀଘ୍ର ଏକ ବଡ଼ ପ୍ରୋଜେକ୍ଟରେ ନଜର ଆସିବି। ଏହା ବାସ୍ତବଧର୍ମୀ ସୁନ୍ଦର କାହାଣୀ ଉପରେ ପର୍ଯ୍ୟବସିତ। ଏମିତି ସିନେମା ଓଲିଉଡ୍ ଇଣ୍ଡଷ୍ଟ୍ରି ପାଇଁ ନିହାତି ଦରକାର। ସିନେମାରେ ଜୟପ୍ରକାଶ ମହାନ୍ତି ( ଟିଲୁ ଭାଇଙ୍କ) ସହିତ ମୋର କେମେଷ୍ଟ୍ରି ଦେଖିବାକୁ ମିଳିବ।

**'ଚ୍ୟାଲେଞ୍ଜ'କୁ ନେଇ କ'ଣ କହିବେ?**

● ଚ୍ୟାଲେଞ୍ଜ ଗୋଟେ ସୁନ୍ଦର କାହାଣୀ। ମଲ୍ଟିଷ୍ଟାର୍ କାଷ୍ଟ ସିନେମା। ସାଇ କିରଣ ମଙ୍ଗରାଜଙ୍କ ନିର୍ଦ୍ଦେଶିତ ଏହି ସିନେମାଟି ସମାଜ ପାଇଁ ଭଲ ବାର୍ତ୍ତା ଦେଉଛି ଯେ, ସତ୍ୟ ସହିତ ସବୁବେଳେ ସମସ୍ତେ ଛିଡ଼ା ହେବା ଆବଶ୍ୟକ। ଏହା ବ୍ୟତୀତ ସମାଜ ପାଇଁ କେଉଁଟା ଠିକ୍ ଆଉ ଭୁଲ୍, ଭାଇ-ଭଉଣୀର ସମ୍ପର୍କ, ପ୍ରେମ, ଇମୋସନ୍ ସବୁକିଛି ରହିଛି ଏହି ସିନେମାରେ। ଗୋଟେ ଭଲ କାହାଣୀ ଆଣିବାକୁ ପୂରା ଟିମ୍ ପରିଶ୍ରମ କରିଛୁ। ଗୌରବ ଆନନ୍ଦ ଏବଂ ତାଙ୍କ ଟିମ୍‌ଙ୍କ ଦ୍ୱାରା ଫିଲ୍ମର ଗୀତ ଗୁଡ଼ିକ ଭଲ ହୋଇଛି। ଅମିତ ସାର୍ କୋରିଓଗ୍ରାଫ୍ କରିଛନ୍ତି। ସମସ୍ତ ଟେକ୍ନିସିଆନ୍ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିଛନ୍ତି ଫିଲ୍ମଟିକୁ ଆକର୍ଷଣୀୟ କରିବା ପାଇଁ। ଭିଜିଏମ୍ ବହୁତ ସୁନ୍ଦର ରହିଛି। ପ୍ରତ୍ୟେକ ସିନ୍‌ରେ ବ୍ୟାକଗ୍ରାଉଣ୍ଡ ସାଉଣ୍ଡର ବି ନୂତନତ୍ୱ ରହିଛି। ସିନେମାଟି ସମସ୍ତଙ୍କ ମନକୁ ଛୁଇଁବ ବୋଲି ମୋର ଆଶା।

**ଡ୍ରିମ୍ ରୋଲ ?**

● ନୂଆ କରି ଇଣ୍ଡଷ୍ଟ୍ରିକୁ ଆସିବାବେଳେ ଡ୍ରିମ୍ ରୋଲ୍‌କୁ ନେଇ ମନରେ ଖୁସି ଥିଲା। ଏବେ ଭଲ କାହାଣୀରେ କାମ କରିବାକୁ ଇଚ୍ଛା ଅଛି। ମୁଁ ସିନେମାର ବଜେଟ ନୁହେଁ, ମୌଳିକତାକୁ ହିଁ ଗୁରୁତ୍ୱ ଦିଏ। କାହାଣୀକୁ ସୁଟ୍ କରିବା ପରି ନୃତ୍ୟଭିତ୍ତିକ ଗୀତ କରେ।

**'ସ୍ନେହା' ଚରିତ୍ର ପାଇଁ କେମିତି ପ୍ରସ୍ତୁତ ହୋଇଥିଲେ?**

● ସ୍ନେହା ଜଣେ ସରଳ ଝିଅର କାହାଣୀ। ସେ ପ୍ରତ୍ୟେକ ପରିସ୍ଥିତିରେ ନିଜର ଭାଇ-ଭାଉଜଙ୍କ ସହିତ ରହୁଛି। ଆଦିତ୍ୟକୁ ସେ ଭଲ ପାଉଛି। ସହରର ପ୍ରତିଷ୍ଠିତ ବ୍ୟକ୍ତି ଜେଡି କିପରି ଡାକ୍ତରଖାନା ତିଆରି କରି ସାଧାରଣ ଜନତାଙ୍କୁ ଶୋଷଣ କରୁଛି ଆଉ ନେତା ମନ୍ତ୍ରୀଙ୍କ ସହଯୋଗ ପାଉଛି, ଆଦିତ୍ୟ ସହିତ ମିଶି ସ୍ନେହା ତା'ର ପର୍ଦ୍ଦାଫାସ କରୁଛି। ଜେଡିକୁ ଚ୍ୟାଲେଞ୍ଜ ଦେବାକୁ ଆଦିତ୍ୟକୁ ସ୍ନେହା ସାହସ ଦେଉଛି। ସୁଖଶାନ୍ତି ସବୁକୁ ହରାଇ ବି ଆଦିତ୍ୟ ଶେଷରେ ଜେଡିକୁ ଧ୍ୱଂସ କରୁଛି। ତେଣୁ ବହୁତ ସୁନ୍ଦର ଭାବେ ମୋର ଚରିତ୍ରକୁ ସଜାଇଛନ୍ତି ପୁତୁ ଭାଇ। ଅର୍ଦ୍ଧେନ୍ଦୁଙ୍କ ସହିତ କାମ କରିବାର ଅନୁଭୂତି ବି ନିଆରା। ସୁନ୍ଦର ଦେଖାଯିବା ପାଇଁ ଧନ୍ୟବାଦ ଦେବି ଡିଓପି ପ୍ରତାପ ଭାଇଙ୍କୁ। "ଦୁଲ୍‌ଦୁଲି' ଗୀତକୁ ବହୁତ ଭଲ ପାଇବା ମିଳୁଛି। ରୋମାଣ୍ଟିକ୍ ଗୀତ "ମଖମଲି ମିଶିରି' ବି ଭଲ ହୋଇଛି। ସ୍ନେହା ଚରିତ୍ରକୁ ମୁଁ କେତେ ପ୍ରତିଶତ ଭଲ କରି ପାରିଛି, ତାହା ଦର୍ଶକ ହିଁ କହି ପାରିବେ। ଏହି ବାସ୍ତବଧର୍ମୀ ସିନେମାଟି ନିଶ୍ଚିତ ଦର୍ଶକଙ୍କୁ ଛୁଇଁବ। ଦର୍ଶକଙ୍କ ପ୍ରତିକ୍ରିୟାରେ ଆମ ଭୁଲ୍ ଠିକ୍ ସଜାଡ଼ି ହୋଇ ପାରିବ।

**ଆପଣଙ୍କ ପ୍ରାୟ ସିନେମାରେ ଟ୍ରେନ୍ ସିନ୍ ଥାଏ, ଏହାକୁ ନେଇ କିଛି ସ୍ମରଣୀୟ ମୁହୂର୍ତ୍ତ ଅଛି?**

● ଟ୍ରେନ୍‌ରେ ସିନ୍ ଭଗବାନଙ୍କ ଆଶୀର୍ବାଦ। ସାଇ କିରଣ ମଙ୍ଗରାଜ ଭାଇଙ୍କୁ ଧନ୍ୟବାଦ ଦେବି। ସେ 'ଚ୍ୟାଲେଞ୍ଜ'ରେ ପ୍ଲାଟଫର୍ମରେ ମୋ ପାଇଁ 'ଡିଡିଏଲ୍' ସିନ୍ ତିଆରି କରିଛନ୍ତି। 'ଡିଡିଏଲ' ଗୀତ ସାଙ୍ଗକୁ ହଠାତ୍ ମୋ ଉପରେ ଫୁଲ ବର୍ଷୁଛି। ହିରୋ ମୋ' ହାତକୁ ଭିଡ଼ି ଟ୍ରେନ୍‌କୁ ନେଉ ଯାଉଛନ୍ତି। ଡିଡିଏଲ୍ ସିନ୍ କରିବା ସୌଭାଗ୍ୟର ବିଷୟ। ଏହା ମୋ' ପାଇଁ ସ୍ମରଣୀୟ ରହିବ।

**ଆପଣଙ୍କ ନୃତ୍ୟଭିତ୍ତିକ ଗୀତର ସବୁବେଳେ କ୍ରେଜ୍ ଥାଏ। ସେନେଇ କ'ଣ କହିବେ?**

● ଧନ୍ୟବାଦ ଦେବି ଅମିତ ସାର୍‌ଙ୍କୁ। 'ଦୁଲ୍‌ଦୁଲି', 'ମଖମଲି ମିଶିରି' ଆଦି ଗୀତ ସବୁ ସେ କରାଇଛନ୍ତି। ତା' ପୂର୍ବରୁ 'ଲାଲ୍ ଟହ ଟହ...' ଗୀତ ବି ଟ୍ରେଣ୍ଡରେ ରହିଥିଲା। ପ୍ରାୟତଃ ନୃତ୍ୟଭିତ୍ତିକ ଗୀତ ବ୍ୟାବସାୟିକ ସଫଳତା ପାଇଛି। ମୁଁ ନାଚକୁ ଏନ୍‌ଜଏ କରେ। ହେଲେ ମୋତେ ଗାଇଡାନ୍ସ ନିହାତି ଦରକାର ଥାଏ। ସବୁ ଶ୍ରେୟ ଅମିତ ସାର୍‌ଙ୍କୁ ଦେବି। ମୋର ଲୁକ୍ ତିଆରି ପାଇଁ ଟିମ୍ ମଧ୍ୟ ବହୁତ ପରିଶ୍ରମ କରନ୍ତି।

**ଫିଟ୍ ରହିବାକୁ କ'ଣ କରନ୍ତି?**

● କଳାକାରଙ୍କୁ ସବୁବେଳେ ଫିଟ୍ ରହିବାକୁ ହୁଏ। ସେଥିପାଇଁ ମୁଁ ଘର ପ୍ରସ୍ତୁତ ସନ୍ତୁଳିତ ଖାଦ୍ୟ ଖାଏ। ୱାର୍କଆଉଟ୍ କରେ। ଏକ ସୁସ୍ଥ ଜୀବନଶୈଳୀ ହିଁ ଜଣଙ୍କୁ ସୁସ୍ଥ ରଖିବାରେ ଭୂମିକା ଗ୍ରହଣ କରେ।

**ଦର୍ଶକଙ୍କୁ କ'ଣ ମେସେଜ ଦେବେ?**

● ଦର୍ଶକ ହେଉଛନ୍ତି ଭଗବାନ। ମୁଁ ସୌଭାଗ୍ୟଶାଳୀ ଯେ ଓଡ଼ିଶାର ଦର୍ଶକ ମୋତେ ଭଲପାଇବା ଦେଇଆସିଛନ୍ତି। ଯେବେ ବି କିଛି ସିନେମା ନେଇ ଆସିଛି, ସମସ୍ତେ ଭଲ ପାଇବା ଦେଉଛନ୍ତି। ସାମାଜିକ ଗଣମାଧ୍ୟମ ଜରିଆରେ ମୋତେ ମେସେଜ୍ କରୁଛନ୍ତି। ତେଣୁ ଦର୍ଶକଙ୍କ ଭଲ ପାଇବା ଏମିତି ରହିଥାଉ।



# ଷ୍ଟାଇଲିସ୍ ହିରୋ ଲୋହିତାକ୍ଷ

ଷ୍ଟାଇଲ ଯେମିତି, ସ୍ମାଇଲ ସେମିତି। ହାଇଟ୍ ଯେମିତି, ଫାଇଟ୍ ସେମିତି। ଯେମିତି କନ୍ଦେଇ ପାରନ୍ତି, ସେମିତି ହସେଇ ବି ପାରନ୍ତି। ଆଗାମୀ ଚଳଚ୍ଚିତ୍ର 'ଲଢ଼େଇ' ଜରିଆରେ ଇଣ୍ଡଷ୍ଟ୍ରିରେ ଆଉ ଜଣେ ନାୟକଙ୍କର ଆବିର୍ଭାବ ଘଟିବାକୁ ଯାଉଛି। ସେ ହେଉଛନ୍ତି ଲୋହିତାକ୍ଷ ପଟ୍ଟନାୟକ। ତାଙ୍କର ଷ୍ଟାଇଲ ଷ୍ଟେଟ୍‌ମେଣ୍ଟ ଦେଖି ନୂଆପିଢ଼ିର ସବୁ ନାୟିକା ଫିଦା। ଯଦିଓ ଆଗରୁ ସେ ଅନେକ ଚଳଚ୍ଚିତ୍ରରେ ଶିଶୁ କଳାକାର ଭାବେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିତି ପାରିଛନ୍ତି। ତେବେ ନାୟକ ଭାବରେ ଏହା ତାଙ୍କର ପ୍ରଥମ ସିନେମା। 'ହୋମ୍ ପ୍ରଡକ୍ସନ' ବ୍ୟାନରର ଏହି ଚଳଚ୍ଚିତ୍ରରେ ତାଙ୍କୁ ଉପସ୍ଥାପିତ କରାଯାଉଛି। ତେଣୁ ନିର୍ମାତା ଦେବାଶିଷ ପଟ୍ଟନାୟକ କୌଣସିଥିରେ କିଛି ଊଣା କରି ନାହାଁନ୍ତି ଏବଂ ଏ ଗୁରୁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି ନିର୍ଭରଯୋଗ୍ୟ ନିର୍ଦ୍ଦେଶକ ଅଶୋକ ପତିଙ୍କ ହାତରେ। ଲୋହିତାକ୍ଷଙ୍କୁ ଆଖିରେ ରଖି କାହାଣୀ ଲେଖା ଯାଇଛି ଏବଂ ତାଙ୍କ ବିପକ୍ଷରେ ଜଣେ ନବାଗତାଙ୍କୁ ସୁଯୋଗ ମିଳିଛି। ସେହି ନାୟିକାଙ୍କ ନାଁ ହେଉଛି ଅଭିଲିପ୍ସା। ନିଜର ନୂଆ ଲୁକ, ନୂଆ ଇମେଜ ଓ ନୂଆ ଅନ୍ଦାଜରେ ଲୋହିତାକ୍ଷ ସମସ୍ତଙ୍କର ମନ ଜିଣିବେ ବୋଲି ପ୍ରଯୋଜନା ସଂସ୍ଥା ଦୃଢ ଆଶାବାଦୀ ଅଛନ୍ତି। 'ଲଢେଇ' ଆଗାମୀ ଦୀପାବଳିରେ ମୁକ୍ତିଲାଭ କରିବ ବୋଲି କୁହାଯାଉଛି।

# ନଭେମ୍ବରରେ 'ଦର୍ପଣ'



ଦର୍ପଣ ଭିତରେ ଦିଶିବ ଏକ ଭୟଙ୍କର ଚେହେରା। ମଣିଷ ଭିତରର ରାକ୍ଷସ ଚରିତ୍ର ପଦାକୁ ଫୁଟି ଆସିବ। ଯାହାକୁ ଦେଖି ହଲରେ ଥରିବେ ଦର୍ଶକ। ଭରପୂର କମେଡ଼ି ସହିତ ଡ୍ରାମା ବି ଜବରଦସ୍ତ। ଏମିତି ଏକ ନିଆରା ରହସ୍ୟଭରା କାହାଣୀକୁ ନେଇ ନଭେମ୍ବରରେ ପରଦାକୁ ଆସିବ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଦର୍ପଣ'। ନିତିଦିନିଆ ଜୀବନରେ ଦର୍ପଣ ହିଁ ଦେଖାଏ ପ୍ରତିଛବି। ବେଳେବେଳେ ମଣିଷ ସାମ୍ନାରେ ଏହାକୁ ରଖିଦେଲେ ହୁଏତ ମୁହଁ ତଳେ ଲୁଚିଥିବା ଭିନ୍ନ ଏକ ଭୟଙ୍କର ରୂପ ସାମ୍ନାକୁ ଆସିଯାଏ। ଏହିଭଳି ଏକ ରହସ୍ୟଭରା କାହାଣୀକୁ ଚଳଚ୍ଚିତ୍ରର ରୂପ ଦେଇଛନ୍ତି ସିନେମାର ନିର୍ଦ୍ଦେଶକ ଭରତ ପୁଷ୍ପରାଗ। ପ୍ରଥମ ଥର 'ସାୟନ୍ ପ୍ରଡକ୍ସନ ହାଉସ୍' ବ୍ୟାନରରେ ନିର୍ମାଣ ହୋଇଛି ପ୍ରଥମ ଓଡ଼ିଆ ହରର୍ ସହ ସାଇକୋ ଥ୍ରିଲର୍ ସିନେମା 'ଦର୍ପଣ'। ଯାହା ଏକ ଭୟାନକ କାହାଣୀ ଉପରେ ଆଧାରିତ। ଯେଉଁଥିରେ ହରର୍, ସସ୍‌ପେନ୍ସ ଓ ଫାମିଲି ଡ୍ରାମା ସହ ଭରପୂର କମେଡି ମଧ୍ୟ ରହିଛି। ଏହି ଚଳଚ୍ଚିତ୍ରରେ ନାୟକ ଭାବରେ ନଜର ଆସୁଛନ୍ତି ଅଙ୍କିତ କୁମାର। ଅଙ୍କିତଙ୍କ ବିପକ୍ଷରେ ଅଛନ୍ତି ସୁନ୍ଦରୀ ନାୟିକା ତୃପ୍ତି ମୀରାମ୍ବିକା। ଆଗରୁ ତୃପ୍ତି ଓ ଅଙ୍କିତ୍ ଅନେକ ସିନେମା ସହ ବଡ଼ ପରଦାରେ ମଧ୍ୟ ଅଭିନୟ କରିସାରିଛନ୍ତି। ଏହି ଦର୍ପଣ ସିନେମା ମାଧ୍ୟମରେ ଏ ଦୁହିଁଙ୍କୁ ଦମଦାର ଚରିତ୍ରରେ ଦର୍ଶକ ଦେଖିବାକୁ ପାଇବେ। ଏତଦ୍ ବ୍ୟତୀତ ଏହି ସିନେମାରେ ନୂଆ ଓ ପୁରୁଣା ଉଭୟ କଳାକାରମାନଙ୍କୁ ଦର୍ଶକ ଦେଖିବାକୁ ପାଇବେ। ହିରଣ୍ମୟୀ, ପ୍ରଦ୍ୟୁମ୍ନ ଲେଙ୍କା, ରାନୁ ପାଢ଼ୀ, କାଳୀ ଚରଣ, ଲଲାଟ, ପ୍ରଜ୍ଞା, ଏମିତି ବହୁତ କଳାକାରଙ୍କୁ ଦେଖିବାକୁ ମିଳିବ। ଏହି ଚଳଚ୍ଚିତ୍ରର କାହାଣୀ ଓ ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ଦିଲ୍ଲୀପ କୁମାର ସାହୁ। ଏହାର ସୁଟିଂ ଓଡ଼ିଶା ସମେତ ଓଡ଼ିଶା ବାହାରେ ମଧ୍ୟ ବିଭିନ୍ନ ସ୍ଥାନରେ ହେଉଛି। 'ଦର୍ପଣ' ଚଳଚ୍ଚିତ୍ରରେ ମ୍ୟୁଜିକ୍ ଦେଇଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ ଓ ଟୁନୁ ପଟ୍ଟନାୟକ।



ସେହିପରି ଅସୀମା ପଣ୍ଡା, ହ୍ୟୁମାନ ସାଗର, ଅନ୍ତରା ଚକ୍ରବର୍ତ୍ତୀ, ଅନନ୍ୟା ଶ୍ରୀତମ ନନ୍ଦ ଓ ନାଭ୍ୟା ବିଭିନ୍ନ ଗୀତରେ କଣ୍ଠଦାନ କରିଛନ୍ତି। ଏହାର ସଂଳାପ ଲେଖିଛନ୍ତି କମେଶ ଶୁକ୍ଳା ଓ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ସୁଧାକର ବସନ୍ତ। ଉକ୍ତ ଚଳଚ୍ଚିତ୍ରରେ ଦର୍ଶକମାନେ ନିହାତି ଭାବରେ କିଛି ଭିନ୍ନ ଦେଖିବାକୁ ପାଇବେ ବୋଲି ପ୍ରଯୋଜକ ଆଶା ରଖିଛନ୍ତି।

# ଓଟିଟିରେ 'ଘମାଘୋଟ୍'ର ରେକର୍ଡ

ଓଡ଼ିଆ ହାଇ-ଆକ୍ସନ ଫିଲ୍ମ 'ଘମାଘୋଟ୍' ଗତ ସେପ୍ଟେମ୍ବର ୨୨ରେ ଓଡ଼ିଶାର ଲୋକପ୍ରିୟ ଷ୍ଟ୍ରିମିଂ ପ୍ଲାଟଫର୍ମ ଆଓ ନେକ୍ସଟରେ ଡିଜିଟାଲ୍ ପ୍ରିମିୟର ହୋଇଥିଲା। ଯାହାକି ଓଟିଟିରେ ରେକର୍ଡ ବ୍ରେକ୍ କରିଛି। ମାତ୍ର ୨୧ ଦିନରେ ୪ ଲକ୍ଷ ଭିୟୁଜ୍ ଏହା ସଂଗ୍ରହ କରିଛି। 'କୌସ୍ତବ ଡ୍ରିମଓ୍ୱାର୍କ୍ସ ଷ୍ଟୁଡିଓ' ଅଧୀନରେ ତଥା କୌଶିକ ଦାସଙ୍କ ଦ୍ୱାରା ପ୍ରଯୋଜିତ ଓ ରାଜା. ଡି.ଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଘମାଘୋଟ୍' ଗତ ମାର୍ଚ୍ଚ ମାସରେ ଓଡ଼ିଶାର ଫିଲ୍ମ ହଲ୍‌ରେ ରିଲିଜ ହୋଇ ବକ୍ସ ଅଫିସ୍‌ରେ ହିଟ୍ ହୋଇଥିଲା। ଜବରଦସ୍ତ ଡ୍ରାମା ଏବଂ ଆକର୍ଷଣୀୟ କାହାଣୀ ସହିତ ଏହି ଫିଲ୍ମଟି ରାଜ୍ୟରେ ଗ୍ୟାଙ୍ଗ ୱାରର ଅନ୍ଧାର ଦୁନିଆର ଗଭୀରତାକୁ ଅତି ସରଳ ଭାବରେ ଦର୍ଶକଙ୍କ ପାଖରେ ପହଞ୍ଚାଇ ଥିଲା ନିର୍ଦ୍ଦେଶକ ରାଜା ଡି. କହିଛନ୍ତି ଯେ, ଆକ୍ସନ୍ ସିକ୍ୱେନ୍ସଗୁଡ଼ିକ ରଶି ବିନା ପ୍ରଦର୍ଶନ କରାଯାଇଥିଲା। ଫଳରେ ଏହା ଫାଇଟ୍ ଦୃଶ୍ୟଗୁଡ଼ିକକୁ ଅତ୍ୟନ୍ତ ନିଚ୍ଛକ ଏବଂ ବାସ୍ତବବାଦୀ କରିଥିଲା। ଫିଲ୍ମରେ ଅଭିଷେକ ପଣ୍ଡା, ଦୀପକ ପରିଡ଼ା, ବିଶ୍ୱଜିତ ରାଉତ, ଜୋଣ୍ଟି, ଆକାଶ ହୋତା, ଆକାଶ ରାଉତ, ସନ୍ଦୀପ ମିଶ୍ର, ସନୋଜ କୁମାର, ଗୋଲ୍‌ଡି ଦାସ, ଶକ୍ତି, ରାଜେଶ କୁମାର ସାହୁ, ତପି ମିଶ୍ର, ଆଇମନ୍ ପ୍ରଧାନ, ଶୈଳେନ୍ଦ୍ର ସାମନ୍ତରାୟ ଏବଂ କ୍ରୀଷ୍ଣା କରଙ୍କ ପରି ପ୍ରତିଭାଶାଳୀ କଳାକାରମାନେ ନିଜର ଅଭିନୟର ଯାଦୁ ଦେଖାଇଛନ୍ତି।






# 'ହେ ମା'ର ଶୁଭମୁକ୍ତି

ଶାରଦୀୟ ଦୁର୍ଗାପୂଜା ଅବସରରେ 'ମଞ୍ଜୟ ଏଣ୍ଟରଟେନମେଣ୍ଟ' ପ୍ରସ୍ତୁତ ଆଧୁନିକ ମ୍ୟୁଜିକ୍ ଭିଡିଓ 'ହେ ମା'ର ଶୁଭମୁକ୍ତି ହୋଇଯାଇଛି। ଏହାର ପରିକଳ୍ପନା କରିଛନ୍ତି ମଙ୍ଗଳ ଜ୍ୟୋତି ଦାସ। ଗୀତ ଲେଖିଛନ୍ତି ବିଶିଷ୍ଟ ଗୀତିକାର ସଚି ମହାନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଶାନ୍ତନୁ ନାୟକ। କଣ୍ଠଦାନ କରିଛନ୍ତି ବିଖ୍ୟାତ କଣ୍ଠଶିଳ୍ପୀ କ୍ରିଷ୍ଣା ବେଉରା। ଏହାର ପ୍ରଯୋଜନା ଭାର ନନ୍ଦିତା ଦାସ ନେଇଥିବା ବେଳେ କାର୍ଯ୍ୟନିର୍ବାହୀ ପ୍ରଯୋଜନା କରିଛନ୍ତି ଚିତ୍ରଶିଳ୍ପୀ ଓ କଥାକାର ସଂଜୟ ଭଟ୍ଟ। ତେବେ ଏହି ଆଧୁନିକ ମ୍ୟୁଜିକ୍ ଭିଡିଓକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି।

**ପରଦା ପଛର କାହାଣୀ**

# ଗୁଳି ବର୍ଷଣ ମଧ୍ୟରେ ଫିଲ୍ମ ସୁଟିଂ

ହିନ୍ଦୀ ସିନେମା ଜଗତରେ ଜଣେ ସାହସୀ ଅଭିନେତା ତଥା ନିର୍ଦ୍ଦେଶକ ଭାବେ ପରିଚିତ ଫିରୋଜ ଖାନ୍। ବଲିଉଡ୍‌ର ଜଗତରେ ସେ 'କାଓବୟ' ଭାବେ ପରିଚିତ। ସେ ଜଣେ ଲୋକପ୍ରିୟ ଅଭିନେତା, ନିର୍ଦ୍ଦେଶକ ଓ ପ୍ରଯୋଜକ ଥିଲେ। ଫିରୋଜ ଖାନ୍ ତାଙ୍କ ଷ୍ଟାଇଲିସ୍ ଅନ୍ଦାଜ ପାଇଁ ବେଶ୍ ଜଣାଶୁଣା। ତାଙ୍କ ନିର୍ମିତ ଫିଲ୍ମରେ ଗ୍ଲାମର୍, ବୋଲ୍ଡ ଦୃଶ୍ୟ ଅଧିକ ଥାଏ। ସେ ଫିଲ୍ମରେ ପରଫେକ୍ଟ ସଟ୍ ଦେବା ପାଇଁ ଯେ କୌଣସି ବିପଦପୂର୍ଣ୍ଣ ସ୍ଥାନରେ ମଧ୍ୟ ସୁଟିଂ କରିବାକୁ ଆଗେଇ ଆସୁଥିଲେ। ତାଙ୍କ ଫିଲ୍ମ 'ଧର୍ମାତ୍ମା'କୁ ନେଇ ଏକ ରୋଚକୀୟ କାହାଣୀ ରହିଛି। ସେ ଏହି ଫିଲ୍ମକୁ ଗୁଳି ବର୍ଷଣ ମଧ୍ୟରେ ସୁଟିଂ କରିଥିଲେ। ନିର୍ଦ୍ଦେଶକ ଭାବେ ତାଙ୍କ ପ୍ରଥମ ଫିଲ୍ମ 'ଧର୍ମାତ୍ମା'ର ଯୋଜନା କରୁଥିଲେ, ଏହି ଫିଲ୍ମଟିକୁ ସେ କୌଣସି ସାଧାରଣ ସ୍ଥାନ ନୁହେଁ, ବରଂ ସୁନ୍ଦର ଓ ସାଂସ୍କୃତିକ ପରିବେଶ ମଧ୍ୟରେ ସୁଟିଂ କରିବେ। ଏହାରି ମଧ୍ୟରେ ତାଙ୍କ ନଜର ଆଫଗାନିସ୍ତାନ ଉପରେ ପଡ଼ିଥିଲା। କିନ୍ତୁ ସେତେବେଳେ ସେଠାରେ ରାଜନୈତିକ ଅସ୍ଥିରତା ଲାଗି ରହିଥିଲା। ସ୍ଥିତି ଏତେ ଖରାପ ଥିଲା ଯେ, ଫିଲ୍ମ ନିର୍ମାତାମାନେ ସେଠାକୁ ଯିବାକୁ ଭୟ କରୁଥିଲେ। କିନ୍ତୁ ଫିରୋଜ ଖାନ୍ ଆଫଗାନିସ୍ତାନର ମରୁଭୂମି ଓ ପାହାଡ଼ରେ ଫିଲ୍ମ ସୁଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ତାଙ୍କ ଫିଲ୍ମର କାହାଣୀ ଅନୁସାରେ ଏହି ସ୍ଥାନ ପରଫେକ୍ଟ ବୋଲି ସେ କହିଥିଲେ। ସୁଟିଂ ସମୟରେ ତାଙ୍କ ଟିମ୍ ଉପରେ ଅଚାନକ ଗୁଳି ମାଡ଼ ହୋଇଥିଲା। ସୁଟିଂ ସେଟ୍‌ରେ ଥିବା ସମସ୍ତ କଳାକାର ଭୟଭୀତ ହୋଇପଡ଼ିଥିଲେ। ସେଠାରୁ ପ୍ରତ୍ୟାବର୍ତ୍ତନ କରିବାକୁ ଭାବିଥିଲେ। କିନ୍ତୁ ଫିରୋଜ ଖାନ୍ ହାର ମାନି ନଥିଲେ। ସେଠାକାର ତତ୍କାଳୀନ ରାଷ୍ଟ୍ରପତି ମୋହମ୍ମଦ ଦାଉଦ ଖାନଙ୍କୁ ଭେଟିଥିଲେ। ରାଷ୍ଟ୍ରପତିଙ୍କୁ ତାଙ୍କ ଫିଲ୍ମର କାହାଣୀ କହିବା ସହ ଆଫଗାନିସ୍ତାନ ସୌନ୍ଦର୍ଯ୍ୟକୁ ସମଗ୍ର ବିଶ୍ୱରେ ଦେଖାଇବାକୁ ଚାହୁଁଥିବା କହିଥିଲେ। ଫିରୋଜ ଖାନ୍‌ଙ୍କ ସାହସ ଓ ନିଷ୍ଠା ଦେଖି ପ୍ରଭାବିତ ହୋଇଥିଲେ ରାଷ୍ଟ୍ରପତି। ତାଙ୍କୁ ଓ ତାଙ୍କ ଟିମ୍‌କୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଯୋଗାଇଥିଲେ। ଫଳରେ ଫିରୋଜ ଖାନ୍ ନିର୍ଭୟରେ ନିଜ ଫିଲ୍ମ ସୁଟିଂ କରିଥିଲେ। ତେଣୁ ସେ ନିଜ ଫିଲ୍ମ ପାଇଁ କିଛି ବି କରିପାରନ୍ତି ବୋଲି ଏଥିରୁ ପ୍ରମାଣିତ ହୋଇଥିଲା।



## ପ୍ରଥମ ଟେଷ୍ଟରେ ଜାଡେଜା ଶ୍ରେଷ୍ଠ, ୧୦ରୁ ଦ୍ୱିତୀୟ ମୁକାବିଲା

# ଭାରତ ଇନିଂସ ଓ ୧୪୦ ରନରେ ବିଜୟୀ

ଅହମ୍ମଦାବାଦ, ୪।୧୦ (ଏଜେନ୍ସି): ୱେଷ୍ଟଇଣ୍ଡିଜ୍ ବିପକ୍ଷ ପ୍ରଥମ ଟେଷ୍ଟମ୍ୟାଚ୍‌କୁ ଘରୋଇ ଭାରତ ଅଢ଼େଇ ଦିନରେ ଜିତିନେଇଛି। ପ୍ରଥମ ଦିନରୁ ଏକତରଫା ହୋଇଥିବା ଏହି ମ୍ୟାଚ୍ ଶନିବାର ୩ୟ ଦିନରେ ସମାପ୍ତ ହୋଇଥିଲା। ଅହମ୍ମଦାବାଦ ଟେଷ୍ଟକୁ ଭାରତ ଇନିଂସ ଓ ୧୪୦ ରନ୍‌ରେ ଜିତିବାରେ ସଫଳ ହୋଇଛି। ରବୀନ୍ଦ୍ର ଜାଡ଼େଜା ଓ ମହମ୍ମଦ ସିରାଜ୍‌ଙ୍କ ବୋଲିଂ ସଫଳତା ବଳରେ ଭାରତ ଏହି ବିଜୟ ହାସଲ କରିଛି। ପ୍ରଥମ ଇନିଂସରେ ୨୮୬ ରନ୍ ପଛରେ ରହିଥିବା ୱେଷ୍ଟଇଣ୍ଡିଜ୍ ୨ୟ ଇନିଂସରେ ମାତ୍ର ୧୪୬ ରନ୍‌କରି ଅଲ୍‌ଆଉଟ ହୋଇ ଯାଇଥିଲା। ଫଳରେ ୨ ମ୍ୟାଚ୍‌ର ଟେଷ୍ଟ ଶୃଙ୍ଖଳାରେ ଭାରତ ଅପରାଜେୟ ୧-୦ ଲିଡ୍ ନେଇପାରିଛି। ଆସନ୍ତା ୧୦ରୁ ଦିଲ୍ଲୀରେ ଉଭୟ ଦଳଙ୍କ ମଧ୍ୟରେ ୨ୟ ତଥା ଅନ୍ତିମ ଟେଷ୍ଟମ୍ୟାଚ୍ ଖେଳାଯିବ। ଅପରାଜିତ ଶତକ ସହ ୪ଟି ୱିକେଟ୍ ନେଇଥିବା ରବୀନ୍ଦ୍ର ଜାଡ଼େଜା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।




ଏହି ମ୍ୟାଚ୍‌ର ଶୁକ୍ରବାର ୨ୟ ଦିନ ଶେଷରେ ଭାରତ ପ୍ରଥମ ଇନିଂସ୍‌ରେ ୫ ୱିକେଟ୍‌ରେ ୪୪୮ ରନ୍ କରିଥିଲା। ଶନିବାର ତୃତୀୟ ଦିନ ସକାଳୁ ସେହି ସ୍କୋର୍‌ରେ ଭାରତ ପ୍ରଥମ ଇନିଂସ ଘୋଷଣା କରିଥିଲା। ଫଳରେ ଭାରତ ୨୮୬ ରନ୍ ଆଗରେ ରହିଥିଲା। ରବୀନ୍ଦ୍ର ଜାଡ଼େଜା ୧୦୪ ଓ ୱାଶିଂଟନ ସୁନ୍ଦର ୯ ରନ୍‌କରି ଅପରାଜିତ ଥିଲେ। ପ୍ରଥମ ଇନିଂସ ପରି ଦ୍ୱିତୀୟ ଇନିଂସରେ ମଧ୍ୟ ୱେଷ୍ଟଇଣ୍ଡିଜ୍ ନିମ୍ନମାନର ବ୍ୟାଟିଂ କରିଥିଲା। ଉଭୟ ଇନିଂସ୍‌କୁ ମିଶାଇ ୱେଷ୍ଟଇଣ୍ଡିଜ୍‌ର ଜଣେ ମାତ୍ର ବ୍ୟାଟ୍‌ସମ୍ୟାନ୍ ଅର୍ଦ୍ଧଶତକ ହାସଲ କରି ପାରିନଥିଲେ। ଦୁଇ ଓପନର ଜନ୍ କ୍ୟାମ୍ପବେଲ୍ ୧୪ ଓ ତ୍ୟାଗନାରାୟଣ ଚନ୍ଦ୍ରପଲ ୮ ରନ୍ କରିଥିଲେ। ମଧ୍ୟକ୍ରମରେ ବ୍ରାଣ୍ଡନ୍ କିଙ୍ଗ୍ (୫) ଏବଂ ଅଧିନାୟକ ରୋଷ୍ଟନ୍ ଚେଜ୍ ଓ ସାଇ ହୋପ୍ ୧ ରନ୍ ଲେଖାଏଁ କରିଥିଲେ। ୪୬ ରନ୍‌ରେ ଇଣ୍ଡିଜ୍ ୫ଟି ୱିକେଟ୍ ହରାଇବା ପରେ ଆଲିକ୍ ଆଥାନେଜ୍ ଓ ଜଷ୍ଟିନ୍ ଗ୍ରିଭ୍‌ସ ୪୬ ରନ୍ ଯୋଗ କରିଥିଲେ। ଆଥାନେଜ୍ ୩ଟି ଚୌକା ସହ ସର୍ବାଧିକ ୩୮ ରନ୍ କରିଥିଲେ। ଜଷ୍ଟିନ୍ ଗ୍ରିଭ୍‌ସ ୪ଟି ଚୌକା ସହ ୨୫ ରନ୍ କରିଥିଲେ। ଶେଷ ୱିକେଟ୍‌ରେ ୨୬ ରନ୍ ହୋଇଥିବା ବେଳେ ଏଥିରୁ ଜେଡେନ୍ ସିଲ୍‌ସ ୧୨ ବଲ୍‌ରୁ ୨ଟି ଛକା ଓ ଗୋଟିଏ ଚୌକା ସହ ୨୨ ରନ୍ କରିଥିଲେ। ଯୋହାନ୍ ଲେନ୍ ୧୪ ରନ୍ କରିଥିବା ବେଳେ ଖାରି ପିଏରେ ୧୩ ରନ୍‌କରି ଅପରାଜିତ ଥିଲେ। ରବୀନ୍ଦ୍ର ଜାଡ଼େଜା ୫୪ ରନ୍ ଦେଇ ୪ଟି ୱିକେଟ୍ ନେଇଥିଲେ। ମହମ୍ମଦ ସିରାଜ୍ ୩୧ ରନ୍‌ରେ ୩ଟି ଓ କୁଲଦୀପ ଯାଦବ ୨୩ ରନ୍‌ଦେଇ ୨ଟି ୱିକେଟ୍ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

**ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ**
୧୬୨/୧୦ (ଜଷ୍ଟିନ୍ ଗ୍ରୀଭସ୍-୩୨, ଶାଇ ହୋପ୍-୨୬, ରୋଷ୍ଟୋନ ଚେଜ୍-୨୪, ସିରାଜ-୪/୪୦, ବୁମ୍‌ରା-୩/୪୨, କୁଲଦୀପ ଯାଦବ-୨/୨୫)।

**ଭାରତ ପ୍ରଥମ ଇନିଂସ**
୪୪୮/୫, ଘୋଷିତ (ଧ୍ରୁବ ଜୁରେଲ-୧୨୫, ରବୀନ୍ଦ୍ର ଜାଡେଜା-୧୦୪ ନଟ୍‌ଆଉଟ, ଲୋକେଶ ରାହୁଲ-୧୦୦, ଚେଜ୍-୨/୯୦)।

**ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସ**
୧୪୬/୧୦ (ଆଲିକ୍ ଆଥାନାଜେ-୩୮, ଗ୍ରୀଭ୍ସ-୨୫, ଜେଡେନ ସିଲ୍ସ-୨୨, ଜାଡେଜା-୪/୫୪, ସିରାଜ-୩/୩୧, କୁଲଦୀପ-୨/୩୧)।

● ୧୪୮ ବର୍ଷର କ୍ରିକେଟ ଇତିହାସରେ ପ୍ରଥମ

## ଗୋଟିଏ ବର୍ଷରେ ୨ଥର ୧୦୦ରେ ଆଉଟ ହେଲେ ରାହୁଲ

ଅହମ୍ମଦାବାଦ, ୪।୧୦ (ଏଜେନ୍ସି): ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟକୁ ଘରୋଇ ଭାରତ ଏକ ଇନିଂସ ଓ ୧୪୦ ରନରେ ବିଜୟୀ ହୋଇଛି। ଏହି ମ୍ୟାଚରେ ଲୋକେଶ ରାହୁଲ ଶତକୀୟ ଇନିଂସ ଖେଳି ଦଳକୁ ବଡ଼ ବିଜୟ ଦେବାରେ ସହାୟତା କରିଥିଲେ। ଇନିଂସ ଓପନ କରିଥିବା ରାହୁଲ ଠିକ୍ ୧୦୦ ରନ କରି ଆଉଟ୍ ହୋଇଥିଲେ। ଏଥିସହ ସେ ଏକ ବିରଳ କ୍ଲବରେ ସାମିଲ ହୋଇଛନ୍ତି। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଟେଷ୍ଟ କ୍ରିକେଟରେ ଦୁଇଥର ଠିକ୍ ୧୦୦ ରନରେ ଆଉଟ୍ ହେବାରେ ସେ ବିଶ୍ୱର ପ୍ରଥମ କ୍ରିକେଟର୍। ରାହୁଲ ଏଥିପୂର୍ବରୁ ଚଳିତ ବର୍ଷ ଇଂଲଣ୍ଡ ବିପକ୍ଷ ସିରିଜରେ ଲର୍ଡ୍ସରେ ଠିକ୍ ୧୦୦ ରନ କରିବା ପରେ ଆଉଟ୍ ହୋଇଥିଲେ। ୧୮୭୭ ମସିହାରୁ ଟେଷ୍ଟ କ୍ରିକେଟ୍ ଆରମ୍ଭ ହୋଇଥିବାବେଳେ ଅଦ୍ୟାବଧି ୧୪୮ ବର୍ଷ ମଧ୍ୟରେ କୌଣସି କ୍ରିକେଟର ଗୋଟିଏ ବର୍ଷରେ ଦୁଇଥର ଟେଷ୍ଟରେ ୧୦୦ ରନରେ ଆଉଟ ହୋଇ ନ ଥିଲେ। ସେହିଭଳି ବିଶ୍ୱର ୭ମ କ୍ରିକେଟର୍ ଭାବେ ରାହୁଲ ଟେଷ୍ଟ କ୍ରିକେଟରେ ଦୁଇଥର ୧୦୦ ରନରେ ଆଉଟ୍ ହୋଇଛନ୍ତି।

## କ୍ରିକେଟ୍‌ରୁ ରସନାରାଙ୍କ ଅବସର

ଭୁବନେଶ୍ୱର, ୪।୧୦ (ସମିସ): ଓଡ଼ିଶାର ଆନ୍ତର୍ଜାତିକ ମହିଳା କ୍ରିକେଟର ରସନାରା ପରୱିନ ସମସ୍ତ ଫର୍ମାଟ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି। ୩୩ ବର୍ଷ ବୟସ୍କା ରାସନାରା ୨୦୧୨ ଟ୍ୱେଣ୍ଟି୨୦ ବିଶ୍ୱକପ୍‌ରେ ଭାରତ ପାଇଁ ପାକିସ୍ତାନ ଓ ଶ୍ରୀଲଙ୍କା ବିପକ୍ଷରେ ୨ଟି ଟ୍ୱେଣ୍ଟି୨୦ ମ୍ୟାଚ୍ ଖେଳି ୪ଟି ୱିକେଟ୍ ନେଇଥିଲେ। ୨୦୧୩ରେ ୱେଷ୍ଟଇଣ୍ଡିଜ୍ ମହିଳା ଦଳ ବିପକ୍ଷରେ ରାସନାରା




ଏକମାତ୍ର ଦିନିକିଆ ମ୍ୟାଚ୍ ଖେଳି ୱିକେଟ୍ ପାଇନଥିଲେ। ବଲାଙ୍ଗିରର ଅଫ୍‌ସ୍ପିନର ରାସନାରା ପରୱିନ ପାଖାପାଖି ୨ ଦଶନ୍ଧି ଓଡ଼ିଶା ମହିଳା ଦଳ ପାଇଁ ଖେଳିଥିଲେ। ଓଡ଼ିଶା ଓ ଭାରତୀୟ କ୍ରିକେଟ୍ ପ୍ରତି ରାସନାରାଙ୍କ ଅବଦାନ ପାଇଁ ଓସିଏ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ତାଙ୍କ ଉଲ୍ଲେଖନୀୟ କ୍ରିକେଟ୍ ଜୀବନର ଲାଗି ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତା ରାସନାରାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଓଡ଼ିଶା ରଣଜୀ ଦଳରୁ ବିପ୍ଳବ, ସୂର୍ଯ୍ୟକାନ୍ତ, ଶାନ୍ତନୁ ବାଦ୍

ଭୁବନେଶ୍ୱର, ୪।୧୦ (ସମିସ): ରଣଜୀ ଟ୍ରଫିର ୨୦୨୫-୨୬ ଋତୁ ଚଳିତମାସ ୧୫ରୁ ଆରମ୍ଭ ହେଉଛି। ରଣଜୀ ଟ୍ରଫିରେ ଓଡ଼ିଶା ଏଲିଟ୍ ଗ୍ରୁପ୍ 'ଏ'ରେ ରହିଛି। ପ୍ରଥମ ୩ଟି ମ୍ୟାଚ୍ ଲାଗି ୧୫ ଜଣିଆ ଓଡ଼ିଶା ଦଳ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ଘୋଷଣା କରିଛି। ଗତବର୍ଷ ଓଡ଼ିଶା ଛାଡ଼ି ମଧ୍ୟପ୍ରଦେଶ ଚାଲି ଯାଇଥିବା ବ୍ୟାଟ୍‌ସମ୍ୟାନ ଶୁଭ୍ରାଂଶୁ ସେନାପତି ପୁଣି ଓଡ଼ିଶା ଫେରିବା ପରେ ତାଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଛି। ଓପ୍‌ନର ସ୍ୱସ୍ତିକ ସାମଲ ଉପଅଧିନାୟକ ହୋଇଛନ୍ତି। ଗତବର୍ଷ ଓଡ଼ିଶାର ନେତୃତ୍ୱ ନେଇଥିବା ଓପ୍‌ନର ଶାନ୍ତନୁ ମିଶ୍ର ଦଳରୁ ବାଦ୍ ପଡ଼ିଛନ୍ତି। ଶାନ୍ତନୁଙ୍କ ସହ ପୂର୍ବତନ ଅଧିନାୟକ ବିପ୍ଳବ ସାମନ୍ତରାୟ ଓ ପେସ୍ ବୋଲର ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ଦଳରେ ସ୍ଥାନ ମିଳିନାହିଁ। ଶାନ୍ତନୁ ଓ ବିପ୍ଳବ ଷ୍ଟାଣ୍ଡବାଇ ତାଲିକାରେ ଅଛନ୍ତି। ଦଳରେ ୩ ଜଣ ନୂଆ ମୁହଁ ସାମିଲ ହୋଇଛନ୍ତି। ସେମାନେ ହେଲେ ଓପ୍‌ନିଂ ବ୍ୟାଟ୍‌ସମ୍ୟାନ ଗୌରବ ଚୌଧୁରୀ, ଅଲ୍‌ରାଉଣ୍ଡର ସମ୍ବିତ ବରାଳ ଓ ବାମହାତି ସ୍ପିନର ବାଦଲ ବିଶ୍ୱାଳ। ଓଡ଼ିଶା ଅକ୍ଟୋବର ୧୫ରୁ ବାରବାଟୀ ଷ୍ଟାଡିୟମ୍‌ରେ ବରୋଦାର ମୁକାବିଲା କରିବ। ଅକ୍ଟୋବର ୨୫ରୁ କାନପୁରରେ ଉତ୍ତର ପ୍ରଦେଶ ଓ ନଭେମ୍ବର ୧ରୁ ବାରବାଟୀରେ ଆନ୍ଧ୍ରପ୍ରଦେଶ ବିପକ୍ଷରେ ଓଡ଼ିଶା ଏହି ୩ଟି ମ୍ୟାଚ୍ ଖେଳିବ। ଗତବର୍ଷ ଏଲିଟ୍ ଗ୍ରୁପ୍ 'ଏ'ରେ ଥିବା ଓଡ଼ିଶା ଦଳ ଦୁର୍ବଳ ପ୍ରଦର୍ଶନ କରି ୭ଟି ମ୍ୟାଚ୍‌ରୁ ୨ଟି ବିଜୟ ସହ ୧୭ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ରହିଥିଲା। ଘୋଷିତ ଦଳ: ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ (ଉପଅଧିନାୟକ), ଗୌରବ ଚୌଧୁରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ, ରାଜେଶ ଧୁପର (ଉଭୟେ ୱିକେଟ୍ ରକ୍ଷକ), ଅନୀଲ ପରିଡ଼ା, ସମ୍ବିତ ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ସୁନୀଲ ରାଉଳ, ରାଜେଶ ମହାନ୍ତି, ତାରିଣୀ ସ' ଓ ତାପସ ଦାସ।

## ଶ୍ରୀଲଙ୍କା-ଅଷ୍ଟ୍ରେଲିଆ ମ୍ୟାଚ୍ ବାତିଲ

କଲମ୍ବୋ, ୪।୧୦ (ଏଜେନ୍ସି): ମହିଳା ଦିନିକିଆ ବିଶ୍ୱକପ୍‌ରେ ଶନିବାର ଏଠାରେ ହେବାକୁ ଥିବା ଶ୍ରୀଲଙ୍କା-ଅଷ୍ଟ୍ରେଲିଆ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଯାଇଛି। ବର୍ଷା ଲାଗି ରହିବାରୁ ଟସ୍ ମଧ୍ୟ ପଡ଼ିନଥିଲା। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଏହି ଫଳାଫଳରେ ଶ୍ରୀଲଙ୍କା ଲାଭବାନ ହୋଇଛି। ଚାମ୍ପିଅନ ଅଷ୍ଟ୍ରେଲିଆକୁ ହରାଇବା ଘରୋଇ ଦଳ ପକ୍ଷେ ବେଶ୍ କଷ୍ଟକର ହୋଇଥାନ୍ତା। ଭାରତଠାରୁ ପ୍ରଥମ ମ୍ୟାଚ୍ ହାରିଥିବା ଶ୍ରୀଲଙ୍କା ୧ ପଏଣ୍ଟ ପାଇ ଖାତା ଖୋଲିପାରିଛି। ୨ଟି ମ୍ୟାଚ୍‌ରୁ ୩ ପଏଣ୍ଟ ପାଇ ଅଷ୍ଟ୍ରେଲିଆ ଟେବୁଲ ଶୀର୍ଷରେ ପହଞ୍ଚିଛି। ଚଳିତ ବିଶ୍ୱକପ୍‌ରେ ପ୍ରଥମଥର ଏକ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଛି। ଆସନ୍ତା ୮ରେ କଲମ୍ବୋରେ ପାକିସ୍ତାନର ମୁକାବିଲା କରିବ ଅଷ୍ଟ୍ରେଲିଆ। ଅଷ୍ଟ୍ରେଲିଆ ଖେଳିଥିବା ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୮୯ ରନ୍‌ରେ ହରାଇ ବିଜୟ ଅଭିଯାନ ଆରମ୍ଭ କରିଥିଲା।

### ଇରାନୀ କପ୍ କ୍ରିକେଟ

## ଲକ୍ଷ୍ୟ ୩୬୧; ଅବଶିଷ୍ଟ ଭାରତ ଏକାଦଶ ୩୦/୨

ନାଗପୁର, ୪।୧୦ (ଏଜେନ୍ସି): ଚଳିତ ଇରାନୀ କପ୍ କ୍ରିକେଟ୍ ମ୍ୟାଚ୍‌ରେ ଅବଶିଷ୍ଟ ଭାରତ ବିପକ୍ଷରେ ରଣଜୀ ଟ୍ରଫି ଚମ୍ପିଆନ୍ ବିଦର୍ଭ ଦୃଢ଼ ସ୍ଥିତିରେ ରହିଛି। ବିଦର୍ଭ ପ୍ରଥମ ଇନିଂସରେ ୩୪୨ ରନ୍ କରିଥିଲା। ପ୍ରଥମ ଇନିଂସରେ ୧୨୮ ରନ୍ ଆଗରେ ଥିବା ବିଦର୍ଭ ଶନିବାର ୪ର୍ଥ ଦିନରେ ୨ୟ ଇନିଂସରେ ୨୩୨ ରନ୍‌କରି ଅଲ୍‌ଆଉଟ୍ ହୋଇଯାଇଛି।

ଫଳରେ ଅବଶିଷ୍ଟ ଭାରତକୁ ୨ୟ ଇନିଂସରେ ୩୬୧ ରନ୍‌ର ବିଜୟଲକ୍ଷ୍ୟ ମିଳିଛି। ଏହାର ପିଛାକରି ୪ର୍ଥ ଦିନ ଶେଷରେ ଅବଶିଷ୍ଟ ଭାରତ ୨ ୱିକେଟ୍ ହରାଇ ୩୦ ରନ୍ କରିପାରିଛି। ୮ଟି ୱିକେଟ୍ ବାକିଥାଇ ଅବଶିଷ୍ଟ ଭାରତ ଆଉ ୩୩୧ ରନ୍ ଆବଶ୍ୟକ କରୁଛି। ରବିବାର ମ୍ୟାଚ୍‌ର ୫ମ ତଥା ଅନ୍ତିମ ଦିନ। ଯଦି ଅବଶିଷ୍ଟ ଭାରତ ମ୍ୟାଚ୍ ଡ୍ର ରଖେ; ତେବେ ପ୍ରଥମ ଇନିଂସରେ ଆଗୁଆ ରହିଥିବା ବିଦର୍ଭ ଦଳ ଚମ୍ପିଆନ୍ ହେବ। ଅବଶିଷ୍ଟ ଭାରତର ୨ୟ ଇନିଂସରେ ଅଭିମନ୍ୟୁ ଈଶ୍ୱରନ୍ ୧୭ ଓ ଆର୍ଯ୍ୟନ୍ ଜୁୟାଲ ୬ ରନ୍‌କରି ଆଉଟ୍ ହୋଇଥିଲେ। ଈଶାନ୍ କିଷନ୍ ୫ ଓ ଅଧିନାୟକ ରଜତ ପଟିଦାର ୨ ରନ୍‌କରି ଅପରାଜିତ ଅଛନ୍ତି। ୩ୟ ଦିନ ଶେଷରେ ବିଦର୍ଭ ୨ୟ ଇନିଂସରେ ୨ ୱିକେଟ୍‌ରେ ୯୬ ରନ୍ କରିଥିଲା। ୪ର୍ଥ ଦିନରେ ଧ୍ରୁବ ସୋରେ ୨୭ ଓ ଡାନିସ୍ ମାଲେୱାର ୧୬ ରନ୍‌କରି ଆଉଟ୍ ହୋଇଥିଲେ। ଅଧିନାୟକ ଅକ୍ଷୟ ୱାଡ଼କର ୪ଟି ଚୌକା ସହ ୩୬ ଓ ହର୍ଷ ଦୁବେ ୩ଟି ଚୌକା ସହ ୨୯ ରନ୍ କରିଥିଲେ। ତଳ ଅର୍ଡରରେ ଦର୍ଶନ ନାଲକାଣ୍ଡେ ୩୫ ଓ ଯଶ ଠାକୁର ୧୩ ରନ୍ କରିଥିଲେ। ଭାରତ ପାଇଁ ଟେଷ୍ଟ ଖେଳିଥିବା ଅଂଶୁଲ କାମ୍ବୋଜ ୪ଟି ଏବଂ ସାରାଂଶ ଜୈନ, ମାନବ ସୁତାର ଓ ଗୁରନୁର ବ୍ରାର ୨ଟି ଲେଖାଏଁ ୱିକେଟ୍ ନେଇଥିଲେ।

### ଭାରତ-ଅଷ୍ଟ୍ରେଲିଆ ଦିନିକିଆ ସିରିଜ୍ ୧୯ରୁ

## ରୋହିତଙ୍କ ସ୍ଥାନରେ ଗିଲ୍ ଅଧିନାୟକ

### ଶର୍ମା ସ୍ଥାନ ବଜାୟ ରଖିଲେ
### କୋହଲି ସାମିଲ, ବୁମ୍‌ରାଙ୍କୁ ବିଶ୍ରାମ

ମୁମ୍ବଇ,୪।୧୦(ଏଜେନ୍ସି): ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍‌ରେ ଶୁବମନ ଗିଲ୍ ଅଧିନାୟକ ମନୋନୀତ ହୋଇଛନ୍ତି। ସେ ନିୟମିତ ଅଧିନାୟକ ଥିବା ରୋହିତ ଶର୍ମାଙ୍କ ସ୍ଥାନରେ ପ୍ରଥମଥର ଭାରତୀୟ ଦଳର ନେତୃତ୍ୱ ନେବେ। ଅଷ୍ଟ୍ରେଲିଆରେ ଏହି ଦିନିକିଆ ସିରିଜ୍ ଅକ୍ଟୋବର ୧୯, ୨୩ ଓ ୨୫ରେ ଖେଳାଯିବ। ୨୬ ବର୍ଷୀୟ ଗିଲ୍ ମଧ୍ୟ ରୋହିତ ଶର୍ମାଙ୍କ ଅବସର ପରେ ଟେଷ୍ଟ ଦଳର ନେତୃତ୍ୱ ନେଉଛନ୍ତି। ଏବେ ୨୦୨୭ ବିଶ୍ୱକପ୍ ଆଉ ଦୁଇ ବର୍ଷ ରହିଛି। ଏଣୁ ଗିଲଙ୍କୁ ତାଙ୍କ ଟିମ୍ ଚୟନ କରିବାକୁ ପର୍ଯ୍ୟାପ୍ତ ସମୟ ମିଳିବ ବୋଲି ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ହେଡ୍ କୋଚ୍ ଗୌତମ ଗମ୍ଭୀର, ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆଙ୍କ ସହ ପରାମର୍ଶ ପରେ ଗିଲଙ୍କୁ ଦିନିକିଆ ଦଳର ନେତୃତ୍ୱ ଦିଆଯାଇଛି। ଏହି ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଲାଗି ଚାମ୍ପିଅନ୍ସ ଟ୍ରଫିରେ ଶେଷଥର ଭାରତ ପକ୍ଷରୁ ଖେଳିଥିବା ଦୁଇ ସୁପରଷ୍ଟାର ବିରାଟ କୋହଲି ଓ ରୋହିତ ଶର୍ମାଙ୍କୁ ସ୍ଥାନ ମିଳିଛି। ଅନ୍ୟ ସମସ୍ତ ଖେଳାଳି ଆଶାଅନୁଯାୟୀ ଦଳରେ ସ୍ଥାନ ପାଇଛନ୍ତି। କେବଳ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ଏହି ସିରିଜ୍‌ରେ ବିଶ୍ରାମ ଦିଆଯାଇଛି। ଏହା ପରେ ନଭେମ୍ବର-ଡିସେମ୍ବରରେ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ସହ ଓ ୨୦୨୬ ଜାନୁଆରୀରେ ନ୍ୟୁଜିଲାଣ୍ଡ ସହ ଦିନିକିଆ ସିରିଜ୍ ଖେଳାଯିବ। ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍ ପରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଅକ୍ଟୋବର ୨୯ରୁ ଆରମ୍ଭ ହୋଇ ନଭେମ୍ବର ୮ରେ ଶେଷ ହେବ। ଏହି ସିରିଜ୍ ଲାଗି ପରେ ଭାରତୀୟ ଦଳ ଘୋଷଣା କରାଯିବ।

**ଘୋଷିତ ଦଳ**
ଶୁବମନ ଗିଲ୍ (ଅଧିନାୟକ), ଶ୍ରେୟସ ଆୟର (ଉପଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ ଓ ଧ୍ରୁବ ଜୁରେଲ (ୱିକେଟରକ୍ଷକ), ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, ଅର୍ଶଦୀପ ସିଂହ, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ ହର୍ଷିତ ରାଣା।

## ମାର୍ଶଙ୍କ ଶତକ; ଅଷ୍ଟ୍ରେଲିଆ ଟି୨୦ ସିରିଜ୍ ବିଜୟୀ

ମାଉଣ୍ଟ ମୌଙ୍ଗନୁଇ, ୪।୧୦: ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷରେ ଟ୍ୱେଣ୍ଟି୨୦ ସିରିଜ୍ ଜିତିନେଇଛି ଅଷ୍ଟ୍ରେଲିଆ। ଅଧିନାୟକ ମିଚେଲ ମାର୍ଶଙ୍କ ଅପରାଜିତ ଶତକ ବଳରେ ଶନିବାର ୩ୟ ତଥା ଅନ୍ତିମ ଟ୍ୱେଣ୍ଟି୨୦ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୩ ୱିକେଟ୍‌ରେ ଜିତିନେଇଛି। ବ୍ୟାଟିଂ ବିଫଳତା ଭୋଗି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୯ ୱିକେଟ୍‌ରେ ୧୫୬ ରନ୍ କରିଥିଲା। ପରେ ଅଷ୍ଟ୍ରେଲିଆର ବ୍ୟାଟ୍‌ସମ୍ୟାନ ମଧ୍ୟ ବିଫଳ ହୋଇଥିଲେ ହେଁ ମାର୍ଶ ଗୋଟିଏ ପଟେ ଛିଡ଼ାହୋଇ ଅପରାଜିତ ଶତକ ମାରି ଦଳକୁ ଜିତାଇଥିଲେ।




୧୨ଟି ବଲ୍ ବାକିଥାଇ ୭ ୱିକେଟ୍ ହରାଇ ଅଷ୍ଟ୍ରେଲିଆ ଜିତିଥିଲା। ୨ୟ ଟ୍ୱେଣ୍ଟି୨୦ ବାତିଲ ହୋଇଥିବା ବେଳେ ଏହି ମ୍ୟାଚ୍ ଜିତି ଅଷ୍ଟ୍ରେଲିଆ ୨-୦ରେ ଶୃଙ୍ଖଳା ଜିତିବାରେ ସଫଳ ହୋଇଛି। ଜୀବନର ପ୍ରଥମ ଟି-୨୦ ଶତକ ହାସଲ କରିଥିବା ମାର୍ଶ ୫୨ ବଲ୍‌ରୁ ୭ଟି ଛକା ଓ ୮ଟି ଚୌକା ସହ ୧୦୩ ରନ୍‌କରି ଅପରାଜିତ ଥିଲେ। ମିଚେଲ ମାର୍ଶ ଏହି ମ୍ୟାଚ୍‌ର ଓ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମାର୍ଶ ଉଭୟ ବ୍ୟାଟିଂ ଓ ନେତୃତ୍ୱ ନେଇ ଅଷ୍ଟ୍ରେଲିଆକୁ ବିଜୟୀ କରାଇଥିଲେ।

## ନକ୍‌ଭୀଙ୍କୁ ମିଳିବ ସ୍ୱର୍ଣ୍ଣ ପଦକ

କରାଚି, ୪।୧୦ (ଏଜେନ୍ସି): ଏସିଆ କପ୍ ଫାଇନାଲରେ ଜିତିବା ପରେ ଭାରତୀୟ ଖେଳାଳି ଜିଦ୍ ଧରିଥିଲେ ଯେ ପାକିସ୍ତାନ ସରକାରରେ ମନ୍ତ୍ରୀ ଥିବା ଏସୀୟ କ୍ରିକେଟ୍ ପରିଷଦ (ଏସିସି) ଅଧ୍ୟକ୍ଷ ମୋହସିନ ନକ୍‌ଭିଙ୍କଠାରୁ ସେମାନେ ଟ୍ରଫି ଗ୍ରହଣ କରିବେ ନାହିଁ। ପରେ ନକ୍‌ଭି ଟ୍ରଫି ଧରି ତାଙ୍କ ହୋଟେଲ ରୁମ୍‌କୁ ଚାଲି ଯାଇଥିଲେ। ତାଙ୍କର ଏହି ନୀତି ପାଇଁ ନକ୍‌ଭିଙ୍କୁ ସ୍ୱତନ୍ତ୍ର ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ। କରାଚିରେ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନକ୍‌ଭିଙ୍କୁ ସହିଦ୍ ଜୁଲ୍‌ଫିକର ଅଲୀ ଭୁଟ୍ଟୋ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ। ପିପିପି ଅଧ୍ୟକ୍ଷ ବିଲାୱଲ ଭୁଟ୍ଟୋ ଜର୍ଦାରି ଉତ୍ସବରେ ମୁଖ୍ୟ ଅତିଥି ହେବେ। ପୁଣି ନକ୍‌ଭି କହିଛନ୍ତି ଯେ ଭାରତୀୟ ଦଳ ଦୁବାଇସ୍ଥିତ ଏସିସି କାର୍ଯ୍ୟାଳୟକୁ ଆସି ତାଙ୍କଠାରୁ ହିଁ ଟ୍ରଫି ଗ୍ରହଣ କରିପାରିବେ। ସେ ନିଜେ ଟ୍ରଫି ପ୍ରଦାନ କରିବେ ବୋଲି ନକ୍‌ଭି ଜିଦ୍ ଧରିଛନ୍ତି। ବିସିସିଆଇକୁ ସେ କ୍ଷମା ମାଗିଛନ୍ତି ବୋଲି ଭାରତ ଯେଉଁ ଦାବିକରୁଛି; ତାହା ମିଥ୍ୟା ବୋଲି ନକ୍‌ଭି କହିଛନ୍ତି।

## ୱାର୍ଲ୍ଡ ପାରା ଆଥଲେଟିକ୍ସ: ଭାରତର ଶ୍ରେଷ୍ଠ ପ୍ରଦର୍ଶନ

ନୂଆଦିଲ୍ଲୀ,୪।୧୦(ଏଜେନ୍ସି): ଏଠାରେ ଚାଲିଥିବା ୱାର୍ଲ୍ଡ ପାରାଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ଏକତା ଭାୟାନ ଭାରତ ଲାଗି ୧୮ଶ ପଦକ ବିଜୟୀ ହୋଇଛନ୍ତି। ଏହା ଫଳରେ ୱାର୍ଲ୍ଡ ପାରା ଆଥଲେଟିକ୍ସରେ ଭାରତ ତାହାର ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଏହି ପ୍ରତିଯୋଗିତାର ୭ମ ଦିନରେ ଭାରତ ୩ଟି ପଦକ ଜିତିଛି। ଏକତା ଏଫ୍୫୧ କ୍ଲବ୍ ଥ୍ରୋ କାଟାଗୋରୀରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ବିଜୟୀ ହୋଇଥିଲେ। ତାଙ୍କ ଛଡ଼ା ଟି୬୪ ହାଇଜମ୍ପରେ ପ୍ରବୀଣ କୁମାର ଓ ସଟ୍‌ପୁଟ ଏଫ୍୫୭ରେ ସୋମନ ରାଣା କାଂସ୍ୟ ପଦକ ବିଜୟୀ ହୋଇଥିଲେ।

### ମହିଳା ଦିନିକିଆ ବିଶ୍ୱକପ୍

# ଆଜି ଭାରତ-ପାକିସ୍ତାନ ଲଢ଼େଇ

କଲମ୍ବୋ, ୦୪।୧୦ (ଏଜେନ୍ସି): ଭାରତରେ ଚାଲିଥିବା ଆଇସିସି ମହିଳା ଦିନିକିଆର ୧୩ତମ ସଂସ୍କରଣରେ ରବିବାର ଏକ ହାଇଭୋଲଟେଜ ମୁକାବିଲା ଖେଳାଯିବ। ଏଥିରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ସାମ୍ନା କରିବେ। ଟୁର୍ଣ୍ଣାମେଣ୍ଟର ସହ-ଆୟୋଜକ ରହିଥିବା ଶ୍ରୀଲଙ୍କାର ଆର୍ ପ୍ରେମଦାସ ଷ୍ଟାଡିୟମରେ ଏହି ମ୍ୟାଚ୍ ରବିବାର ଅପରାହ୍ଣ ୩ଟାରୁ ଆରମ୍ଭ ହେବ। ରାଜନୈତିକ କାରଣ ଲାଗି ଭାରତରେ ମ୍ୟାଚ୍ ଖେଳିବାକୁ ରାଜି ନ ହେବାରୁ ଆଇସିସି ପାକିସ୍ତାନର ସମସ୍ତ ମ୍ୟାଚ ଶ୍ରୀଲଙ୍କାରେ ଆୟୋଜିତ କରିବାକୁ ନିଷ୍ପତ୍ତି ନେଇଥିଲା।




ପୂର୍ବରୁ ଆୟୋଜକ ଭାରତ ଉଦ୍‌ଘାଟନୀ ଦିବସରେ ପ୍ରଥମ ମ୍ୟାଚରେ ୫୯ ରନରେ ଶ୍ରୀଲଙ୍କାକୁ ମାତ୍ ଦେଇ ଅଭିଯାନ ଆରମ୍ଭ କରିଥିଲା। ଅପରପକ୍ଷରେ ପାକିସ୍ତାନ ପ୍ରଥମ ମ୍ୟାଚରେ ୭ ୱିକେଟରେ ବାଂଲାଦେଶ ନିକଟରୁ ଲଜ୍ଜାଜନକ ଭାବେ ପରାସ୍ତ ହୋଇଥିଲା। ତେଣୁ ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ଏହି ବିଜୟଧାରାକୁ ବଜାୟ ରଖିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ମଧ୍ୟ ଓ ନିମ୍ନକ୍ରମରେ ଅମନଜୋତ୍ କୌର ଓ ଦୀପ୍ତି ଶର୍ମା ଲଢୁଆ ଅର୍ଦ୍ଧଶତକୀୟ ଇନିଂସ ଖେଳିବା ଯୋଗୁ ଭାରତ ୮ ୱିକେଟରେ ୨୬୯ ରନ କରିବାକୁ ସକ୍ଷମ ହୋଇଥିଲା। ଏହି ମ୍ୟାଚରେ କିନ୍ତୁ ସ୍ମୃତି ମନ୍ଧାନା (୮ ରନ), ଅଧିନାୟିକା ହରମନପ୍ରୀତ୍ କୌର (୨୧ ରନ) ଓ ଜେମିମା ରୋଡ୍ରିଗ୍ସ (୦) ନିରାଶ କରିଥିଲେ। ତେଣୁ ଆସନ୍ତାକାଲି ପାକିସ୍ତାନ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଦଳ ଏହି ୩ ବରିଷ୍ଠ ଖେଳାଳିଙ୍କ ନିକଟରୁ ବଡ଼ ସ୍କୋର ଆଶାରେ ରହିଛି।

**ଭାରତ ସପକ୍ଷରେ ରେକର୍ଡ:**

ରେକର୍ଡ ଉପରେ ନଜର ପକାଇଲେ ମହିଳା ଦିନିକିଆ କ୍ରିକେଟରେ ଭାରତ ଓ ପାକିସ୍ତାନ ୧୧ଥର ସାମ୍ନାସାମ୍ନି ହୋଇଛନ୍ତି। ଏଥିରେ ଭାରତୀୟ ମହିଳା ଦଳ ସମସ୍ତ ୧୧ଟି ଯାକ ମ୍ୟାଚ୍ ଜିତି ଅଗ୍ରଣୀ ରହିଛି। ତେଣୁ ରେକର୍ଡ ଭାରତ ସପକ୍ଷରେ ରହିଛି। ଶେଷଥର ଲାଗି ଦୁଇ ଦଳ ୨୦୨୨ରେ ଏକ ଦିନିକିଆ ମ୍ୟାଚରେ ମୁହାଁମୁହିଁ ହୋଇଥିଲେ। ଏଥିରେ ଭାରତ ୧୦୭ ରନର ବଡ଼ ବ୍ୟବଧାନରେ ବିଜୟୀ ହୋଇଥିଲା।

## ଭାରତ-ପାକ୍ ଖେଳାଳି ହାତ ମିଳାଇବେ ନାହିଁ

ନୂଆଦିଲ୍ଲୀ, ୪।୧୦ (ଏଜେନ୍ସି): ରବିବାର ମହିଳା ବିଶ୍ୱକପ୍‌ରେ ଭାରତ-ପାକିସ୍ତାନ ମୁକାବିଲା ହେବ। ଏସିଆ କପ୍‌ରେ ପୁରୁଷ କ୍ରିକେଟରଙ୍କ ପରି ଏହି ମ୍ୟାଚ୍‌ରେ ପାକିସ୍ତାନ ଖେଳାଳିଙ୍କ ସହ ଭାରତୀୟ ମହିଳା ଖେଳାଳି ହାତ ମିଳାଇବେ ନାହିଁ ବୋଲି ଜାଣିବାକୁ ମିଳିଛି। ଏହା ବିଷୟରେ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି, ଭାରତ ଉକ୍ତ ମ୍ୟାଚ୍ ଖେଳିବ ଏବଂ କ୍ରିକେଟ୍‌ର ସମସ୍ତ ନିୟମ ପାଳନ କରାଯିବ। ତେବେ ଉଭୟ ଦଳର ଖେଳାଳି ହାତ ମିଳାଇବେ କିମ୍ବା କୋଳାକୋଳି ହେବ; ତାହା ମୁଁ କହିପାରିବି ନାହିଁ। ଆମର ଧ୍ୟାନ ଖେଳ ଉପରେ ରାଜନୀତି ଉପରେ ନୁହେଁ। ଗତ ସପ୍ତାହକ ମଧ୍ୟରେ ଦୁଇ ଦେଶର ସମ୍ପର୍କରେ ସେପରି କିଛି ପରିବର୍ତ୍ତନ ହୋଇନାହିଁ; ବରଂ ଏହା ଖରାପ ହୋଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS